# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ଜୁଲାଇ ୧୨/୨୦୨୫ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, July 12/2025 Page 18 ₹ 7.00

୫୧ଶ ଭାଗ ୨୨୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 227 ମୂଲ୍ୟ₹୭/-



## ଏପର୍ଯ୍ୟନ୍ତର

# ସବୁଠାରୁ ବଡ଼ ଡିସ୍କାଉଣ୍ଟ ସେଲ୍!

**ଐତିହାସିକ ସେଲ୍ @ ୱେଲ୍‌କମ୍ ହୋଟେଲ ବାଏ ଆଇଟିସି ହୋଟେଲ୍ସ, ଓଡ଼ିଶା**

# ବ୍ରାଣ୍ଡେଡ୍ ଗାର୍ମେଣ୍ଟ୍ସ ଏବଂ ଜୋତା

## ସିଧାସଳଖ ଫ୍ୟାକ୍ଟ୍ରିରୁ

ଗାର୍ମେଣ୍ଟ ଉଦ୍ୟୋଗରେ ଚାଲିଥିବା ବଡ଼ ଧରଣର ମାନ୍ଦାବସ୍ଥା କାରଣରୁ, ବିଶ୍ୱସାରା ଆମର ସମସ୍ତ ଆଉଟଲେଟ୍ ବନ୍ଦ ହୋଇଯାଇଛି । ବର୍ତ୍ତମାନ, ଆମର ଆଉଟଲେଟ୍‌ର **୨୦୨୪ର ବକ୍ସ ପ୍ୟାକ୍ କଲେକ୍ସନ୍‌କୁ** **୮୦% ଡିସ୍କାଉଣ୍ଟ** ସହିତ ମାତ୍ର **୩** ଦିନରେ ବିକ୍ରି କରିବା ଆବଶ୍ୟକ ହେଉଛି ।

## ବିଶ୍ୱସ୍ତରରେ ଆମ ସେଲ୍‌ର ବିଶାଳ ସଫଳତା ପରେ

## ଏବେ ଭାରତରେ - ଓଡ଼ିଶାରେ ପ୍ରଥମଥର ପାଇଁ - ଭୁବନେଶ୍ୱର ସହରରେ

**ଏହିସବୁ ଅନ୍ତର୍ଜାତୀୟ ବ୍ରାଣ୍ଡର ରେଡିମେଡ୍ ଗାର୍ମେଣ୍ଟ୍ସକୁ ନିମ୍ନଲିଖିତ ଦରରେ ବିକ୍ରି କରାଯିବ**

୨୦୦୦-୯୦୦୦ ଟଙ୍କା ମୂଲ୍ୟର ମେନ୍ସ ସାର୍ଟସ୍......................ମାତ୍ର **୧୨୦୦/- ଟଙ୍କାରେ**

୨୦୦୦-୪୦୦୦ ଟଙ୍କା ମୂଲ୍ୟର ଲେଡିଜ୍ କୁର୍ତ୍ତି ........................ମାତ୍ର **୬୦୦/- ଟଙ୍କାରେ**

୧୫୦୦-୨୦୦୦ ମୂଲ୍ୟର କିଡ୍ସ ଗାର୍ମେଣ୍ଟସ୍ ..................ମାତ୍ର **୪୦୦-୬୦୦/- ଟଙ୍କାରେ**

୨୦୦୦-୬୦୦୦ ମୂଲ୍ୟର ଲେଡିଜ୍ ମିକ୍ସ ଗାର୍ମେଣ୍ଟ୍ସ............ମାତ୍ର **୩୦୦-୬୦୦/- ଟଙ୍କାରେ**

୨୦୦୦-୬୦୦୦ ମୂଲ୍ୟର ମେନ୍ସ ଟି-ସାର୍ଟ...................ମାତ୍ର **୬୦୦-୮୦୦/- ଟଙ୍କାରେ**

୩୯୦୦-୯୮୦୦ ମୂଲ୍ୟର ମେନ୍ସ ବ୍ରାଣ୍ଡେଡ୍ ଜିନ୍ସ ..................ମାତ୍ର **୧୬୦୦/- ଟଙ୍କାରେ**

୨୦୦୦-୪୦୦୦ ମୂଲ୍ୟର ଲେଡିଜ୍ ବ୍ରାଣ୍ଡେଡ୍ ଜିନ୍ସ.....................ମାତ୍ର **୬୦୦/- ଟଙ୍କାରେ**

**୪୫ରୁ ଅଧିକ କାଉଣ୍ଟରରେ ପ୍ରଦର୍ଶିତ ହେଉଛି ୩୦,୦୦୦+ ଗାର୍ମେଣ୍ଟ୍ସ**

**ସ୍ପେଶାଲ କାଉଣ୍ଟର: ପୁରୁଷଙ୍କ ପାଇଁ ବିଭିନ୍ନ ବ୍ରାଣ୍ଡ ଓ ଅନେକ ଭେରାଇଟିର ଜୋତା**
**ମୂଳ ମୂଲ୍ୟ ୨୦୦୦/- ଟଙ୍କାରୁ ୧୨,୦୦୦/- ଟଙ୍କା; ବର୍ତ୍ତମାନ ବିକ୍ରି ମୂଲ୍ୟ ୮୦୦/- ଟଙ୍କାରୁ ୨,୦୦୦/- ଟଙ୍କା**

## ସେଲ୍ ୩ ଦିନ ପାଇଁ - ଶନିବାରରୁ ସୋମବାର: ୧୨ରୁ ୧୪ ଜୁଲାଇ, ୨୦୨୫

**ସ୍ଥାନ:**

# ୱେଲ୍‌କମ୍ ହୋଟେଲ ବାଏ ଆଇଟିସି ହୋଟେଲ୍ସ

**ଡୁମଡୁମା, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୯**

ନିଃଶୁଳ୍କ ପ୍ରବେଶ • ଷ୍ଟକ୍ ବିକ୍ରି ହୋଇଯିବା ପରେ କାଉଣ୍ଟର ବନ୍ଦ କରିଦିଆଯିବ • ସମୟ ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା • କ୍ରେଡିଟ୍ କାର୍ଡ ଗ୍ରହଣଯୋଗ୍ୟ


A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
This contains sodium saccharin (INS 954), sucralose (INS 955) and Neotame (INS 961).
Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258
www.panbahar.in

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ଜୁଲାଇ ୧୨/୨୦୨୫ | Bhubaneswar, Saturday, July 12/2025 | ପୃଷ୍ଠା-୧




**ବୁମ୍‌ରାଙ୍କୁ ୫ ଉଇକେଟ ସଫଳତା**
ଇଂଲଣ୍ଡ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ୫ଉଇକେଟ ସଫଳତା ହାସଲ କରିଛନ୍ତି ଭାରତୀୟ ବୋଲର ଯଶପ୍ରୀତ ବୁମ୍‌ରା।

୧୪

୧୧

**ସନ୍ନିଙ୍କୁ ମାତ୍ର ୧୫ ମିନିଟ୍**
'ରାମାୟଣ' ଚଳଚ୍ଚିତ୍ରରେ ହନୁମାନଙ୍କ ଭୂମିକାରେ ଅଭିନୟ କରିବାକୁ ଥିବା ସନି ଦେଓଲ ମାତ୍ର ୧୫ ମିନିଟ୍ ପାଇଁ ପରଦାକୁ ଆସିବେ।



# ଆଜିଠୁ ସବୁ ରୁଟ୍‌ରେ ଗଡ଼ିବ ବସ୍

**ଭୁବନେଶ୍ୱର/ ପୁରୀ/ ଗୋପାଳପୁର,୧୧।୭ (ରବିନାରାୟଣ ଜେନା/ ଅଜିତ୍ କୁମାର ମହାନ୍ତି/ ନବୀନ ରାଜ ଆଚାରୀ)**

ରାଜ୍ୟରେ ଶନିବାରଠାରୁ ଘରୋଇ ବସ୍ ଚଳାଚଳ ସ୍ୱାଭାବିକ ହେବ। ସରକାର ସୁରକ୍ଷା ଯୋଗାଇଦେବାକୁ ସହମତି ପ୍ରକାଶ କରିଥିବାରୁ ସବୁ ରୁଟ୍‌ରେ ଘରୋଇ ବସ୍ ଗଡ଼ିବ। ଏନେଇ ଶୁକ୍ରବାର ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯିବା ପରେ ପୁରୀଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସରକାର ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଡ୍ରାଇଭର ମହାସଂଘର ସଭାପତି ପ୍ରଶାନ୍ତ ମେଣ୍ଡୁଲି କହିଛନ୍ତି।

ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସାଧାରଣ ସମ୍ପାଦକ ସାହୁ କହିଛନ୍ତି, ଗତ ୮ତାରିଖଠାରୁ ବିଭିନ୍ନ ଦାବି ନେଇ ଡ୍ରାଇଭର ମହାସଂଘ ଆନ୍ଦୋଳନ ଯୋଗୁ ଘରୋଇ ବସ୍ ଚଳାଚଳ ପ୍ରାୟତଃ ବନ୍ଦ ରହିଛି। ଜନସାଧାରଣଙ୍କ ଯାତାୟାତ ସମସ୍ୟାକୁ ଦୃଷ୍ଟିରେ ରଖି ଶୁକ୍ରବାର ସନ୍ଧ୍ୟାରେ ପୁରୀରେ ଅନୁଷ୍ଠିତ ବୈଠକରେ ୧୨ ତାରିଖ ଶନିବାରଠାରୁ ବସ୍ ଚଳାଚଳ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସମସ୍ତ ୧୪ ହଜାର ବସ୍ ଗଡ଼ିବ। ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସହିତ ୫୨ଟି ଆଞ୍ଚଳିକ ସଂଘ ମିଶି ଏହି ନିଷ୍ପତ୍ତି ନେଇଛନ୍ତି। ତେବେ ଆନ୍ଦୋଳନ ସମୟରେ ବସ୍ ଅଟକାଯାଉଥିବାରୁ ☞ପୃଷ୍ଠା-୨



ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍‌ର ସିକରପାଇ ପଞ୍ଚାୟତ କଞ୍ଚାମଯୋଡ଼ି ଗ୍ରାମରେ ପ୍ରେମୀଯୁଗଳଙ୍କୁ ଦଣ୍ଡ ସ୍ୱରୂପ ହଳ କରିବା ପାଇଁ ଲୁଆଳିରେ ଯୋଚାଯାଉଛି।

# ପ୍ରେମୀଯୁଗଳଙ୍କୁ ହଳ କରାଇଲେ

**ରାୟଗଡ଼ା/ କଲ୍ୟାଣସିଂହପୁର, ୧୧।୭ (ଆଶିଷ ରଞ୍ଜନ ପଣ୍ଡା /ଦୀପକ କୁମାର ପରିଡ଼ା)**

ପ୍ରେମକଲେ ବୋଲି ବିଲରେ ବଳଦ ଭଳି ପ୍ରେମୀଯୁଗଳଙ୍କୁ ହଳ କରାଇଲେ। ବାଉଁଶରେ ତିଆରି ହୋଇଥିବା ଲୁଆଳି ପକାଇ ଦୁଇପଟେ ଯୁବତୀଯୁବକଙ୍କୁ ବାନ୍ଧି ଲଙ୍ଗଳରେ ହଳ କଲେ। ସମ୍ପର୍କୀୟ ପିଉସୀ ଓ ପୁତୁରାଙ୍କ ପ୍ରେମ ସମ୍ପର୍କକୁ ନେଇ ଗାଁ ଲୋକେ ବୈଠକ କରି ପ୍ରେମୀଯୁଗଳଙ୍କୁ ଏଭଳି ଦଣ୍ଡ ଦେଇଛନ୍ତି। ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍‌ର ସିକରପାଇ ପଞ୍ଚାୟତ ଅନ୍ତର୍ଗତ କଞ୍ଚାମଯୋଡ଼ି ଗ୍ରାମରେ ଗୁରୁବାର ଏଭଳି ଘଟଣା ଘଟିଥିବାବେଳେ ଶୁକ୍ରବାର ଏହା ପଦାକୁ ଆସିଛି। ତେବେ ସେମାନଙ୍କୁ ଦଣ୍ଡ ମିଳିବା ପରେ ଉଭୟ ଯୁବତୀଯୁବକଙ୍କ ପତ୍ତା ମିଳୁନାହିଁ। ସେମାନେ କେଉଁଆଡ଼େ ଚାଲିଯାଇଛନ୍ତି କି ଏନେଇ କିଛି ଜଘନ୍ୟ କାଣ୍ଡ ଘଟିଛି, ସେ ସମ୍ପର୍କରେ ଗାଁର କେହି ବି ମୁହଁ ଖୋଲୁନାହାନ୍ତି ।

ଘଟଣାରୁ ପ୍ରକାଶ, କଞ୍ଚାମଯୋଡ଼ି ଗ୍ରାମର କୋଡ଼ିଆ ସାରକା (୨୮) ଓ ତାଙ୍କର ଜଣେ ଦୂର ସମ୍ପର୍କୀୟ ୩୨ ବର୍ଷୀୟ ପିଉସୀ ପରସ୍ପରକୁ ଦୀର୍ଘଦିନରୁ ପ୍ରେମ କରିଆସୁଥିଲେ। ଉଭୟେ ବିବାହ ପାଇଁ ଯୋଜନାକରି ଫେରାର ହୋଇଯାଇଥିଲେ। ଏ ବିଷୟରେ ପରିବାର ଲୋକେ ଜାଣିବା ପରେ ବିରୋଧକରିବା ସହ ଗାଁକୁ ଆସିବାକୁ ମନା କରିଥିଲେ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଅଧିକାରୀ ଅଭାବ**

# ପୁଞ୍ଜିପତିଙ୍କ ପାଇଁ ଭାଜପା, ଗରିବଙ୍କର କଂଗ୍ରେସ: ରାହୁଲ

ନିକଟରେ ଓଡ଼ିଶାରେ କୌଣସି ନିର୍ବାଚନ ନାହିଁ। କିନ୍ତୁ ନିଜ ନେତାଙ୍କୁ ଶୁଣିବା ପାଇଁ କଂଗ୍ରେସ କର୍ମୀଙ୍କ ଉତ୍ସାହ ଶୁକ୍ରବାର ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଦେଖିବାକୁ ମିଳିଛି। କଂଗ୍ରେସର 'ସମ୍ବିଧାନ ବଞ୍ଚାଅ' ସମାବେଶରେ ରାହୁଲ ଗାନ୍ଧୀ ସମବେତ ଦଳୀୟ ନେତା ଓ କର୍ମୀଙ୍କୁ ସମ୍ବୋଧନ କରି କହିଛନ୍ତି, ଭାଜପା ପୁଞ୍ଜିପତିଙ୍କ ପାଇଁ କାମ କରୁଥିବା ବେଳେ ତାଙ୍କ ଦଳ ଗରିବ, ଅସହାୟ, ଦଳିତ ଓ ଆଦିବାସୀଙ୍କ ସ୍ୱାର୍ଥ ଲାଗି ଅଭିପ୍ରେତ। କେନ୍ଦ୍ରରେ ଭାଜପା ସମ୍ବିଧାନକୁ ନଷ୍ଟ କରିଦେଇଥିବା ବେଳେ ହାତଗଣତି କର୍ପୋରେଟ୍ ସଂସ୍ଥାକୁ ଦେଶର ସମ୍ପତ୍ତି ଟେକି ଦେଇଛି। ଏଠି ଓଡ଼ିଶାରେ ଆଦାନୀ ସରକାର ଚଳାଉଥିବା ବେଳେ ନିକଟରେ ରଥଯାତ୍ରା ସମୟରେ ଜଗନ୍ନାଥଙ୍କ ରଥକୁ ତାଙ୍କ ପାଇଁ ଅଟକାଇ ଦିଆଯାଇଥିଲା ବୋଲି ରାହୁଲ କହିଛନ୍ତି। ସେହିପରି ସମାବେଶରେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ସମ୍ବିଧାନକୁ ଭାଜପା ସରକାର ନଷ୍ଟ କରିଛି। ମୋଦି ସରକାର ଇଡି ଓ ସିବିଆଇର ଭୟ ଦେଖାଇ ସମସ୍ତଙ୍କୁ ଡରାଉଛନ୍ତି। ତେବେ ଏଥିରେ କେହି ଭୟଭୀତ ହୁଅନ୍ତୁ ନାହିଁ ବୋଲି ଖାର୍ଗେ ଦଳୀୟ ନେତା ଓ କର୍ମୀଙ୍କୁ କହିଛନ୍ତି।

**କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ**

- **ଆଦାନୀ ଚଳାଉଛନ୍ତି ସରକାର, ତାଙ୍କ ଯୋଗୁ ଅଟକିଥିଲା ରଥ**



ସମ୍ବିଧାନ ବଞ୍ଚାଅ ସମାବେଶରେ ରାହୁଲ ଗାନ୍ଧୀ ଉଦ୍‌ବୋଧନ ଦେଉଛନ୍ତି।

**ଭୁବନେଶ୍ୱର,୧୧।୭ (ରବିନାରାୟଣ ଜେନା)**

ଓଡ଼ିଶାରେ ଆଦାନୀ ସରକାର ଚଳାଉଛନ୍ତି। ମୋଦିଙ୍କୁ ମଧ୍ୟ ଚଳାଉଛନ୍ତି। ରାଜ୍ୟ ସରକାର ୫ରୁ ୬ କମ୍ପାନୀ ସହିତ ବୁଝାମଣା କରିଛନ୍ତି। ସେମାନଙ୍କୁ ଦଳିତ ଓ ଆଦିବାସୀଙ୍କ ଜମି ମନଇଚ୍ଛା ଟେକି ଦେଉଛନ୍ତି। ଶୁକ୍ରବାର ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶରେ ଏହିଭଳି ଶବ୍ଦ ପ୍ରୟୋଗ କରି କଂଗ୍ରେସ ନେତା ତଥା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ବିକାଶ ଧନୀଙ୍କ ପାଇଁ ନୁହେଁ, ଓଡ଼ିଶା ଜନତାଙ୍କ ପାଇଁ କରାଯିବା ଆବଶ୍ୟକ। ଏଠାକାର ସରକାର ଗରିବଙ୍କ ଧନ, ଜନ, ଭୂମି ଲୁଟିବାରେ ଲାଗିଛନ୍ତି । କ୍ଷତିପୂରଣ ନ ଦେଇ ଧମକ ଚମକ ଦେଉଛନ୍ତି। ପୁଞ୍ଜିପତିଙ୍କ ପାଇଁ ଭାଜପା ରହିଛି। ହେଲେ ଆଦିବାସୀ, ଚାଷୀ, ଗରିବ ଯାହା ଉପରେ ସରକାର ନିର୍ଯାତନା ଦେଉଛନ୍ତି ତାଙ୍କ ☞ପୃଷ୍ଠା-୨

# ନେତାଙ୍କ ଅବସର ବୟସ ୭୫ ବର୍ଷ: ଭାଗବତ

**ନାଗପୁର/ ନୂଆଦିଲ୍ଲୀ, ୧୧।୭ (ପି.ଟି./ଏଜେନ୍ସି)**

ବରିଷ୍ଠ ନେତାମାନଙ୍କ ସ୍ୱାଭାବିକ ଅବସର ବୟସ ୭୫ ବର୍ଷ ହେବା ଉଚିତ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ କହିଛନ୍ତି। ମହାରାଷ୍ଟ୍ରର ନାଗପୁରରେ ସଂଘର ପୂର୍ବତନ ନେତା ମୋରୋପନ୍ତ ପିଙ୍ଗଲେଙ୍କ ଜୀବନୀ ଆଧାରିତ ପୁସ୍ତକ ଉନ୍ମୋଚନ ଅବସରରେ ବୁଧବାର ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧିତକରି ସେ ଏହି ମନ୍ତବ୍ୟ ଦେଇଛନ୍ତି। ୨୦୨୫ ସେପ୍ଟେମ୍ବରରେ ଉଭୟ ଭାଗବତ

**ସେପ୍ଟେମ୍ବରରେ ବିଦା ହୁଅନ୍ତୁ ମୋଦି: ବିରୋଧୀ**

ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୭୫ ବର୍ଷ ପୂରିବାକୁ ଥିବାବେଳେ ତାଙ୍କର ଏହି ମନ୍ତବ୍ୟକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ପ୍ରଧାନମନ୍ତ୍ରୀ ମୋଦି ୨ ମାସ ମଧ୍ୟରେ ୭୫ ବର୍ଷରେ ପଦାର୍ପଣ କରିବାକୁ ଥିବାରୁ ଭାଗବତ ତାଙ୍କ ଉଦ୍ଦେଶ୍ୟରେ ଏହି ପରାମର୍ଶ ଦେଇଥିବା ବିରୋଧୀ କଂଗ୍ରେସ ଓ ଶିବସେନା ପକ୍ଷରୁ କୁହାଯାଇଛି।

'ଦି ଆର୍କିଟେକ୍ ଅଫ୍ ହିନ୍ଦୁ



ମୋହନ ଭାଗବତ

ରିସର୍ଜେନ୍ସ ଇନ୍ ନାଗପୁର' ଶୀର୍ଷକ ପୁସ୍ତକ ଉନ୍ମୋଚନ ବେଳେ ଆର୍‌ଏସ୍‌ଏସ୍ ସରସଂଘ ଚାଳକ ଭାଗବତ ସଂଘର ପୂର୍ବତନ ନେତା ମୋରୋପନ୍ତ ପିଙ୍ଗଲେଙ୍କ ସହ ବୃନ୍ଦାବନରେ ସାକ୍ଷାତ୍ ସମୟର ଏକ ମୁହୂର୍ତ୍ତ ସମ୍ପର୍କରେ ଅବତାରଣା କରିଥିଲେ। ସେହି ସମୟରେ ଭାଗବତ କହିଥିଲେ, ଏହି କାର୍ଯ୍ୟକ୍ରମରେ ସାରା ଦେଶର ପଦାଧିକାରୀମାନେ ଉପସ୍ଥିତ ଅଛନ୍ତି। ବୈଠକ ଶେଷ ହେବାର ଠିକ୍ ପୂର୍ବରୁ ଶେଷାଦ୍ରୀଜୀ କହିଥିଲେ, ଆଜି ଆମ ମୋରୋପନ୍ତଜୀ ☞ପୃଷ୍ଠା-୨




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଲୟୋଲା ସ୍କୁଲର ସିଲଭର ଜୁବୁଲି, ସ୍ଥାନ: ସ୍କୁଲ ପରିସର, ସମୟ: ସକାଳ ୯ଟା।
- ୧୬ତମ ରୋଜଗାର ମେଳା, ସ୍ଥାନ: ରେଳ ଅଡିଟୋରିୟମ୍, ସମୟ: ସକାଳ ୯ଟା ୩୦।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସାରସ୍ୱତ ସାଧିକା ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମ ଶତବର୍ଷିକୀ, ସ୍ଥାନ: ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ସମୟ: ସକାଳ ୯ଟା ୩୦।
- ଯାଜପୁର ସଂସ୍କୃତି ଓ ବିକାଶ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଭୁବନେଶ୍ୱର ମଡେଲ ପବ୍ଲିକ ସ୍କୁଲ ଓ ଜୟ ଓଡ଼ିଶା ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର, ସ୍ଥାନ: ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ହେଲ୍ମେଟ୍‌ର ରୌପ୍ୟ ଜୟନ୍ତୀ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୧୬ତମ ସିଏସ୍‌ସି ଦିବସ ସମାରୋହ, ସ୍ଥାନ: କୃଷି ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଏମ୍.ବି. ମେମୋରିଆଲ କ୍ରୀଡ଼ା ପ୍ରତିଭା ସମ୍ମାନ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ଗଙ୍ଗାଧର ପାଇକରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କମିଟି ପକ୍ଷରୁ ଗଙ୍ଗାଧରଙ୍କ ୧୦୯ତମ ଜୟନ୍ତୀ ସମାରୋହ, ସ୍ଥାନ: ଭଗବତୀ ଭବନ, ସମୟ: ଅପରାହ୍ନ ୫ଟା ୩୦।
- ଓଡ଼ିଆ ସଙ୍ଗୀତ 'ଇନ୍ଦ୍ରଧନୁ', ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଉତ୍କଳ ସାହିତ୍ୟ ସମାଜ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧୯୮୦ ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ବେଳାଭୂମି ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ଲାଇଟ୍ ହାଉସ ବେଳାଭୂମି, ସମୟ: ସକାଳ ୭ଟା।
- ଜଳବାୟୁ ସଙ୍କଟ ଓ କୃଷି ସମସ୍ୟା ନେଇ ବକ୍ତୃତା, ସ୍ଥାନ: କୁଳମଣି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ବିଜ୍ଞାନ ମେଳାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଭଗବତୀ ବିଦ୍ୟା ନିକେତନ, ସମୟ: ପୂର୍ବାହ୍ନ ୧୧ଟା।
- ପୂର୍ଣ୍ଣଚନ୍ଦ୍ର ଫାଉଣ୍ଡେଶନ ପକ୍ଷରୁ ଆଲୋଚନା ଚକ୍ର, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ସ୍ମୃତିଚାରଣ ସଭା, ସ୍ଥାନ: ଡାକବଙ୍ଗଳା ପରିସର, ରୂପସା, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ବିପ୍ଲବୀ ଚକ୍ରଧର ବେହେରାଙ୍କ ଜୟନ୍ତୀ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ରକ୍ତଦାନ ଓ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ତକତପୁର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- କମ୍ରେଡ ବିଶ୍ୱନାଥ ସାହୁଙ୍କ ଜନ୍ମ ଶତବାର୍ଷିକୀ, ସ୍ଥାନ: ସହିଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ପୂର୍ବହ୍ନ ୧୦ଟା।
- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ, ସ୍ଥାନ: ସିନେଟ ହଲ ଭଞ୍ଜ ବିହାର, ସମୟ: ମଧ୍ୟାହ୍ନ ୧୨ଟା୩୦।

## ଯାଜପୁର

- ଯାଜପୁର ସୟଦପୁର ବ୍ରଜସୁନ୍ଦର ସରକାରୀ ହାଇସ୍କୁଲର ୭୦ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ମାଗୁଣି ଗ୍ରାମର ୬୬ତମ ଭାଗବତ ତୁଙ୍ଗିର ବାର୍ଷିକ ଉତ୍ସବ, ସ୍ଥାନ: ଦାରୁବ୍ରହ୍ମ ଭାଗବତ ତୁଙ୍ଗି ପରିସର, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଶ୍ରୀକଳିଙ୍ଗ ବିଦ୍ୟାପୀଠ କୋଠା ଉଦ୍‌ଘାଟନ, ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଜାତୀୟ ଅନୁସୂଚିତ ଜାତି, ଜନଜାତି ହବ୍ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ, କୋରାପୁଟ, ସମୟ : ଅପରାହ୍ନ ୪ଟା।

## ସମ୍ବଲପୁର

- ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ରୋଜଗାର ମେଳା, ସ୍ଥାନ: ଗଙ୍ଗାଧର ମେହେର ପ୍ରେକ୍ଷାଳୟ, ସମୟ: ସକାଳ ୯ଟା ୩୦।
- ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: କୁଚିଣ୍ଡା ସ୍ଥିତ ଆଇଟିଡିସି ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର

- ଓଡିଶା ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ ଆନ୍ଦୋଳନ ଜାରି, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ସୁଶୀଳାବତୀ ମହିଳା ମହାବିଦ୍ୟାଳୟରେ କର୍ମଶାଳା, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ଶିବ ପୁରାଣ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ଗାଇସିଲେଟ୍, ସମୟ: ସକାଳ ୯ଟା।

## କଳାହାଣ୍ଡି

- ମୂଳନିବାସୀ ବହୁଜନ ମିଳିତ ମହାସଂଘ ବୈଠକ, ସ୍ଥାନ: ଭବାନୀପାଟଣା ଅମଲା ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଶନି ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିଅରିଂ ଛାଡ ଆନ୍ଦୋଳନ ପଞ୍ଚମ ଦିବସ, ସ୍ଥାନ: କୋମନା ବ୍ଲକ କ୍ରିଷ୍ଣା ଛକ, ସମୟ: ସକାଳ ୭ଟା।

## ଆଜିଠୁ ସବୁ ରୁଟ୍‌ରେ ...

ସୁରକ୍ଷା ଯୋଗାଇଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି। ୧୧ ତାରିଖରେ ଡ୍ରାଇଭର ମହାସଂଘ ସଭାପତି ବିବୃତି ଦେଇ କହିଥିଲେ ଯେ, କୌଣସି ବସ୍‌କୁ ବାଟରେ ଅଟକା ଯାଇନାହିଁ। କିନ୍ତୁ ପରିତାପର ବିଷୟ, ଗୁରୁବାର ସମ୍ବଲପୁର ଦେଇ ଆସୁଥିବା କେତେକ ବସ୍‌କୁ ରେଢ଼ାଖୋଲ ଏବଂ ଅନୁଗୋଳ ଆରଟିଓ ଅଫିସ ପାଖରେ ଆକ୍ରମଣ କରାଯାଇଛି। କେନ୍ଦ୍ରାପଡ଼ା ରୁଟ୍‌ରେ ରାଜକନିକା ଓ ଦୁହୁରିଆ ନିକଟରେ ଗାଡ଼ିକୁ ଛଡ଼ାଯାଉନାହିଁ। ପାରାଦୀପ ରାସ୍ତାର ଭୂତମୁଣ୍ଡାଇ, ବଲାଙ୍ଗୀର-ଖଡ଼ିଆଳ-ଭୁବନେଶ୍ୱର ରାସ୍ତାରେ ଦଶପଲ୍ଲା ଓ ନୟାଗଡ଼ଠାରେ ବସ୍ ଅଟକାଯାଉଛି। ଭୁବନେଶ୍ୱର-ପୁରୀ ରାସ୍ତାରେ ପିପିଲି ଟୋଲଗେଟ୍, ସାକ୍ଷୀଗୋପାଳ ବ୍ଲକ ଛକ ଓ ମାଳତିପାଟପୁରରେ ବସ୍‌ଗୁଡ଼ିକୁ ଅଟକାଯାଉଛି। ତେଣୁ ଯାତ୍ରୀ ପରିବହନ କ୍ଷେତ୍ରରେ ଅଚଳାବସ୍ଥା ଦେଖାଦେଇଛି। ଯାତ୍ରୀବାହୀ ବସ୍‌ଗୁଡ଼ିକୁ କୌଣସି ସ୍ଥାନରେ ହଇରାଣ ନ କରିବାକୁ ଡ୍ରାଇଭର ମହାସଂଘକୁ ଅନୁରୋଧ କରାଯାଉଛି। ସରକାର ଯାତ୍ରୀ ଓ ବସ୍ କର୍ମଚାରୀଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ସଂଘ ଦାବି କରିଛି। ଏହାସହ ଡ୍ରାଇଭର ମହାସଂଘ ଏବଂ ସରକାରଙ୍କ ମଧ୍ୟରେ ଯଦି ଆଲୋଚନା ହୋଇ କିଛି ନିଷ୍ପତ୍ତି ନିଆଯାଇଛି, ତାହାକୁ ସାର୍ବଜନୀନ କରାଯିବାକୁ ବସ୍ ମାଲିକ ସଂଘ ଦାବି କରିଛି। ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ଡ୍ରାଇଭର ମହାସଂଘ କଂଗ୍ରେସ ପ୍ରତି ଅଚାନକ ଦରଦ ଦେଖାଇଛି। ଏହା ପଛରେ ରାଜନୀତି ରହିଛି। ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ପାଇଁ ପିସିସି ସଭାପତି ଅନୁରୋଧ କଲେ, ମହାସଂଘ ତାଙ୍କ କଥାରେ ରାଜି ହେଲା। ଏସବୁ ରାଜନୀତି ନୁହେଁ ତ, ଆଉ କ'ଣ ବୋଲି ମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ଗଞ୍ଜାମ ଜିଲାର ଗୋଳନ୍ଥରାସ୍ଥିତ ବନ୍ଦେ ମାତରଂ କାର୍ଯ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଜେନା କହିଛନ୍ତି, ଡ୍ରାଇଭରମାନେ ଆନ୍ଦୋଳନ ନାଁରେ ଅଯଥା କାହା କଥାରେ ପରିଚାଳିତ ନ ହୁଅନ୍ତୁ। ସେମାନେ ଶୀଘ୍ର ଆନ୍ଦୋଳନରୁ ଓହରି ଯାଆନ୍ତୁ ଓ କାର୍ଯ୍ୟରେ ଯୋଗ ଦିଅନ୍ତୁ ବୋଲି ମନ୍ତ୍ରୀ ଜେନା ମହାସଂଘକୁ ଅନୁରୋଧ କରିଛନ୍ତି। ଆନ୍ଦୋଳନ ଯୋଗୁ ସାମଗ୍ରୀ ପରିବହନରେ ସମସ୍ୟା ଉପୁଜୁଛି। ମହାସଂଘ ଦାବିକୁ ନେଇ ଇତିମଧ୍ୟରେ ସଫଳ ଆଲୋଚନା ହୋଇସାରିଛି। ସମସ୍ତ ଦାବିର ସମାଧାନ କରାଯିବା ନେଇ ସରକାର ଡ୍ରାଇଭର ମହାସଂଘକୁ ପ୍ରତିଶ୍ରୁତି ଦେଇଛନ୍ତି। ଜାତୀୟ ଓ ରାଜ୍ୟ ରାଜପଥରେ ପ୍ରତି ୧୦୦ କିଲୋମିଟର ଦୂରରେ

## ପ୍ରଥମ ପୃଷ୍ଠାରୁ...

ଡ୍ରାଇଭରମାନଙ୍କ ନିମନ୍ତେ ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ଆଲୋଚନା ସଫଳ ପରେ ମଧ୍ୟ ଡ୍ରାଇଭର ମହାସଂଘ ଆନ୍ଦୋଳନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମନ୍ତ୍ରୀ ଜେନା କହିଛନ୍ତି। ଅନ୍ୟପକ୍ଷରେ ଆନ୍ଦୋଳନକାରୀ ଡ୍ରାଇଭରମାନେ ଯେଉଁ ଗାଡ଼ି ଚାଳକଙ୍କୁ ଆକ୍ରମଣ କରୁଛନ୍ତି ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଡ୍ରାଇଭରମାନେ ଆନ୍ଦୋଳନ ନାମରେ ଜନସାଧାରଣଙ୍କୁ ହଇରାଣ କରିବା ସରକାର ଗ୍ରହଣ କରିବେ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।



ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପିତା ସ୍ୱର୍ଗତ ଦୌଲାଲ ବୈଷ୍ଣବଙ୍କୁ ଶୁକ୍ରବାର ନୂଆଦିଲ୍ଲୀର ଲୋଧିରୋଡ୍‌ସ୍ଥିତ ଚିନ୍ମୟ ମିଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। (ଫଟୋ: ଚମନ ଗୌତମ)



## ଢଗଢମାଳି

**(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)**

**ରାଧେ ରାଧେ**
**ତୋର ଅଧେକୁ ମୋର ଅଧେ।**

ଧର୍ମର ଛଳନା କରି ଲାଭ ଉଠାଇବା। ସଲାସୁତୁରା ହୋଇ ନିଜ ନିଜ ଭିତରେ ଆତ୍ମସାତ୍ କରିନେବାର ଫନ୍ଦିଫିକର। ଅତି ଗୋପନରେ ଭାଗବଣ୍ଟା କରୁଥିବା ଧୂର୍ତ୍ତ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ରଙ୍କୁଣୀ ସଞ୍ଚିଲା ଧନ**
**ମୂଷା କଲା ଜଳପାନ।**

ଯାହା ପାଖରେ ଯେଉଁଟା ଯେତେ ଅଭାବ ତା' ପାଇଁ ସେଇଟା ସେତେ ମୂଲ୍ୟବାନ୍। ଅଭାବୀ ବ୍ୟକ୍ତି ପକ୍ଷେ ଦୁଃଖକଷ୍ଟରେ ପେଟରୁ କାଟି ଗଚ୍ଛିତ ରଖିଥିବା ଧନ ପ୍ରତି ମନରେ ଅହେତୁକ ଦୁର୍ବଳତା ଭାବ ରହିବା ସ୍ୱାଭାବିକ। ଏପରି ସ୍ଥଳେ ସେହି ଧନକୁ ଆତ୍ମସାତ୍ କରିନେବା ଅମାନବିକତାର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପୁଞ୍ଜିପତିଙ୍କ ପାଇଁ ଭାଜପା...

ସହିତ କଂଗ୍ରେସ ଅଛି ବୋଲି ରାହୁଲ କହିଛନ୍ତି । ରାହୁଲ ଆହୁରି କହିଛନ୍ତି, ଯେଉଁମାନଙ୍କ ରକ୍ତରେ କଂଗ୍ରେସ ଅଛି, ସେମାନେ ଡରିବା କ'ଣ ଜାଣି ନାହାନ୍ତି। ତାଙ୍କ ରକ୍ତ ତଥା ଡିଏନ୍‌ଏରେ ଗାନ୍ଧୀ ବିଚାରଧାରା ଓ ସମ୍ବିଧାନର ବିଚାରଧାରା ରହିଛି। ତେଣୁ ସେମାନେ ଏକଜୁଟ୍ ହୋଇ ଲଢ଼ିଲେ ରାଜ୍ୟରେ କଂଗ୍ରେସ ସରକାର ଗଢ଼ିବ। ଓଡ଼ିଶାର ଅସହାୟ ଜନତାଙ୍କୁ ସେମାନେ ରକ୍ଷା କରନ୍ତୁ। ଏଠି ସରକାରକୁ ବଦଳାନ୍ତୁ ବୋଲି ରାହୁଲ ଆହ୍ୱାନ ଦେଇଛନ୍ତି।

ରହୁଲ କହିଛନ୍ତି, ରାଜ୍ୟ ସରକାର ଜନତାଙ୍କୁ ଲୁଟୁଛନ୍ତି। ଭାଜପା ସରକାର ଦେଶରେ ସମ୍ବିଧାନ ଉପରେ ଆକ୍ରମଣ କରୁଛି। ମହାରାଷ୍ଟ୍ରରେ ୧କୋଟି ଭୋଟ ଚୋରି କରିଛନ୍ତି। ଲୋକ ସଭା ନିର୍ବାଚନ ଏବଂ ବିଧାନସଭା ନିର୍ବାଚନ ମଧ୍ୟରେ ୧କୋଟି ଭୋଟ ଅନ୍ତର ରହିଛି। ଏତେ ସଂଖ୍ୟକ ଭୋଟର ଆସିଲେ କେଉଁଠୁ? ଏନେଇ ଭାରତର ନିର୍ବାଚନ ଆୟୋଗଙ୍କୁ ପ୍ରଶ୍ନ କଲେ ଉତ୍ତର ମିଳୁନାହିଁ କି ଭିଡିଓ ଫୁଟେଜ୍ ମିଳୁନାହିଁ। ମହାରାଷ୍ଟ୍ରରେ ଗୋଟିଏ ଚୋର ସରକାର ରହିଛି। ଠିକ୍ ଅନୁରୂପ ବ୍ୟବସ୍ଥା ବିହାର ନିର୍ବାଚନରେ ଆପଣାଇବାକୁ କେନ୍ଦ୍ର ସରକାର ଷଡ଼ଯନ୍ତ୍ର କରୁଛନ୍ତି। ଏଥିପ୍ରତି ନିର୍ବାଚନ ଆୟୋଗ ତୀକ୍ଷ୍ଣ ଦୃଷ୍ଟିଦେବା ଆବଶ୍ୟକ ବୋଲି ସେ ସତର୍କ କରାଇଛନ୍ତି।

ରହୁଲ କହିଛନ୍ତି, ଜଳ, ଜମି ଓ ଜଙ୍ଗଲ ଆଦିବାସୀଙ୍କର ଥିଲା, ରହିଛି ଏବଂ ରହିବ। ଆଦିବାସୀଙ୍କୁ ହକ୍ ଦେବାପାଇଁ କଂଗ୍ରେସ ଲଢ଼େଇ କରିଥିଲା ଏବଂ ଆଗକୁ ମଧ୍ୟ କରିବ। କେନ୍ଦ୍ରରେ କଂଗ୍ରେସ ସରକାର କ୍ଷମତାକୁ ଆସିଲେ ଆଦିବାସୀଙ୍କୁ ତାଙ୍କର ଅଧିକାର ମିଳିବ। ଜମି ପଟ୍ଟା ଯୋଗାଇ ଦିଆଯିବ। ରାଜ୍ୟ ସରକାର ଏଠାରେ 'ପେସା' ଆଇନ ଲାଗୁ କରୁନାହାନ୍ତି। କିନ୍ତୁ ଆମ ସରକାର ଆସିଲେ ତାହାକୁ ଲାଗୁ କରିବ। ସେ କହିଛନ୍ତି, ଦେଶରେ ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି କଂଗ୍ରେସ ଫସଲ ବୀମା ଯୋଜନା ଲାଗୁ କରିଥିଲା। ବନ୍ୟା, ବାତ୍ୟା ସମୟରେ ଏହି ବୀମା ଯୋଜନାରେ ଚାଷୀଙ୍କ ମେରୁଦଣ୍ଡ ସଳଖିବ ବୋଲି ଲକ୍ଷ୍ୟ ରହିଥିଲା। ହେଲେ ମୋଦି ସରକାର ଏହାକୁ ବ୍ୟବସାୟୀକରଣ କରିଛନ୍ତି। କୃଷକଙ୍କ ଜମା ରାଶିକୁ ଲୁଟିବା ପାଇଁ ୨/୩ଟି କମ୍ପାନୀକୁ ବୀମା ବ୍ୟବସ୍ଥା ଟେକି ଦେଇଛନ୍ତି। ଫଳରେ ରାଜ୍ୟର କୃଷକମାନେ ଫସଲ କ୍ଷତିଜନିତ ବୀମା ରାଶି ପାଇପାରୁ ନାହାନ୍ତି।

ରାହୁଲ କହିଛନ୍ତି, ଓଡ଼ିଶା ସରକାରକୁ ଆଦାନୀ ଚଳାଉଛନ୍ତି। ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରାକୁ ସରକାର ଡ୍ରାମାରେ ପରିଣତ କରିଦେଲେ। ଲକ୍ଷାଧିକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ରଥ ଟାଣିବାପାଇଁ ଅପେକ୍ଷା କରିଥିଲେ। ହେଲେ ସରକାର ପୁଞ୍ଜିପତି ଆଦାନୀଙ୍କ ପାଇଁ ରଥଟଣାକୁ ରୋକି ଦେଲେ। ସରକାର କହୁଛନ୍ତି, ରାଜ୍ୟରେ ଶିଳ୍ପ ହେଲେ ବିକାଶ ହେବ। ହେଲେ ଶିଳ୍ପ ପ୍ରତିଷ୍ଠା ପାଇଁ ଜମି, ଜଙ୍ଗଲ ଗରିବମାନେ ଦେବା ପରେ କ'ଣ ପାଉଛନ୍ତି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ସରକାର ସେମାନଙ୍କୁ ନା ଥଇଥାନ କରୁଛନ୍ତି ନା ରୋଜଗାର ଯୋଗାଉଛନ୍ତି ବୋଲି ରାହୁଲ କହିଥିଲେ। ସେ କହିଛନ୍ତି, ଓଡ଼ିଶାରେ ପ୍ରତିଦିନ ୧୫ଜଣ ମହିଳା ବଳାତ୍କାରର ଶିକାର ହେଉଛନ୍ତି। ୪୦ ହଜାରରୁ ଉର୍ଦ୍ଧ୍ୱ ମହିଳା ନିଖୋଜ ହୋଇଛନ୍ତି । ମହିଳାଙ୍କୁ ସୁରକ୍ଷା ନାହିଁ କି ଯୁବକଙ୍କୁ ରୋଜଗାର ନାହିଁ। ଇଏ କି ସରକାର? ଆସ ଆମେ ଏକଜୁଟ୍ ହେବା, ସମସ୍ତ ଶକ୍ତି ଖଟାଇ ସରକାର ବିରୋଧରେ ଲଢ଼ିବା। ଯେଉଁଦିନ ଆମେ ଏକାଠି ହେବା, ସେଦିନ ଏ ସରକାରକୁ ଉପାଡ଼ି ଫିଙ୍ଗିଦେବା ବୋଲି ରାହୁଲ କର୍ମୀଙ୍କୁ ସମ୍ବୋଧନ କରି କହିଛନ୍ତି।

କାର୍ଯ୍ୟକ୍ରମରେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଥିଲେ, ସମ୍ବିଧାନକୁ ଭାଜପା ସରକାର ନଷ୍ଟ କରି ଚାଲିଛି। ସମ୍ବିଧାନରୁ 'ସିକୁଲାର' ଶବ୍ଦ ହଟାଇବାକୁ ଚକ୍ରାନ୍ତ କରାଯାଉଛି। ମୋଦି ସରକାର ଇଡି, ସିବିଆଇ ଦେଖାଇ ସମସ୍ତଙ୍କୁ ଡରାଇବାକୁ ଚେଷ୍ଟା କରୁଛନ୍ତି। ହେଲେ ଆପଣ ଡରିବେନି, ଡରିଲେ ମରିବେ। ଦୃଢ଼ତାର ସହ ଏହାର ମୁକାବିଲା କରନ୍ତୁ ବୋଲି ଖାର୍ଗେ ଆହ୍ୱାନ ଦେଇଥିଲେ। ସେ କହିଛନ୍ତି, ଓଡ଼ିଶାରେ ଯାହା ବି କଳକାରଖାନା ପ୍ରତିଷ୍ଠା ହୋଇଛି ତାହା କେବଳ କଂଗ୍ରେସ କରିଛି । ଭୁବନେଶ୍ୱରରେ ଏମ୍‌ସ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ କଂଗ୍ରେସ କରିଛି । ରାଉରକେଲା ଷ୍ଟିଲ ପ୍ଲାଣ୍ଟଠାରୁ ଆରମ୍ଭ କରି ହୀରାକୁଦ ନଦୀବନ୍ଧ, ନାଲ୍‌କୋ, ଏନ୍‌ଟିପିସି, ରେଳଡବା ମରାମତି କାରଖାନା ସବୁ କଂଗ୍ରେସ କରିଛି। ଭୁବନେଶ୍ୱରକୁ ରାଜଧାନୀ ଭାବେ ପଣ୍ଡିତ ଜବାହର ଲାଲ ନେହେରୁ ପ୍ରତିଷ୍ଠା କରିଛନ୍ତି। କଂଗ୍ରେସ ସବୁବେଳେ କାମରେ ବିଶ୍ୱାସ କରେ। ହେଲେ ଭାଜପା ସରକାର ସବୁବେଳେ ଶ୍ରେୟ ନେବା ଜାଣିଛି, କାମରେ ଶୂନ୍ ବୋଲି ଖାର୍ଗେ କହିଥିଲେ। ମୋଦି କେବଳ ଦେଶକୁ ବିକ୍ରି କରିବାରେ ଲାଗି ପଡ଼ିଛନ୍ତି। ରାଜ୍ୟ ସରକାର ମଧ୍ୟ ବାଲି, ଖଣି, ପାଣି ବିକ୍ରି କରି କମିଶନ୍ ଖାଇବା ଜାଣିଛନ୍ତି। ଡବଲ ଇଞ୍ଜିନ ସରକାର ଗରିବଙ୍କ ପାଇଁ ନୁହେଁ, କେବଳ ଧନୀଙ୍କ ଲାଗି। ଦେଶର ସମ୍ବିଧାନକୁ ସମାପ୍ତ କରିବା ମୋଦିଙ୍କ ଲକ୍ଷ୍ୟ । ଧର୍ମ ନାଁରେ ବିଭାଜନ ରାଜନୀତି ଭାଜପା କରୁଛି ବୋଲି ଖାର୍ଗେ କହିଥିଲେ। ସମାବେଶରେ ପିସିସି ସଭାପତି ଭକ୍ତ ଚରଣ ଦାସ ଅତିଥିଗଣଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ କହିଛନ୍ତି, ରାହୁଲ ଏଭଳି ଜଣେ ନେତା ଯିଏ କି ଆବଶ୍ୟକତା ପୂର୍ବରୁ ପହଞ୍ଚନ୍ତି। ରାହୁଲଙ୍କୁ ସ୍ୱାଗତ କରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ଆଜି ଓଡ଼ିଶା ଇତିହାସ ରଚିଛି। ସମାବେଶରେ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ, ଏମ୍‌ପି ସପ୍ତଗିରି ଉଲାକାଙ୍କ ସହିତ ପୂର୍ବତନ ପିସିସି ସଭାପତି, ବିଧାୟକ ଓ ବରିଷ୍ଠ ନେତୃବୃନ୍ଦ ସାମିଲ ଥିଲେ।

## ନେତାଙ୍କ ଅବସର ବୟସ ...

୭୫ ବର୍ଷ ପୂରଣ କରିଛନ୍ତି। ଆମେ ତାଙ୍କୁ ଉପଢ୍ୱୌକନ ଦେଇ ସମ୍ବର୍ଦ୍ଧିତ କରୁଛୁ। ମୋରୋପନ୍ତଙ୍କୁ ଶାଲ ପ୍ରଦାନ ସହ କିଛି କହିବାକୁ ଅନୁରୋଧ କରାଯାଇଥିଲା। ମୋରୋପନ୍ତ ଛିଡ଼ାହେବା ମାତ୍ରେ ଲୋକେ ହସିବାକୁ ଲାଗିଲେ। ମୋରୋପନ୍ତ କହିଥିଲେ, ସେ ଯେତେବେଳେ ବି କିଛି କହିବାକୁ ଛିଡ଼ା ହୁଅନ୍ତି, ଲୋକେ ହସିବା ଆରମ୍ଭ କରନ୍ତି। ଏପରି କି କିଛି ମଜାଳିଆ କଥା ନ କହିଲେ ମଧ୍ୟ ଲୋକେ ହସନ୍ତି। କାରଣ ଲୋକେ ତାଙ୍କୁ ଗମ୍ଭୀରତାର ସହ ନିଅନ୍ତି ନାହିଁ। ଯେତେବେଳେ ସେ ମରିଯିବେ, ପ୍ରକୃତରେ ସେ ମୃତ ନା ଜୀବିତ ତାହା ଯାଞ୍ଚ କରିବା ପାଇଁ ଲୋକେ ତାଙ୍କ ଉପରକୁ ଠେକା ମାରିବେ।

ଭାଗବତଙ୍କ ଅନୁସାରେ ମୋରୋପନ୍ତ ସେତେବେଳେ କହିଥିଲେ, ଆପଣମାନେ ମୋତେ ୭୫ ବର୍ଷ ବୟସରେ ଏକ ଶାଲ ଦେଇଛନ୍ତି। ମୁଁ କିନ୍ତୁ ଏହାର ତାତ୍ପର୍ଯ୍ୟ ବୁଝିପାରୁଛି। ଯେତେବେଳେ ଜଣେ ୭୫ ବର୍ଷରେ ସମ୍ବର୍ଦ୍ଧିତ ହୁଅନ୍ତି, ସେତେବେଳେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଛି ବୋଲି ବୁଝିବାକୁ ପଡ଼ିବ। ମୋରୋପନ୍ତଙ୍କ ପାଇଁ ସବୁକିଛି ସମ୍ମାନର ସହ କରାଯାଇଥିଲା ବୋଲି ଭାଗବତ କହିଛନ୍ତି। ଏହା ପୂର୍ବରୁ ଭାଜପା ଲାଲକୃଷ୍ଣ ଆଡ୍‌ଭାନୀ ଓ ମୁରଲୀ ମନୋହର ଜୋଷୀଙ୍କ ଭଳି ବରିଷ୍ଠ ନେତାଙ୍କୁ ୭୫ ବର୍ଷ ବୟସରେ ଅଣାନୁଷ୍ଠାନିକ ଭାବେ ଅବସର ଦେଇଥିଲା। ମୋଦି ୨୦୧୪ରେ କ୍ଷମତାକୁ ଆସିବା ପରେ ସେମାନଙ୍କୁ ମାର୍ଗଦର୍ଶକ ମଣ୍ଡଳକୁ ହଟାଇ ଦିଆଯାଇଥିଲା।

ଏବେ ଭାଗବତଙ୍କ ଉପରୋକ୍ତ ମନ୍ତବ୍ୟକୁ ବିରୋଧୀ ଦଳଗୁଡ଼ିକ 'ଏକ ଭଲ ଖବର' କହି ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ଭାଗବତ ଆସନ୍ତା ସେପ୍ଟେମ୍ବର ୧୧ ଓ ମୋଦି ୧୭ ତାରିଖରେ ୭୫ ବର୍ଷରେ ପଦାର୍ପଣ କରିବାକୁ ଥିବାରୁ ଉଭୟେ ଅବସର ନେବେ। ଦୁହେଁ ନିଜ ବ୍ୟାଗ୍ ଧରି ଯିବା ପାଇଁ ପ୍ରସ୍ତୁତ ହୁଅନ୍ତୁ। ଏହା ଦେଶ ଓ ଭାରତୀୟ ସମ୍ବିଧାନ ପାଇଁ ଅଚ୍ଛେ ଦିନ୍ ଆଣିବ ବୋଲି ବିରୋଧୀ ଦଳଗୁଡ଼ିକ କହିଛନ୍ତି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ୍ସ'ରେ କହିଛନ୍ତି, 'ପୁଅର୍ ଆୱାର୍ଡଜୀବୀ' ପ୍ରଧାନମନ୍ତ୍ରୀ! ଏହା ଏକ ହୋମ୍‌କମିଂ। ଏହା ଭାଗବତଙ୍କ ଗୋଟିଏ ତୀରରେ ଦୁଇଟି ଶିକାର ବୋଲି ଜୟରାମ କହିଛନ୍ତି। ସେହିପରି କଂଗ୍ରେସ ମିଡିଆ ପବ୍ଲିସିଟି ବିଭାଗ ମୁଖ୍ୟ ପବନ ଖେରା କହିଛନ୍ତି, ଭାଗବତ ଏପରି ମନ୍ତବ୍ୟ ଦେବା ପରଠୁ ଲୋକଙ୍କ ମଧ୍ୟରେ ଉତ୍ସାହ ଓ ଖୁସିର ଲହରି ଖେଳିଯାଇଛି। ଶିବସେନା ୟୁବିଟି ଏମ୍‌ପି ସଞ୍ଜୟ ରାଉତ୍ କହିଛନ୍ତି, ପ୍ରଥମେ ଭାଗବତ ଓ ପରେ ମୋଦି। ଉଭୟେ ୭୫ର ନିକଟବର୍ତ୍ତୀ। ଆର୍‌ଏସ୍‌ଏସ୍‌ରେ ଅବସର ବୟସ ସୀମା ୭୫ ହୋଇଥିବାବେଳେ ରାଜନୀତିରେ କାହିଁକି ଲାଗୁ ହେବ ନାହିଁ। ଏଭଳି ନିଷ୍ପତ୍ତିରୁ ଦେଶ ଲାଭାନ୍ୱିତ ହେବ ବୋଲି ସଞ୍ଜୟ କଟାକ୍ଷ କରିଛନ୍ତି। ଅନ୍ୟପକ୍ଷେ ଭାଜପାରେ ଅବସର ବୟସ ସୀମା ୭୫ ବୋଲି ଧାର୍ଯ୍ୟ ହୋଇନାହିଁ। ପ୍ରଧାନମନ୍ତ୍ରୀ କେତେ ଦିନ ପର୍ଯ୍ୟନ୍ତ ରହିବେ ତାହା ଦେଶର ଜନସାଧାରଣ ନିଷ୍ପତ୍ତି ନେବେ ବୋଲି ମହାରାଷ୍ଟ୍ର ଭାଜପା ମୁଖ୍ୟ ଚନ୍ଦ୍ରକାନ୍ତ ବୱାଙ୍କୁଲେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଛନ୍ତି। ଏହା ପୂର୍ବରୁ ମଧ୍ୟ ମୋଦି ୨୦୨୯ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରହିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଭିନ୍ନ ଏକ ଅବସରରେ ସ୍ପଷ୍ଟ କରିଥିଲେ।

## ପ୍ରେମୀଯୁଗଳଙ୍କୁ ହଳ ...

ଏ ସମ୍ପର୍କରେ ଗ୍ରାମବାସୀ ଜାଣିବା ପରେ ଉଭୟଙ୍କୁ ଗାଁକୁ ଡକାଇଥିଲେ। ପରେ ଗାଁରେ ବୈଠକ ବସି ଉଭୟଙ୍କୁ ବଳଦ ବଦଳରେ ହଳ କରାଇବାକୁ ଦଣ୍ଡ ଦେଇଥିଲେ। ଏପରିକି ଗ୍ରାମବାସୀ ଜୋରଜବରଦସ୍ତ ସେମାନଙ୍କୁ ଲଙ୍ଗଳରେ ଯୋଚି ହଳ କରାଇବା ସହ ମାଡ ମାରିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ କଲ୍ୟାଣସିଂହପୁର ଥାନା ଅଧିକାରୀ ନୀଳକଣ୍ଠ ବେହେରାଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ନିକଟକୁ ସେଭଳି କୌଣସି ଅଭିଯୋଗ ଆସି ନ ଥିବା ସେ କହିଛନ୍ତି । ରାୟଗଡା ଏସ୍‌ଡିପିଓ ଗୌରହରି ସାହୁଙ୍କୁ ପଚାରିବାରୁ ଘଟଣାକୁ ପୋଲିସ ଗୁରୁତ୍ୱର ସହିତ ନେଇ ଶୁକ୍ରବାର କଞ୍ଚାମଯୋଡ଼ି ଗ୍ରାମକୁ ଯାଇ ତଦନ୍ତ ଆରମ୍ଭ କରିଛି। ଉକ୍ତ ଯୁବତୀ ଓ ଯୁବକଙ୍କୁ ଦଣ୍ଡବିଧାନ କରିଥିବା ଲୋକଙ୍କ ବିରୋଧରେ କଲ୍ୟାଣସିଂହପୁର ଥାନାରେ ଏକ ମାମଲା ରୁଜୁ କରି ସେମାନଙ୍କୁ ଧରିବା ପାଇଁ ପୋଲିସ ଯୋଜନା କରିଥିବା ସେ କହିଛନ୍ତି । ରାୟଗଡ଼ା ଉପଜିଲାପାଳ ରମେଶ କୁମାର ଜେନା କହିଛନ୍ତି, କଲ୍ୟାଣସିଂହପୁର ବିଡିଓ ଏବଂ ତହସିଲଦାରଙ୍କ ସମେତ ସମାଜ ମଙ୍ଗଳ ବିଭାଗକୁ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଚିଠି ନଂ ୩୭୪୬ରେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯିବ ବୋଲି ବ୍ଲକ୍ ସମାଜ ମଙ୍ଗଳ ଅଧିକାରୀ ବିଶ୍ୱଜିତ ସାମନ୍ତସିଂହାର କହିଛନ୍ତି । ଏ ନେଇ ସେଠାକାର ୱାର୍ଡମେମ୍ବର କହିଛନ୍ତି, ପିଉସୀ ଓ ପୁତୁରାର ସମ୍ପର୍କ ହେଉଛି ମା' ଓ ପୁଅର ସମ୍ପର୍କ । ସେମାନଙ୍କର ଏଭଳି ପ୍ରେମ କରିବା ଆଦିବାସୀ ସମାଜରେ ଆଦୌ ଗ୍ରହଣୀୟ ନୁହେଁ । ତେଣୁ ସେମାନଙ୍କ ବିରୋଧରେ ଏହିଭଳି ପଦକ୍ଷେପ ନିଆଯାଇଛି। ଅନ୍ୟପଟେ ଏହି ମାମଲା ଗଣମାଧ୍ୟମରେ ପ୍ରଚାର ହେବା ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ରବିଙ୍କ ନକ୍ଷତ୍ରରେ ଚନ୍ଦ୍ର ହେତୁ ପାରିବାରିକ ଜୀବନ ସୁଖ,ସମୃଦ୍ଧିରେ ଅତିବାହିତ ହେବ। ଗତ କିଛିଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସହଜ ଓ ସୁବିଧାରେ ପାଇଯିବେ। ଶିଳ୍ପ, ନିର୍ମାଣ, ବାଣିଜ୍ୟ, ଆନୁଷ୍ଠାନିକ କାମ ତଥା କର୍ମାରମ୍ଭ ପ୍ରଭୃତିରେ ସୁଫଳ ପାଇବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି।

**ବୃଷ** — ଶୁକ୍ର ତୃତୀୟାଧିପ ଚନ୍ଦ୍ର ନକ୍ଷତ୍ରସ୍ଥ ହେତୁ ଆତ୍ମୀୟ, ବନ୍ଧୁ କିମ୍ବା ସହକର୍ମୀଙ୍କ ସହୃଦୟତା ପାଇବାରେ ସାହାଯ୍ୟ କରିବ। ଆର୍ଥିକ ଉନ୍ନତିରେ, ମନୋରଞ୍ଜନ କାର୍ଯ୍ୟକ୍ରମରେ ମୁଖ୍ୟ ଭୂମିକା ଗ୍ରହଣ କରିପାରନ୍ତି। ବିଭିନ୍ନ ଘରୋଇ ଝମେଲାରୁ ମନଟା ଭଲ ରହିବ ନାହିଁ। ବ୍ୟବସାୟ, ପରିବହନ, ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ମିଥୁନ** — ବୁଧ ସ୍ୱନକ୍ଷତ୍ରରେ ରହି ଲୋକପ୍ରିୟତା ବୃଦ୍ଧି କରିବା ସହ ପାରିବାରିକ ଓ କର୍ମକ୍ଷେତ୍ରକୁ ସରସ, ସୁନ୍ଦର କରିବେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ ଏବଂ ଆକସ୍ମିକ କଳହକୁ ଏଡି ହେବ ନାହିଁ। ଅଲୋଚନା ପରିସରରେ ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁଙ୍କ କଥାକୁ ଠିକ୍ ଭାବେ ବୁଝି ପାରନ୍ତି ନାହିଁ । ଶିଳ୍ପ, ବାଣିଜ୍ୟ ଓ ପରିବହନରେ ଉନ୍ନତିର ଆଶା ରହିଛି।

**କର୍କଟ** — କର୍ମାଧିପ ନୀଚସ୍ଥ ଓ ପାପଗ୍ରହ ଯୁକ୍ତ ହେତୁ ସମସ୍ୟା ଜାଲରେ ଛନ୍ଦି ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ଅତୀତ କଥାକୁ ଚିନ୍ତା କରି ବ୍ୟସ୍ତତା ଅନୁଭବ କରିବେ। ପରିସ୍ଥିତିକୁ ଯେତେଟା ଜଟିଳ ମନେ କରୁଛନ୍ତି ସେମିତି କିଛି ହେବନି। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟ ଓ ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ଆସିପାରେ।

**ସିଂହ** — ରାଶ୍ୟାଧିପ ରବି ଦେବଗୁରୁଙ୍କ ନକ୍ଷତ୍ରସ୍ଥ ହୋଇ ଏକାଦଶସ୍ଥ ଯୋଗୁ ସମ୍ମୁଖରେ ପ୍ରକାଶ କରି ମନକୁ ହାଲୁକା କରିପାରନ୍ତି। ସ୍ୱାସ୍ଥ୍ୟ କ୍ରମଶଃ ଅବନତି ଦିଗକୁ ଗତି କରିବା ସଙ୍ଗେ ସଙ୍ଗେ ପାରିବାରିକ ପରିସ୍ଥିତି ଭଲ ରହି ନ ପାରେ। ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହେବେ,କିନ୍ତୁ ବନ୍ଧୁଙ୍କ ନିକଟରୁ ପରିଶେଷରେ କିଛି ପାଇବେ।

**କନ୍ୟା** — ଭାଗ୍ୟାଧିପ ଭାଗ୍ୟସ୍ଥ ହୋଇ ଚନ୍ଦ୍ରଙ୍କ କେନ୍ଦ୍ରସ୍ଥ ଯୋଗୁ ଯାତ୍ରାରେ ଆନନ୍ଦ, ଉପରିସ୍ଥଙ୍କ ଅନୁକମ୍ପା ଲାଭ କରିବେ। କାମରେ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହେବେ। ମକଦ୍ଦମା, ତର୍କ ବିତର୍କ, ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇପାରନ୍ତି।

**ତୁଳା** — ଚତୁର୍ଥାଧିପ ଦୁଃସ୍ଥାନରେ ରହିଥିବାରୁ ପରିବାରରେ ଭୁଲ୍ ବୁଝାମଣା କାରଣରୁ ବିତର୍କ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବା କଷ୍ଟସାଧ ହେବ। ଶିଳ୍ପ, ବାଣିଜ୍ୟ, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଶିକ୍ଷା, ସନ୍ତାନ, ପ୍ରଶାସନିକ ଓ ଆଲୋଚନା କ୍ଷେତ୍ର ଭଲ ରହିବ।

**ବିଛା** — ନବମାଧିପତି ଅଷ୍ଟମଭାବସ୍ଥ ଯୋଗୁ ଅଭିଳାଷ ପୂରଣ ହେବା କଷ୍ଟକର ହୋଇପାରେ। ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଘରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। କଳା, ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, କ୍ରୀଡ଼ାରେ ସମସ୍ୟା ସମାଧାନ ହେବ।

**ଧନୁ** — ପାରିବାରିକ କ୍ଷେତ୍ରରେ ଅଯଥା ଗୁଡାଏ ଚିନ୍ତାକରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହେବାକୁ ପଡ଼ିପାରେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କୌଣସି ବନ୍ଧୁ ସମସ୍ୟାକୁ ବଢ଼ାଇ ଦେଇପାରନ୍ତି। କଚେରି ମାମଲା ସପକ୍ଷରେ ଯିବାର ବହୁତ ସମ୍ଭାବନା ଦେଖାଦେଇପାରେ।

**ମକର** — ଶାରୀରିକ ସୁସ୍ଥତା କାମ କରିବାର ଉତ୍ସାହକୁ ବହୁଗୁଣିତ କରିଦେବ। ପାରିବାରିକ କ୍ଷେତ୍ରରେ ମାନସିକ ଅଶାନ୍ତି ବୃଦ୍ଧି କାରଣରୁ ମନରେ ସରସତା ରହିବ ନାହିଁ। ଆନୁଷ୍ଠାନିକ କାମ, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହୋଇପାରନ୍ତି। ରପ୍ତାନି କାରବାର, ଧାତୁ ଅଳଙ୍କାର, ଷ୍ଟେସନାରୀ ଓ ଯାନ୍ତ୍ରିକ ଜିନିଷ ବ୍ୟବସାୟରେ ଲାଭବାନ୍ ହେବେ ।

**କୁମ୍ଭ** — ଶନିକ୍ଷେତ୍ରସ୍ଥ ଚନ୍ଦ୍ର ଦୂରଯାତ୍ରା, ବ୍ୟୟବୃଦ୍ଧି, ପରୋକ୍ଷ ଶତ୍ରୁତା ଓ ଋଣ ପରିଶୋଧକୁ କେନ୍ଦ୍ର କରି କଳହ ଲାଗିପାରେ। ପାରିବାରିକ କ୍ଷେତ୍ରରେ ଜଣେ ବନ୍ଧୁ ସମସ୍ୟା ସମାଧାନ ସକାଶେ ଚେଷ୍ଟା କରିପାରନ୍ତି। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ବନ୍ଧୁଙ୍କ ଜରିଆରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବ।

**ମୀନ** — ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିଦାୟକ ମନେ ହେବା ସହ ନୂତନ ବନ୍ଧୁଙ୍କ ସାନ୍ନିଧ୍ୟ ମିଳିବ। କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ। ସାମାଜିକ ସ୍ତରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଖର୍ଚ୍ଚ ପରିମାଣ ବୃଦ୍ଧିହେତୁ ମନରେ ସରସତା ରହି ନ ପାରେ।

ଆଜି ଜୁଲାଇ ୧୨ ତାରିଖ, ମାଲାଲା ଦିବସ, ଶ୍ରାବଣ କୃଷ୍ଣ ଦ୍ୱିତୀୟା, ଶନିବାର, ରାଶି ନକ୍ଷତ୍ର-ଶ୍ରବଣା ମକର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୩ ଗତେ ଘ.୧୨।୧୮ ମଧ୍ୟେ, ଘ.୦୩।୦୮ ଗତେ ଘ.୦୩।୪୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୩୫ ମି. ଗତେ ଘ.୧୦।୧୩ ମଧ୍ୟେ ରାହୁ କାଳ ।।




# ସମ୍ବିଧାନ ବଞ୍ଚାଅ ନୁହେଁ, କଂଗ୍ରେସ ବଞ୍ଚାଅ ଅଭିଯାନ ଭଳି ଲାଗିଲା: ଭାଜପା

**ଭୁବନେଶ୍ୱର,୧୧।୭(ସୁନିତ୍ ମିଶ୍ର)**

କଂଗ୍ରେସ ଲଗାତର ଗଣତନ୍ତ୍ରର କଣ୍ଠରୋଧ କରିଛି। ଦେଶର ବିରୋଧୀ ଦଳ ନେତା ଓ କଂଗ୍ରେସ ଅଧ୍ୟକ୍ଷଙ୍କ କାର୍ଯ୍ୟକ୍ରମ ଶୁକ୍ରବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ହେଉଛି। ମାତ୍ର ଏବେ ବି କଂଗ୍ରେସ ହତାଶା ଭିତରେ ରହିଛି। ଏହି ଦଳ ଓଡ଼ିଶାର ସାଧାରଣ ଲୋକଙ୍କଠାରୁ ଦୂରେଇଯାଇଛି। ପ୍ରତି ନିର୍ବାଚନରେ ତା'ର ଭୋଟ ପ୍ରତିଶତ କମିବାରେ ଲାଗିଛି। ଦେଶରେ ଗତ ୩ଟି ସାଧାରଣ ନିର୍ବାଚନରେ କଂଗ୍ରେସର ସାଂସଦ ସଂଖ୍ୟା ୩ ଅଙ୍କ ଛୁଇଁପାରି ନାହିଁ। ପ୍ରତିଦିନ କଂଗ୍ରେସ ସଙ୍ଗଠନର ଯେଉଁଭଳି ଭାବେ ନିମ୍ନଗାମୀ ହେଉଛି ସେଥିରୁ ଲାଗୁଛି ଏହା ସମ୍ବିଧାନ ନୁହେଁ, କଂଗ୍ରେସ ବଞ୍ଚାଅ ସମାବେଶ। କଂଗ୍ରେସ ଗଣତନ୍ତ୍ର କଥା କହିବା, ନିଜେ କାଚଘର ମଧ୍ୟରେ ରହି ଅନ୍ୟକୁ ପଥର ଫୋପାଡିବା ସଦୃଶ। ଓଡ଼ିଶା ଆସିଥିବା ରାହୁଲ ଗାନ୍ଧୀ ବାରମ୍ବାର ସମ୍ବିଧାନକୁ ହତ୍ୟା କରିଛନ୍ତି ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ରାଷ୍ଟ୍ରପତିଙ୍କୁ ଅପମାନିତ କରିଛନ୍ତି। ଏନେଇ ଉଭୟେ ପ୍ରଥମେ ଓଡ଼ିଶା ମାଟିରେ କ୍ଷମା ମାଗନ୍ତୁ ବୋଲି ଭାଜପା ରାଜ୍ୟ ଉପସଭାପତି ବିରଞ୍ଚି ତ୍ରିପାଠୀ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିରଞ୍ଚି କହିଛନ୍ତି, ଏହି ଦଳରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ନାହିଁ। ସ୍ୱାଧୀନତାର ପରବର୍ତ୍ତୀ ଅବସ୍ଥା ଦେଖିଲେ ଜଣାପଡ଼ିବ, ଜବାହରଲାଲ ନେହେରୁଙ୍କ ସମୟରେ ଏହା ବାପ-ଝିଅର ଦଳ ଥିଲା। ଇନ୍ଦିରା ଗାନ୍ଧୀଙ୍କ ସମୟରେ ଏହା ମା'-ପୁଅର ଦଳ ହେଲା। ରାଜୀବ ଗାନ୍ଧୀଙ୍କ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ଦଳ ଥିଲା। ଏବେ କଂଗ୍ରେସ ମା', ପୁଅ, ଝିଅ ଓ ଜ୍ୱାଇଁଙ୍କ ଦଳ ପାଲଟିଛି। ଗଣତନ୍ତ୍ରର କଥା କହୁଥିବା ଏହି ରାଜନୈତିକ ଦଳ ସମ୍ବିଧାନର ହତ୍ୟାକାରୀ ଥିଲା। କିଛିଦିନ ପୂର୍ବେ ମଲ୍ଲିକାର୍ଜୁନ ଖାର୍ଗେ ଦେଶର ରାଷ୍ଟ୍ରପତିଙ୍କୁ ଅପମାନିତ କରିଥିଲେ। ଏହା ପୂର୍ବରୁ ରାଷ୍ଟ୍ରପତି ଥିବା ଅନୁସୂଚିତ ଜାତି ବା ଦଳିତବର୍ଗର ରାମନାଥ କୋବିନ୍ଦଙ୍କୁ ନେଇ ମଧ୍ୟ ସେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ତାହାକୁ ଯେତେ ନିନ୍ଦାକଲେ ମଧ୍ୟ କମ୍ ହେବ। ଏଥିପାଇଁ ସେ ଓଡ଼ିଶା ମାଟିରେ ପ୍ରାୟଶ୍ଚିତ୍ତ କରିବା ଦରକାର। ଏସବୁ କଥାକୁ ଦେଖିଲେ ଓଡ଼ିଶାରେ କଂଗ୍ରେସ ଏକ ଅସ୍ତଗାମୀ ରାଜନୈତିକ ଦଳ ଭାବେ ପ୍ରତୀୟମାନ ହେଉଛି ବୋଲି ବିରଞ୍ଚି କହିଛନ୍ତି।

# ଆନ୍ଦୋଳନରେ ସାମିଲ ନ ହେବାରୁ ନିର୍ଯାତନା

**ଭୁବନେଶ୍ୱର,୧୧।୭(ସତ୍ୟଜିତ୍ ରାଉତ)**

ବିଭିନ୍ନ ଦାବି ପୂରଣ ପାଇଁ ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚ ପକ୍ଷରୁ ୪ଦିନ ହେବ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଜାରି ରହିଛି। ଏଥିପାଇଁ ରାଜ୍ୟବ୍ୟାପୀ ପରିବହନ ସେବାରେ ବାଧା ସୃଷ୍ଟି ହୋଇଥିବାବେଳେ ଆନ୍ଦୋଳନରେ ସାମିଲ ହେଉ ନ ଥିବା ଡ୍ରାଇଭର ଓ ଟ୍ରକ ମାଲିକମାନଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ଏଥିପାଇଁ ରାଜ୍ୟ ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି ଏବଂ ତାଙ୍କ ସହଯୋଗୀ ଆଦିତ୍ୟ ପ୍ରସାଦ ବେହେରାଙ୍କ ନାଁରେ ନିଖିଳ ଓଡ଼ିଶା ମିନିଟ୍ରକ୍ ମାଲିକ ମହାସଂଘ ପକ୍ଷରୁ ଶୁକ୍ରବାର ମଞ୍ଚେଶ୍ୱର ଥାନାରେ ଏତଲା ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ଡ୍ରାଇଭର ସଂଘ ପ୍ରଥମେ ଗଣତାନ୍ତ୍ରିକ ପଦ୍ଧତିରେ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବ ବୋଲି କହିଥିଲା। ହେଲେ ଏହା ଏବେ ହିଂସାତ୍ମକ ଆନ୍ଦୋଳନରେ ରୂପାନ୍ତରିତ ହୋଇଛି। ଡ୍ରାଇଭର ସଂଘ ସଦସ୍ୟମାନଙ୍କ ପଦକ୍ଷେପ ଓ ବ୍ୟବହାର ହିଂସାତ୍ମକ ଏବଂ ଅଗଣତାନ୍ତ୍ରିକ ଭାବେ ଦେଖିବାକୁ ମିଳିଛି। ଆନ୍ଦୋଳନରେ ସାମିଲ ହେଉ ନ ଥିବା ଟ୍ରକ୍ ମାଲିକ ଓ ଡ୍ରାଇଭରଙ୍କୁ ସେମାନେ ନିର୍ଯାତନା ଦେବା ସହ ଅପମାନିତ କରୁଛନ୍ତି। ଏହା ପ୍ରଶାନ୍ତ ଏବଂ ତାଙ୍କ ସହଯୋଗୀ ଆଦିତ୍ୟଙ୍କ ଦ୍ୱାରା କରାଯାଉଛି। ଯଦି ଏହାକୁ ତୁରନ୍ତ ନିୟନ୍ତ୍ରଣ କରା ନ ଯାଏ ତେବେ ରାଜ୍ୟବ୍ୟାପୀ ଗମ୍ଭୀର ଆଇନଶୃଙ୍ଖଳା ସ୍ଥିତି ଉପୁଜିପାରେ। ଏଥିରେ ସମ୍ପୃକ୍ତ ବ୍ୟକ୍ତି ଓ ସେମାନଙ୍କ ସହଯୋଗୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିଖିଳ ଓଡ଼ିଶା ମିନିଟ୍ରକ୍ ମାଲିକ ମହାସଂଘ ସଭାପତି ଗଣେଶ ମାହାରି ଏତଲାରେ ଉଲ୍ଲେଖ କରିଛନ୍ତି।



ଓଡ଼ିଶା ମିନିଟ୍ରକ୍ ମାଲିକ ମହାସଂଘ ସଭାପତି ଗଣେଶ ମାହାରିଙ୍କ ସହ ଅନ୍ୟମାନେ ମଞ୍ଚେଶ୍ୱର ଥାନାରେ ଏତଲା ଦେଉଛନ୍ତି।

**ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତଙ୍କ ନାଁରେ ଏତଲା**

**ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବିକଲା ନିଖିଳ ଓଡ଼ିଶା ମିନିଟ୍ରକ୍ ମହାସଂଘ**

# ଜମି ଅଧିଗ୍ରହଣ ପ୍ରକ୍ରିୟା ତ୍ୱରାନ୍ୱିତ

**ବରଗଡ଼ ରୋଡ୍-ନୂଆପଡ଼ା ରୋଡ୍ର ବ୍ରଡ୍‌ଗେଜ୍ ରେଲଲାଇନ ପ୍ରକଳ୍ପ**

**ଭୁବନେଶ୍ୱର,୧୧।୭(ଅନୁରାଧା ମହାରଣା)**

ପଶ୍ଚିମ ଓଡ଼ିଶାରେ ରେଳ ସଂଯୋଗୀକରଣକୁ ଦୃଷ୍ଟିରେ ରଖି ବରଗଡ଼ ରୋଡ୍ ଏବଂ ନୂଆପଡ଼ା ରୋଡ୍ ମଧ୍ୟରେ ୧୩୮.୩୨ କି.ମି. ଦୀର୍ଘ ନୂତନ ବ୍ରଡ୍ ଗେଜ୍ (ବିଜି) ରେଳଲାଇନ ପ୍ରକଳ୍ପ ପାଦେ ଆଗେଇଛି। ପ୍ରକଳ୍ପ ପାଇଁ ଆବଶ୍ୟକ ୧୮୫୯.୪୮୮ ଏକର ବେସରକାରୀ ଜମି ୮୫ଟି ଗ୍ରାମରେ ରହିଛି। ଏଥିମଧ୍ୟରୁ ୭୭ଟି ଗ୍ରାମ ପାଇଁ ଜମି ତାଲିକା ଦାଖଲ କରାଯାଇଛି ଏବଂ ୪୬ଟି ଗାଁକୁ ଆବର୍ତ୍ତିତ କରି ୧୧୦୬.୪୧୧ ଏକର ଜମି ପାଇଁ ୨୦(ଏ) ଗେଜେଟ ଅଧିସୂଚନା ପ୍ରକାଶିତ ହୋଇଛି। ପ୍ରଥମ ବ୍ଲକ୍‌ରେ ୫ଟି ଗ୍ରାମର ୨୬୪.୨୧୬ ଏକର ଜମି ରହିଥିବାବେଳେ ଦ୍ୱିତୀୟ ଏବଂ ତୃତୀୟ ବ୍ଲକ୍‌ରେ ୧୨ଟି ଗ୍ରାମରେ ୨୬୨.୭୦୫ ଏକର ଜମି ରହିଛି। ସେହିପରି ଚତୁର୍ଥରୁ ଷଷ୍ଠ ବ୍ଲକ୍‌ର ୨୯ଟି ଗ୍ରାମରେ ୫୭୯.୪୯ ଏକର ଜମି ରହିଛି। ଏହି ଜମି ଅଧିଗ୍ରହଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ପ୍ରକଳ୍ପ କାର୍ଯ୍ୟରେ ଅଗ୍ରଗତି ହୋଇଛି। ବରଗଡ଼ ରୋଡ୍ – ନୂଆପଡ଼ା ରୋଡ୍ ବିଜି ରେଳଲାଇନକୁ ୨୦୨୪ ସେପ୍ଟେମ୍ବର ୧୦ରେ ରେଳ ବୋର୍ଡ ଦ୍ୱାରା ମଞ୍ଜୁର କରାଯାଇଥିଲା। ୨୬୨୧.୯୨ କୋଟିର ଏହି ପ୍ରକଳ୍ପରେ ସିଭିଲ ଇଞ୍ଜିନିୟରିଂ ପାଇଁ ୨୧୦୭.୩୦ କୋଟି, ବୈଦ୍ୟୁତିକ ଇଞ୍ଜିନିୟରିଂ ପାଇଁ ୩୦୫.୫୫ କୋଟି, ସିଗ୍ନାଲ ଏବଂ ଟେଲିକମ୍ ଇଞ୍ଜିନିୟରିଂ ପାଇଁ ୨୦୯.୦୭ କୋଟି ରହିଛି। ଓଡ଼ିଶା ସରକାର ମାଗଣାରେ ଜମି ଏବଂ ୩୦୦ କୋଟି ଅନୁଦାନ ପ୍ରଦାନ କରୁଛନ୍ତି। ପ୍ରକଳ୍ପ ପାଇଁ ମୋଟ ଜମି ଆବଶ୍ୟକତା ୯୨୪.୬୪ ହେକ୍ଟର ହୋଇଥିବାବେଳେ ଏଥିରେ ୭୫୨.୫୨୪ ହେକ୍ଟର ବ୍ୟକ୍ତିଗତ ଜମି, ୧୨୩.୨୩୩ ହେକ୍ଟର ସରକାରୀ ଜମି, ୪୮.୯୧୩ ହେକ୍ଟର ଜଙ୍ଗଲ ଜମି ରହିଛି। ଏହି ରେଳ ଲାଇନ ଝାରସୁଗୁଡ଼ା-ବିଲାସପୁର-ରାୟପୁର ସର୍କିଟକୁ ବାଇପାସ୍ କରି କମ୍ ଭିଡ଼ ବିଶିଷ୍ଟ ରୁଟ୍ ପ୍ରଦାନ କରିବ। ଏହା ସମ୍ବଲପୁର-ଝାରସୁଗୁଡ଼ା-ରାୟପୁର ରୁଟ୍ ତୁଳନାରେ ୫୩ କି.ମି. ଏବଂ ସମ୍ବଲପୁର ଟିଟିଲାଗଡ଼-ରାୟପୁର ରୁଟ୍ ତୁଳନାରେ ୮୭ କି.ମି. ଯାତ୍ରା ଦୂରତା ହ୍ରାସ କରିବ।

# ପୁଅ ବଦଳରେ ମା'ଙ୍କୁ ଇଞ୍ଜେକ୍‌ଶନ

**ମେଡିକାଲ ଇନ୍‌ଚାର୍ଜ କହିଲେ ତଦନ୍ତ ହେବ**

**ଖଡ଼ିଆଳ,୧୧।୭(ସୁଜିତ କୁମାର ପ୍ରଧାନ)**

ପୁଅ ବଦଳରେ ମା'ଙ୍କୁ ଇଞ୍ଜେକଶନ ଦେଲେ ଜଣେ ଷ୍ଟାଫନର୍ସ। ଶୁକ୍ରବାର ଏଭଳି ଏକ ଘଟଣା ନୂଆପଡ଼ା ଜିଲା ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଦେଖିବାକୁ ମିଳିଛି। ସମ୍ପୃକ୍ତ ଷ୍ଟାଫ୍‌ନର୍ସ ଘଟଣାକୁ ଅସ୍ୱୀକାର କରିଥିବାବେଳେ ମେଡିକାଲ ଇନ୍‌ଚାର୍ଜ ଏହାର ତଦନ୍ତ ହେବ ବୋଲି କହିଛନ୍ତି। ସୂଚନା ମୁତାବକ ଖଡ଼ିଆଳ ବ୍ଲକ ବରଗାଁର ରାଜୁ ତାଣ୍ଡି ଓ ଅଞ୍ଜୁ ତାଣ୍ଡି ନିଜର ଦୁଇବର୍ଷର ପୁଅ ତୁଲେଶ୍ୱରଙ୍କୁ ଜ୍ୱର ହେବାରୁ ପୂର୍ବାହ୍ନରେ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେମାନେ ଶିଶୁ ବିଶେଷଜ୍ଞ ଡାକ୍ତର ମହେନ୍ଦ୍ର କୁମାର ମାଝୀଙ୍କୁ ଦେଖାଇଥିଲେ। ଡାକ୍ତର ଚିଠା ଲେଖି ଇଞ୍ଜେକଶନ ଦେବା ପାଇଁ ନର୍ସଙ୍କ ପାଖକୁ ପଠାଇଥିଲେ। କାର୍ଯ୍ୟରତ ନର୍ସ ଛୁଆ ବଦଳରେ ମା' ଅଞ୍ଜୁଙ୍କ ପେଟରେ ଇଞ୍ଜେକଶନ ଫୋଡ଼ି ଦେଇଥିଲେ। ଇଞ୍ଜେକଶନ ନେବା ପରେ ତାଙ୍କ ପେଟ ଦରଜ ହେଉଥିବା ଅଞ୍ଜୁ କହିଛନ୍ତି। ଏ ନେଇ ସମ୍ପୃକ୍ତ ନର୍ସଙ୍କୁ ପଚାରିବାରୁ ସେ ଘଟଣାକୁ ଅସ୍ୱୀକାର କରିବା ସହ ଇଞ୍ଜେକଶନ ଫୋଡ଼ିବା ସମୟରେ ବାଜି ଯାଇଥିବ ବୋଲି କହିଥିଲେ। ମେଡିକାଲ ଇନଚାର୍ଜ ଡାକ୍ତର ମହେନ୍ଦ୍ର କୁମାର ମାଝୀଙ୍କୁ ପଚାରିବାରୁ ଏହାର ତଦନ୍ତ ହେବ ବୋଲି କହିବା ସହ ଅଞ୍ଜୁଙ୍କ ଚିକିତ୍ସା କରାଯାଇଛି, କୌଣସି ଅସୁବିଧା ହେବ ନାହିଁ ବୋଲି ପ୍ରକାଶ କରିଥିଲେ।






> ବସ୍ତୁତଃ, ଅଧିକାଂଶ ମଣିଷ ବନ୍ଦୀଶାଳାରେ ରହୁଥିବା ବନ୍ଦୀମାନଙ୍କ ପରି। ସେମାନେ ତାଙ୍କ ଘରର ସବୁ ଦ୍ୱାର ଓ ଝରକା ବନ୍ଦ କରି ତା'ଭିତରେ ରହିଥାନ୍ତି। ତେଣୁ ଏହା ସ୍ୱାଭାବିକ କଥା ଯେ, ସେମାନେ ଅଣନିଃଶ୍ୱାସୀ ବୋଧ କରନ୍ତି। ସେମାନଙ୍କ ପାଖେ ଦ୍ୱାର ଝରକାର ଚାବିଥାଏ। କିନ୍ତୁ ସେମାନେ ଖୋଲନ୍ତି ନାହିଁ। -ଶ୍ରୀମା



# ଅଧିକାରୀ ଅଭାବ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ତ୍ରିପୁରାରୁ ଏକ ଡଜନରୁ ଊର୍ଦ୍ଧ୍ୱ ଆଇଏଏସ୍ ଅଧିକାରୀ ଛାଡ଼ି ଚାଲିଯିବା ଫଳରେ ରାଜ୍ୟରେ ସେମାନଙ୍କ ସଂଖ୍ୟା କମିଚାଲିଛି। ୨୦୧୯ରୁ ୨୦୨୩ ମଧ୍ୟରେ ୨୦୧୯, ୨୦୨୦, ୨୦୨୧ ଓ ୨୦୨୨ ଆଇଏଏସ୍ ବ୍ୟାଚର ଯୁବ ଅଧିକାରୀମାନେ ବାହାର ରାଜ୍ୟ ଯଥା ରାଜସ୍ଥାନ, ବିହାର, ତାମିଲନାଡୁ, ଉତ୍ତରପ୍ରଦେଶ, ପଞ୍ଜାବ, ହିମାଚଳପ୍ରଦେଶ ଏବଂ ହରିୟାଣା ଭଳି ରାଜ୍ୟଗୁଡ଼ିକୁ ଚାଲିଯିବାରେ ଲାଗିଛନ୍ତି। ବିବାହ କିମ୍ବା ବ୍ୟକ୍ତିଗତ କାରଣ ଦର୍ଶାଇ ସେମାନେ ବାହାର ରାଜ୍ୟକୁ ଚାଲିଯିବା ଯୋଗୁ ଧୀରେ ଧୀରେ ପ୍ରଶାସନିକ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଛି। ଫଳରେ ତ୍ରିପୁରା ସରକାର ଖାଲି ପଦବୀ ପୂରଣ କରିବା ଲାଗି ତ୍ରିପୁରା ସିଭିଲ ସର୍ଭିସ୍(ଟିସିଏସ୍) ଅଧିକାରୀଙ୍କୁ ନିଯୁକ୍ତି ଦେଉଛନ୍ତି। ଏପରିକି କାର୍ଯ୍ୟନିର୍ବାହୀ ଏସ୍‌ଡିଏମ୍ ଭଳି ଅତିରିକ୍ତ ଦାୟିତ୍ୱ ରାଜ୍ୟର ନବନିଯୁକ୍ତ ବାବୁଙ୍କ ଉପରେ ନ୍ୟସ୍ତ କରାଯାଇ ସେମାନଙ୍କ ଉପରେ ଅଧିକ ବୋଝ ଲଦି ଦିଆଯାଉଛି। ଏହା ସଂସ୍ଥାଗତ କ୍ଷମତାକୁ ଧୀରେ ଧୀରେ ହ୍ରାସ କରିବା ସହ ଜିଲା ସ୍ତରରେ ନେତୃତ୍ୱକୁ ଦୁର୍ବଳ କରୁଛି। ଫଳରେ ବିକାଶ ଯୋଜନାଗୁଡ଼ିକ ଦିଗହରା ହୋଇଯାଉଛି। ନିର୍ଦ୍ଧାରିତ ଆଇଏଏସ୍ ଅଧିକାରୀଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ କମ୍ ଅଭିଜ୍ଞ ଅଧିକାରୀଙ୍କୁ ନିଯୁକ୍ତ କରାଯାଉଛି। ସୂତ୍ରରୁ ଜଣାପଡ଼ିଛି, ୨୦୨୩ ଜୁଲାଇରୁ ଆଇଏଏସ୍ ଅଧିକାରୀ ସୋନାଲ ଗୋଏଲଙ୍କୁ ତ୍ରିପୁରା ଭବନର ରେସିଡେଣ୍ଟ କମିଶନର ଭାବେ ବଦଳି କରାଯାଇଥିଲା ଏବଂ ତାଙ୍କ ଦେଖା ନ ଥିବା କୁହାଯାଉଛି। ସେବେଠାରୁ ସେ ସେଠାରେ କାମ କରୁଛନ୍ତି ନା ଚାଇଲ୍ଡ କେୟାର ଲିଭ୍‌ରେ ଅଛନ୍ତି, ଅଗରତାଲାରେ କେହି ନିଶ୍ଚିତ କରିପାରୁନାହାନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏସବୁ ଉପରେ କୌଣସି ମନ୍ତବ୍ୟ ରଖିନାହାନ୍ତି। ଏଣୁ ଯଦିଓ ପୁନର୍ବାର ଆଇଏଏସ୍ ପଦବୀ ପୂରଣକୁ ପ୍ରାଥମିକତା ଦିଆ ନ ଯାଉଛି, ତେବେ ଟିସିଏସ ଅଧିକାରୀଙ୍କ ପାଇଁ ରହିଥିବା ବୋନସ, ଗ୍ରାମାଞ୍ଚଳ ନିଯୁକ୍ତି ବିକାଶର ନେତୃତ୍ୱ ପାଇଁ ପ୍ରୋତ୍ସାହନ ଯୋଗାଇଦେବା ଉପରେ ବିଚାର କରାଯିବା ପାଇଁ ପଦକ୍ଷେପ ନିଆଯିବା ଉଚିତ।

### ବରିଷ୍ଠତାକୁ ଅଣଦେଖା

କେରଳର ସବୁଠୁ ବରିଷ୍ଠ ତଥା ୧୯୮୯ ବ୍ୟାଚ୍ ଆଇପିଏସ୍ ଅଧିକାରୀ ନୀତିନ ଅଗରୱାଲଙ୍କୁ ତାଙ୍କ ଭାଗ୍ୟ ସହଯୋଗ କରୁ ନ ଥିବା ଜଣାପଡ଼ିଛି। ରାଜ୍ୟର ଶୀର୍ଷ ପୋଲିସ ଦାୟିତ୍ୱ ପାଇଁ ପୁଣିଥରେ ତାଙ୍କୁ ଅଣଦେଖା କରାଯାଇ ସେହି ପଦବୀରେ ୧୯୯୧ ବ୍ୟାଚର କନିଷ୍ଠ ଅଧିକାରୀ ଆର୍.ଏ. ଚନ୍ଦ୍ରଶେଖରଙ୍କୁ ନିଯୁକ୍ତ କରାଯାଇଛି। ସୂତ୍ରରୁ ଜଣାପଡ଼ିଛି, କେରଳ ପୋଲିସ ମହାନିର୍ଦ୍ଦେଶକ(ଡିଜିପି)ଭାବେ ଚନ୍ଦ୍ରଶେଖରଙ୍କ ନିଯୁକ୍ତି ଥିଲା ଏକ ନାଟକୀୟ ପଦକ୍ଷେପ। ସେ ଇଣ୍ଟେଲିଜେନ୍ସ ବ୍ୟୁରୋର ସ୍ୱତନ୍ତ୍ର ନିର୍ଦ୍ଦେଶକ ଦାୟିତ୍ୱରେ ଥିଲେ। କେନ୍ଦ୍ର ତାଙ୍କୁ କ୍ୟାବିନେଟ ସେକ୍ରେଟାରିଏଟକୁ ସଚିବ(ସୁରକ୍ଷା) ଭାବେ ଦୁଇ ସପ୍ତାହ ପାଇଁ ନେଇଥିବା ବେଳେ ସେଠାରୁ କେରଳ ସରକାର ତାଙ୍କୁ ବିନା ବାଧାରେ ନେଇଆସିଲେ। କେନ୍ଦ୍ର ଓ ରାଜ୍ୟର ସହମତିରେ ଏଭଳି ହୋଇଥିବା ସନ୍ଦେହ କରାଯାଉଛି। ଅଗରୱାଲଙ୍କ କ୍ଷେତ୍ରରେ ପୂର୍ବରୁ ଆଉଥରେ ଏଭଳି ଘଟିଥିଲା। ୨୦୨୩ରେ ତାଙ୍କ ବଦଳରେ ୧୯୯୦ ବ୍ୟାଚରୁ ଶେକ୍ ଦର୍ଭେଶ ସାହେବଙ୍କୁ ରାଜ୍ୟ ଚୟନ କରିଥିଲା। ଏବେ ପୁନର୍ବାର ଜଣେ କନିଷ୍ଠ ଅଧିକାରୀ ଚନ୍ଦ୍ରଶେଖରଙ୍କୁ ଆସନ୍ତା ବର୍ଷ ଜୁଲାଇ ପର୍ଯ୍ୟନ୍ତ ନିଯୁକ୍ତ କରାଯାଇଛି। କେତେକେ କହୁଛନ୍ତି, ଅଗରୱାଲଙ୍କ ରାଜନୈତିକ ସମର୍ଥନ ନାହିଁ। ତେବେ କେନ୍ଦ୍ର ଓ ସିପିଏମ ମଧ୍ୟରେ ବୁଝାମଣା ହୋଇଥିବାରୁ କଂଗ୍ରେସ ଚନ୍ଦ୍ରଶେଖରଙ୍କ ନିଯୁକ୍ତିକୁ ବିରୋଧ କରିଛି। ବାମଦଳ ନିଜକୁ ରକ୍ଷା କରିବାକୁ ଯାଇ କହିଛି ଯେ, ଚନ୍ଦ୍ରଶେଖରଙ୍କର ଅତୀତ ବିବାଦୀୟ। ୧୯୯୪ରେ କୁଥୁପରମ୍ବା ଗୁଳିକାଣ୍ଡ ଘଟଣାରେ ତାଙ୍କର ସମ୍ପୃକ୍ତି ଥିବା ଅଭିଯୋଗ ଅଛି, ଯେଉଁଥିରେ ୫ଜଣ ଡିୱାଇଏଫ୍‌ଆଇ କର୍ମକର୍ତ୍ତାଙ୍କର ମୃତ୍ୟୁ ଘଟିଥିଲା। ସେ ଦୋଷ ମୁକ୍ତ ହୋଇଥିଲେ ମଧ୍ୟ ସେହି ଘଟଣା ଏବେ ମଧ୍ୟ ଜନମାନସରେ ଅଛି। ତେବେ ଏଭଳି ନିଯୁକ୍ତିରୁ ଏହା ସ୍ପଷ୍ଟ ଯେ, ତୁମର କୌଣସି ସମର୍ଥନ ନଥିଲେ, କ୍ୟାରିୟରର ଶେଷ ସମୟରେ ବରିଷ୍ଠତା, ସେବା ଓ କଳଙ୍କ ବିହୀନ ରେକର୍ଡର ମୂଲ୍ୟ କିଛି ନୁହେଁ।

### ଜୈନ ରହିଲେ

ଛତିଶଗଡ଼ର ମୁଖ୍ୟ ଶାସନ ସଚିବ ଅମିତାଭ ଜୈନ ୫୫ ମାସ ଦାୟିତ୍ୱ ତୁଲାଇବା ପରେ ଅବସର ନେବାକୁ ଯାଉଥିଲେ। ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ରାଜ୍ୟପାଳ ରାମେନ ଡେକା ତାଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ ଓ କ୍ୟାବିନେଟ ସଦସ୍ୟମାନେ ଉପସ୍ଥିତ ଥିଲେ। ତାଙ୍କ ପରେ ଘଟଣା ମୋଡ ନେଲା। ରାଜ୍ୟର ଶୀର୍ଷ ବ୍ୟକ୍ତିତ୍ୱବୃନ୍ଦ ଉପସ୍ଥିତ ଥିବା ସମୟରେ ବିଦାୟ(ଅବସର) ଉପରେ ରୋକ ଲଗାଇବାକୁ ଦଲ୍ଲୀରୁ କଲ୍ ଆସିଥିଲା, ଯେଉଁଥିରେ କେନ୍ଦ୍ର ପକ୍ଷରୁ ପୁଣି ଜୈନଙ୍କ କାର୍ଯ୍ୟକାଳ ୩ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ୨୦୦୦ରେ ଛତିଶଗଡ଼ ରାଜ୍ୟ ହେବା ପରଠାରୁ ଏହା ଏକ ଅପ୍ରତ୍ୟାଶିତ ପଦକ୍ଷେପ। ବିଦାୟକାଳୀନ ଅଭିଭାଷଣ ସେହିଠାରେ ଅଟକିଗଲା, ବାବୁମାନେ ଏହାକୁ ବିଶ୍ୱାସ କରିପାରିଲେ ନାହିଁ। ରାଜ୍ୟର ଇତିହାସରେ ମୁଖ୍ୟ ଶାସନ ସଚିବଙ୍କ ଅବସର ପର କାର୍ଯ୍ୟକାଳ ବୃଦ୍ଧି ହେବାରେ ଜୈନ ହେଉଛନ୍ତି ପ୍ରଥମ। କେନ୍ଦ୍ରରୁ କଲ୍ ଆସିବା ପର୍ଯ୍ୟନ୍ତ ଚାରିଜଣ ବରିଷ୍ଠ ଅଧିକାରୀ ଯଥା ରେଣୁ ପିଲୟ, ସୁବ୍ରତ ସାହୁ, ଅମିତ ଅଗ୍ରୱାଲ ଏବଂ ମନୋଜ ପିଙ୍ଗୁଏଙ୍କ ନାମକୁ ନେଇ ଗୁଞ୍ଜରଣ ଉଠିଥିଲା। ଏମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ନାମ ସ୍ଥିର ହୋଇ ସାରିଥିଲା। କିନ୍ତୁ ପ୍ରଶ୍ନ ଥିଲା, କେନ୍ଦ୍ର ଫାର୍ମାସ୍ୟୁଟିକାଲ ସଚିବ ଅମିତ ଅଗ୍ରୱାଲଙ୍କୁ ଦିଲ୍ଲୀ ରାଜ୍ୟକୁ ପଠାଇବ ନା ରାଜ୍ୟକୁ ଚୟନ କରିବାକୁ ଛାଡ଼ିବ। ଏହି କାର୍ଯ୍ୟକାଳ ବୃଦ୍ଧି ଯୋଗୁ ଦିଲ୍ଲୀକୁ ଅଧିକ ସମୟ ମିଳିଲା, କିନ୍ତୁ ରାୟପୁରରେ ରାଜନୈତିକ ଉଷ୍ମତା ବଢ଼ିଗଲା। ତେବେ ଜୈନ ଗୋଟିଏ ଦିନରେ ଅବସର ନେବାକୁ ଯାଉଥିବାବେଳେ ନିଯୁକ୍ତି ପାଇଲେ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | | 2 | | 9 | |
| | 3 | | | 1 | | 5 | | 7 |
| | | | 4 | | | | 8 | |
| | 2 | | | 9 | 4 | 6 | | |
| 6 | | | | | | | | |
| 1 | | | | | | 7 | 5 | 8 |
| | | | 5 | | 7 | | | |
| | | 6 | | | | 4 | 2 | |
| 3 | | 2 | | | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 8 | 1 | 5 | 2 | 7 | 6 | 3 |
| 3 | 6 | 1 | 7 | 8 | 9 | 4 | 2 | 5 |
| 7 | 5 | 2 | 3 | 4 | 6 | 9 | 1 | 8 |
| 8 | 9 | 3 | 2 | 1 | 7 | 5 | 4 | 6 |
| 2 | 7 | 4 | 5 | 6 | 8 | 3 | 9 | 1 |
| 5 | 1 | 6 | 4 | 9 | 3 | 2 | 8 | 7 |
| 4 | 8 | 9 | 6 | 3 | 5 | 1 | 7 | 2 |
| 1 | 2 | 5 | 8 | 7 | 4 | 6 | 3 | 9 |
| 6 | 3 | 7 | 9 | 2 | 1 | 8 | 5 | 4 |

ଗତକାଲିର ଉତ୍ତର

# ସମୟାନୁବର୍ତ୍ତିତାର ମୂଲ୍ୟବୋଧ



ବୈକୁଣ୍ଠନାଥ ମିଶ୍ର

ଘଣ୍ଟା ସମୟ ନିର୍ଦ୍ଧାରଣର ଏକ ମାନକ ଯାହା ହାତଠାରୁ କାନ୍ଥ ପର୍ଯ୍ୟନ୍ତ ସର୍ବତ୍ର ବିରାଜିତ। କିନ୍ତୁ ଅବସୋସ ଏହି ଯେ ଘଣ୍ଟା କେବଳ ଏକ ଶୋଭାବର୍ଦ୍ଧକ ସାମଗ୍ରୀ ରୂପେ ବିବେଚିତ ହୋଇଛି। ମୂଲ୍ୟବାନ ଘଣ୍ଟା ଥାଇ ମଧ୍ୟ ଆମେ ସମୟାନୁବର୍ତ୍ତିତାକୁ ଉପେକ୍ଷା କରି ଆସୁଛୁ। ସମୟାନୁବର୍ତ୍ତିତା ରକ୍ଷା ନ କରିବା ଦାୟିତ୍ୱହୀନତାର ପରିଚାୟକ। କଥାରେ ଅଛି 'ଟାଇମ୍ ଆଣ୍ଡ ଟାଇଡ୍ ଓଏଟ୍ ଫର ନନ୍' ସମୟ ଓ ଜୁଆର କାହାକୁ ଅପେକ୍ଷା କରେନା। ସମୟ ମଣିଷର ଇଚ୍ଛାନୁସାରେ ଗଡେନାହିଁ। ମଣିଷକୁ ସମୟର ଗତି ସହ ତାଳଦେଇ ଚାଲିବାକୁ ହୁଏ। ସମୟାନୁବର୍ତ୍ତିତା ଏକ ମହାନ ଗୁଣ, ଯାହାକୁ ରକ୍ଷା କରିବା ସାମାନ୍ୟ କଷ୍ଟକର ହୋଇପାରେ; ମାତ୍ର ଅସମ୍ଭବ ନୁହେଁ। ଦୁର୍ଭାଗ୍ୟର କଥା ସମୟାନୁବର୍ତ୍ତିତାର ଅନୁପାଳନ ବହୁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷଙ୍କ ନିକଟରେ ଏକ ବ୍ୟତିକ୍ରମ, ଯାହା ଆକସ୍ମିକ ନୁହେଁ; ବରଂ ଏକ ଅଭ୍ୟାସ କହିଲେ ଅତ୍ୟୁକ୍ତି ହେବନାହିଁ।

ରାଜନେତାଙ୍କ କ୍ଷେତ୍ରରେ ସମୟାନୁବର୍ତ୍ତିତା ଗୁରୁତ୍ୱପୂର୍ଣ୍ଣ। କାରଣ ସେମାନେ ଅନ୍ୟମାନଙ୍କର ଆଦର୍ଶ। ଶାସ୍ତ୍ର କହେ ମହାଜନ ଯେନ ଗତଃ ସ ପନ୍ଥାଃ। ପ୍ରାୟତଃ ଦେଖାଯାଏ କୌଣସି ସଭାସ୍ଥଳକୁ ରାଜନେତାଙ୍କର ସମୟସାରଣୀ ସ୍ଥିର ହୋଇଥିଲେ ମଧ୍ୟ ସେମାନେ ବିଳମ୍ବରେ ଉପସ୍ଥିତ ହୁଅନ୍ତି। ଅପେକ୍ଷାରତ ଜନତାଙ୍କ ଧୈର୍ଯ୍ୟଚ୍ୟୁତି ଲକ୍ଷ୍ୟକରି ସେମାନେ କାର୍ଯ୍ୟବ୍ୟସ୍ତତାର ଛଳନା କରନ୍ତି। କଥା କଥାକେ ଗାନ୍ଧିଜୀଙ୍କ ଦୃଷ୍ଟାନ୍ତ ଦେବା, ତାଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେବା ଓ ଅନଶନରେ ବସିବା କିମ୍ବା ତାଙ୍କ ଆଦର୍ଶର ଆନୁଗାମୀ ବୋଲି ଗର୍ଜନ କରୁଥିଲେ ମଧ୍ୟ ତାଙ୍କ ଅନୁସୃତ ସମୟାନୁବର୍ତ୍ତିତା ରକ୍ଷା ନ କରିବା ଗାନ୍ଧିଜୀଙ୍କ ପାଇଁ ଏକ ଅପମାନ ନୁହେଁ କି? ଗାନ୍ଧିଜୀଙ୍କ ମତରେ ଆମେ ଈଶ୍ୱରଙ୍କୁ ଯେପରି ବିଶ୍ୱାସ କରୁ ଓ ପ୍ରେମ କରୁ, ସମୟକୁ ମଧ୍ୟ ଅନୁରୂପ ପ୍ରେମ କରିବା ଉଚିତ। ଉଦାହରଣ ସ୍ୱରୂପ ସ୍ୱାଧୀନତାର ଠିକ୍ ପରବର୍ତ୍ତୀ ଅବସ୍ଥାରେ ଭାରତ ରାଜକୋଷରେ ଥିବା ୨୧୦କୋଟି ଟଙ୍କାରୁ ପାକିସ୍ତାନ ୫୫କୋଟି ପାଇବାର ଚୁକ୍ତି ହୋଇଥିଲା। ମାତ୍ର ଏହି ଅର୍ଥ ପ୍ରଦାନରେ ସାମାନ୍ୟ ବିଳମ୍ବ ଘଟିବାରୁ ଗାନ୍ଧିଜୀ ଅନଶନ ଆରମ୍ଭ କରିଦେଲେ। ଫଳରେ ପାକିସ୍ତାନକୁ ତତ୍କ୍ଷଣାତ୍ ଏହି ଟଙ୍କା ପ୍ରଦାନ କରାଯାଇଥିଲା।

ମଧୁବାବୁଙ୍କ ଓକିଲାତି ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। ଫାଶୀ ଦଣ୍ଡାଦେଶ ପାଇଥିବା ଜଣେ ବ୍ୟକ୍ତିକୁ ଫାଶୀ ଦେବାର ମାତ୍ର ଏକ ମିନିଟ୍ ବିଳମ୍ବ



ଘଟିବାରୁ ମଧୁବାବୁ ଏହାକୁ ବିରୋଧ କରିଥିଲେ। ଫଳରେ ଲୋକଟି ଫାଶୀରୁ ବଞ୍ଚିଗଲା। କିନ୍ତୁ ଇଂରେଜ ବିଚାରପତି ଲଜ୍ଜିତ ହେଲେ ଓ ଚାକିରି ହରାଇଲେ। ମନ୍ତ୍ରୀ, ନେତା ଓ ପ୍ରଶାସନିକ ଅଧିକାରୀ– ସମସ୍ତେ ସମୟର ମୂଲ୍ୟ ବୁଝିଥିଲେ ମଧ୍ୟ ସମୟାନୁବର୍ତ୍ତିତା ପ୍ରତି ଘୋର ଉଦାସୀନ, ଯାହାର ପ୍ରଭାବ ସିଧାସଳଖ ସାଧାରଣ ଜନତାଙ୍କ ଉପରେ ପଡ଼େ। ସରକାରୀ କାର୍ଯ୍ୟାଳୟ ଖୋଲିବା ସମୟ ପୂର୍ବାହ୍ନ ୧୦ଟା ସ୍ଥିରୀକୃତ ହୋଇଥିଲେ ମଧ୍ୟ ପ୍ରାୟତଃ ଏହା ୧୧ଟା ପରେ ଆରମ୍ଭ ହୁଏ। ସରକାରୀ କର୍ମଚାରୀଙ୍କ ସମୟାନୁବର୍ତ୍ତିତାକୁ ନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାର ନିକଟରେ ଏକ ମାର୍ଗଦର୍ଶିକା ଜାରି କରିଛନ୍ତି। ବାୟୋମେଟ୍ରିକ ଉପସ୍ଥାପନ ବ୍ୟବସ୍ଥା ସମସ୍ତ କାର୍ଯ୍ୟାଳୟରେ ପ୍ରବର୍ତ୍ତନ ପାଇଁ ସରକାରୀ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିରେ କୁହାଯାଇଛି ଯେ ସମସ୍ତ ସରକାରୀ ଅଧିକାରୀ ତଥା କର୍ମଚାରୀ ଯଥା ସମୟରେ କାର୍ଯ୍ୟରେ ଯୋଗଦେବେ ଓ ନିର୍ଦ୍ଧାରିତ ସମୟ ପୂର୍ବରୁ କାର୍ଯ୍ୟାଳୟ ଛାଡ଼ି ପାରିବେ ନାହିଁ।

ସରକାରୀ ବାବୁମାନେ ସମୟାନୁବର୍ତ୍ତିତା ରକ୍ଷା ନ କରିବା ଏକ ପୁରୁଣା ସମସ୍ୟା। ଥରେ ଜଣେ ପ୍ରଧାନ ଶିକ୍ଷକ ବିଭାଗୀୟ ମୁଖ୍ୟାଳୟକୁ ବିଦ୍ୟାଳୟର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଯାଇଥିଲେ। ମୁଖ୍ୟାଳୟର ସମ୍ପୃକ୍ତ ବରିଷ୍ଠ ସହାୟକଙ୍କୁ ଅପେକ୍ଷା କରି ବିବ୍ରତ ହୋଇପଡ଼ିଲେ। ପ୍ରାୟ ସାଢେ ୧୧ଟା ସୁଦ୍ଧା ବାବୁ ଜଣକ ଅଫିସ ଆସିବା ପରେ ପ୍ରଧାନ ଶିକ୍ଷକ କହିଲେ ଆପଣମାନେ ଯଦି ଏପରି ବିଳମ୍ବ କରନ୍ତି ତେବେ ଲୋକଙ୍କ ସମସ୍ୟା କିପରି ବୁଝିବେ ? ବାବୁ ଜଣକ ଉତ୍ତର ଦେଲେ ଆଜ୍ଞା ଆପଣ ମାଷ୍ଟର ଲୋକ। ଆପଣ ଯଥା ସମୟରେ ନ ଗଲେ ପିଲାମାନେ ନିଜ ଭିତରେ କଳି ଝଗଡ଼ା ମାରପିଟ କରିବେ। କିନ୍ତୁ ଆମେ ନ ଆସିଲେ ଆମ ଫାଇଲଗୁଡା ତ କଥା କହିବେ ନାହିଁ। ଏଇ ହେଉଛି ଆପଣ ଓ ଆମ ଭିତରେ ପାର୍ଥକ୍ୟ। ଆପଣ ଏଣିକି ଅଫିସକୁ ୧୨ଟା ପରେ ଆସନ୍ତୁ। ଚିନ୍ତା କରାଯାଉ ଏହା କିପରି ମାନସିକତା।

ସମୟାନୁବର୍ତ୍ତିତା ରକ୍ଷା ନ କରି ବିଶିଷ୍ଟ ବ୍ୟକ୍ତମାନେ କିପରି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ତା'ର ଦୁଇଟି ଦୃଷ୍ଟାନ୍ତ ଏଠାରେ ପ୍ରାସଙ୍ଗିକ ମନେହୁଏ। ଚାରିବର୍ଷ ତଳର କଥା। ଦିଲ୍ଲୀ ବିମାନବନ୍ଦରରେ ଜଣେ କେନ୍ଦ୍ରମନ୍ତ୍ରୀ ବିମାନ ଯୋଗେ ବିଦେଶ ଯିବାର ଥିଲା। ନିର୍ଦ୍ଧାରିତ ସମୟର ୧୫ମିନିଟ ପରେ ମନ୍ତ୍ରୀ ବିମାନ ବନ୍ଦରରେ ପହଞ୍ଚିଲେ। ମନ୍ତ୍ରୀ ବିମାନ ଆରୋହଣ କରିବାକ୍ଷଣି ଯାତ୍ରୀମାନେ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏପରି ମନ୍ତବ୍ୟ ଦେଲେ ଯେ ମନ୍ତ୍ରୀ ଭାବିଲେ ବରଂ ନ ଆସିଥିଲେ ଭଲ ହୋଇଥାନ୍ତା। ଅନନ୍ୟୋପାୟ ହୋଇ ମନ୍ତ୍ରୀ ଉଚ୍ଚସ୍ୱରରେ 'ସରି' କହିବାରୁ ପରିସ୍ଥିତି ଶାନ୍ତ ପଡ଼ିଲା। ୨୦୧୫ ଡିସେମ୍ବର ୨୨ରେ କେରଳର ତତ୍କାଳୀନ ରାଜ୍ୟପାଳ ସି.ସଦାଶିବମ୍ କୋଚିରୁ ଥିରୁଭାନନ୍ତପୁରମ୍ ଯିବା ପାଇଁ ରାତି ୧୧ଟା ୩୪ ମିନିଟ୍‌ରେ ବିମାନ ବନ୍ଦରରେ ପହଞ୍ଚିଲେ। ହେଲେ ୪ମିନିଟ୍ ପୂର୍ବରୁ ବିମାନଟା ଉଡାଣ କରିସାରିଥିଲା। ପାଇଲଟ୍ ରାଜ୍ୟପାଳଙ୍କ ଗସ୍ତ ସମ୍ବନ୍ଧରେ ଅବଗତ ଥିଲେ ଏବଂ ଉଡାଣ ବିଳମ୍ବ କରିବାକୁ ତାଙ୍କ ଉପରେ ଚାପ ପଡ଼ିଥିଲେ ମଧ୍ୟ ସେ ସମୟାନୁବର୍ତ୍ତିତା ରକ୍ଷାକରି ରାଜ୍ୟପାଳଙ୍କ ଆଗମନକୁ ଉପେକ୍ଷା କରିଥିଲେ। ରାଜ୍ୟପାଳଙ୍କ ପରି ଜଣେ ଗୁରୁତ୍ୱପୂର୍ଣ୍ଣ ବକ୍ତିବିଶେଷଙ୍କୁ ଲଜ୍ଜାକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା।

ସରକାରଙ୍କ କୌଣସି ଘଟଣାର ତଦନ୍ତ ନିର୍ଦ୍ଦେଶ ଆଦୌ ଯଥା ସମୟରେ କାର୍ଯ୍ୟକାରୀ ହୋଇପାରେନା। ତଦନ୍ତ ରିପୋର୍ଟକୁ ଅପେକ୍ଷା କରି ଜନସାଧାରଣ ନିରାଶ ହୁଅନ୍ତି । ବିଚାରାଳୟରେ କୌଣସି ମକଦ୍ଦମାର ଯଥା ସମୟରେ ବିଚାର ନ ହୋଇ ପଡିରହେ। ବହୁ ବିଳମ୍ବରେ ରାୟ ପ୍ରକାଶ ପାଏ। ଅନେକ କ୍ଷେତ୍ରରେ ଆବେଦନକାରୀର ଜୀବନ କାଳ ମଧ୍ୟରେ ନ୍ୟାୟ ମିଳିପାରେନା। ସରକାରୀ ନିର୍ମାଣ କାର୍ଯ୍ୟ ଯଥା ସମୟରେ ସରି ନ ପାରିବାରୁ ବ୍ୟୟ ଭାର ମୂଳ ଅଟକଳଠାରୁ ବହୁଗୁଣା ବଢ଼ିଯାଏ। ବିଦ୍ୟାଳୟର ଶିକ୍ଷାବର୍ଷ ଆରମ୍ଭର ବହୁଦିନ ପରେ ମଧ୍ୟ ସରକାର ପାଠ୍ୟପୁସ୍ତକ ଯୋଗାଇ ପାରନ୍ତି ନାହିଁ। ଫଳରେ ଅଧ୍ୟୟନରେ ବ୍ୟାପକ ଅନିୟମିତତା ପରିଲକ୍ଷିତ ହୁଏ।

ବର୍ତ୍ତମାନ ଯୁବବର୍ଗ ସମୟକୁ ଅଣଦେଖା କରିବା ସତେଯେମିତି ନିୟମରେ ପରିଣତ ହେଲାଣି। ଆଜିର ମଣିଷ ପାଖରେ ସମୟ ନାହିଁ। ଯେତେବେଳେ ସୂର୍ଯ୍ୟ, ଚନ୍ଦ୍ର ଓ ଅନ୍ୟାନ୍ୟ ସମସ୍ତ ପ୍ରାକୃତିକ ତତ୍ତ୍ୱ ତାଙ୍କ ସମୟାନୁବର୍ତ୍ତିତା ରକ୍ଷାକରି ଏ ଜୀବଜଗତର ଅଶେଷ କଲ୍ୟାଣ ସାଧନ କରୁଛନ୍ତି ଓ ମଣିଷର ପ୍ରତିକୂଳ ଆଚରଣ ସତ୍ତ୍ୱେ ସେମାନେ ସେମାନଙ୍କ କର୍ତ୍ତବ୍ୟ କରିଚାଲିଛନ୍ତି ସେତେବେଳେ ମଣିଷ ସେମାନଙ୍କଠାରୁ ସମୟାନୁବର୍ତ୍ତିତା ରକ୍ଷା କରି ମହାନ ମୂଲ୍ୟବୋଧକୁ ଆହରଣ ନ କରିବା ଏକ ବିଡମ୍ବନା। ମଣିଷ ଯେଉଁଦିନ ସମୟାନୁବର୍ତ୍ତିତାର କାର୍ଯ୍ୟଧାରାରେ ଅନୁପ୍ରାଣିତ ହେବ ସେଦିନ ତା'ର ଅନେକ ସମସ୍ୟା ସମାଧାନ ହୋଇଯିବ। ସମୟାନୁବର୍ତ୍ତିତା ଏକ ମହାନ ମୂଲ୍ୟବୋଧ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

# ଛୋଟ ଦେଶରୁ ବଡ଼ ବାର୍ତ୍ତା



ଲଳିତେନ୍ଦୁ ପଲାଉରୀ

ନିକଟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟପ୍ରାଚ୍ୟ ତଥା ଦକ୍ଷିଣ-ପୂର୍ବ ୟୁରୋପ ସଂଲଗ୍ନ ଦ୍ୱୀପଦେଶ ସାଇପ୍ରସ୍, ଉତ୍ତର ଆମେରିକାନ ଦେଶ କାନାଡା ଓ କେନ୍ଦ୍ରୀୟ ତଥା ଦକ୍ଷିଣ-ପୂର୍ବ ୟୁରୋପୀୟ ଦେଶ କ୍ରୋଏସିଆ ଗସ୍ତ କରିଥିଲେ। ସାଇପ୍ରସ୍ ପକ୍ଷରୁ ମୋଦିଙ୍କୁ ସର୍ବୋଚ୍ଚ ସମ୍ମାନ 'ଗ୍ରାଣ୍ଡ କ୍ରସ୍ ଅଫ୍ ଦି ଅର୍ଡର ଅଫ୍ ମାକାରିଓସ -୩' ପ୍ରଦାନ କରାଯାଇଛି। ସାଇପ୍ରସ୍ ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୋଲିଡସ ନିଜେ ବିମାନ ବନ୍ଦର ଆସି ମୋଦିଙ୍କୁ ପାଛୋଟି ନେଇଥିଲେ। ଆତଙ୍କବାଦ ବିରୋଧୀ ଲଢ଼େଇରେ ଭାରତ-ସାଇପ୍ରସ୍ କାନ୍ଧକୁ କାନ୍ଧ ମିଳାଇ କାମ କରୁଛନ୍ତି। ସାଇପ୍ରସ କଶ୍ମୀର ପ୍ରସଙ୍ଗରେ ଭାରତକୁ ସବୁବେଳେ ସମର୍ଥନ କରିଛି। ଏହାସହ ଭାରତ-ୟୁରୋପୀୟ ସଂଘ ସମ୍ପର୍କ, ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡର ବିକାଶ ପାଇଁ ସାଇପ୍ରସ୍ ସହ ଭାରତର ସମ୍ପର୍କ ଜରୁରୀ ବୋଲି ମନେକରାଯାଉଛି। ବଡ଼ କଥା ହେଉଛି ସାଇପ୍ରସ୍-ତୁର୍କୀ ବିବାଦ ଭିତରେ ସାଇପ୍ରସ୍‌ର ପୁନଃ ଏକତ୍ରୀକରଣ ପାଇଁ ଭାରତ ସାଇପ୍ରସ୍‌କୁ ସାହସ ଦେଇଛି। ଭାରତ-ସାଇପ୍ରସ୍ ବାଣିଜ୍ୟ କାରବାର ୧୫୦ ନିୟୁତ ଡଲାର ରହିଛି। ପରସ୍ପରର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାକୁ ସମ୍ମାନ ନେଇ ସହମତ ପ୍ରକାଶ ପାଇଛି।

ସାଇପ୍ରସ୍ ଗସ୍ତରେ ମୋଦି ହେଉଛନ୍ତି ତୃତୀୟ ଭାରତୀୟ ପ୍ରଧାନମନ୍ତ୍ରୀ। ପୂର୍ବରୁ ୧୯୮୩ରେ ଇନ୍ଦିରା ଗାନ୍ଧୀ, ୨୦୦୨ରେ ଅଟଳ ବିହାରୀ ବାଜପେୟୀ ସାଇପ୍ରସ୍ ଗସ୍ତ କରିଥିଲେ। ସେଠାରେ ଭାରତୀୟଙ୍କ ସଂଖ୍ୟା ପ୍ରାୟ ୧୨ହଜାର। ତେବେ ସାଇପ୍ରସ୍-ଭାରତ ଦ୍ୱିପାକ୍ଷିକ ଆଲୋଚନାରେ ପ୍ରମୁଖ ଥିଲା ସାଇପ୍ରସ୍-ତୁର୍କୀ ବିବାଦ। ଅପରେଶନ ସିନ୍ଦୂର ବେଳେ ପାକିସ୍ତାନକୁ ତୁର୍କୀର ସହଯୋଗ ରହିଥିଲା। ତୁର୍କୀ ଉତ୍ତର ସାଇପ୍ରସ୍‌କୁ କବ୍‌ଜା କରିଥିବାବେଳେ ସାଇପ୍ରସ୍ ଏହାକୁ ତା'ର ମୂଳଭୂଖଣ୍ଡ ସହ ଯୋଡ଼ିବା ପାଇଁ ଭାରତର ସହାୟତା ଲୋଡ଼ିଛି। ୧୯୭୪ରେ ସାଇପ୍ରସ୍ ଉପରେ ତୁର୍କୀର ଆକ୍ରମଣ ପରେ ଏହି ବିଭାଜନ ବିବାଦର କାରଣ ହୋଇଛି। ତୁର୍କୀ ଲଗାତର କଶ୍ମୀର ପ୍ରସଙ୍ଗରେ ପାକିସ୍ତାନକୁ ସମର୍ଥନ ଓ ଭାରତ ବିରୋଧରେ ପାକିସ୍ତାନକୁ ସହଯୋଗ କରୁଥିବା ବେଳେ ସାଇପ୍ରସ୍‌ର ପୁନଃ ଏକତ୍ରୀକରଣକୁ ଭାରତ ପୂର୍ଣ୍ଣ ସମର୍ଥନ ଦେଇଛି। ତେଣୁ ଭାରତ-ସାଇପ୍ରସ୍ ସୁସମ୍ପର୍କ ତୁର୍କୀ ପାଇଁ କଡ଼ା ବାର୍ତ୍ତା ହୋଇଛି। ଏହାସହ ସାଇପ୍ରସ୍ ୟୁରୋପୀୟ ସଂଘର ସଦସ୍ୟ ରହିଥିବା ବେଳେ ଭାରତ ପାଇଁ ୟୁରୋପକୁ ପ୍ରବେଶ ପଥ ହେଉଛି ସାଇପ୍ରସ୍। ତେଣୁ ଛୋଟ ଦେଶ ହେଲେ ମଧ୍ୟ ଏହା ଭାରତ ପାଇଁ ଗୁରୁତ୍ୱବହନ କରୁଛି।

ସାଇପ୍ରସ୍ ଗସ୍ତ ସାରି ପ୍ରଧାନମନ୍ତ୍ରୀ ୫୧ତମ ଜି-୭ ବୈଠକରେ ଯୋଗଦେବାକୁ କାନାଡାର କାନାନାସ୍କିସ୍ ସହର ଗସ୍ତ କରିଥିଲେ। ସେ କାନାଡାର ବର୍ତ୍ତମାନ ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ନିମନ୍ତ୍ରଣ ରକ୍ଷାକରି ଏହି ଶିଖର ସମ୍ମିଳନୀରେ ଭାଗ ନେଇଥିଲେ । ଭାରତ ଅତିଥି ରାଷ୍ଟ୍ରଭାବେ ଜି-୭ ବୈଠକରେ ଲଗାତର ୬ ଥର ଯୋଗଦେଇ ନିଜର ଆଭିମୁଖ୍ୟ ବିଶ୍ୱ ଆଗରେ ଉପସ୍ଥାପନ କରିଆସୁଛି।



ବଡ଼ କଥା ହେଉଛି ଖଲିସ୍ତାନୀ ଆତଙ୍କବାଦୀ ପ୍ରସଙ୍ଗରେ କାନାଡାର ପୂର୍ବ ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୁଙ୍କ ଶାସନ ସମୟ ଓ ବିଶେଷକରି ୨୦୨୪ରୁ ଭାରତ- କାନାଡା କୂଟନୈତିକ ତିକ୍ତତା ନିମ୍ନସ୍ତରରେ ରହିଛି । କାର୍ନି କାନାଡାର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହେବା ପରେ ଉଭୟ ଦେଶ ମଧ୍ୟରେ ସମ୍ପର୍କ ପୁନଃ ସ୍ଥାପନକୁ ଗୁରୁତ୍ୱ ଦେଇଛନ୍ତି। ୨୦୨୩ରେ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜରଙ୍କ ହତ୍ୟା ପରେ ଭାରତ-କାନାଡା କୂଟନୈତିକ ସମ୍ପର୍କ ଖରାପ ହେଇଥିଲା। ଏହାସହ ଜି-୭ ସାଇଡ୍ ଲାଇନ ବୈଠକରେ ଟ୍ରମ୍ପ -ମୋଦିଙ୍କ ସାକ୍ଷାତ ଆଲୋଚନା କାର୍ଯ୍ୟସୂଚୀ ଥିବା ବେଳେ ଇସ୍ରାଏଲ-ଇରାନ ଯୁଦ୍ଧ ସ୍ଥିତିକୁ ଦେଖି ଜି ୭ ବୈଠକ ଛାଡ଼ି ଅଧାରୁ ୱାଶିଂଟନ ଚାଲିଯାଇଥିଲେ ଟ୍ରମ୍ପ। ତେଣୁ ଟ୍ରମ୍ପଙ୍କୁ ଟେଲିଫୋନ କରି ଭାରତର ଅପରେଶନ ସିନ୍ଦୂରର ସମ୍ପୂର୍ଣ୍ଣ ଆଭିମୁଖ୍ୟ ମୋଦି ଅବଗତ କରିଥିଲେ। ଭାରତର ଆତଙ୍କବାଦ ବିରୋଧୀ କାର୍ଯ୍ୟକୁ ସମର୍ଥନ କରିଥିଲେ ଟ୍ରମ୍ପ। ଏହାସହ ମୋଦି ଆଗାମୀ କ୍ୱାଡ୍ ବୈଠକରେ ଯୋଗଦେବାକୁ ଟ୍ରମ୍ପଙ୍କୁ ଭାରତ ନିମନ୍ତ୍ରଣ କରିଛନ୍ତି। ମୋଦି ମଧ୍ୟ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ, ୟୁରୋପୀୟ କମିଶନର ସଭାପତି ଉରସୁଲ ଭନ୍ ଡେର ଲେୟନଙ୍କ ସମେତ ବିଶ୍ୱର ଅନ୍ୟ ନେତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

କାନାଡା ଗସ୍ତ ଶେଷ ପରେ ମୋଦି ୟୁରୋପୀୟ ଦେଶ କ୍ରୋଏସିଆ ରାଜଧାନୀ ଜାଗ୍ରେବରେ ପହଞ୍ଚିଥିଲେ। କ୍ରୋଏସିଆକୁ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ଥିଲା ପ୍ରଥମ ଗସ୍ତ। ୩୮ଲକ୍ଷ ଜନସଂଖ୍ୟା ବିଶିଷ୍ଟ କ୍ରୋଏସିଆର ପ୍ରଧାନମନ୍ତ୍ରୀ ଆନ୍ଦ୍ରେଜ ପ୍ଲେଙ୍କୋବିକ୍‌ଙ୍କ ସହ ଆଲୋଚନା କରିଥିଲେ। ୟୁଗୋସ୍ଲାଭିଆଠାରୁ ୧୯୯୧ରେ ଅଲଗା ହୋଇ ସ୍ୱାଧୀନ ତଥା ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିଲା କ୍ରୋଏସିଆ। ଆଡ୍ରିଆଟିକ୍ ସାଗର ତଟଦେଶରେ ଅବସ୍ଥିତ କ୍ରୋଏସିଆ ହେଉଛି ୧୨ ଶହ ଦ୍ୱୀପର ସମାହାର। ଇଟାଲୀ ସହ ସାମୁଦ୍ରିକ ସୀମା ସଂଲଗ୍ନ ଏହି କ୍ଷୁଦ୍ର ଦେଶ ବିଶ୍ୱ ଐତିହ୍ୟ ଦୃଶ୍ୟପଟରେ ୧୦ଟି ପର୍ଯ୍ୟଟନ ସ୍ଥଳକୁ ସ୍ଥାନ ଦେଇଛି। ବିଶ୍ୱର ସବୁଠାରୁ ଛୋଟ ସହର ହୁମ କ୍ରୋଏସିଆରେ ଅବସ୍ଥିତ। ଏହା ସହ ଆଧୁନିକ ଟାଏର ଜନକ ହେଉଛି କ୍ରୋଏସିଆ। ଅର୍ଥାତ୍ କ୍ରାବଟ ନାମକ ଟାଏ ପ୍ରଥମେ କ୍ରୋଏସିଆର ସୈନିକମାନେ ପିନ୍ଧୁଥିବା ବେଳେ ଏହା ପରେ ଆଧୁନିକ ଟାଏରେ ରୂପାନ୍ତର ହୋଇଥିଲା। ବଡ଼ କଥା ହେଉଛି ଭାରତ ୟୁରୋପୀୟ ସଂଘ ଓ ବିଶ୍ୱ ମଞ୍ଚରେ ସମ୍ପର୍କ ମଜଭୁତ ପାଇଁ କ୍ରୋଏସିଆ ସହ ସମ୍ପର୍କ ଜରୁରୀ। ଏହାସହ ଜଳପଥ ସହଯୋଗ ,ସାଂସ୍କୃତିକ ଆଦାନପ୍ରଦାନ ପାଇଁ କ୍ରୋଏସିଆ ଭଳି ଛୋଟ ଗଣତାନ୍ତ୍ରିକ ଦେଶ ସହ ଭାରତ ଦ୍ୱିପାକ୍ଷିକ ସମ୍ପର୍କ ସ୍ଥାପନ ବିଶେଷ ଆବଶ୍ୟକତା ବହନ କରୁଛି। ଆତଙ୍କବାଦ ବିରୋଧରେ ଭାରତର ପ୍ରତିଜ୍ଞାବଦ୍ଧ ଲଢ଼େଇ, ଜାତିସଂଘର ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତା ପାଇଁ ପ୍ରୟାସ କ୍ଷେତ୍ରରେ ବିଶ୍ୱର ଏହି ଛୋଟ ଛୋଟ ଦେଶଙ୍କ ସହ ଭାରତର ମଧୁର ସମ୍ପର୍କ ମଧ୍ୟ ଅନିବାର୍ଯ୍ୟ।

ବାଲିପନ୍ତାଳ, ନଗର,ଅସ୍ତରଙ୍ଗ, ପୁରୀ
ମୋ: ୯୭୭୮୬୯୭୦୪୬

## ଏଇ ଭାରତରେ

ହିମାଚଳପ୍ରଦେଶର ରିଭା ସୁଦ୍ ରସାୟନମୁକ୍ତ କୃଷିରେ ୧ କୋଟି ଟଙ୍କାର ବ୍ୟବସାୟିକ ସାମ୍ରାଜ୍ୟ ପ୍ରତିଷ୍ଠା କରିପାରିଛନ୍ତି। ରିଭା ୭୦ ଏକର ଜମିରେ ଡ୍ରାଗନଫ୍ରୁଟ୍ସ ଚାଷ କରୁଛନ୍ତି। ସେ ଏହାକୁ ସ୍ଥାନୀୟ ଅଞ୍ଚଳରେ କେ.ଜି. ପ୍ରତି ୨୦୦ ଟଙ୍କାରେ ବିକ୍ରି କରିବା ସହ ସେଥିରୁ ଜୁସ୍ ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ସେ ଫାର୍ମର୍ସ ପ୍ରଡ୍ୟୁସର୍ ଅର୍ଗାନାଇଜେଶନ(ଏଫ୍‌ପିଓ) 'ହିମ୍ ଟୁ ହମ୍' ପ୍ରତିଷ୍ଠା କରିଛନ୍ତି। ଏହି ସଂସ୍ଥା ସହ ସେ ହିମାଚଳପ୍ରଦେଶ, ହରିୟାଣା, ପଞ୍ଜାବ, ଉତ୍ତରାଖଣ୍ଡ ଓ ଦିଲ୍ଲୀ ଭଳି ରାଜ୍ୟଗୁଡ଼ିକରେ ୩୦୦ରୁ ଊର୍ଦ୍ଧ୍ୱ ମହିଳା ଚାଷୀଙ୍କୁ ସାମିଲ କରିଛନ୍ତି। ସେମାନେ ମଧ୍ୟ ଡ୍ରାଗନଫ୍ରୁଟ୍ସ ଚାଷ, ପ୍ରୋସେସିଂ ଓ ବ୍ୟବସାୟରେ ରିଭାଙ୍କୁ ସାହାଯ୍ୟ କରୁଛନ୍ତି। ଏହା ବ୍ୟତୀତ ଅଶ୍ୱଗନ୍ଧା ଓ ଶଜନା ଚାଷ କରି ସେଥିରୁ ଉତ୍ପାଦ ପ୍ରସ୍ତୁତ କରି ରିଭାଙ୍କ ସଂସ୍ଥା ମାଧ୍ୟମରେ ବିକ୍ରି କରି ଅଧିକ ଲାଭ ପାଉଛନ୍ତି। ରିଭାଙ୍କ ବୟସ ଏବେ ୬୭। ତାଙ୍କ ସ୍ୱାମୀ ଜଣେ ଡାକ୍ତର ଏବଂ ସେ କ୍ୟାନସରରେ ପୀଡ଼ିତ । ଏହି ରୋଗର ମୂଳ କାରଣ କେମିକାଲଯୁକ୍ତ ଖାଦ୍ୟ ଜାଣିବା ପରେ ରିଭା ଗାଁକୁ ଫେରି କେମିକାଲମୁକ୍ତ ଚାଷ ଆରମ୍ଭ କରିଥିଲେ। ସେ ଥାଇଲାଣ୍ଡ ଓ ତାଇୱାନରୁ ପ୍ରଥମେ ୨୦୦୦ ଡ୍ରାଗନଫ୍ରୁଟ୍ସ ଚାରା ଆଣି ୫ ଏକରରେ ଲଗାଇଥିଲେ। ପରେ ଚାଷକୁ ୭୦ ଏକରକୁ ବଢ଼ାଇଛନ୍ତି ଓ ଏବେ ଫାର୍ମରେ ୩୦,୦୦୦ ଗଛ ଅଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୨ ଜୁଲାଇ ୧୯୭୬

- ପଶ୍ଚିମବଙ୍ଗ ମନ୍ତ୍ରିମଣ୍ଡଳର ଏକ ବିଶେଷ ବୈଠକରେ ସମ୍ବିଧାନ ସଂଶୋଧନ ସଂକ୍ରାନ୍ତୀୟ ସ୍ୱରଣ ସିଂହ କମିଟିର ସୁପାରିଶଗୁଡ଼ିକ ଗୃହୀତ କରାଯାଇଛି।
- ଦୁଇ ଦେଶ ମଧ୍ୟରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କର ଉନ୍ନତି ବିଧାନ ପାଇଁ କୁଆଲାଲମପୁରଠାରେ ପ୍ରଥମ କରି ମାଲୟେସିଆ-ଭାରତ ମୈତ୍ରୀ ସଂସଦ ଗଠିତ।

## ପାଠକ ଶ୍ରେଷ୍ଠ ବିଚାରକ

### ମହାପ୍ରସାଦ ଦର ନିୟନ୍ତ୍ରଣ ହେଉ

ମହାଶୟ,

ଶ୍ରୀଜଗନ୍ନାଥଙ୍କ ବଡ଼ଦେଉଳର ରତ୍ନସିଂହାସନ, ଛାଠିଏ ପଉଟି ଭୋଗ ଓ ଆନନ୍ଦ ବଜାର ହେଉଛି ରାଜକୀୟ ତଥା ସାମନ୍ତପଣିଆର ପରିଚାୟକ। ଶ୍ରୀମନ୍ଦିର ସମ୍ମୁଖରେ ଇଲେକ୍ଟ୍ରୋନିକ୍ ବୋର୍ଡରେ ଶ୍ରୀମନ୍ଦିର ପ୍ରଶାସନ ପର୍ଯ୍ୟଟକଙ୍କୁ ନୀତି ସମ୍ବନ୍ଧରେ ଧାରଣା ଦେଉଛି। କିନ୍ତୁ ଗଣମାଧ୍ୟମରେ ବାରମ୍ବାର ଅଭିଯୋଗ ପ୍ରକାଶ ପାଇଲେ ମଧ୍ୟ ଅଦ୍ୟାବଧି ଶ୍ରୀମନ୍ଦିର ଆନନ୍ଦ ବଜାରରେ ମହାପ୍ରସାଦ ଦରର ସ୍ଥାୟୀ ରେଟ୍ ଚାର୍ଟ ବୋର୍ଡ ଲଗାଯାଉ ନାହିଁ। ମନ୍ଦିର ପରିସର (ଆନନ୍ଦବଜାର)ରେ ସୂପକାର ସୁଆରଙ୍କର ମାତ୍ରାଧିକ ଦୌରାତ୍ମ୍ୟ ଯୋଗୁ ମହାପ୍ରସାଦ(ଅବଢ଼ା)ର ଅହେତୁକ ମୂଲ୍ୟ ବୃଦ୍ଧି ଗତ କିଛି ମାସ ଧରି ଆଲୋଚନାର ବିଷୟ ହୋଇଛି। ଅନ୍ନ, ମିଠାଡାଲି, ଡାଲମା, ବେସର, ମହୁର, ଖଟା, ସାଗ, ସାଲାଡ, ଖିରି, ଶୁଖିଲା ଭୋଗ ଇତ୍ୟାଦିର ରେଟ୍‌ଚାର୍ଟ ପ୍ରତିଦିନ ମନ୍ଦିର ପ୍ରଶାସନ ତରଫରୁ ଲେଖାଯାଉନାହିଁ କି ନୂତନ ଇଲେକ୍ଟ୍ରୋନିକ୍ ବୋର୍ଡରେ ଦର୍ଶାଯାଉ ନାହିଁ। ଶ୍ରୀମନ୍ଦିରରେ ମହାପ୍ରସାଦ ଦର ନିୟନ୍ତ୍ରଣ ଓ ମାନରକ୍ଷା ଉପରେ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଆଶାକରେ ପ୍ରଶାସନ ତୁରନ୍ତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବେ।

-ଦେବତିକ୍ତ ମିଶ୍ର, ସତ୍ୟବାଦୀ, ପୁରୀ

## ଚିରନ୍ତନୀ

ପ୍ରିୟ ଯାହା ତହିଁରୁ ତ ନ ହୁଏ ବିଚ୍ଛେଦ,
କିପାଇଁ ବିଷାଦ ମୋର କାହିଁପାଇଁ ଖେଦ !
ଏହି ଚିତ୍ରୋତ୍ପଳା ପରି
ଯାଆନ୍ତି ହେଲେ ପାସୋରି
ଜୀବନର ଆବେଗରେ ସବୁ ବାଦଭେଦ ।
-(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଦ୍ୟାଳୟରେ ଅଚେତ ହୋଇପଡ଼ିଲେ ୫ ଛାତ୍ରୀଛାତ୍ର



ମେଡିକାଲରେ ଚିକିତ୍ସିତ ହେଉଥିବା ଛାତ୍ରୀଛାତ୍ର।

**କୋରୁକୋଣ୍ଡା,୧୧।୭(ଶିବଦତ୍ତ ସାହୁ)**

ମାଲକାନଗିରି ଜିଲା ବାଲିମେଳାସ୍ଥିତ ନବୋଦୟ-୨ ବିଦ୍ୟାଳୟରେ ଶୁକ୍ରବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବିଦ୍ୟାଳୟରେ ୪ଜଣ ଛାତ୍ରୀ ଜଣେ ଛାତ୍ର କୌଣସି କାରଣରୁ ହଠାତ୍ ଅଚେତ ହୋଇପଡ଼ିଥିଲେ। ସ୍କୁଲ କର୍ତ୍ତୃପକ୍ଷ ଅସୁସ୍ଥ ୫ ଛାତ୍ରୀଛାତ୍ରଙ୍କୁ ଚିକିତ୍ସା ନିମନ୍ତେ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସେମାନଙ୍କ ଚିକିତ୍ସା କରିବାର କିଛି ଘଣ୍ଟା ପରେ ଛାତ୍ରୀଛାତ୍ର ଧୀରେ ଧୀରେ ସୁସ୍ଥ ହୋଇଥିଲେ । ତେବେ କେଉଁ କାରଣ ଯୋଗୁ ଏପରି ଘଟିଲା ବୋଲି ବିଦ୍ୟାଳୟ ଅଧ୍ୟକ୍ଷ ଆର୍.ରାମୁଙ୍କୁ ପଚାରିବାରୁ ସେ କହିଥିଲେ, ସକାଳେ ସ୍କୁଲରେ ସବୁ ପିଲା ଜଳପାନ କରିବା ପରେ ନିଜ ନିଜ କୋଠରିକୁ ଯାଇଥିଲେ। ଯୁକ୍ତ -୨ ଶ୍ରେଣୀରେ ପଢୁଥିବା ୪ ଜଣ ଛାତ୍ରୀ ଓ ଜଣେ ଛାତ୍ର କୌଣସି କାରଣରୁ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ଠିକ୍ ହେବା ପରେ କେଉଁ କାରଣରୁ ଏପରି ହେଲା ତାହା ଜଣାପଡିବ ବୋଲି ସେ କହିଛନ୍ତି।

# ୬ ମାଓବାଦୀ ଗିରଫ, ବିସ୍ଫୋରକ ସାମଗ୍ରୀ ଜବତ



**ମାଲକାନଗିରି,୧୧।୭ (ଦୁର୍ଯ୍ୟୋଧନ ପାତ୍ର)**





ମାଲକାନଗିରିଜିଲା ସୀମାନ୍ତ ଛତିଶଗଡ଼ ସୁକ୍ମା ଜିଲା ପୋଲିସ ୬ ମାଓବାଦୀଙ୍କୁ ଗିରଫକରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ମାଓବାଦୀମାନେ ହେଲେ କୁଞ୍ଜାମ ମୁକା, ମାଡବି ମୁୟା, ମାଡବି ସୁକା, ସୋଡି ଚନ୍ଦ୍ରୁ, ମୁଚାକୀ ଲଖମା, ସୋଡି ଦେବା। ସେମାନଙ୍କ ନିକଟରୁ ପୋଲିସ ବହୁ ବିସ୍ଫୋରକ ସାମଗ୍ରୀ ଜବତ କରିଛି।ସୂଚନା ଅନୁଯାୟୀ, ସୁକ୍ମା ଜିଲା କୋଣ୍ଟା ଓ ଭେଜି ଥାନାର ଡିଆର୍‌ଜି, ସିଆର୍‌ପିଏଫ୍ ବାହିନୀ ୨ଭାଗରେ ବିଭକ୍ତହୋଇ ନିଲାମଡଗୁଡା ଓ ପିଲାବାୟା ଗ୍ରାମ ନିକଟସ୍ଥ ଜଙ୍ଗଲରେ କୋମ୍ବିଂ ଅପରେଶନ କରିଥିଲେ। ପିଲାବାୟା ଗ୍ରାମରୁ ୧ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ କୁଞ୍ଜାମ ଓ ୨ ଲକ୍ଷ ପୁରସ୍କାର ଘୋଷିତ ମାଡବିଙ୍କୁ ଗିରଫ କରିଥିଲେ। ସେହିପରି ଭେଜି ଅଞ୍ଚଳର ମୁଖ୍ୟ ରାସ୍ତାରେ ୪ ଜଣ ଯୁବକଙ୍କ ଉପରେ ସନ୍ଦେହ ହେବାରୁ ପୋଲିସ ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ସେମାନେ ମାଓବାଦୀ ବୋଲି ଜଣାପଡ଼ିଥିଲେ। ଏହି ୪ ମାଓବାଦୀ କୌଣସି ଅଘଟଣ ଘଟାଇବା ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ଜଣାପଡ଼ିଛି। ମାଓବାଦୀଙ୍କ ନିକଟରୁ ଗୋଟିଏ ଟିଫିନ୍ ବୋମା, ୭ ମିଟର କୋଡେକ୍ସ ତାର, ୧୪୫ ମିଟର ବିଦ୍ୟୁତ୍ ତାର, ୫ଟି ବିଦ୍ୟୁତ୍ ଡିଟୋନେଟର ଜବତ କରାଯାଇଛି। ସମସ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ସୁକ୍ମା ପୋଲିସ ସୂତ୍ରରୁ ଜଣାପଡ଼ିଛି।

# ଆଜି ମୁମ୍ବାଇରୁ ଫେରିବେ ନବୀନ

**ଭୁବନେଶ୍ୱର,୧୧।୭(ସୁନିତ୍ ମିଶ୍ର)**



ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶନିବାର ମୁମ୍ବାଇରୁ ଫେରିବେ। ସେ ମଧ୍ୟାହ୍ନ ୧୨ଟା ୩୦ ମିନିଟ୍ ଭିତରେ ଭୁବନେଶ୍ୱର ବିମାନବନ୍ଦରେ ପହଞ୍ଚିବେ ବୋଲି ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ଏହି ଅବସରରେ ଦଳର ସଭାପତିଙ୍କୁ ସ୍ୱାଗତକରିବା ଲାଗି ପ୍ରାୟ ୧୦ ହଜାର ଲୋକଙ୍କୁ ଏକାଠି କରିବା ପାଇଁ ଦଳୀୟ ନେତାମାନେ ଜୋର୍‌ଦାର ପ୍ରସ୍ତୁତି ଚଳାଇଛନ୍ତି। ଏଥିଲାଗି ନେତାମାନଙ୍କୁ ଲୋକ ଯୋଗାଡକରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଗତ ୨୨ ତାରିଖରେ ଅସ୍ତ୍ରୋପଚାର ଲାଗି ନବୀନ ଗତ ୨୦ରୁ ମୁମ୍ବାଇ ଗସ୍ତରେ ଅଛନ୍ତି। ତାଙ୍କ ଅସ୍ତ୍ରୋପଚାର ସଫଳ ହୋଇଥିବା ବେଳେ ସେ ହସ୍ପିଟାଲରୁ ମଧ୍ୟ ଗତ ସପ୍ତାହରେ ଡିସ୍‌ଚାର୍ଜ ହୋଇଥିଲେ। ଡିସ୍‌ଚାର୍ଜ ହେବା ସମୟରେ ସେ ଡାକ୍ତରମାନଙ୍କ ସହ ଭେଟୁଥିବାର ଏକ ଭିଡିଓ ମଧ୍ୟ ଜାରି କରିଥିଲେ। ଏହାପରେ ସେ ଫିଜିଓଥେରାପି ନେବା ଲାଗି କିଛିଦିନ ପାଇଁ ମୁମ୍ବାଇରେ ରହିବେ ବୋଲି ତାଙ୍କ ରାଜନୈତିକ ସଚିବ ସନ୍ତୃପ୍ତ ମିଶ୍ର ସୂଚନା ମଧ୍ୟ ଦେଇଥିଲେ।

# ରତ୍ନଭଣ୍ଡାର ଗଣତିମଣତିରେ କେବେ ରିଜର୍ଭ ବ୍ୟାଙ୍କ ସହାୟତା ନିଆଯାଇଥିଲା: ବିଜେଡି

**ଭୁବନେଶ୍ୱର,୧୧।୭(ସୁନିତ୍ ମିଶ୍ର)**

ରତ୍ନଭଣ୍ଡାର ଗଣତି ମଣତିକୁ ନେଇ ବର୍ଷେ ହେଲା ଡବଲ ଇଞ୍ଜିନ ସରକାର ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଦଳର ମୁଖପାତ୍ର ଲେନିନ୍ ମହାନ୍ତି ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି, ଗତ ବର୍ଷେ ହେଲା ରତ୍ନଭଣ୍ଡାରର ଗଣତି ମଣତିକୁ ନେଇ ଅନିଶ୍ଚିତତା ଲାଗି ରହିଥିବା ବେଳେ ଆଇନମନ୍ତ୍ରୀ ଆହୁରି ୩ ମାସ ଲାଗିବ ବୋଲି କହିବା ଦୁର୍ଭାଗ୍ୟଜନକ। ଗଣତି ମଣତି ପାଇଁ ରିଜର୍ଭ ବ୍ୟାଙ୍କର ସହାୟତା ଲୋଡ଼ା ଯାଇଛି ବୋଲି ଆଇନମନ୍ତ୍ରୀଙ୍କ ମନ୍ତବ୍ୟ ଗ୍ରହଣୀୟ ନୁହେଁ। ପୂର୍ବରୁ ଗଣତି ମଣତି ସମୟରେ କେବେ ରିଜର୍ଭ ବ୍ୟାଙ୍କର ସହାୟତା ନିଆଯାଇଥିଲା। ଶ୍ରୀଜଗନ୍ନାଥ ଟେମ୍ପୁଲ ଆକ୍ଟରେ ଗଣତି ମଣତି ସମୟରେ ରିଜର୍ଭ ବ୍ୟାଙ୍କର ସହାୟତା ନେବା ବ୍ୟବସ୍ଥା ରହିଛି କି ମନ୍ତ୍ରୀ ତା'ର ଉତ୍ତର ଦିଅନ୍ତୁ। ଯଦି ନାହିଁ କେଉଁ କାରଣ ପାଇଁ ଏହାକୁ ରିଜର୍ଭ ବ୍ୟାଙ୍କ ନାମରେ ବିଳମ୍ବିତ କରିବାକୁ ଚେଷ୍ଟା କରାଯାଉଛି। ରତ୍ନଭଣ୍ଡାରର ଗଣତି ମଣତି କରିବା ପରିବର୍ତ୍ତେ ଗତ ବର୍ଷେ ଧରି ଠାକୁରଙ୍କ ବହୁ ମୂଲ୍ୟ ଅଳଙ୍କାର ସମୂହ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏବେ ଅଳିଆଗଦା ମାଧ୍ୟମରେ ସୃଷ୍ଟି ହୋଇଥିବା ୫ମ ଦ୍ୱାର ଦେଇ କେତେଜଣ ଲୋକ ପ୍ରବେଶ କରୁଥିବା ଦୃଶ୍ୟ ଓଡ଼ିଶାବାସୀଙ୍କୁ ବିଚଳିତ କରିବା ସହ ରତ୍ନଭଣ୍ଡାର ବାହାରେ ଥିବା ରତ୍ନ ସୁରକ୍ଷିତ ଅଛି କି ନାହିଁ, ସେନେଇ ଜଗନ୍ନାଥପ୍ରେମୀଙ୍କ ମନରେ ସନ୍ଦେହ ସୃଷ୍ଟି ହେଲାଣି। ରାଜ୍ୟ ସରକାର ରତ୍ନଭଣ୍ଡାରର ଗଣତି ମଣତିକୁ ନେଇ ଆଉ ଅଧିକ ରାଜନୀତି ନ କରି ଜନସାଧାରଣଙ୍କ ମନରୁ ସନ୍ଦେହ ଦୂର କରନ୍ତୁ ବୋଲି ଲେନିନ୍ କହିଛନ୍ତି।






## ରତ୍ନଭଣ୍ଡାର ଅଳଙ୍କାର ଗଣତି ପାଇଁ ପ୍ରକ୍ରିୟା ଆରମ୍ଭ

ପୁରୀ, ୧୧।୭ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ସରିଛି। ଏବେ ରତ୍ନଅଳଙ୍କାର ଗଣତିମଣତି ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶୁକ୍ରବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ରତ୍ନଅଳଙ୍କାର ଗଣତିମଣତି ପାଇଁ ରାଜ୍ୟ ସରକାର ଦୁଇଜଣ ଅଭିଜ୍ଞ ପ୍ରତିନିଧିଙ୍କୁ ପଠାଇବା ଲାଗି ଆର୍‌ବିଆଇକୁ ଚିଠି ଲେଖିଛନ୍ତି। ଆର୍‌ବିଆଇ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଗଣତିମଣତି କାର୍ଯ୍ୟ ଆରମ୍ଭ କରାଯିବ। ଏହାପୂର୍ବରୁ ଅସ୍ଥାୟୀ ରତ୍ନଭଣ୍ଡାରରୁ ଅଳଙ୍କାରଗୁଡ଼ିକୁ ସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ ବୋଲି ହରିଚନ୍ଦନ କହିଛନ୍ତି।

# କଟକ-ନିର୍ଗୁଣ୍ଡି ଚତୁର୍ଥ ରେଳ ଲାଇନ୍‌କୁ ମଞ୍ଜୁରୀ

ଭୁବନେଶ୍ୱର, ୧୧।୭ (ଅନୁରାଧା ମହାରଣା)

**ନିର୍ଗୁଣ୍ଡିରେ ନିର୍ମାଣ ହେବ ରେଳ ଫ୍ଲାଏଓଭର**

**ଖର୍ଚ୍ଚ ହେବ ୮୦୨.୯ କୋଟି**

କଟକ-ନିର୍ଗୁଣ୍ଡି ଚତୁର୍ଥ ରେଳ ଲାଇନ୍ (୧୫.୯୯ କି.ମି.) ଏବଂ ନିର୍ଗୁଣ୍ଡିଠାରେ ଏକ ରେଳ ଫ୍ଲାଏଓଭର ନିର୍ମାଣକୁ ରେଳ ମନ୍ତ୍ରଣାଳୟ ପକ୍ଷରୁ ମଞ୍ଜୁରୀ ମିଳିଛି। ପ୍ରାୟ ୮୦୨.୯ କୋଟି ମୂଲ୍ୟରେ ଏହି ପ୍ରକଳ୍ପକୁ ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ଅନୁମୋଦନ କରିଛନ୍ତି। ହାଓଡା-ଚେନ୍ନାଇ ମୁଖ୍ୟ ଲାଇନ ସେକ୍ସନ ଏବଂ କଟକ-ପାରାଦୀପ ସେକ୍ସନରେ ଟ୍ରେନ ପରିଚାଳନାର କ୍ଷମତା ଏବଂ ଦକ୍ଷତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା ଏହି ରେଳ ପ୍ରକଳ୍ପର ଉଦ୍ଦେଶ୍ୟ ରହିଛି। ଏହା କଟକ-ନିର୍ଗୁଣ୍ଡି ସେକ୍ସନ ହାଓଡା-ଚେନ୍ନାଇ ହାଇ-ଡେନ୍ସିଟି ନେଟ୍‌ୱର୍କ (ଏଚଡିଏନ୍)ର ଏକ ଅଂଶ। ପାରାଦୀପ ବନ୍ଦରରୁ କଟକ ମୁଖ୍ୟ ଲାଇନ୍‌କୁ କ୍ରସିଂ କରୁଥିବାରୁ ଏହି କରିଡରରେ ବର୍ତ୍ତମାନ ଅଧିକ ଭିଡ଼ ପରିଲକ୍ଷିତ ହେଉଛି। ତାଳଚେର ଯିବା ପାଇଁ କଟକରେ କୌଣସି ସିଧାସଳଖ ଜଙ୍କସନ ବ୍ୟବସ୍ଥା ନ ଥିବାରୁ ଟ୍ରେନଗୁଡ଼ିକ ପ୍ରାୟତଃ ଦୀର୍ଘ ବିଳମ୍ବର ସମ୍ମୁଖୀନ ହେଉଛନ୍ତି। ଚତୁର୍ଥ ଲାଇନ ଏବଂ ରେଳ ଫ୍ଲାଏଓଭରକୁ ମୁଖ୍ୟ ଲାଇନ୍ ରୁଟ୍‌ଗୁଡ଼ିକରୁ ପାରାଦୀପ ବନ୍ଦର ଯାଉଥିବା ଟ୍ରାଫିକକୁ ପୃଥକ କରି କଟକ ଏବଂ ଢେଙ୍କାନାଳ ମଧ୍ୟରେ ଭିଡ଼ କମ୍ କରିବା ପାଇଁ ଡିଜାଇନ କରାଯାଇଛି। ଏହି ପ୍ରକଳ୍ପ କଟକ ଏବଂ ଭୁବନେଶ୍ୱର ସେକ୍ସନରୁ ଆସୁଥିବା ଏବଂ ଯାଉଥିବା ମୁଖ୍ୟ ଲାଇନ ସେକ୍ସନରେ ଯାତ୍ରୀ ଏବଂ ମେଲ ଏକ୍ସପ୍ରେସ ଟ୍ରେନଗୁଡ଼ିକର ଅଟକିବା ସମୟ ହ୍ରାସ କରିବାରେ ସାହାଯ୍ୟ କରିବ। ବର୍ତ୍ତମାନ ନିର୍ଗୁଣ୍ଡିଠାରେ ମେଲ୍ ଏକ୍ସପ୍ରେସରେ କ୍ରସିଂ ଯୋଗୁ ଟ୍ରେନଗୁଡ଼ିକ କେତେକ ସମୟରେ ଅଟକି ରହିଥାଏ। ଏହି ପ୍ରକଳ୍ପ ଅଧିକ କୋଚ୍ ବିଶିଷ୍ଟ ଟ୍ରେନଗୁଡ଼ିକର ସୁଗମ ଯାତ୍ରାକୁ ସୁନିଶ୍ଚିତ କରିବ। ପ୍ରକଳ୍ପର ଅଂଶ ଭାବରେ ମହାନଦୀ ଏବଂ ବିରୂପାରେ ଦୁଇଟି ନଦୀ ସେତୁ ମଧ୍ୟ ନିର୍ମାଣ କରାଯିବ। ଫ୍ଲାଏଓଭର ସହିତ ଏହି ପ୍ରକଳ୍ପ ଲାଇନ୍‌ଟି କବଚ ସୁରକ୍ଷା ବୈଶିଷ୍ଟ୍ୟ ଏବଂ ଘଣ୍ଟାପ୍ରତି ୧୩୦ କି.ମି. ବେଗ ସହିତ ୨x୨୫ କେଭି ବିଦ୍ୟୁତ୍‌କରଣ ସିଷ୍ଟମ ସହ ଡିଜାଇନ କରାଯାଇଛି ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ମା'ଙ୍କୁ କାନ୍ଧରେ ଧରି ଗଡ଼ଗଡିଆରୁ ଲୋକନାଥ ପୀଠ



ବୃଦ୍ଧା ମା'ଙ୍କୁ ଭାରରେ ବସାଇ ପୁଅ ଅର୍ଜୁନ ସ୍ୱାଇଁ ପାଣି ଭାର ନେଇ ଲୋକନାଥ ଅଭିମୁଖେ ବାହାରିଛନ୍ତି।

କଟକ, ୧୧।୭ (ଶିଳ୍ପା ପ୍ରିୟଦର୍ଶିନୀ)

**ଆଉ ଜଣେ ଶ୍ରବଣ କୁମାର**

ମାନସିକ ପୂରଣ କରିବା ପାଇଁ ବୃଦ୍ଧା ମା'ଙ୍କୁ ଭାରରେ ବସାଇ ପୁଅ ପୁରୀ ଲୋକନାଥ ମନ୍ଦିର ଅଭିମୁଖେ ବାହାରିଛନ୍ତି। ଶୁକ୍ରବାର କଟକରେ ଦେଖିବାକୁ ମିଳିଥିବା ଏହି ଦୃଶ୍ୟ ଲୋକଙ୍କ ମନରେ ଶ୍ରବଣ କୁମାରଙ୍କ କଥା ମନେ ପକାଇ ଦେଉଛି। ପୁରୀ ଜିଲା ଅନ୍ତର୍ଗତ ତେଇଶପୁର ଅଞ୍ଚଳର ବୃଦ୍ଧା ମା'ଙ୍କୁ କାନ୍ଧରେ ଭାର କରି ପୁଅ ଅର୍ଜୁନ ସ୍ୱାଇଁ ପାଣି ଭାର ନେଇ ପ୍ରଭୁ ଲୋକନାଥ ପୀଠକୁ ଯାଉଛନ୍ତି। ସାଙ୍ଗରେ ବନ୍ଧୁ ସତ୍ୟବାନ ପ୍ରଧାନ ଏବଂ ଅର୍ଜୁନଙ୍କ ସ୍ତ୍ରୀ ମାମିନା ସ୍ୱାଇଁ ରହିଛନ୍ତି। ଏ ନେଇ ଅର୍ଜୁନ କହିଛନ୍ତି, ମୋ ମା' ଲୋକନାଥଙ୍କୁ ଜଳଲାଗି କରିବାକୁ ମାନସିକ କରିଥିଲେ। ମା'ଙ୍କ ବୟସ ହୋଇଯାଇଥିବାରୁ ସେ ଚାଲି ପାରୁନାହାନ୍ତି। ତେଣୁ ମାନସିକ ପୂରଣ ପାଇଁ ତାଙ୍କୁ ଭାରରେ ବୁହାଇ ନେଉଛି ବୋଲି ସେ କହିଛନ୍ତି। ତେବେ ଶ୍ରବଣଙ୍କ ମାତାପିତା ଋଷି ଥିଲେ ଓ ଆଶ୍ରମ କରି ରହୁଥିଲେ। ଥରେ ସେମାନେ ତାଙ୍କ ପୁତ୍ରକୁ କହିଥିଲେ ଯେ, ସେମାନେ ଅତ୍ୟନ୍ତ ବୃଦ୍ଧାବସ୍ଥାକୁ ଆସିବାରୁ ଥରେ ତୀର୍ଥ ଯାତ୍ରାରେ ଭାରତବର୍ଷର ୪୦ଟି ତୀର୍ଥସ୍ଥଳୀ ଦେଖିବାକୁ ଇଚ୍ଛା କରିଥିଲେ। ହିନ୍ଦୁ ଧର୍ମରେ ବିଶ୍ୱାସ ଥାଏ ଯେ ବାର୍ଦ୍ଧକ୍ୟ ଅବସ୍ଥାରେ ତୀର୍ଥସ୍ଥଳୀ ଗଲେ ଆତ୍ମାକୁ ଶାନ୍ତି ମିଳିଥାଏ। ସେ ସମୟରେ ଯାତାୟାତ ବ୍ୟବସ୍ଥା ବିରଳ ଓ ବହୁ ଖର୍ଚ୍ଚ ବିଶିଷ୍ଟ ଥିଲା। ତେଣୁ ପିତୃ-ମାତୃ ଭକ୍ତ ଶ୍ରବଣ ୨ଟି ଝୁଡିରେ ସେମାନଙ୍କୁ ବସେଇ ବାଉଁଶ ଭାର ସାହାଯ୍ୟରେ ବୋହି ସବୁ ତୀର୍ଥ ବୁଲେଇଥିଲେ। ଆଜି କଟକରେ ଏହି ସମାନ ଦୃଶ୍ୟର ପୁନରାବୃତ୍ତି ହୋଇଛି।

# ତୁରନ୍ତ ଇଣ୍ଟରନେଟ୍ ସଂଯୋଗ କରିବାକୁ ଡିଇଓଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୧।୭ (ସୁଚିସ୍ମିତା ସାହୁ)

**୨ ବର୍ଷ ପରେ ବିଦ୍ୟାଳୟ କମ୍ପ୍ୟୁଟର କଥା ମନେପଡ଼ିଲା**

ଶିକ୍ଷକଙ୍କ ଉପସ୍ଥାନ ତଥ୍ୟ ନିର୍ଭୁଲ ରଖିବା ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ସହାୟତା କରିବା ଲାଗି ୨ ବର୍ଷ ତଳେ ରାଜ୍ୟ ସରକାର ସ୍କୁଲଗୁଡିକୁ ଟାବ୍‌ଲେଟ୍ କମ୍ପ୍ୟୁଟର ଯୋଗାଇ ଦେଇଥିଲେ। ଏ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ଠିକ୍ ଭାବେ ଉପଯୋଗ ହୋଇପାରୁନାହିଁ। ଏନେଇ ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ପକ୍ଷରୁ ବାରମ୍ବାର ପତ୍ର ଲେଖାଯାଇଥିଲେ ହେଁ କିଛି ସୁଫଳ ମିଳୁନାହିଁ। ଏବେ ଗୁରୁବାର ପୁଣିଥରେ ଓସେପା ଅତିରିକ୍ତ ନିର୍ଦ୍ଦେଶକ ଡ. ସନାତନ ପଣ୍ଡା ସମସ୍ତ ଜିଲା ଶିକ୍ଷା ଅଧିକାରୀ ତଥା ଡିପିସିଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଶିକ୍ଷକଙ୍କୁ ଦିଆଯାଇଥିବା ଟାବ୍‌ଲେଟ୍‌ଗୁଡ଼ିକର ବ୍ୟବହାର ଓ ଇଣ୍ଟରନେଟ୍ ସଂଯୋଗ ମାଧ୍ୟମରେ ଏହାର ଅପ୍‌ଡେଟ୍ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୨୦୨୩ ମସିହାରୁ ଶିକ୍ଷକଙ୍କୁ ଦିଆଯାଇଥିବା ଟେବ୍‌ଲେଟର ବ୍ୟବହାର ପାଇଁ ଏବେ ଇଣ୍ଟରନେଟ୍ ସଂଯୋଗ ବ୍ୟବସ୍ଥା କରାଯିବା ନିର୍ଦ୍ଦେଶକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଓସେପାର ଚିଠି ଅନୁଯାୟୀ, 'ଶିକ୍ଷକ ସମ୍ବଳ ପ୍ୟାକେଜ୍' ଅଧୀନରେ ପ୍ରାଥମିକସ୍ତରର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ନିରୀକ୍ଷଣ କାର୍ଯ୍ୟ ପାଇଁ ଏବଂ ୯୮୦ଟି ଉଚ୍ଚ ବିଦ୍ୟାଳୟକୁ ଡିଜିଟାଲ ମୂଲ୍ୟାଙ୍କନ ଲାଗି ଦୁଇବର୍ଷ ପୂର୍ବେ ଟାବ୍‌ଲେଟ୍ କମ୍ପ୍ୟୁଟର ବଣ୍ଟନ କରାଯାଇଥିଲା। ଏହି ଟାବ୍‌ଲେଟଗୁଡ଼ିକ ମୋବାଇଲ ଡିଭାଇସ୍ ମ୍ୟାନେଜମେଣ୍ଟ (ଏମ୍‌ଡିଏମ୍) ଅଧୀନରେ ନିୟନ୍ତ୍ରିତ ହେଉଛି। ଏହି ଡିଭାଇସ୍‌ଗୁଡ଼ିକରେ ବିଭିନ୍ନ ଆପ୍, ମଡ୍ୟୁଲ ଏବଂ ଇ-କଣ୍ଟେଣ୍ଟ କ୍ଲାଉଡ୍‌ରେ ଅପଲୋଡ୍ କରାଯାଇଛି, ଯାହାକୁ ବ୍ୟବହାର କରିବା ପାଇଁ ଇଣ୍ଟରନେଟ ସଂଯୋଗର ଆବଶ୍ୟକତା ରହିଛି। ତେଣୁ ଦୁଇବର୍ଷ ପରେ ଏବେ ଏହି ଟାବ୍‌ଲେଟ୍‌ଗୁଡ଼ିକର ସମ୍ପୂର୍ଣ୍ଣ ବ୍ୟବହାର ଓ ଅପ୍‌ଡେଟ ପାଇଁ ରାଜ୍ୟ ସରକାର ନୂଆ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ଉକ୍ତ ଟାବ୍‌ଲେଟଗୁଡିକ ଇଣ୍ଟରନେଟ ସହ ସଂଯୁକ୍ତ କରିବାକୁ ନିର୍ଦ୍ଦେଶ ଦେବାକୁ ଡିଇଓଙ୍କୁ କୁହାଯାଇଛି। ଏହି ସଂଯୋଗ ବିଦ୍ୟାଳୟ, କ୍ଲଷ୍ଟର ରିସୋର୍ସ ସେଣ୍ଟର(ସିଆର୍‌ସି), ବ୍ଲକ ରିସୋର୍ସ ସେଣ୍ଟର(ବିଆର୍‌ସି)ରେ ଥିବା ୱାଇ-ଫାଇ କିମ୍ବା ମୋବାଇଲ ହଟ୍‌ସ୍ପଟ୍ ମାଧ୍ୟମରେ କରାଯାଇପାରିବ। ବିଇଓ ଓ ସିଆର୍‌ସିସିଙ୍କୁ ଏହି କାର୍ଯ୍ୟ ତଦାରଖ କରିବା ଓ ଅପ୍‌ଡେଟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେଉଛି କି ନାହିଁ ତାହା ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏକ ସପ୍ତାହ ମଧ୍ୟରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ଜିଲା ଶିକ୍ଷା ଅଧିକାରୀମାନଙ୍କୁ କୁହାଯାଇଛି।

# ସ୍ନାତକ, ସ୍ନାତକୋତ୍ତର ପାଠପଢ଼ା ଆରମ୍ଭ

ଭୁବନେଶ୍ୱର, ୧୧।୭ (ସୁଚିସ୍ମିତା ସାହୁ)

ଉଚ୍ଚଶିକ୍ଷା ବିଭାଗ ଅଧୀନ ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମର ପ୍ରଥମବର୍ଷ ପାଠପଢ଼ା ଜୁଲାଇ ୧୦ରୁ ଆରମ୍ଭ ହୋଇଯାଇଛି। ନାମଲେଖା ପ୍ରକ୍ରିୟା ଫେଜ୍-୧ର ତୃତୀୟ ପର୍ଯ୍ୟାୟ ଶେଷହେବା ପର୍ଯ୍ୟନ୍ତ ଯୁକ୍ତ ୩ ବା ସ୍ନାତକରେ ୧,୬୦,୨୫୫ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ସେହିପରି ସ୍ନାତକୋତ୍ତର (ପିଜି) ପାଠ୍ୟକ୍ରମରେ ୧୮,୪୨୮ଜଣ ନାମ ଲେଖାଇଛନ୍ତି। ସ୍ନାତକ ଶ୍ରେଣୀ ପାଇଁ ଫେଜ୍-୧ ସ୍ପଟ୍ ଆଡମିଶନ ପ୍ରକ୍ରିୟା ଆସନ୍ତା ୧୬ ତାରିଖରେ ଓ ସ୍ନାତକୋତ୍ତର ପାଠ୍ୟକ୍ରମର ଶେଷ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ୨୫ ତାରିଖରେ ସରିବ।

ପ୍ରକାଶଯୋଗ୍ୟ , ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଓ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ପାଠ୍ୟକ୍ରମକୁ ଠିକ୍ ସମୟରେ ଆରମ୍ଭ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ୨୦୨୫-୨୬ ଶିକ୍ଷାବର୍ଷର ନାମଲେଖା ପ୍ରକ୍ରିୟାକୁ ଶୀଘ୍ର ଆରମ୍ଭ କରାଯାଇଥିଲା। ଏହାଦ୍ୱାରା ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ପାଠପଢ଼ା ଆରମ୍ଭ ହେବା ସହ ଠିକ୍ ସମୟରେ ପରୀକ୍ଷା କରାଯାଇ ଫଳାଫଳ ମଧ୍ୟ ଘୋଷଣା କରାଯାଇପାରିବ ଓ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ବୋଲି କୁହାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହେଲେ ଅର୍ଚ୍ଚନା ନାଗ

ଭୁବନେଶ୍ୱର, ୧୧।୭ (ସତ୍ୟଜିତ୍ ରାଉତ)

ବ୍ଲାକ୍‌ମେଲ କରି ଟଙ୍କା ମାଗିବା ମାମଲାରେ ଜେଲ ଯାଇଥିବା ବହୁଚର୍ଚ୍ଚିତ ଅର୍ଚ୍ଚନା ନାଗ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୂର୍ବରୁ ହୋଇଥିବା ଗିରଫଦାରିକୁ ବିରୋଧକରି ନ୍ୟାୟ ପାଇବାକୁ ସେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ଅର୍ଚ୍ଚନା ଗଣମାଧ୍ୟମରେ କହିଛନ୍ତି, ତାଙ୍କ ବିରୋଧରେ ବେଆଇନ ଉପାୟରେ କାର୍ଯ୍ୟାନୁଷ୍ଠାନ ହୋଇଥିବା ବେଳେ ଏହା ଉପରେ ନ୍ୟାୟ ପାଇବା ପାଇଁ ସେ ଜଣାଇଛନ୍ତି। ବହୁ ଶୀଘ୍ର ତାଙ୍କୁ ନ୍ୟାୟ ପ୍ରଦାନ କରାଯିବ ବୋଲି ସ୍ୱତନ୍ତ୍ର ଶାସନ ସଚିବ ପ୍ରତିଶ୍ରୁତି ଦେଇଛନ୍ତି। ଅର୍ଚ୍ଚନାଙ୍କ କହିବା କଥା, ମୋ ସହ ଅନ୍ୟାୟ ହୋଇଛି। ପୂର୍ବ ସରକାର ସହ ପୋଲିସ ମିଶି ମୋ ନାଁରେ ମିଛ ଅଭିଯୋଗ କରିଥିଲେ। ଏହା ଆଜି ପର୍ଯ୍ୟନ୍ତ ମଧ୍ୟ ପ୍ରମାଣ କରାଯାଇ ନାହିଁ। ଏଥିରେ ଯେଉଁମାନେ ସଂପୃକ୍ତ ସମସ୍ତଙ୍କୁ ସାମ୍ନାକୁ ଆଣିବି ବୋଲି ଅର୍ଚ୍ଚନା କହିଛନ୍ତି।

## ଘୂର୍ଣ୍ଣିବଳୟ ସକ୍ରିୟ, ୧୭ ଯାଏ ବର୍ଷା

ଭୁବନେଶ୍ୱର, ୧୧।୭ (ଅନୁରାଧା ମହାରଣା)

ଦକ୍ଷିଣ ଝାଡ଼ଖଣ୍ଡ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ସହ ଉତ୍ତର ଛତିଶଗଡ଼ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସମୁଦ୍ର ପତନଠାରୁ ୫.୮ କି.ମି. ଉଚ୍ଚରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେଉଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଜାରି ରହିବ। ଶନିବାର ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ନୂଆପଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ ଆଦି ୩ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହା ସହ ଅନ୍ୟାନ୍ୟ ଜିଲାର କିଛି ସ୍ଥାନରେ ବର୍ଷା ହୋଇପାରେ ବୋଲି ସୂଚନା ଦିଆଯାଇଛି। ତେବେ ବିଜୁଳି ଓ ଘଡ଼ଘଡ଼ି ନେଇ ବଲାଙ୍ଗୀର, ବରଗଡ଼, ସୋନପୁର, ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ଦେବଗଡ଼, କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ କଟକକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ରାଜ୍ୟରେ ଦମ୍ପତିଙ୍କ ହାରାହାରି ସନ୍ତାନ ୧.୮



ସ୍ୱାସ୍ଥ୍ୟ ବିଭାଗର ଜଣେ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର, ୧୧।୭ (ବନ୍ଦନା ସେଠୀ)

**'ଜନସଂଖ୍ୟା ସ୍ଥିରତା ପକ୍ଷ'ର ଶୁଭାରମ୍ଭ କଲେ ସ୍ୱାସ୍ଥ୍ୟମନ୍ତ୍ରୀ**

ରାଜ୍ୟରେ ପରିବାର ନିୟୋଜନ ଅଭିଯାନକୁ ସଫଳ କରିବା ନିମନ୍ତେ ରାଜ୍ୟ ସରକାର ବହୁବିଧ ପଦକ୍ଷେପମାନ ଗ୍ରହଣ କରୁଛନ୍ତି। ଫଳସ୍ୱରୂପ ପରିବାର କଲ୍ୟାଣ କାର୍ଯ୍ୟକ୍ରମର ବିଭିନ୍ନ କ୍ଷେତ୍ରରେ ବିଗତ ବର୍ଷ ମଧ୍ୟରେ ଆଶାନୁରୂପ ସଫଳତା ମିଳିଛି। ଦମ୍ପତି ପିଛା ହାରାହାରି ସନ୍ତାନ ସଂଖ୍ୟା ୨.୧ ରହିବା ଆବଶ୍ୟକ। ତେବେ ଆମ ରାଜ୍ୟରେ ଏହି ହାର ୧.୮ରେ ପହଞ୍ଚିଛି, ଯାହାକି ଜାତୀୟ ହାରଠୁ ଉନ୍ନତ ସ୍ତରରେ ରହିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ଶୁକ୍ରବାର ଗୀତଗୋବିନ୍ଦ ସଦନଠାରେ ରାଜ୍ୟସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସକୁ ମନ୍ତ୍ରୀ ଉଦ୍‌ଘାଟନ କରିବା ସହ ଜନସଂଖ୍ୟା ସ୍ଥିରତା ପକ୍ଷର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ କହିଲେ, ପରିବାର ଯୋଜନା, ଲିଙ୍ଗଗତ ସମାନତା, ମାତୃତ୍ୱ, ସ୍ୱାସ୍ଥ୍ୟ ଏବଂ ମାନବିକ ଅଧିକାର ସମେତ ବିଭିନ୍ନ ଜନସଂଖ୍ୟା ସମ୍ବନ୍ଧୀୟ ସମସ୍ୟା ବିଷୟରେ ସଚେତନତା ସୃଷ୍ଟିକରିବା ବିଶ୍ୱ ଜନସଂଖ୍ୟା ଦିବସର ପ୍ରଧାନ ଲକ୍ଷ୍ୟ। ମିଳିମିଶି ସୁସ୍ଥ ସମାଜ ପରିବେଶ ଗଠନ ପାଇଁ ସମସ୍ତେ ଚେଷ୍ଟିତ ହେବା ଆବଶ୍ୟକ। ଏବେ ରାଜ୍ୟ ତଥା ଦେଶର କେତେକ ସ୍ଥାନରେ ବାଲ୍ୟବିବାହ କରାଯାଉଛି। ଏଭଳି ବେଆଇନ କୁପ୍ରଥା କାରଣରୁ କମ୍ ବୟସରେ ମହିଳା ସନ୍ତାନମାନଙ୍କୁ ଜନ୍ମ ଦେଇଥାଆନ୍ତି। ଏହା ମା' ଓ ଶିଶୁ ଉଭୟଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଉପଯୁକ୍ତ ବ୍ୟବଧାନରେ ଜନ୍ମ ନେଇଥିବା ଶିଶୁଙ୍କ ସ୍ୱାସ୍ଥ୍ୟ ଏବଂ ଶାରୀରିକ ଅଭିବୃଦ୍ଧି ଠିକ୍ ରହିଥାଏ। ତେଣୁ ସୂଚନା-ଶିକ୍ଷା-ସଂଚାର ଦ୍ୱାରା ଜନସଂଖ୍ୟା ବୃଦ୍ଧିକୁ ରୋକାଯାଇ ଜନସଂଖ୍ୟାରେ ପ୍ରତିସ୍ଥାପନ ହାର ହାସଲ କରାଯାଇପାରିବ ବୋଲି ମତପ୍ରକାଶ ପାଇଥିଲା।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ଲାଭ କରିଥିବା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିବାର ନିୟୋଜନରେ ଅତୁଳନୀୟ ଅବଦାନ ପାଇଁ ଆଶାକର୍ମୀ, ଡାକ୍ତର, ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଥିସହ ଉନ୍ନତ ପ୍ରଦର୍ଶନ ପାଇଁ ବିଭିନ୍ନ ଜିଲାକୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ରାଜଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ରଖିଥିବାବେଳେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ନିର୍ଦ୍ଦେଶକ ଡା. ମୁରଲୀଧର ପାଢ଼ୀ ଧନ୍ୟବାଦ ଦେଇଥିଲେ।


ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ କିରଣ



@ ସଞ୍ଜୟ



@ ଲୋକନାଥ



@ ମିଟୁ


ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଜମି ବେପାରକୁ ନେଇ ଫୁଟିଲା ବୋମା

ବାରଙ୍ଗ, ୧୧।୭ (ଲିଙ୍ଗରାଜ ରାଉତ)

ଜମି ବେପାରକୁ ନେଇ ଗୁରୁବାର ବିଳମ୍ବିତ ରାତିରେ ଚଣ୍ଡୀପ୍ରସାଦ ଗ୍ରାମରେ ବୋମାମାଡ଼ ହୋଇଛି। ଏଥିରେ କାହାର କିଛି କ୍ଷତି ହୋଇ ନ ଥିବାବେଳେ ପ୍ରଚଣ୍ଡ ଶବ୍ଦରେ ଗ୍ରାମବାସୀ ଭୟଭୀତ ହୋଇଯାଇଥିଲେ। ଏହି ଘଟଣାରେ ବାରଙ୍ଗ ଥାନା ପୋଲିସ ଜଣେ ମହିଳାଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପ୍ରକାଶ ଯେ, ଚଣ୍ଡୀପ୍ରସାଦ ଗ୍ରାମରେ ବ୍ୟବସାୟ ଆରମ୍ଭ କରିଥିବା ଜଣେ ବିଲ୍ଡର ଜମି ଅଧିଗ୍ରହଣ କରିବାକୁ ସ୍ଥାନୀୟ ଗ୍ରାମର ଯୁବକଙ୍କୁ ନିୟୋଜିତ କରିଛନ୍ତି। କିଛିଦିନ ପୂର୍ବେ ଏହି ଗ୍ରାମର ଜଣେ ଚାଷୀଙ୍କଠାରୁ ତାଙ୍କର ଏକ ଜମି କିଣିବାକୁ ନେଇ କୋଟିଏ ଟଙ୍କାର ଡିଲ୍ ହୋଇ ତାଙ୍କୁ ଚେକ୍ ଦିଆଯାଇଥିଲା। କିନ୍ତୁ ସମୟାନୁସାରେ ଉକ୍ତ ଚେକ୍‌କୁ ବ୍ୟାଙ୍କରେ ନ ଲଗାଇବାକୁ ନେଇ ବିବାଦ ଦେଖାଦେଇଥିଲା। ଏହି ଘଟଣାକୁ ନେଇ ଜମି ମାଲିକ ଓ ବିଲ୍ଡର ସପକ୍ଷରେ ଥିବା ଯୁବକଙ୍କ ମଧ୍ୟରେ ବିବାଦ ଗୁରୁବାର ରାତିରେ ଘନୀଭୂତ ହୋଇଥିଲା। ଏହାର କିଛି ସମୟ ପରେ ଉକ୍ତ ପ୍ରୋଜେକ୍ଟ ମଧ୍ୟକୁ ଦୁର୍ବୃତ୍ତମାନେ ୩ଟି ବୋମା ଫିଙ୍ଗି ଫେରାର ହୋଇଯାଇଥିଲେ। ତେବେ ଶୁକ୍ରବାର ସକାଳେ ପ୍ରୋଜେକ୍ଟର ଜଗୁଆଳି ଜ୍ୟୋତି ମହନ୍ତ ନାମକ ବ୍ୟକ୍ତି ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।



ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଶୁକ୍ରବାର ଆୟୋଜିତ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶରେ ଯୋଗଦେଇଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ, ପିସିସି ସଭାପତି ଭକ୍ତଚରଣ ଦାସ ଓ ଦଳର ବରିଷ୍ଠ ନେତୃବୃନ୍ଦ।



ସମାବେଶ ମଞ୍ଚରେ ପହଞ୍ଚିବା ପରେ ଉପସ୍ଥିତ ନେତା ଓ ଜନସାଧାରଣଙ୍କୁ ହାତ ହଲେଇ ଅଭିବାଦନ ଜଣାଉଛନ୍ତି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ।

## ଜାତି ଜନଗଣନା ହେଲେ ସବୁ ବୁଝାପଡ଼ିଯିବ: ରାହୁଲ

ଭୁବନେଶ୍ୱର,୧୧।୭(ରବିନାରାୟଣ ଜେନା)

ତେଲଙ୍ଗାନାରେ ଜାତି ଜନଗଣନା କରାଯାଉ ନ ଥିଲା। ହେଲେ ଜାତି ଜନଗଣନା ପରେ ସବୁ ସ୍ପଷ୍ଟ ହୋଇଗଲା। ଠିକ୍ ସେହିପରି ଓଡ଼ିଶାରେ ଜାତି ଜନଗଣନା ହେଲେ ସବୁ ବୁଝା ପଡ଼ିଯିବ ବୋଲି ଶୁକ୍ରବାର ବରମୁଣ୍ଡା ପଡ଼ିଆଠାରେ ଅନୁଷ୍ଠିତ ଉକ୍ତ ସମାବେଶରେ ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି। ରାଜ୍ୟରେ କେତେ ସଂଖ୍ୟକ ଆଦିବାସୀ, ଦଳିତ, ପଛୁଆବର୍ଗ ରହିଛନ୍ତି ଏବଂ କେତେ କ୍ଷମତା କାହା ହାତରେ ରହିଛି, ଜନଗଣନା ପରେ ସବୁ ଅଙ୍କ ସ୍ପଷ୍ଟ ହୋଇଯିବ। ରାଜ୍ୟରେ ଜନବିରୋଧୀ ସରକାର ଚାଲିଛି। ଏଠାକାର ସରକାରଙ୍କୁ ହଟାଇବାକୁ ପଡ଼ିବ। ଦଳିତଙ୍କୁ ନା ସରକାରରେ ସ୍ଥାନ ମିଳୁଛି ନା ବ୍ୟୁରୋକ୍ରାସିରେ ମିଳୁଛି। ତେଣୁ ଓଡ଼ିଶାରେ ଜାତି ଜନଗଣନା ନିହାତି ହେବା ଆବଶ୍ୟକ। ଏହା ଦଳିତମାନଙ୍କୁ ସଶକ୍ତ କରିବ ବୋଲି ରାହୁଲ କହିଛନ୍ତି।



ସମାବେଶରେ ଉଦ୍‌ବୋଧନ ଦେଉଛନ୍ତି ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ।

## ଡ୍ରାଇଭର ମହାସଂଘକୁ ଧନ୍ୟବାଦ ଜଣାଇଲେ

**ଭୁବନେଶ୍ୱର,୧୧।୭(ରବିନାରାୟଣ ଜେନା):** ୪ ଦିନ ଧରି ରାଜ୍ୟରେ ଆନ୍ଦୋଳନ ଚଳାଇଥିବା ଡ୍ରାଇଭର ମହାସଂଘ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ ପାଇଁ ସହଯୋଗ କରିଥିବାରୁ ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଧନ୍ୟବାଦ ଜଣାଇଛନ୍ତି। ଶୁକ୍ରବାର ବରମୁଣ୍ଡା ପଡ଼ିଆଠାରେ ଅନୁଷ୍ଠିତ ଉକ୍ତ ସମାବେଶରେ ରାହୁଲ କହିଛନ୍ତି, କଂଗ୍ରେସର ସମାବେଶକୁ ଭଣ୍ଡୁର କରିବାପାଇଁ ଡ୍ରାଇଭର ମହାସଂଘ ଉପରେ ଚାପ ପକାଯାଇଥିଲା। କିନ୍ତୁ ଡ୍ରାଇଭର ମହାସଂଘ ସେମାନଙ୍କ କଥା ମାନି ନ ଥିଲେ। ଡ୍ରାଇଭରଙ୍କ ନ୍ୟାଯ୍ୟ ଦାବି ପ୍ରତି ଆମର ପୂର୍ଣ୍ଣ ସମର୍ଥନ ରହିଛି। ରାଜ୍ୟ ସରକାର ସେମାନଙ୍କ ଦାବି ପୂରଣ କରିବା ଉଚିତ।

## ରାହୁଲଙ୍କୁ କୁଣ୍ଢାଇ ଗେଲକଲେ ନିଲମ


ସମ୍ବିଧାନ ବଞ୍ଚାଅ ସମାବେଶରେ ରାହୁଲଙ୍କୁ ମଞ୍ଚରେ ଷଷ୍ଠଶ୍ରେଣୀର କୁନି ଝିଅ ନିଲମ ବସ୍ତିଆ କୁଣ୍ଢାଇବା ସହ ଗେଲ କରିଥିଲେ। ଏହି ଅବସରରେ ନିଲମ କହିଛନ୍ତି, ତାଙ୍କୁ ରାହୁଲ ପାଠପଢ଼ା ସହିତ ବିଭିନ୍ନ ବିଷୟରେ ପଚାରିଥିଲେ ଏବଂ ପପି ଦେବାକୁ କହିଥିଲେ। ସେ ଗଣିତକୁ ଭଲ ପାଆନ୍ତି ଏବଂ ତାଙ୍କ ମାମା ରାହୁଲଙ୍କ ଫ୍ୟାନ୍ ବୋଲି କଥାବାର୍ତ୍ତା ବେଳେ କହିଥିଲେ।

## ମୁଖ୍‌ମେଁ ରାମ, ବଗଲ୍‌ମେଁ ଛୁରି: ଖାର୍ଗେ

ଭୁବନେଶ୍ୱର,୧୧।୭(ରବିନାରାୟଣ ଜେନା)

ଭାଜପାର ନିୟତି 'ମୁଖ୍‌ମେଁ ରାମ, ବଗଲ୍‌ମେଁ ଛୁରି' ବୋଲି ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖାର୍ଗେ ଶୁକ୍ରବାର ବରମୁଣ୍ଡା ପଡ଼ିଆରେ ଆୟୋଜିତ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶରେ କହିଛନ୍ତି। ସେ ଭାଜପା ଉପରେ ଶାଣିତ ଆକ୍ରମଣ କରି କହିଛନ୍ତି, ଯେଉଁମାନେ ଦେଶ ଲୁଟୁଛନ୍ତି, ସେମାନେ କ'ଣ କଂଗ୍ରେସ କଥା କହିବେ। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀ ତାଙ୍କ ମୃତ୍ୟୁ ପୂର୍ବରୁ କହିଥିଲେ, 'ମୁଁ ଆଜି ଅଛି କାଲି ନ ଥିବି, ମୋର ସାରା ଜୀବନ ଲୋକଙ୍କ ସେବାରେ ବିତାଇବି। ଯେତିକିଦିନ ରହିବି ଲୋକଙ୍କ ସେବା କରିବି। ମୋର ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ଲୋକଙ୍କ କାମ କରିବି'। ହେଲେ ଭାଜପା ଏବେ ତାଙ୍କ ବିରୋଧରେ କହିବୁଲୁଛି। ସବୁ ସାମ୍ବିଧାନିକ ସଂସ୍ଥାକୁ ମୋଦି କବ୍‌ଜା କରି ନେଇଛନ୍ତି। ମୋଦି-ଶାହା ଯାହା କହୁଛନ୍ତି, ସମ୍ପୃକ୍ତ ସଂସ୍ଥାଗୁଡ଼ିକ ତାହା ହିଁ କରୁଛନ୍ତି। ସମ୍ବିଧାନକୁ ହତ୍ୟା କରାଯାଉଛି। ପ୍ରଥମେ ମହାରାଷ୍ଟ୍ର ଏବଂ ବିହାରରେ ତାହା ହେଉଛି। ଯଦି ଏହିଭଳି ଭାବେ ଲୋକଙ୍କ ଭୋଟ ଉପରେ ଜୋର ଜବରଦସ୍ତ କରାଯିବ, ତେବେ କଂଗ୍ରେସ ଚୁପ୍ ବସିବ ନାହିଁ ବୋଲି ଖାର୍ଗେ କହିଥିଲେ।

## ଓଡ଼ିଶା ସମ୍ଭ୍ରାନ୍ତ, ଦଳିତ, ଆଦିବାସୀ, ଅବହେଳିତ

ପ୍ରାକୃତିକ ସମ୍ପଦରେ ଓଡ଼ିଶା ଦେଶର ସବୁଠାରୁ ସମ୍ଭ୍ରାନ୍ତ ରାଜ୍ୟ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖାର୍ଗେ କହିଛନ୍ତି। ଶୁକ୍ରବାର କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶରେ ଖାର୍ଗେ କହିଛନ୍ତି ଯେ, ଓଡ଼ିଶାରେ ସବୁଥାଇ ମଧ ଏଠାକାର ଆଦିବାସୀ ସବୁଠାରୁ ଗରିବ। କଂଗ୍ରେସ ସରକାର ଏଠାରେ ୨୦୦୦ ମାର୍ଚ୍ଚ ପରଠାରୁ ନାହିଁ। ଫଳରେ ରାଜ୍ୟର ଗରିବ, ଦଳିତ ଓ ଆଦିବାସୀ ଆଜି ଅବହେଳିତ ବୋଲି ସେ ସମାଲୋଚନା କରିଛନ୍ତି।

## ରାଜଧାନୀ ହାତମୟ


ଭୁବନେଶ୍ୱର ବିମାନବନ୍ଦରରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରିବାପାଇଁ ବିମାନବନ୍ଦରଠାରୁ ହସ୍ପିଟାଲ ଛକ ପର୍ଯ୍ୟନ୍ତ ଲୋକାରଣ୍ୟ ହୋଇଥିଲା। କଂଗ୍ରେସ କର୍ମୀଙ୍କ ହାତରେ ପ୍ଲାକାର୍ଡ ଓ ବ୍ୟାନର ଏତେ ଥିଲା ଯେ ସମ୍ପୂର୍ଣ୍ଣ ଅଞ୍ଚଳଟି ହାତମୟ ଦିଶୁଥିଲା। ଏହି ସମୟରେ ରାହୁଲଙ୍କୁ ଦେଖିବାପାଇଁ ଠେଲାପେଲା ହୋଇଥିଲା। ଜଣେ ବୟସ୍କ ବ୍ୟକ୍ତି ରାହୁଲଙ୍କ କାରକେଡ୍ ପାଖରେ ପଡ଼ି ଯାଇଥିଲେ। ଅନ୍ୟପକ୍ଷରେ ସମାବେଶ ପାଇଁ ସହରର ବିଭିନ୍ନ ସ୍ଥାନରେ ହାତ ଚିହ୍ନ ଓ ରାହୁଲ ଗାନ୍ଧୀଙ୍କ ଫଟୋ ଥିବା ଅନେକ ଫ୍ଲେକ୍ସ, ହୋର୍ଡିଂ ଦେଖିବାକୁ ମିଳିଛି।


ସମାବେଶକୁ ଦଳୀୟ ନେତା ଓ ସମର୍ଥକଙ୍କ ସ୍ୱାଗତ ବେଳେ ପରିବେଷିତ ଆଦିବାସୀ ନୃତ୍ୟ।


ଜଣେ ସମର୍ଥକ ରାହୁଲ ଗାନ୍ଧୀଙ୍କ ଫଟୋଚିତ୍ରରେ କ୍ଷୀର ଢାଳୁଛନ୍ତି।



ବରମୁଣ୍ଡା ପଡ଼ିଆରେ ଆୟୋଜିତ ସମ୍ବିଧାନ ବଞ୍ଚାଅ ସମାବେଶରେ ଯୋଗଦେଇଥିବା କଂଗ୍ରେସ ନେତା, କର୍ମୀ, ସମର୍ଥକ, ଅତିଥି ଏବଂ ଜନସାଧାରଣ। (ଫଟୋ: ମନୋରଞ୍ଜନ ମିଶ୍ର, ବିକାଶ ନାୟକ)

## ସଂକ୍ଷେପରେ

# ଦମ୍ପତିଙ୍କୁ ଫସାଇ ୨୦ ହଜାର ଚୋରି

### ଅଭିଯୁକ୍ତ ଗିରଫ, ସ୍କୁଟି ଜବତ

ଭୁବନେଶ୍ୱର,୧୧।୭(ସତ୍ୟଜିତ୍ ରାଉତ): ଦମ୍ପତିଙ୍କୁ ଫସାଇ ୨୦ ହଜାର ଟଙ୍କା ଚୋରି କରିବା ଅଭିଯୋଗରେ ନୟାପଲ୍ଲୀ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲେ ନନ୍ଦନକାନନ ଥାନା ଗନ୍ଦରପୁର ଗାଁର ନିରଞ୍ଜନ ସାମ୍ନଲ (୩୩)। ତାଙ୍କଠାରୁ ୧୩ ହଜାର ଟଙ୍କା ଓ ସ୍କୁଟି ଜବତ ହୋଇଛି। ସୂଚନା ଅନୁଯାୟୀ, ଜୁଲାଇ ୬ରେ ପାଲିଆ ମହାପାତ୍ର(୫୫) ତାଙ୍କ ସ୍ତ୍ରୀଙ୍କ ସହ ନୟାପଲ୍ଲୀ ଅଞ୍ଚଳର ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଇଥିଲେ। ଚିକିତ୍ସା ପରେ ସେମାନେ ବରମୁଣ୍ଡା ଯିବାକୁ ଅଟୋ ଅପେକ୍ଷାରେ ଥିବା ସମୟରେ ନିରଞ୍ଜନ ଇସ୍କନ ନିକଟରେ ପାଖକୁ ଆସିଥିଲେ। ବୃଦ୍ଧ ଦମ୍ପତିଙ୍କୁ ସ୍କୁଟିରେ ଛାଡ଼ିଦେବାକୁ ସେ କହିଥିଲେ। ସେମାନେ ଅଭିଯୁକ୍ତଙ୍କୁ ବିଶ୍ୱାସ କରି ତାଙ୍କ ସ୍କୁଟିରେ ବସିଥିଲେ। ରାସ୍ତାରେ ଅଭିଯୁକ୍ତ ଚା’ ପିଇବାକୁ ଯାଉଥିବା କହି ସିଆର୍‌ପି ନିକଟରେ ସେମାନଙ୍କୁ ଛାଡ଼ି ଦେଇଥିଲେ। ତେବେ ଏହି ସମୟ ଭିତରେ ନିରଞ୍ଜନ ବୃଦ୍ଧାଙ୍କ ଭ୍ୟାନିଟି ବ୍ୟାଗ୍‌ରେ ରଖାଯାଇଥିବା ୨୦ ହଜାର ଟଙ୍କା ଚୋରି କରି ନେଇଯାଇଥିଲେ। ନିରଞ୍ଜନ ପୁଣି ସେମାନଙ୍କୁ ସ୍କୁଟିରେ ନେଇ ଇସ୍କନ ନିକଟରେ ଛାଡି ଚାଲିଯାଇଥିଲେ। ତେବେ ଚୋରି ସମ୍ପର୍କରେ ଜଣାପଡିବା ପରେ ଉକ୍ତ ଦମ୍ପତି ଥାନାର ଦ୍ୱାରସ୍ଥ ହୋଇଥିଲେ। ଏତଲାକ୍ରମେ ନୟାପଲ୍ଲୀ ଥାନା ମାମଲା (ନଂ.୩୩୮/୨୦୨୫) ରୁଜୁ କରିଥିଲା।

# ମେହ୍ରୀନ୍ ଫାଉଣ୍ଡେଶନ ପକ୍ଷରୁ ଚାରାରୋପଣ

ଭୁବନେଶ୍ୱର, ୧୧।୭ (ସୌମ୍ୟରଞ୍ଜନ ରାଉତ)- ବନ ମହୋତ୍ସବ ଅବସରରେ ମେହ୍ରୀନ୍ ଫାଉଣ୍ଡେଶନ ଏବଂ ଓଡ଼ିଶା ବାୟୋଡାଇଭର୍ସିଟି ବୋର୍ଡ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। କଟକ ଓ ଜଗତ୍‌ସିଂହପୁର ଜିଲାର କିଛି ଗ୍ରାମ ସମେତ ଭୁବନେଶର ମହାନଗର ନିଗମ ଅଞ୍ଚଳରେ ଚାରାରୋପଣ କରାଯାଇଛି। ଏହି ଅଭିଯାନରେ ବିଡିଏ କଲୋନି ସ୍ଥିତ ନୀଳମାଧବ ନିବାସ ଓ ବଡ଼ଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଫାଉଣ୍ଡେଶନ ସଦସ୍ୟ ରୀନା ମିଶ୍ର, ନୀଳୟା ପଟ୍ଟନାୟକ, ମୀନା ମିଶ୍ର, ଶ୍ରୀକାନ୍ତ ନନ୍ଦ, ସ୍ମୃତିରଞ୍ଜନ ମିଶ୍ର, ଲିନା ମିଶ୍ର, ନୀହାରିକା ପଟ୍ଟନାୟକ, ପଦ୍ମାବତୀ ପିଲ୍ଲାଇ ଓ ଆୟେଶା ନନ୍ଦ ପ୍ରମୁଖ ସାମିଲ ହୋଇଥିଲେ।

# ପୋଲିସ ଭ୍ୟାନ୍ ଧକ୍କାରେ ଅଟୋ, ବାଇକ୍ ଚୂରମାର୍

### ଅଟୋ ଚାଳକ ଗୁରୁତର, ଘଟଣାସ୍ଥଳରେ ଉତ୍ତେଜନା

ଭୁବନେଶ୍ୱର,୧୧।୭(ସତ୍ୟଜିତ ରାଉତ)

ଗୋପବନ୍ଧୁ ମାର୍ଗରେ କମିଶନରେଟ ପୋଲିସ ମୁଖ୍ୟାଳୟ ପାର୍ଶ୍ୱରେ ଏକ ପୋଲିସ ଭ୍ୟାନ୍ ଧକ୍କାରେ ଗୋଟିଏ ଅଟୋ ଓ ବାଇକ କ୍ଷତିଗ୍ରସ୍ତ ହୋଇଛି। ଶୁକ୍ରବାର ରାତି ପ୍ରାୟ ୧୧ଟା ୪୫ରେ ଏହି ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଅଟୋ ଚାଳକ ଗୁରୁତର ହୋଇଥିବା ବେଳେ ଜଣେ ବାଇକ ଚାଳକ ସାମାନ୍ୟ ଆହତ ହୋଇଛନ୍ତି। ଗୁରୁତର ଅଟୋ ଚାଳକଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡବ୍ଲ୍ୟୁବି୪୦ଏଏମ୍୧୬୮୯ ନମ୍ବର ବିଶିଷ୍ଟ ପୋଲିସ ଭ୍ୟାନଟି ଦ୍ରୁତ ଗତିରେ ରବୀନ୍ଦ୍ରମଣ୍ଡପ ପାର୍ଶ୍ୱରୁ ୧୨୦ ବାଟାଲିୟନ ଆଡ଼କୁ ଯାଉଥିଲା ବେଳେ ଏହି ଦୁର୍ଘଟଣା ଘଟାଇଥିବା ବାଇକ ଚାଳକ ଗୌରବ ପଟ୍ଟନାୟକ କହିଛନ୍ତି। ସୂଚନାନୁସାରେ, ୧୨୦ ବାଟାଲିୟନରୁ ରବୀନ୍ଦ୍ରମଣ୍ଡପ ଆଡ଼କୁ ଅଟୋ ଓ ବାଇକ ଯାଉଥିବାବେଳେ ପୋଲିସ ଗାଡିଟି ସାମ୍ନା ପଟରୁ ଧକ୍କା ଦେଇଥିଲା। ପୋଲିସ ଗାଡିଟି କମିଶନରେଟ ପୋଲିସର କି ନୁହେଁ, ସେନେଇ ସ୍ପଷ୍ଟ ସୂଚନା ମିଳିପାରିନାହିଁ। ସେଥିରେ ଥିବା ଜଣେ ଅଧିକାରୀ ଓ ଡ୍ରାଇଭରଙ୍କୁ ପୋଲିସ ପଚରାଉଚରା କରୁଛି। ଖବର ଲେଖାହେବା ଯାଏ ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ୟକ୍ତ ଲୋକେ ପୋଲିସ ଗାଡିକୁ ଅଟକାଇ ହୋହଲ୍ଲା କରିଥିଲେ। ଖାରବେଳନଗର ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ କ୍ଷତିଗ୍ରସ୍ତ ଗାଡିଗୁଡିକୁ ଜବତ କରି ଥାନାକୁ ନେଇଛି।


ପୋଲିସ ଭ୍ୟାନ ଧକ୍କାରେ କ୍ଷତିଗ୍ରସ୍ତ ଅଟୋ ଓ ବାଇକ୍।

# ସାମନ୍ତରାପୁରରେ ଡିଅନ୍ ଅଟୋମୋଟିଭସ୍‌ର ଇଭି ଶୋ’ରୁମ୍



ଭୁବନେଶ୍ୱର,୧୧।୭ (ଅଭୟ ଦାଶ)

ଡିଅନ୍ ଅଟୋମୋଟିଭସ୍‌ର ଏକ୍ସକ୍ଲୁସିଭ ଇଲେକ୍ଟ୍ରିକ୍ ଭେଇକିଲ ବା ଇଭି ଶୋ’ରୁମ୍ ଶୁକ୍ରବାର ଭୁବନେଶ୍ୱରର ଲୁଇସ୍ ରୋଡ୍‌ସ୍ଥିତ ସାମନ୍ତରାପୁରଠାରେ ଉଦ୍‌ଘାଟିତ ହୋଇଯାଇଛି।

ଉଲ୍ଲେଖଯୋଗ୍ୟ, ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ୍ ଲିମିଟେଡ୍ ଏବଂ ଟାଟା ମୋଟର୍ସ ଇଲେକ୍ଟ୍ରିକ୍ ଭେଇକିଲ୍ ମୋବିଲିଟିର ଅଧିକୃତ ବିକ୍ରେତା ଡିଅନ୍ ଅଟୋମୋଟିଭ୍‌ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଏହି ନୂତନ ଶୋ’ରୁମ୍‌ର ଶୁଭାରମ୍ଭ କରାଯାଇଛି। ବିଶେଷ କରି ୩୦୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଟାଟା ମୋଟର୍ସର ଇଭି ଯାନ (ଟିଆଗୋ, ଟିଗୋର, ପଞ୍ଚ , ନେକ୍ସଅନ୍, କର୍ଭ) ର ରେଞ୍ଜ ଉପଲବ୍ଧ। ଏପରି କି ଆଶାୟୀ ଗ୍ରାହକମାନେ ଉଭୟ ଦେଖିବା ସହ ଟେଷ୍ଟ ଡ୍ରାଇଭର ମଧ ଅନୁଭବ ନେଇପାରିବେ। ସେହିଭଳି ଭୁବନେଶ୍ୱର, କଟକ ଏବଂ ପୁରୀର ଗ୍ରାହକମାନେ ଏହି ଶୋ’ରୁମ୍ ଜରିଆରେ ଟାଟାର ସମସ୍ତ ଇଭି ମଡେଲ୍ ଗାଡି ପାଇପାରିବେ। ଟାଟା ମୋଟର୍ସର ନୂତନ ମଡେଲ ଟାଟା ହ୍ୟାରିଅର ମଧ ବିଶେଷ ଭାବେ ଡିସ୍‌ପ୍ଲେ ଓ ଟେଷ୍ଟ ଡ୍ରାଇଭ୍ ପାଇଁ ଉପଲବ୍ଧ ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ମଡେଲ୍ ପାଇଁ ୫୧ଟି ବୁକିଂ ଶେଷ ହୋଇଛି।

ଉଦ୍‌ଘାଟନୀ ସମାରୋହରେ ଟାଟା ମୋଟର୍ସ ଲିମିଟେଡ୍‌ର ଜୋନାଲ ମ୍ୟାନେଜର ଜୟଦୀପ ଗୁପ୍ତେ, ରିଜିଓନାଲ ମ୍ୟାନେଜର ଏମ୍‌ଡି ଶୋଏବ, ଡିଲର୍ ଡେଭେଲପମେଣ୍ଟ ମ୍ୟାନେଜର ରାମମୋହନ ଓ ଟେରିଟୋରି ସେଲ୍ ମ୍ୟାନେଜର ଶୈଳେଶ ରାୟଙ୍କ ସମେତ ଡିଲର୍ ପ୍ରିନ୍ସିପାଲ୍ ତଥା ଡିଅନ୍ ଗ୍ରୁପ୍‌ର ଚେୟାରମ୍ୟାନ୍ ସୁରେଶ ଚନ୍ଦ୍ର ସାହୁଙ୍କ ସମେତ ଶୋ’ରୁମ ମ୍ୟାନେଜର/ପ୍ରବନ୍ଧକ ମନୋଜ କୁମାର ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଡିଅନ୍ ଅଟୋମୋଟିଭସ୍‌ର ସିଇଓ ସତ୍ୟମ୍ ପଟ୍ଟନାୟକ କହିଛନ୍ତି, ଟାଟା ମୋଟର୍ସ ଦ୍ୱାରା ଆମକୁ ଦିଆଯାଇଥିବା କାର୍ଯ୍ୟ ଓ ସମ୍ପୃକ୍ତ ଅଞ୍ଚଳର ପ୍ରତ୍ୟେକ ସ୍ଥାନରେ ଯାତାୟାତ ସୁବିଧା ପହଞ୍ଚାଇବା ପାଇଁ ଆମେ ସର୍ବଦା ପ୍ରତିବଦ୍ଧ ରହିଛୁ। ଏପରିକି ବିଶ୍ୱସ୍ତରୀୟ ସେବା ସୁବିଧା ଦ୍ୱାରା ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବା ଆମର ପ୍ରାଥମିକ ଲକ୍ଷ୍ୟ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ମିକ୍ସଚର୍ ପ୍ୟାକେଟରେ ବ୍ରାଉନସୁଗାର

### ୧୫୦ ଗ୍ରାମ୍, ୧ ଲକ୍ଷ ଟଙ୍କା ଜବତ: ୨ଗିରଫ

ଖୋର୍ଦ୍ଧା,୧୧।୭(ପ୍ରଭାତ ପାଣିଗ୍ରାହୀ): ମିକ୍ସଚର୍ ପ୍ୟାକେଟରେ ବ୍ରାଉନସୁଗାର ରଖି ଚାଲିଥିଲା ବେପାର। ଖୋର୍ଦ୍ଧା ଜିଲା ସଦର ଥାନା କୁଞ୍ଜରୀ ପଞ୍ଚାୟତ ଅଧୀନ ପୋଡ଼ାପାଟଣା ଗାଁର ଏକ ମିକ୍ସଚର୍ ଫ୍ୟାକ୍ଟ୍ରିରେ ଗୁରୁବାର ରାତିରେ ଖୋର୍ଦ୍ଧା ଅବକାରୀ ମୋବାଇଲ ୟୁନିଟ୍ ପକ୍ଷରୁ ଚଢ଼ାଉ ବେଳେ ଏଭଳି ଘଟଣା ସାମ୍ନାକୁ ଆସିଛି। ୧ଲକ୍ଷ ଟଙ୍କା ସମେତ ୬ଟି ମିକ୍ସଚର୍ ପ୍ୟାକେଟରେ ଥିବା ୧୫୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯିବା ସହ ଫ୍ୟାକ୍ଟ୍ରି ମାଲିକ ତଥା ପୋଡ଼ାପାଟଣା ବାସିନ୍ଦା ପଦ୍ମନାଭ ସାହୁ ଓ କର୍ମଚାରୀ ସାନପଦର ଗ୍ରାମର ରଞ୍ଜନ ମହାପାତ୍ରଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ଉଭୟଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଉଭୟଙ୍କୁ ଫସାଇ ଦିଆଯାଇଥିବା ଅଭିଯୋଗ ଆଣି ପୋଡ଼ାପାଟଣା ଗ୍ରାମବାସୀ ଶୁକ୍ରବାର ଖୋର୍ଦ୍ଧା ଅବକାରୀ କାର୍ଯ୍ୟାଳୟ ଘେରାଉ କରିଥିଲେ। ବେଗୁନିଆ ବିଧାୟକ ପ୍ରଦୀପ ସାହୁ ପହଞ୍ଚି ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ସହ ଆଲୋଚନା କରିଥିଲେ।

# ଏଡ୍‌ସ ସଚେତନତା ପାଇଁ ଓସାକ୍ସର ଅଭିନବ ପ୍ରୟାସ

### ଦୁଇମାସ ଧରି ଚାଲିବ ସଚେତନତା କାର୍ଯ୍ୟକ୍ରମ



ଲୋକନୃତ୍ୟ ମାଧ୍ୟମରେ ସଚେତନ କରାଯାଉଛି।

ଭୁବନେଶ୍ୱର,୧୧।୭(ସୁଚିସ୍ମିତା ସାହୁ)

ଗ୍ରାମାଞ୍ଚଳରେ ଏଚ୍‌ଆଇଭି/ଏଡ୍‌ସ ସମ୍ପର୍କିତ ସଚେତନତା ସୃଷ୍ଟି ପାଇଁ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି(ଓସାକ୍ସ) ପକ୍ଷରୁ ୨ଦିନିଆ କର୍ମଶାଳା ଇମେଜ୍ ସଭାଗୃହରେ ଆରମ୍ଭ ହୋଇଛି। କର୍ମଶାଳାକୁ ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ସ୍ୱାଇଁ ଉଦ୍‌ଘାଟନ କରି କହିଲେ, ସବୁ କ୍ଷେତ୍ରରେ ସଚେତନତା ହିଁ ଜୀବନକୁ ସୁରକ୍ଷିତ ଓ ସୁଗମ କରିପାରିବ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଏଚ୍‌ଆଇଭି/ଏଡ୍‌ସ ସଚେତନତା ବାର୍ତ୍ତା ଗ୍ରାମାଞ୍ଚଳରେ ପ୍ରଚାର ପ୍ରସାର କରାଯିବ। ତେବେ ସଚେତନତା କ୍ଷେତ୍ରରେ ପାରମ୍ପରିକ ଲୋକନୃତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଏହି ଅବସରରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସ୍ୱୀକୃତିପ୍ରାପ୍ତ କଳାକାରଙ୍କୁ ନେଇ ଏଚ୍‌ଆଇଭି/ଏଡ୍‌ସ ସଚେତନତାକୁ ଅଧିକ ପ୍ରଚାର ପ୍ରସାର କରିବା ଲାଗି କର୍ମଶାଳାର ଆୟୋଜନ କରାଯାଇଥିଲା। ଏଥିସହ ଏଭଳି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଏଡ୍‌ସପ୍ରବଣ ଅଞ୍ଚଳ ଖୋର୍ଦ୍ଧା, ଗଞ୍ଜାମ, ନବରଙ୍ଗପୁର, କଟକ, କଳାହାଣ୍ଡି, ବଲାଙ୍ଗୀର, ସୋନପୁର, ମୟୂରଭଞ୍ଜ, କଳାହାଣ୍ଡି ଏବଂ ସୁନ୍ଦରଗଡ଼ ଜିଲାରେ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ପାଲା, ଦାସକାଠିଆ, ଘୋଡ଼ାନାଚ, ପପେଟ, ପଥପାନ୍ତ ନାଟକ ଆଦି ଲୋକନୃତ୍ୟ ଦଳଙ୍କୁ ସାମିଲ କରାଯାଇଛି। ଅନ୍ୟପକ୍ଷରେ ଏଚ୍‌ଆଇଭି/ଏଡ୍‌ସ ଓ ଯୌନ ସଂକ୍ରମଣର ନିରାକରଣ ପାଇଁ ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ଦେଶବ୍ୟାପୀ ସଚେତନତା ଅଭିଯାନର ଶୁଭାରମ୍ଭ କରାଯିବ। ଏହି କାର୍ଯ୍ୟକ୍ରମ ଅଗଷ୍ଟ ୧୨ରୁ ଆରମ୍ଭ ହୋଇ ଅକ୍ଟୋବର ୧୧ ପର୍ଯ୍ୟନ୍ତ ଦୁଇମାସ ଧରି ଚାଲିବ। ସ୍କୁଲ ଓ କଲେଜଗୁଡିକରେ ଲୋକନୃତ୍ୟ ଜରିଆରେ ବିଭିନ୍ନ ସଚେତନ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦିଆଯାଇଛି।

# ବାଣୀବିହାରରେ ଏବିଭିପି ବାଇକ୍ ରାଲିକୁ ବିରୋଧ

ଭୁବନେଶ୍ୱର,୧୧।୭(ସୁଚିସ୍ମିତା ସାହୁ)

ଆଗକୁ ଛାତ୍ର ସଂସଦ ନିର୍ବାଚନ ହେବାକୁ ଥିବାବେଳେ ଏବେଠାରୁ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଚଳଚଞ୍ଚଳ ହୋଇଉଠିଲାଣି। ବିଭିନ୍ନ ଦଳର ଛାତ୍ର ସଂଗଠନଗୁଡ଼ିକ ପତିଆରା ଦେଖାଇଲେଣି। କ୍ୟାମ୍ପସରେ ଏବିଭିପିର ବାଇକ୍ ରାଲିକୁ ନେଇ ବିଜୁ ଛାତ୍ର ଜନତା ଦଳ ଅଭିଯୋଗ ଉଠାଇଛି। ଶୁକ୍ରବାର ବିସିଜେଡିର ଛାତ୍ରନେତାମାନେ ଖବରଦାତା ସମ୍ମିଳନୀରେ ରାଲିକୁ ନିନ୍ଦା କରିବା ସହ କୁଳପତିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଗତ ଏପ୍ରିଲରେ କ୍ୟାମ୍ପସକୁ ଅଣଛାତ୍ରଙ୍କ ପ୍ରବେଶକୁ ବାରଣକରି ଏବିଭିପି ପକ୍ଷରୁ ଧାରଣା ଦିଆଯାଇଥିଲା। ଏବିଭିପି ଛାତ୍ର ନେତା ବିଶ୍ୱଜିତ ପାତ୍ର ବିଶ୍ୱବିଦ୍ୟାଳୟର ଛାତ୍ର ଥିବାବେଳେ କ୍ୟାମ୍ପସରୁ ଅଣ ଛାତ୍ରଙ୍କୁ ହଟାଇବା ପାଇଁ ଅନଶନରେ ବସିଥିଲେ। ହେଲେ ଗତ ବୁଧବାର ସେ ଅଣଛାତ୍ରଙ୍କୁ ଏକାଠିକରି କ୍ୟାମ୍ପସରେ ବାଇକ୍ ଶୋଭାଯାତ୍ରା କରିଥିଲେ। ଏଥିରେ ସମ୍ପୃକ୍ତ ଛାତ୍ରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବିସିଜେଡିର ପ୍ରିୟରଞ୍ଜନ ନାୟକ, ସମ୍ବିତ କୁମାର ସାହୁ, ଜଗନ୍ନାଥ ସ୍ୱାମୀ, ପ୍ରଭଞ୍ଜନ ଜେନା,ପ୍ରଦୀପ ମଲ୍ଲିକ, ସମ୍ବିତ ସେଠୀ, ସୌମ୍ୟପ୍ରକାଶ ରାଉତ ପ୍ରମୁଖ ଦାବି କରିଛନ୍ତି।

# ମହାନଦୀର ଗଭୀର ଜଳାଶୟରେ ବିଦ୍ୟୁତ୍ ମରାମତି

ବାରଙ୍ଗ,୧୧।୭(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ମୁଣ୍ଡଳୀଠାରେ ମହାନଦୀ ଭିତରେ ଥିବା ଏକ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଲାଇନ ଇନ୍‌ସୁଲେଟରରେ ତ୍ରୁଟି ଦେଖାଯିବାରୁ ଗୁରୁବାରଠାରୁ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ଶୁକ୍ରବାର ଏନ୍‌ଡିଆର୍‌ଏଫ୍ ସହାୟତାରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ମହାନଦୀର ଗଭୀର ଜଳରେ ମରାମତିକାର୍ଯ୍ୟ କରିଛନ୍ତି। ପ୍ରକାଶ ଯେ, ବାରିପଦାରୁ ଭୁବନେଶ୍ୱର ଆସିଥିବା ୪୦୦ କେଭି ବିଦ୍ୟୁତ୍ ଲାଇନରେ ଗୁରୁବାର ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ମହାନଦୀ ଭିତରେ ଥିବା ଏହି ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଲାଇନ ଇନ୍‌ସୁଲେଟରରେ ତ୍ରୁଟି ଦେଖାଦେଇଥିବା ନେଇ ପାୱାରଗ୍ରୀଡ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ (ପିଜିସିଆଇଏଲ୍) ଅଧିକାରୀ ସୂଚନା ପାଇଥିଲେ। ରାତି ହୋଇଯିବା ସହ ମହାନଦୀରେ ଜଳସ୍ତର ଅଧିକ ରହିଥିବାରୁ ଏହାକୁ ମରାମତି କରାଯାଇପାରି ନ ଥିଲା। ଫଳରେ ବିଦ୍ୟୁତ୍ ଯୋଗାଣରେ ବାଧାପ୍ରାପ୍ତ ହୋଇଥିଲା। ଗୁରୁବାର ସକାଳୁ ଏନ୍‌ଡିଆର୍‌ଏଫ୍‌ର ଏକ ଟିମ୍ ସହାୟତାରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ମହାନଦୀର ଗଭୀର ଜଳାଶୟ ମଧ୍ୟକୁ ଯାଇ ପ୍ରଭାବିତ ହୋଇଥିବା ବିଦ୍ୟୁତ୍ ଖୁଣ୍ଟରେ ମରାମତି କରିଥିଲେ। ଏନ୍‌ଡିଆର୍‌ଏଫ୍ ଡେପୁଟି କମାଣ୍ଡାଣ୍ଟ ପ୍ରବୀଣ ଚୌହାନଙ୍କ ନେତୃତ୍ୱରେ ଏକ ଟିମ୍ ବିଭିନ୍ନ ଉପକରଣ ସହ ସେଠାରେ ଉପସ୍ଥିତ ରହି ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ସହଯୋଗ କରିଥିଲେ। ଏହି ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ବାରିପଦା ଏବଂ ଦୁବୁରୀରୁ ୨ଟି ସର୍କିଟ ଦେଇ ଭୁବନେଶ୍ୱର ଆସିଥାଏ। ଗୋଟିଏ ସର୍କିଟରେ ଲାଇନ ଇନ୍‌ସୁଲେଟରରେ ତ୍ରୁଟି ଯୋଗୁ ଗୁରୁବାରଠାରୁ ବିଦ୍ୟୁତ୍ ଯୋଗାଣରେ ବାଧା ଉପୁଜିଥିଲା। ଯଦି ଏହାକୁ ମରାମତି କରାଯାଇ ନ ଥାନ୍ତା, ତେବେ ଅଧା ଭୁବନେଶ୍ୱର ଅନ୍ଧାର ହୋଇଯାଇଥାଆନ୍ତା ବୋଲି ଜଣାପଡ଼ିଛି।

# ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ବିଶ୍ୱ ଜନସଂଖ୍ୟା ଦିବସ



ଭୁବନେଶ୍ୱର,୧୧।୭(ସୁଚିସ୍ମିତା ସାହୁ)

ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପରିସରରେ ବିଶ୍ୱ ଜନସଂଖ୍ୟା ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଲିଙ୍ଗଗତ ସମାନତା, ଜନସଂଖ୍ୟା ସମ୍ବନ୍ଧୀୟ ପରିବର୍ତ୍ତନ, ପ୍ରଜନନ ଅଧିକାର, ଜଳବାୟୁ ପରିବର୍ତ୍ତନ ଉପରେ ସଚେତନତା ସୃଷ୍ଟି କରିବା ସହ ଯୁବପିଢ଼ିଙ୍କୁ ସଶକ୍ତ କରିବା ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜ୍ଞାନ ବକ୍ତୃତା ପାଇଁ ଓଡ଼ିଶା ବିଜ୍ଞାନ ଏକାଡେମୀ ଭୁବନେଶ୍ୱରର ସେକ୍ରେଟାରୀ ଡ. ଆଶିଷ କୁମାର ମହାନ୍ତି ‘ଏକ ନିରପେକ୍ଷ ଏବଂ ଆଶାପୂର୍ଣ୍ଣ ଦୁନିଆରେ ନିଜ ମନମୁତାବକ ପରିବାର ଗଠନ ପାଇଁ ଯୁବପିଢ଼ିଙ୍କୁ ସଶକ୍ତ କରିବା’ ବିଷୟବସ୍ତୁ ପ୍ରଦାନ କରିଥିଲେ। କେନ୍ଦ୍ରର ପ୍ରକଳ୍ପ ସଂଯୋଜକ କପିଲ ଜୈନ ପ୍ରସଙ୍ଗ ଉପରେ ମତ ରଖିଥିଲେ। ଜନସଂଖ୍ୟା ସମସ୍ୟା ଉପରେ ଆଧାରିତ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଭୁବନେଶ୍ୱର ଓ କଟକର ୯ଟି ବିଦ୍ୟାଳୟରୁ ୧୮୦ ଛାତ୍ରୀଛାତ୍ର ଏବଂ ଶିକ୍ଷକ ଯୋଗଦେଇଥିଲେ।

# ‘ମାଛଚାଷକୁ ଜ୍ଞାନକୌଶଳଯୁକ୍ତ କରାଯିବ’

### ଜିଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ



ଜିଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କଟକ,୧୧।୭(କାର୍ତ୍ତିକ ସାହୁ)

ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳନ ଅବସରରେ ଜିଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିଲାସ୍ତରୀୟ ମତ୍ସ୍ୟଚାଷୀ ଦିବସ ଗୁରୁବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁଶାନ୍ତ ନାୟକ ଓ ସମ୍ମାନିତ ଅତିଥି ଜିଲା ମୁଖ୍ୟ କୃଷି ଅଧିକାରୀ ରାଜଶ୍ରୀ ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷି ତଥା ପ୍ରାଣୀ ସମ୍ପଦ ବିକାଶ ବିଭାଗର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟର ପ୍ରଗତି ଓ ବିକାଶରେ ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍ୟୋଗୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମତ୍ସ୍ୟ ସହ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ଏହି କ୍ଷେତ୍ରକୁ ନୂତନ ଜ୍ଞାନ କୌଶଳଯୁକ୍ତ କରିବା ଓ ପରିବେଶ ଅନୁକୂଳଯୁକ୍ତ ସମୃଦ୍ଧି କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ରୂପରେଖ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଜିଲାର ଅଗ୍ରଣୀ ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍ୟୋଗୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ପୁରସ୍କୃତ କରଯାଇଥିଲା। କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂଙ୍କ ଅଧକ୍ଷତାରେ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ମଧୁର ଜଳ କୃଷି ଗବେଷଣା ପ୍ରତିଷ୍ଠାନଠାରେ ଆୟୋଜିତ ଜାତୀୟ ମତ୍ସ୍ୟଚାଷୀ ଦିବସ କାର୍ଯ୍ୟକ୍ରମ ଭିଡିଓ କନ୍‌ଫରେନ୍ସ ଜରିଆରେ ସିଧା ପ୍ରସାରଣ କରାଯାଇଥିଲା। ଉପମତ୍ସ୍ୟ ନିର୍ଦ୍ଦେଶିକା ବବିତା ମହନ୍ତ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ।

ଉଲ୍ଲେଖଯୋଗ୍ୟ ଯେ, ୧୯୫୭ ଜୁଲାଇ ୧୦ରେ ଅବିଭକ୍ତ ଢେଙ୍କାନାଳ ଜିଲା ଅନ୍ତର୍ଗତ ନାରାୟଣ ସାଗର ସରକାରୀ ମାଛ ଫାର୍ମରେ କାର୍ପ ମାଛର କୃତ୍ରିମ ପ୍ରଜନନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଥିଲା। ଏହି ମହତ୍ୱପୂର୍ଣ୍ଣ ଐତିହାସିକ ସଫଳତାକୁ ମନେ ରଖିବା ପାଇଁ ଜୁଲାଇ ୧୦ ତାରିଖକୁ ଭାରତରେ ଜାତୀୟ ମତ୍ସ୍ୟଚାଷୀ ଦିବସ ରୂପେ ପାଳନ କରାଯାଇ ଆସୁଛି।

# ଓଡିଏମ୍‌ରେ ଏଲ୍‌ଇଏପି ସିରିଜ୍ କାର୍ଯ୍ୟକ୍ରମ




ଭୁବନେଶ୍ୱର, ୧୧।୭ (ଅନୁରାଧା ମହାରଣା)

ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ ପରିସରରେ ଏଲ୍‌ଇଏପି ସିରିଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଓଡିଏମ୍ ପବ୍ଲିକ୍ ସ୍କୁଲ ଏବଂ ଓଡିଏମ୍ ଗ୍ଲୋବାଲ୍ ସ୍କୁଲ ପ୍ରାଙ୍ଗଣରେ ଦୁଇଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡିଏମ୍ ପବ୍ଲିକ୍ ସ୍କୁଲ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଖଣିଜ ପ୍ରକ୍ରିୟାକରଣ ବିଭାଗର ମୁଖ୍ୟ ବୈଜ୍ଞାନିକ ଡ. ରଞ୍ଜନ କୁମାର ଦ୍ୱାରି, ସମ୍ମାନିତ ଅତିଥି ଭାବେ ଆର୍‌ଏମ୍‌ଏନ୍‌ଏଚ୍‌ର ବରିଷ୍ଠ ବୈଜ୍ଞାନିକ ଗୌରବ, ରାଜ୍ୟ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ବୈଜ୍ଞାନିକ ଡ. ପ୍ରସାଦ କୁମାର ଦାଶ, ମେଜର ଇନ୍ସପେକ୍ଟର ଜେନେରାଲ ତଥା ଆସାମ ରାଇଫଲ୍ସ (ଉତ୍ତର)ର ମେଜର ଜେନେରାଲ ବି. ଏସ୍. ଦାସ ଏବଂ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଡା. ଅଶୋକ କୁମାର ମହାପାତ୍ର ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଛାତ୍ରୀଛାତ୍ର କିଭଳି ସୁସଂଗଠନ, ଶୃଙ୍ଖଳିତ, ସଂଯମ ଏବଂ ଉତ୍ସର୍ଗୀକୃତ ମନୋଭାବ ନେଇ ଜୀବନଶୈଳୀରେ ପରିବର୍ତ୍ତନ ଆଣିପାରିବେ ସେନେଇ ଅତିଥିମାନେ ମନ୍ତବ୍ୟ ଦେଇଥିଲେ। ବିଦ୍ୟାଳୟ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଉପାଧକ୍ଷା ଡ. ସନ୍ଧ୍ୟାରାଣୀ ସ୍ୱାଇଁ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଉପାଧକ୍ଷ ଡ. ରାଜେଶ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଓଡିଏମ୍ ଗ୍ଲୋବାଲ୍ ସ୍କୁଲ ପ୍ରାଙ୍ଗଣରେ ୫ଟି ଅଧିବେଶନ ହୋଇଥିଲା। ପ୍ରଥମ ଅଧିବେଶନରେ ମେଜର୍ ଜେନେରାଲ ସାଇ ଅତନୁ ପଟ୍ଟନାୟକ, ଦ୍ୱିତୀୟ ଅଧିବେଶନରେ ଉତ୍କଳ ଚାମ୍ବର ଅଫ୍ କମର୍ସର ଚେୟାରମ୍ୟାନ୍ ଡ. ସଞ୍ଜୀବ ମହାପାତ୍ର, ତୃତୀୟ ଅଧିବେଶନରେ ଅର୍ଥୋ ପୁନର୍ବାସ ଏବଂ ଜୀବନଶୈଳୀ ପରିଚାଳନାର ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ମହାନ୍ତି,ଚତୁର୍ଥ ଅଧିବେଶନରେ ଯୁବୋଦ୍ୟୋଗୀ ଦେବାଶିଷ କୁମାର ଓ ପଞ୍ଚମ ଅଧିବେଶନରେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ସହକାରୀ ନିର୍ଦ୍ଦେଶକ ନଗେନ୍ଦ୍ର କୁମାର ମଲ୍ଲିକ ଯୋଗଦେଇ ନିଜ ଜୀବନରେ କିପରି ସଂଘର୍ଷ ଓ ପରିଶ୍ରମ ଦ୍ୱାରା ସଫଳତା ପାଇଛନ୍ତି, ତାହା ଉପସ୍ଥାପନ କରିଥିଲେ । ବିଦ୍ୟାଳୟ ଅଧକ୍ଷ ସୁବ୍ରତ କୁମାର ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ।

## ମାନସିଂହ ସାହିତ୍ୟ ସଂସଦର କବିତା ଆସର

କୃଷ୍ଣପ୍ରସାଦ,୧୧।୭(କୈଳାସ ଚନ୍ଦ୍ର ପଟ୍ଟନାୟକ)

ମାନସିଂହ ସାହିତ୍ୟ ସଂସଦ, ନନ୍ଦଳା, ପୁରୀର ୫୫ତମ ଆଭାସୀ କବିତା ଆସର ତଥା ରଜ ଆସର ଗୁଗଲ ମିଟ୍ ମାଧ୍ୟମରେ ବିଷ୍ଣୁପ୍ରସାଦ ଦଳେଇଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମୁଖ୍ୟ ଅତିଥି ଭାବେ କଟକରୁ ବରିଷ୍ଠ କବି ପ୍ରସନ୍ନ କୁମାର ସ୍ୱାଇଁ ଯୋଗଦେଇ କବିତାର ଅନୁଶୋଚନା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଫେସର ସରୋଜିନୀ ବରାଇ, ଉମାକାନ୍ତ ରାଉତ, ସୁଦୂର ଆମେରିକାରୁ ଚନ୍ଦ୍ରା ମିଶ୍ର, ବୁଲୁ ବିଷୋୟୀ ଉପସ୍ଥିତ ରହି କବିତା ପାଠ କରିଥିଲେ। ସଂସଦର ମୁଖ୍ୟ ଉପଦେଷ୍ଟା ଡ. ପ୍ରେମାନନ୍ଦ ବେହେରା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ଲଳିତ କୁମାର ସ୍ୱାଇଁ ଆଭିମୁଖ୍ୟ ଉପସ୍ଥାପନ କରିବା ସହ ଅତିଥିଙ୍କୁ ସ୍ୱାଗତ କରିଥିଲେ। ବ୍ରହ୍ମପୁରରୁ ବନ୍ଦନା ପଣ୍ଡାଙ୍କ ଜଗନ୍ନାଥ ଭଜନ ପରେ ପୁରୀରୁ କବି ରାଜକିଶୋର ନାୟକଙ୍କ ସଂଯୋଜନାରେ ଦେଶ ବିଦେଶରୁ ଅନେକ କବି ଯଥା ସମୀର ନାୟକ, ଐଶ୍ୱର୍ଯ୍ୟା ପ୍ରଧାନ, ସୁଶାନ୍ତ କୁମାର ଦଳେଇ, ଧର୍ମ ଶତପଥୀ, ବନବିହାରୀ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଜେନା, ପ୍ରାୟ ୪୯ରୁ ଅଧିକ ସାହିତ୍ୟ ସାଧିକା ସାଧକ ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଅନୁଷ୍ଠାନର ସଂଯୋଜକ ବିଦ୍ୟାଧର ଦଳବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଆସନ୍ତା କବିତା ଆସର ଅଗଷ୍ଟ ୧୦ରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସ୍ୱାଇଁ ସୂଚନା ଦେଇଛନ୍ତି।

# ମିକ୍ସଚର୍ ପ୍ୟାକେଟ୍‌ରେ ବ୍ରାଉନସୁଗାର

ଖୋର୍ଦ୍ଧା,୧୧।୭(ପ୍ରଭାତ ପାଣିଗ୍ରାହୀ)



ପୋଡ଼ାପାଟଣା ଗ୍ରାମବାସୀ ଅବକାରୀ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

**୧୫୦ ଗ୍ରାମ୍, ୧ ଲକ୍ଷ ଟଙ୍କା ଜବତ: ୨ ଗିରଫ**

■ ମିକ୍ସଚରେ ଫସାଇ ଦିଆଯାଇଥିବା ଅଭିଯୋଗ

■ ଅବକାରୀ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ



ମିକ୍ସଚର ପ୍ୟାକେଟରୁ ଜବତ ବ୍ରାଉନସୁଗାର।

ଅଭିନବ ଉପାୟରେ ନିଶା କାରବାର। ମିକ୍ସଚର୍ ପ୍ୟାକେଟରେ ବ୍ରାଉନସୁଗାର ରଖି ଚାଲିଥିଲା ବେପାର। ଖୋର୍ଦ୍ଧା ଜିଲା ସଦର ଥାନା କୁଞ୍ଜରୀ ପଞ୍ଚାୟତ ଅଧୀନ ପୋଡ଼ାପାଟଣା ଗାଁର ଏକ ମିକ୍ସଚର୍ ଫ୍ୟାକ୍ଟ୍ରିରେ ଖୋର୍ଦ୍ଧା ଅବକାରୀ ମୋବାଇଲ ୟୁନିଟ୍ ପକ୍ଷରୁ ଚଢ଼ାଉ ବେଳେ ଏଭଳି ଘଟଣା ସାମ୍ନାକୁ ଆସିଛି। ୧ଲକ୍ଷ ଟଙ୍କା ସମେତ ୬ଟି ମିକ୍ସଚର୍ ପ୍ୟାକେଟରେ ଥିବା ୧୫୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯିବା ସହ ଫ୍ୟାକ୍ଟ୍ରି ମାଲିକ ତଥା ପୋଡ଼ାପାଟଣା ବାସିନ୍ଦା ପଦ୍ମନାଭ ସାହୁ (୬୩) ଓ କର୍ମଚାରୀ ସାନପଦର ଗ୍ରାମର ରଞ୍ଜନ କୁମାର ମହାପାତ୍ର(୩୮)ଙ୍କୁ ଏନ୍‌ଡିପିଏସ୍ ଆକ୍ଟରେ ଗିରଫ କରାଯାଇଛି। ଶୁକ୍ରବାର ଉଭୟଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଖୋର୍ଦ୍ଧା ଅବକାରୀ ମୋବାଇଲ ୟୁନିଟ୍ କୌଣସି ସୂତ୍ରରୁ ଖବର ପାଇ ଗୁରୁବାର ରାତିରେ ଉକ୍ତ ମିକ୍ସଚର୍ ଫ୍ୟାକ୍ଟ୍ରିରେ ଚଢ଼ାଉ କରିଥିଲା। ଫ୍ୟାକ୍ଟ୍ରି ପରିସରରେ ଥିବା ୬ଟି ମିକ୍ସଚର୍ ପ୍ୟାକେଟ ଭର୍ତ୍ତି ଜରିଅଖା ଭିତରୁ ବ୍ରାଉନସୁଗାର ମିଳିଥିଲା। ତେବେ ଉକ୍ତ ଦୁଇଜଣଙ୍କ ଗିରଫକୁ ନେଇ ଗ୍ରାମବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ମିକ୍ସର ପ୍ୟାକେଟ୍‌ରେ ବ୍ରାଉନସୁଗାର ରଖାଯାଇ ଉଭୟଙ୍କୁ ଫସାଇ ଦିଆଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏହି ଘଟଣା ପ୍ରତିବାଦରେ ଶୁକ୍ରବାର ପୋଡ଼ାପାଟଣା ଗ୍ରାମବାସୀ ଖୋର୍ଦ୍ଧା ଅବକାରୀ କାର୍ଯ୍ୟାଳୟ ଘେରାଉ କରିଥିଲେ। ବେଗୁନିଆ ବିଧାୟକ ପ୍ରଦୀପ ସାହୁ ସେଠାରେ ପହଞ୍ଚି ଅବକାରୀ ଅଧୀକ୍ଷକ ସୁମିତ ତ୍ରିପାଠୀଙ୍କ ସହ ଆଲୋଚନା କରିଥିଲେ। ବିଧାୟକ ସାହୁ କହିଛନ୍ତି, ପଦ୍ମନାଭ ଜଣେ ପ୍ରତିଷ୍ଠିତ ବ୍ୟକ୍ତି। କୌଣସି ରାଜନୈତିକ ଅଭିସନ୍ଧି କିମ୍ବା ଆକ୍ରୋଶ ରଖି ଯୋଜନାବଦ୍ଧ ଭାବେ ତାଙ୍କୁ ଫସାଇ ଦିଆଯାଇଛି। ମିକ୍ସଚର ପ୍ୟାକେଟ ଚିରି ସେଥିରେ ବ୍ରାଉନସୁଗାର ପୁରାଇ ପୁଣି ସିଲ୍ କରାଯାଇଥିବା ଭଳି ମନେହେଉଛି। ସେହିପରି ଗ୍ରାମବାସୀ କହିଛନ୍ତି, ନିରୀହ ଲୋକଙ୍କୁ ମିଥ୍ୟା କେସ୍‌ରେ ଫସାଇ ଗିରଫ କରାଯାଇଛି। ତେବେ ଅବକାରୀ ଅଧୀକ୍ଷକ ତ୍ରିପାଠୀ କହିଛନ୍ତି, ଫ୍ୟାକ୍ଟ୍ରି ଆଗରେ ଥିବା ଏକ ମିକ୍ସଚର ଭର୍ତ୍ତି ଅଖା ଯାଞ୍ଚବେଳେ ୬ଟି ମିକ୍ସଚର ପ୍ୟାକେଟରୁ ବ୍ରାଉନସୁଗାର ଜବତ ହୋଇଥିଲା। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ଏଥିରେ ସଂପୃକ୍ତ ଥିବା ଅନ୍ୟମାନଙ୍କୁ ଗିରଫ କରାଯିବ। ଘଟଣାର ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ମିକ୍ସଚର ପ୍ୟାକେଟରେ କିଏ ଓ କାହିଁକି ବ୍ରାଉନସୁଗାର ରଖିଲେ ସେନେଇ ତଦନ୍ତ ହେବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଦନ୍ତା ଆକ୍ରମଣରେ ଗଜ ସାଥୀ ଗୁରୁତର

**ଚିକିତ୍ସା ପାଇଁ ଏମ୍ସରେ ବେଡ୍ ମିଳୁ ନ ଥିବା ଅଭିଯୋଗ**

ଟାଙ୍ଗୀ ଖୋର୍ଦ୍ଧା,୧୧।୭(ରଘୁନାଥ ସାହୁ)

ଟାଙ୍ଗୀ ରେଞ୍ଜ ଅଧୀନ କେନ୍ଦୁଆଠାରେ ଏକ ଦନ୍ତା ହାତୀକୁ ଘଉଡ଼ାଇବାକୁ ଯାଇ ଜଣେ ଗଜ ସାଥୀ ଆକ୍ରମଣର ଶିକାର ହୋଇ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଜଣଙ୍କ ହେଲେ ନୟାଗଡ଼ ଜିଲା ପଟିଆ ଗ୍ରାମର ବସନ୍ତ ମାଝୀ(୫୭)। ସେ ଟାଙ୍ଗୀ ବନ ବିଭାଗରେ ଗଜ ସାଥୀ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ମେରୁହାଡ଼ରେ ଗଭୀର ଆଘାତ ଲାଗିବା ସହ ବାମଗୋଡ଼ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, କେନ୍ଦୁଆ ଗ୍ରାମରେ ଚାଷୀ ବସ୍ତୁଲି ମହାନ୍ତିଙ୍କ ଫସଲ ନଷ୍ଟ କରୁଥିବା ଖବର ପାଇ ହାତୀ ଘଉଡ଼ାଇବାକୁ ଯାଇଥିବାବେଳେ ଆକ୍ରମଣର ଶିକାର ହୋଇଥିଲେ। ଭୁବନେଶ୍ୱରସ୍ଥିତ ଏମ୍ସ ମେଡିକାଲରେ ବେଡ୍ ମିଳୁ ନ ଥିବାରୁ ଗୁରୁତର ବନ କର୍ମଚାରୀଙ୍କ ଚିକିତ୍ସା ଆରମ୍ଭ ହୋଇପାରୁ ନ ଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ତେଣୁ ଗୁରୁତର ମାଝୀଙ୍କୁ ତୁରନ୍ତ ଉତ୍ତମ ଚିକିତ୍ସା ସେବା ଯୋଗାଇଦେବାକୁ ପଟିଆ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ବେଣୁଧର ରଣା ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

## ସର୍ବସାଧାରଣ ନଳକୂପ ସିଲ୍

ନିରାକାରପୁର,୧୧।୭(ମାନସ ଚନ୍ଦ୍ର ପଟ୍ଟନାୟକ)

■ ଭୂଷଣ୍ଡପୁରରେ ଥମୁନି ଡାଇରିଆ

■ ଏବେ ବି ୧୦ ଆକ୍ରାନ୍ତ ଚିକିତ୍ସାଧୀନ

ଖୋର୍ଦ୍ଧା ଜିଲା ଭୂଷଣ୍ଡପୁର ପଞ୍ଚାୟତ ଜଗନ୍ନାଥପୁର, ବିଧାରପୁର, ଉରୁମୁଖି ସାହି ଓ ମଙ୍ଗଳା ସାହିରେ ଗତମାସ ୩୦ ତାରିଖରୁ ଡାଇରିଆ ଆକ୍ରାନ୍ତରେ ପ୍ରାୟ ୫୮ରୁ ଉର୍ଦ୍ଧ୍ୱ ଆକ୍ରନ୍ତ ହୋଇ ମେଡିକାଲରେ ଚିକିତ୍ସା ହୋଇ ଫେରିଛନ୍ତି। ତେବେ ଆହୁରି ଅନେକେ ଘରୋଇ ଚିକିତ୍ସା ହେଉଥିବା ଜଣାପଡ଼ିଛି। ଏହି ଖବର ପ୍ରଶାସନ ପାଖରେ ପହଞ୍ଚିବା ପରେ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରାଯିବା ସହ ଅଞ୍ଚଳରେ ସରକାରୀ ବେସରକାରୀ ସ୍ତରରେ ଥିବା ୩୮୪ କୂଅରେ ବ୍ଲିଚିଂ ପକାଇବା, ହାଲୋଜିନ ଟାବ୍‌ଲେଟ, ଓଆର୍‌ଏସ୍ ଦେବା ଆରମ୍ଭ ହୋଇଛି। ଲୋକେ ବ୍ୟବହାର କରୁଥିବା କୂଅ ଏବଂ ନଳକୂଅରୁ ପାଣି ନମୁନା ସଂଗ୍ରହ କରି ପରୀକ୍ଷା ନିରୀକ୍ଷା ଏବଂ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଉଛନ୍ତି, ହେଲେ ଡାଇରିଆ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢୁଛି। ଏଇ ଦୁଇ ତିନି ଦିନ ମଧ୍ୟରେ ଅର୍ଥାତ୍ ଗତ ବୁଧବାର ଜଗନ୍ନାଥପୁର ଓ ମଙ୍ଗଳା ସାହିରୁ ୩ ଜଣ ମେଡିକାଲରେ ଭର୍ତ୍ତି ହୋଇଥିବାବେଳେ ଗୁରୁବାର ଉରୁମୁଖି ଓ ମଙ୍ଗଳା ସାହିରୁ ଆଉ ୨ ଏବଂ ଶୁକ୍ରବାର ୫ ଜଣ ମେଡିକାଲକୁ ଚିକିତ୍ସା ପାଇଁ ଯାଇଥିବା ଦାୟିତ୍ୱରେ ଥିବା ଜଣେ ଅଧିକାରୀ କହିଛନ୍ତି। ଏହି ପଞ୍ଚାୟତଟି ଚିଲିକା କୂଳରେ ଥିବାରୁ ଏଠାରେ ଥିବା କୂଅ ଏବଂ ନଳକୂଅରେ ପାଣି ପ୍ରାୟତଃ ଖାରିଆ ରହିଛି। ତେବେ ଉକ୍ତ ଅଞ୍ଚଳରେ ଥିବା ଧାନ ପଡ଼ିଆରେ ୨ଟି ନଳକୂପରୁ ପ୍ରାୟ ମିଠାପାଣି ରହିଥିବାରୁ ଏ ଅଞ୍ଚଳର ଜନସାଧାରଣ ଏହି ନଳକୂପ ଉପରେ ନିର୍ଭର କରି ଚଳିଥାନ୍ତି। ପ୍ରଶାସନ ପକ୍ଷରୁ ଏ ୨ଟି ନଳକୂପରୁ ପାଣି ନମୁନା ସଂଗ୍ରହ କରାଯାଇଥିଲା। ପରୀକ୍ଷା ପରେ ଗୋଟିକରୁ ଖରାପ ପାଣି ବାହାରୁଥିବା ଜଣାପଡ଼ିବା ପରେ ପ୍ରଶାସନ ପକ୍ଷରୁ ଏହାକୁ ସିଲ୍ କରାଯାଇଛି। ଏନେଇ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ସତ୍ୟନାରାୟଣ ନନ୍ଦଙ୍କୁ ପଚାରିବାରେ, ଶୁକ୍ରବାର ସୁଦ୍ଧା ୩୬ ଜଣ ନୟାଗଡ଼ ଜିଲା ଚାନ୍ଦପୁର ବସନ୍ତ ମଞ୍ଜରୀ ମେଡିକାଲରେ ଚିକିତ୍ସିତ ହୋଇ ଫେରିଥିବାବେଳେ ଆଉ ୬ ଜଣ ଚିକିତ୍ସାଧୀନ ରହିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି।



ଶୁକ୍ରବାର ଟାଙ୍ଗୀ ବିଡିଓ, ବ୍ଲକ ଅଧ୍ୟକ୍ଷା ରିସ୍ନା ମାନ୍ଧାତା ଓ ଉପାଧ୍ୟକ୍ଷ ଦୁର୍ଗାନାଥ ଶର୍ମା ପ୍ରମୁଖ ଗ୍ରାମରେ ପହଞ୍ଚି ଲୋକଙ୍କୁ ସଚେତନ କରାଉଛନ୍ତି।

## ପଥର ଖଣିର ବର୍ଦ୍ଧିତ ନିଲାମ ମୂଲ୍ୟ ନେଇ ଅସନ୍ତୋଷ

ଖୋର୍ଦ୍ଧା,୧୧।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ନିକଟବର୍ତ୍ତୀ ତାପଙ୍ଗ ଅଞ୍ଚଳରେ ରହିଛି କଳିଙ୍ଗ କଳାପଥର ଖଣି। ଏହାର ନିଲାମ ମୂଲ୍ୟ ଧାର୍ଯ୍ୟଠାରୁ ଅଧିକ ହୋଇଥିବାରୁ ଆଞ୍ଚଳିକ କ୍ରଶର ମାଲିକ ସଂଘ ଏବଂ ଆଞ୍ଚଳିକ ପାହାଡ଼ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶୁକ୍ରବାର ଏ ସମ୍ପର୍କରେ ସଂଘର ତାପଙ୍ଗ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ସାମନ୍ତରାୟ କହିଛନ୍ତି, ଖଣି ନିର୍ଦ୍ଦେଶାଳୟ ପକ୍ଷରୁ କଳିଙ୍ଗ କଳାପଥର ଖଣି କ, ଖ, ଗ ଖଣିର ମୂଲ୍ୟ ଧାର୍ଯ୍ୟଠାରୁ ଅତ୍ୟଧିକ ହୋଇଛି। ଏଣୁ ଖଣିର ବର୍ଦ୍ଧିତ ଧାର୍ଯ୍ୟ ମୂଲ୍ୟକୁ ପ୍ରତ୍ୟାହାର କରାଯାଇ ପୂର୍ବଭଳି ୧୭୦ ଟଙ୍କା କ୍ୟୁବିକ୍ ମିଟର ପିଛା ମୂଲ୍ୟ ରଖାଯାଉ। ନିଲାମଧାରୀ ଉକ୍ତ ଖଣିର ନିଲାମ ନେଲେ ତାପଙ୍ଗ ଓ ଆଖପାଖ ଅଞ୍ଚଳରେ ଥିବା ୩୬୭ କ୍ରଶରକୁ କଞ୍ଚାମାଲ ବର୍ଦ୍ଧିତ ଦରରେ ନେଇ ଚାଲିପାରିବ ନାହିଁ। ଅଞ୍ଚଳର ବେକାର ସଂଖ୍ୟା ବୃଦ୍ଧି ପାଇବ। ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କ୍ରଶର ଶିଳ୍ପ ଉପରେ ନିର୍ଭର କରୁଥିବା ବ୍ୟବସାୟୀଙ୍କ ଆର୍ଥିକ ଅବସ୍ଥା ସଙ୍କଟାପନ୍ନ ହେବ। ବର୍ଦ୍ଧିତ ଦରରେ କୌଣସି ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ନିଲାମ ନେଲେ ତାହାକୁ କମିଟି ଓ ସଂଘ ତୀବ୍ର ବିରୋଧ କରିବ ବୋଲି ସାମନ୍ତରାୟ କହିଛନ୍ତି। ଖବରଦାତା ସମ୍ମିଳନୀରେ ସମ୍ପାଦକ ଅନିଲ ଅଗ୍ରୱାଲ, ସହସମ୍ପାଦକ ଜ୍ୟୋତିରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ସୁଶାନ୍ତ ପାହାନ୍ତାସିଂହ, ଉପସଭାପତି ତଥା କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଫିରୋଜ ଖାନ୍, ଅଜୟ କୁମାର ସାମନ୍ତରାୟ, ସଦସ୍ୟ ଯୋଗୀନାଥ ବାହୁବଳେନ୍ଦ୍ର, ପୃଥ୍ୱୀରାଜ ଶ୍ରୀଚନ୍ଦନ ଏବଂ ବିଜୁ ଅରିସଲ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଆଞ୍ଚଳିକ କ୍ରଶର ମାଲିକ ସଂଘ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

## ‘ଗଣମାଧ୍ୟମ ଜନତାଙ୍କ ସ୍ୱର, ଜାଗ୍ରତ ପ୍ରହରୀ’



ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ବେଗୁନିଆ ବିଧାୟକ ପ୍ରଦୀପ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖୋର୍ଦ୍ଧା,୧୧।୭(ପ୍ରଭାତ ପାଣିଗ୍ରାହୀ)

**ସାମ୍ବାଦିକତା ଓ ସାମାଜିକ ମୂଲ୍ୟବୋଧ ଶୀର୍ଷକ ଆଲୋଚନାଚକ୍ର**

ଗଣମାଧ୍ୟମ ହେଉଛି ଜନତାଙ୍କ ସ୍ୱର। ବିଭିନ୍ନ ପ୍ରତିକୂଳ ପରିସ୍ଥିତି ଦେଇ ଖବରଦାତା ଖବର ପରିବେଷଣ କରିଥାନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସମସ୍ତେ ଘରେ ରହିଥିବାବେଳେ ଜଣେ ଦାୟିତ୍ୱସମ୍ପନ୍ନ ଖବରଦାତା ଘଟଣାସ୍ଥଳରେ ଖବର ସଂଗ୍ରହ କରିଥାନ୍ତି। ଏଣୁ ଖବରଦାତାମାନେ ହେଉଛନ୍ତି ସମାଜର ଜାଗ୍ରତ ପ୍ରହରୀ ବୋଲି ବେଗୁନିଆ ବିଧାୟକ ପ୍ରଦୀପ ସାହୁ ମତବ୍ୟକ୍ତ କରିଛନ୍ତି।

ଉତ୍କଳ ସାମ୍ବାଦିକ ସଂଘ (ୟୁଜେଏ) ଖୋର୍ଦ୍ଧା ଜିଲା ଶାଖାର ଜିଲା ସାଧାରଣ ବୈଠକ ଶୁକ୍ରବାର ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି।

‘ସାମ୍ବାଦିକତା ଓ ସାମାଜିକ ମୂଲ୍ୟବୋଧ ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିରେ ଜିଲା ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ସାହୁ ଯୋଗଦେଇ କହିଲେ ଯେ, ଉପାନ୍ତ ଅଞ୍ଚଳରେ ରହୁଥିବା ଲୋକଙ୍କ ସମସ୍ୟା ୪ରୁ ୫ ମିନିଟ ମଧ୍ୟରେ ଖବରଦାତାଙ୍କ ମାଧ୍ୟମରେ ଲୋକଲୋଚନକୁ ଆସିପାରୁଛି। ଗଣମାଧ୍ୟମ ହେଉଛି ଲୋକଙ୍କ ଅସ୍ତ୍ର। ଲୋକଙ୍କ ସମସ୍ୟା ସରକାରଙ୍କ ପାଖରେ ପହଞ୍ଚାଇବାରେ ଗଣମାଧ୍ୟମ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଆଗାମୀ ବିଧାନସଭା ମୌସୁମୀ ଅଧିବେଶନରେ ଖବରଦାତାମାନଙ୍କ ବିଭିନ୍ନ ପ୍ରସଙ୍ଗ ନେଇ ପ୍ରଶ୍ନ ଉଠାଇବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ୟୁଜେଏର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଯୋଗଦେଇ କହିଲେ, ଅନେକ ସମୟରେ ଖବର ସଂଗ୍ରହ କରିବାକୁ ଯାଇ ଖବରଦାତାମାନେ ଆକ୍ରୋଶର ଶିକାର ହେଉଛନ୍ତି। ଏଭଳି କ୍ଷେତ୍ରରେ ବିଶ୍ୱର ୧୮୦ ରାଷ୍ଟ୍ର ମଧ୍ୟରେ ଭାରତର ସ୍ଥାନ ୧୫୧ ରହିଛି। ତଳସ୍ତରର ଲୋକଙ୍କ ସମସ୍ୟା ସମାଧାନ କରିପାରିଲେ ସାମ୍ବାଦିକତା ସାର୍ଥକତା ବଜାୟ ରହିବ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଡ. ଧିରେନ୍ଦ୍ର ନନ୍ଦ ଯୋଗଦେଇ କହିଲେ, ଖବରଦାତାଙ୍କ କଲମ ସୁଦୃଢ଼ ହେଲେ ସମାଜର ପ୍ରଗତି ହେବ। ଖବର ପରିବେଷଣରେ ସ୍ୱଚ୍ଛତା, ନିରପେକ୍ଷତା ଜରୁରୀ। ସଂଘର ମୁଖ୍ୟ ଉପଦେଷ୍ଟା ଯୋଗେଶ ଚନ୍ଦ୍ର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟ ନାରାୟଣ ପାଇକରାୟ, ଜିଲା ଉପସଭାପତି ପ୍ରଦୀପ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ।

ଏହି ଅବସରରେ ଦିବଂଗତ ଖବରଦାତାମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଖୋର୍ଦ୍ଧା ଜିଲାର ସଦସ୍ୟମାନଙ୍କୁ ପରିଚୟପତ୍ର ବଣ୍ଟାଯାଇଥିଲା। ଜିଲା ସମ୍ପାଦକ ଅଜିତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କୋଷାଧ୍ୟକ୍ଷ ପ୍ରଭାତ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଯୁଗ୍ମସମ୍ପାଦକ ବିକ୍ରମ କେଶରୀ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଜିଲାସ୍ତରୀୟ ପ୍ରଧାନ ଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଖୋର୍ଦ୍ଧା,୧୧।୭(ପ୍ରଭାତ କୁମାର ପାଣିଗ୍ରାହୀ)

ବକ୍ସି ଜଗବନ୍ଧୁ ସରକାରୀ ଉଚ୍ଚବିଦ୍ୟାଳୟରେ ଶୁକ୍ରବାର ଖୋର୍ଦ୍ଧା ଜିଲାସ୍ତରୀୟ ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ୨୦୨୫-୨୬ ଶିକ୍ଷାବର୍ଷର ପ୍ରଥମ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ଅଧିକାରୀ (ସମଗ୍ର ଶିକ୍ଷା) ସୋନାମିକା ରାୟ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ (ପ୍ରକଳ୍ପ) ବିଜୟ ବେହେରା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ (ଏକାଡେମିକ) ଡ. ପ୍ରଜ୍ଞା ପାରମିତା ଜେନା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ (ପ୍ରତିଷ୍ଠାନ) ରଶ୍ମିବାଳା ପରିଡ଼ା, ଡିଆଇଇଟି ଅଧ୍ୟକ୍ଷ ତାପସ କୁମାର ନାୟକ, ବିଜେବି ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ସେନାପତି ଏବଂ ୧୦ଟି ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ବୃନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ କୁମାର ସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ନୂତନ ପ୍ରୟାସ ରେଜର ଶୁଭ ଉନ୍ମୋଚନ କରାଯାଇଥିଲା। ୨୦୨୬ ମସିହା ବାର୍ଷିକ ହାଇସ୍କୁଲ ପରୀକ୍ଷାରେ ପ୍ରତ୍ୟେକ ବିଦ୍ୟାଳୟରେ ଗ୍ରେଡ ଏ୧ ସଂଖ୍ୟା ବୃଦ୍ଧି ଓ ସମସ୍ତ ବିଦ୍ୟାର୍ଥୀ ପାସ୍ କରିବା ଲକ୍ଷ୍ୟ ନେଇ ଜିଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଉକ୍ତ ପ୍ରୟାସ ରଖାଯାଇଥିଲା। ଅପରାହ୍ନରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀମାନେ ସେମାନଙ୍କ ବିଭାଗ ଅନ୍ତର୍ଗତ ଅନୁଶାସନଗୁଡ଼ିକ ଠିକ୍ ଭାବେ ବିଦ୍ୟାଳୟରେ ଉପସ୍ଥାପନ ପାଇଁ ଉପସ୍ଥିତ ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀମାନଙ୍କୁ ଅବଗତ କରାଇଥିଲେ। ସେମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ବିଦ୍ୟାଳୟସ୍ତରରେ ସଫଳ ରୂପାୟନ ପାଇଁ ଅନୁରୋଧ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟ ପରିଚାଳନା କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସେହି ସମସ୍ୟା ଗୁଡ଼ିକର ସମାଧାନ ନିମନ୍ତେ ଅଧିକାରୀମାନଙ୍କଠାରୁ ପରାମର୍ଶ ଗ୍ରହଣ କରିଥିଲେ। ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷାର ସଂଯୋଜକମାନେ ସେମାନଙ୍କ ଅଧୀନରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ସେନାପତି ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ବୋଲଗଡ଼ ରେଲ୍‌ୱେ ଷ୍ଟେଶନ ରାସ୍ତା କାଦୁଅ ପଚ୍‌ପଚ୍

ବୋଲଗଡ଼,୧୧।୭(ଦେବବ୍ରତ ହୋତା)

ରାଜ୍ୟରେ ଏକ ବର୍ଷ ହେବ ସରକାର ବଦଳିବା ସହ ସ୍ଥାନୀୟ ନିର୍ବାଚନମଣ୍ଡଳୀର ମଧ୍ୟ ନେତୃତ୍ୱ ବଦଳିଛି। ମାତ୍ର ବଦଳୁନି ବୋଲଗଡ଼ ବିକାଶର ଚିତ୍ର। ବୋଲଗଡ଼ ରେଲ୍‌ୱେ ଷ୍ଟେଶନ ଓ ମା’ ଭୂଇଁଆଣୀ ପୀଠ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଉକ୍ତ ରାସ୍ତା ପକ୍କା କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦୀର୍ଘଦିନ ଧରି ଦାବି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ଫଳରେ ଯାତାୟାତ ପାଇଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶ ଯେ, ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟଠାରୁ ପ୍ରାୟ ୧ କି.ମି. ଦୂରରେ ରହିଛି ମା ଭୂଇଁଆଣୀଙ୍କ ପୀଠ ଏବଂ ରେଲୱେ ଷ୍ଟେଶନ। ଏହି ରାସ୍ତାପାର୍ଶ୍ୱରେ ମଧ୍ୟ ବୋଲଗଡ଼ ଅଗ୍ନିଶମ କେନ୍ଦ୍ର ରହିଛି। ତେବେ ଏଭଳି ଗୁରୁତ୍ୱପୂର୍ଣ୍ଣ ୩ଟି ସ୍ଥାନକୁ ସଂଯୋଗ ଥିବା ରାସ୍ତାଟିର ଅବସ୍ଥା ବର୍ଷ ବର୍ଷ ଧରି ଶୋଚନୀୟ ହୋଇପଡ଼ିଥିଲେ ମଧ୍ୟ ଏହି ରାସ୍ତା ପକ୍କା ହେଉନି। ଏହି ୨ଟି ସ୍ଥାନକୁ ଥିବା ରାସ୍ତାଟି ମାଟିମେଟାଲର କଚ୍ଚା ରାସ୍ତା ଭାବରେ ରହିଛି। କେଉଁଠାରେ ବର୍ଷାଦିନରେ କର୍ଦ୍ଦମାକ୍ତ ପାଲଟିଛି ତ



ଆଉ କେଉଁଠାରେ ମରାମତି ଅଭାବରୁ ଖାଲଖମା ହୋଇ ବର୍ଷାଜଳ ଜମି ରହି ଯାତାୟାତରେ ଅସୁବିଧା ଉପୁଜିଛି। ରାସ୍ତାଟି ବ୍ଲକ କାର୍ଯ୍ୟାଳୟର ପଶ୍ଚିମ ପାର୍ଶ୍ୱରୁ ୫୭ ନଂ. ଜାତୀୟ ରାଜପଥରୁ ବାହାରି ଅଗ୍ନିଶମ କେନ୍ଦ୍ର ଦେଇ ରେଲ୍‌ୱେ ଷ୍ଟେଶନ ଏବଂ ସେଠାରୁ ମା’ ଭୂଇଁଆଣୀଙ୍କ ପୀଠ ଅଭିମୁଖେ ଯାଇଛି। ଏଥିନେଇ ଉକ୍ତ ରାସ୍ତାଟି ପ୍ରତ୍ୟହ ଚଳଚଞ୍ଚଳ ରହୁଛି। ଉଲ୍ଲେଖଥାଉକି, ରେଲ୍‌ୱେ ଷ୍ଟେଶନକୁ ଯାତାୟାତ ପାଇଁ ଯାତ୍ରୀ ହଇରାଣ ହେଉଛନ୍ତି। ସେହିପରି ପ୍ରାକୃତିକ ଶୋଭାରାଜି ମଧ୍ୟରେ ପାହାଡ଼ ପାଦଦେଶରେ ଥିବା ମା’ ଭୂଇଁଆଣୀଙ୍କ ପୀଠରେ ବର୍ଷସାରା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଯଥା ସଭାସମିତି, ବିବାହ, ବ୍ରତ ଏବଂ ପର୍ବପର୍ବାଣି ଅନୁଷ୍ଠିତ ହେଉଛି। ଏଥିନେଇ ଏଠାକୁ ଯିବାଆସିବା ପାଇଁ ଲୋକେ ଏହି ରାସ୍ତାରେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଗୁରୁତ୍ୱ ବହନ କରୁଥିବା ଏହି ରାସ୍ତାଟି ରାଜପଥଠାରୁ ପ୍ରାୟ ୧ କି.ମି. ହେଉଥିବାବେଳେ ରାସ୍ତାସାରା ଖାଲଖମା ହୋଇ ରହିଛି। ଏଥିସହ ବର୍ଷାଜଳରେ ଧୋଇ ମେଟାଲ ବୋଲଡର ବାହାରିଗଲାଣି। ଏଥିନେଇ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ ଓ ସମିତି ସଭ୍ୟା ନିର୍ମଳା ପ୍ରଧାନ ବହୁବାର ପଞ୍ଚାୟତ ସମିତି ବୈଠକ ଓ ଜିଲା ପ୍ରଶାସନ ନିକଟରେ ପକ୍କା ସଡ଼କ ନିର୍ମାଣ ଲାଗି ଦାବି କରୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ତେବେ ଏହି ରାସ୍ତାଟିର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପକ୍କାରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରୁଛନ୍ତି। ଏଥିନେଇ ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ରବୀନ୍ଦ୍ର ସ୍ୱାଇଁ କହିଛନ୍ତି, ପୂର୍ବରୁ ଏହି ରାସ୍ତାଟି ପଞ୍ଚାୟତ ସମିତି ଅଧୀନରେ ଥିଲାବେଳେ ଏହାକୁ ସମିତି ବୈଠକରେ ରିଜୋଲ୍ୟୁଶନ କରି ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର ହୋଇଛି। ଜିଲାପାଳଙ୍କ ନେତୃତ୍ୱରେ ଅନୁଷ୍ଠିତ କ୍ଷମତାପ୍ରାପ୍ତ କମିଟି ଦ୍ୱାରା ଆଲୋଚନା ହୋଇ ଜାତୀୟ ରାଜପଥର ବ୍ଲକ ଛକଠାରୁ ନନ୍ଦପଲ୍ଲୀ ଗ୍ରାମ ବାଘୁଆ ପୋଖରୀ ପର୍ଯ୍ୟନ୍ତ ୫ କି.ମି. ରାସ୍ତା ଭାୟା ବୁଢ଼ୀ ଭୂଇଁଆଣୀ ମନ୍ଦିର ଦେଇ ପକ୍କା ସଡ଼କ ନିର୍ମାଣ ପାଇଁ ଆକ୍ସନ ପ୍ଲାନରେ ଭର୍ତ୍ତି କରାଯାଇଛି। ପର୍ଯ୍ୟବେକ୍ଷଣ ଓ ଏଥିପାଇଁ ଅର୍ଥ ଅନୁମୋଦନ ହେବା ପରେ ରାସ୍ତା ପାଇଁ ଟେଣ୍ଡର ବିଜ୍ଞପ୍ତି ଶୀଘ୍ର ଡକାଯିବ।

**୧୪ରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି**

ପୁରୀ,(ଅଜିତ କୁମାର ମହାନ୍ତି): ଚଳିତ ମାସ ୧୪ ତାରିଖରେ ପୁରୀ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ସଦର ମହକୁମା ନିର୍ମାଣ ନିବାସ ସମ୍ମୁଖ ପଡ଼ିଆରେ ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଚାଲିବ। ଜନସାଧାରଣ ଉପସ୍ଥିତ ରହି ସେମାନଙ୍କ ଅଭିଯୋଗ ଆଗତ କରିପାରିବେ ବୋଲି ଜିଲା ଅଭିଯୋଗ ଶୁଣାଣି ଅଧିକାରୀ ଶୁକ୍ରବାର ସୂଚନା ଦେଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୧।୭।୨୦୨୫

| | |
|---|---|
| ୬,୬୦,୬୯୯ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୧୫.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ଯୁଗ୍ମ ନିର୍ଦ୍ଦେଶକଙ୍କ କଣାସ ଗସ୍ତ

କଣାସ,୧୧।୭(ବିଭୂତି ଭୂଷଣ ତ୍ରିପାଠୀ)

ରାଜ୍ୟ ଯୁଗ୍ମ ନିର୍ଦ୍ଦେଶକ ଡା. ଶୁଭ୍ରାଂଶୁ ପ୍ରଧାନ କଣାସରେ ପହଞ୍ଚି ଡାଇରିଆ କ୍ୟାମ୍ପେନ୍ କାର୍ଯ୍ୟକ୍ରମକୁ ସମୀକ୍ଷା କରିଛନ୍ତି। ପ୍ରଥମେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବହିର୍ବିଭାଗ ଓ ଅନ୍ତର୍ବିଭାଗ ରୋଗୀଙ୍କୁ ସ୍ୱାସ୍ଥ୍ୟ ସଚେତନତା ଏବଂ ଝାଡ଼ାବାନ୍ତି ବ୍ୟାପିବା ସମ୍ପର୍କରେ ପଚାରି ବୁଝିଥିଲେ। ଡାକ୍ତରଖାନାର ବିଭିନ୍ନ ବିଭାଗ ବୁଲି ପରିଷ୍କାର, ପରିଚ୍ଛନ୍ନତା ଓ ସଫାସୁତୁରା ବିଷୟରେ ତର୍ଜମା କରିଥିଲେ। ନିରାମୟ ବିଭାଗ ବୁଲି ଔଷଧଗୁଡ଼ିକୁ ଯାଞ୍ଚ କରିବା ସହିତ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ପରେ ଡାଇରିଆ କାର୍ଯ୍ୟକ୍ରମ ତଦାରଖ କରିବା ପାଇଁ ହରଷପଡ଼ା ଓ ଜଗନ୍ନାଥପୁର ଯାଇ ସ୍ଥିତି ସମୀକ୍ଷା କରିଥିଲେ। କୂଅ ବିଶୋଧନ, ପାନୀୟ ଜଳର ମାନ ପରୀକ୍ଷା ସମ୍ପର୍କରେ ପଚାରି ବୁଝିଥିଲେ। ତତ୍‌ସହିତ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର କ୍ଷମାନିଧି ସେଠୀ, ବିପିଓ ଧନେଶ୍ୱର ସ୍ୱାଇଁ ଏବଂ ସ୍ୱର୍ଣ୍ଣଲତା ରଥ ଓ ଜିଲା ମହାମାରୀ ବିଶେଷଜ୍ଞ ଡାକ୍ତର ଶିଳ୍ପୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ସୂପକାର ସେବକ ରଘୁନାଥ ମହାପାତ୍ରଙ୍କ ପରଲୋକ

ପୁରୀ,୧୧।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସୂପକାର (ସୁଆର ସେବକ) ରଘୁନାଥ ମହାପାତ୍ର (ଦାଢ଼ିଆ ବାବା)ଙ୍କର ଗୁରୁବାର ସନ୍ଧ୍ୟା ପ୍ରାୟ ୮ଟା ୧୦ରେ ପରଲୋକ ହୋଇଯାଇଛି। ହରଚଣ୍ଡୀ ସାହିର ନିଜ ବାସଭବନରେ ସ୍ୱର୍ଗତ ମହାପାତ୍ର ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। କିଛିଦିନ ତଳେ ରଥଯାତ୍ରା ଅବସରରେ ସେ ଆଡ଼ପମଣ୍ଡପରେ ଶ୍ରୀବିଗ୍ରହମାନଙ୍କୁ ଅବଢା ପରଷିଥିଲେ। ତେବେ ପରେ ଅସୁସ୍ଥ ଥାଇ ଗୁରୁବାର ଘରକୁ ଫେରିବା ପରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରି ଟଳିପଡ଼ିଥିଲେ। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଶ୍ରୀମନ୍ଦିର ଆନନ୍ଦବଜାର ହେଉଛି ସ୍ୱର୍ଗତ ମହାପାତ୍ରଙ୍କ କର୍ମସ୍ଥଳୀ ଓ ଧର୍ମସ୍ଥଳୀ। ସମସ୍ତଙ୍କ ପାଖରେ ସେ ଦାଢ଼ିଆ ବାବା ରୂପେ ପରିଚିତ। ତାଙ୍କ ବିୟୋଗରେ ସେବାୟତକୁଳ ତଥା ପୁରୀ ଅଧିବାସୀ ମର୍ମାହତ ହେବା ସହ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରାଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ସ୍ୱର୍ଗତ ମହାପାତ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ରାମ ମନ୍ଦିର ହୁଣ୍ଡି ଚୋରି କରିବା ଅଭିଯୋଗରେ ୨ ଗିରଫ

ପୁରୀ,୧୧।୭(ଅଜିତ୍ କୁମାର ମହାନ୍ତି)

ଷ୍ଟେଶନ ଛକ ନିକଟସ୍ଥ ରାମ ମନ୍ଦିର ପରିସରରେ ପଶି ମନ୍ଦିରର ହୁଣ୍ଡି ଚୋରି କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସତ୍ୟବାଦୀ ଥାନା ଅଧୀନ ଶ୍ରୀଧର ମିଶ୍ର ଏବଂ ମୁନା ମିଶ୍ର। ପୋଲିସ ସେମାନଙ୍କ ନିକଟରୁ ଚୋରି ହୋଇଥିବା ଦାନବାକ୍ସ, ୨୨୦୦ ଟଙ୍କା, ଗୋଟିଏ ସ୍କୁଟି, ମୋବାଇଲ ଫୋନ ଜବତ କରିଛି। ଏନେଇ ସମୁଦ୍ରକୂଳ ଥାନା ପୋଲିସ ୧୮୨/୨୫ରେ ଏକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ଗତ ୮ ତାରିଖ ବିଳମ୍ବିତ ରାତିରେ ୨ ଜଣ ବ୍ୟକ୍ତି ରାମ ମନ୍ଦିର ଭିତରେ ପଶି ମନ୍ଦିରର ହୁଣ୍ଡି ଚୋରି କରି ନେଇଥିବା ବିକ୍ରମ କୁମାର ଷଡ଼ଙ୍ଗୀ ଥାନାରେ ପରଦିନ ଅର୍ଥାତ୍ ୯ ତାରିଖରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ କରି ସିସିଟିଭି ଫୁଟେଜକୁ ଆଧାର କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ତେବେ ଉଭୟ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ସତ୍ୟବାଦୀ ଥାନରେ ଅନେକ ମାମଲା ରହିଥିବା ଜଣାପଡ଼ିଛି।

# ବିଶ୍ୱକୁ ଭାରତୀୟ ଜ୍ଞାନ ପରମ୍ପରାର ଦାନ ଅତୁଳନୀୟ

**ବିଶ୍ୱ ଓଡ଼ିଆ ଅଧ୍ୟାପକ ସଂଗୋଷ୍ଠୀ ପଞ୍ଚମ ଅଧିବେଶନ**

ପୁରୀ,୧୧।୭(ଅଜିତ୍ କୁମାର ମହାନ୍ତି)



ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

ଭାରତୀୟ ଜ୍ଞାନ ପରମ୍ପରା ବିଶ୍ୱ ଜ୍ଞାନ ପରିମଣ୍ଡଳକୁ ବ୍ୟାପକ ଭାବେ ପରିବର୍ଦ୍ଧିତ କରିଛି। ହଜାର ହଜାର ବର୍ଷ ବ୍ୟାପୀ ଏହି ପରମ୍ପରା ବିଶ୍ୱ ଜନମାନସକୁ ସମୁଦ୍ଭାସିତ କରିଆସିଛି। ବିଶ୍ୱକୁ ଭାରତୀୟ ଜ୍ଞାନ ପରମ୍ପରାର ଦାନ ଅତୁଳନୀୟ ବୋଲି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ମତବ୍ୟକ୍ତ କରିଛନ୍ତି। ପୁରୀ ଶ୍ରୀବିହାରସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଶୁକ୍ରବାରଠାରୁ ତିନିଦିନ ବ୍ୟାପୀ ଆୟୋଜିତ ବିଶ୍ୱ ଓଡ଼ିଆ ଅଧ୍ୟାପକ ସଂଗୋଷ୍ଠୀର ପଞ୍ଚମ ବାର୍ଷିକ ସମ୍ମିଳନୀ ଓ ଜାତୀୟ କର୍ମଶାଳାରେ ମୁଖ୍ୟ ଅତିଥି ରୂପେ ପ୍ରଫେସର ସ୍ୱାଇଁ ଯୋଗଦେଇଥିଲେ। ଉତ୍ସବରେ ସମ୍ମାନିତ ଅତିଥି ତଥା ବିଷୟ ବିଶେଷଜ୍ଞ ରୂପେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଭାଷା ଭବନର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର କୈଳାସ ପଟ୍ଟନାୟକ ଯୋଗଦେଇ କହିଥିଲେ, ପାରମ୍ପରିକ ଜ୍ଞାନ ଓ ଆଧୁନିକ ଜ୍ଞାନ ସମନ୍ୱୟରେ ଭାରତୀୟ ଜ୍ଞାନ ପରମ୍ପରା ବିକଶିତ ହେବ। ଅନ୍ୟତମ ସମ୍ମାନିତ ଅତିଥି କବୟିତ୍ରୀ ଡ. ମନୋରମା ବିଶ୍ୱାଳ ମହାପାତ୍ର ବୈଦିକ ଜ୍ଞାନର ଆଧୁନିକ ମୂଲ୍ୟାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱ ଓଡ଼ିଆ ଅଧ୍ୟାପକ ସଂଗୋଷ୍ଠୀ ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଉତ୍ସବରେ ପୌରୋହିତ୍ୟ କରିଥିଲେ। ଡ. କୁଳମଣି ଓଝା କାର୍ଯ୍ୟକ୍ରମର ସଂଚାଳନା ଓ ସଂଯୋଜନା କରିଥିବାବେଳେ ସଂଗୋଷ୍ଠୀ ସମ୍ପାଦକ ଡ. ଶରତ କୁମାର ଜେନା ପ୍ରାକ୍-ସୂଚନା ଓ ବିବରଣୀ ଉପସ୍ଥାପନ କରିଥିଲେ। ସଂଗୋଷ୍ଠୀ ପକ୍ଷରୁ ପ୍ରକାଶିତ ସଂକଳିତ ଗ୍ରନ୍ଥ 'ଓଡ଼ିଆ ସାହିତ୍ୟ: ଭାରତୀୟ ଜ୍ଞାନ ପରମ୍ପରା', ଡ. କୃଷ୍ଣପ୍ରସାଦ ମହାପାତ୍ରଙ୍କ ଗବେଷଣା ନିବନ୍ଧ 'ରୋମାଣ୍ଟିକ୍ କାବ୍ୟାନୁଭୂତି ଓ କବି ବିଦ୍ଧୁଦ ମିଶ୍ର', ଡ. ଲମ୍ବୋଦର ପାଣିଗ୍ରାହୀଙ୍କ ସମ୍ପାଦିତ ଗ୍ରନ୍ଥ 'ଓଡ଼ିଆ ଚଉପଦୀ ସାହିତ୍ୟ ଓ କବିସୂର୍ଯ୍ୟ ବଳଦେବ ରଥ' ପୁସ୍ତକ ଲୋକାର୍ପିତ ହୋଇଥିଲା। ଡ. ମନୋରମା ବିଶ୍ୱାଳ ମହାପାତ୍ର, ଡ. ରମେଶ ଚନ୍ଦ୍ର ପ୍ରଧାନ, ଡ. ପୁଷ୍ପଲତା ସାହୁ, ପ୍ରାଧ୍ୟାପକ ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ବନମାଳୀ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ପ୍ରଫେସର୍ ବାଉରିବନ୍ଧୁ ସାହୁ ଅଧିବେଶନ ଓ କର୍ମଶାଳାର ଶୁଭାରମ୍ଭ କରିଥିଲେ। ପ୍ରାକ୍-ଉଦ୍‌ଘାଟନୀ ପର୍ବରେ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା ମୁଖ୍ୟ ଅତିଥି ଓ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର୍ ଜି.ଏସ୍.ଭି. ଦତ୍ତାତ୍ରେୟ ମୂର୍ତ୍ତି ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଡ. କୁଳମଣି ଓଝା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସମ୍ପାଦକ ଡ. ଶରତ କୁମାର ଜେନା ସ୍ୱାଗତ ଭାଷଣ ଦେଇଥିଲେ। କ୍ରୋଡ଼ ଅଧିବେଶନରେ ପ୍ରଫେସର ଗିରିବାଳା ମହାନ୍ତି ପୌରୋହିତ୍ୟ କରିଥିଲେ। କେନ୍ଦ୍ର ଲଳିତକଳା ଏକାଡେମୀର ପ୍ରାକ୍ତନ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଦିଲୀପ କୁମାର ତ୍ରିପାଠୀ ବିଷୟ ବିଶାରଦ ରୂପେ ଓଡ଼ିଆ କାବ୍ୟ ସାହିତ୍ୟରେ ଭାରତୀୟ ଚିତ୍ରକଳା ଏବଂ ଓଡ଼ିଶୀ ଚିତ୍ରକଳାର ପ୍ରତିଫଳନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଡ. ଅନୁପ କୁମାର ମାର୍ଥାଙ୍କ ସଞ୍ଚାଳନାରେ ଅନୁଷ୍ଠିତ ପ୍ରଥମ ବୈଷୟିକ ଅଧିବେଶନରେ ପ୍ରଫେସର ବାଉରିବନ୍ଧୁ ସାହୁ ଭଞ୍ଜ ସାହିତ୍ୟ ଏବଂ ପ୍ରଫେସର ଡ. ପୁଷ୍ପଲତା ରଥ ଆଧୁନିକ ଓଡ଼ିଆ ସାହିତ୍ୟରେ ଭାରତୀୟ ଜ୍ଞାନର ପ୍ରତିଫଳନ ବିଷୟରେ ଆଲୋଚନା କରିଥିଲେ। ଡ. କୃଷ୍ଣପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଜ୍ଞାନବିଜ୍ଞାନ ମେଳାରେ ୯୭ ପ୍ରକଳ୍ପ

ପୁରୀ,୧୧।୭(ଅଜିତ କୁମାର ମହାନ୍ତି)

ଅଠରନଳା ଶିକ୍ଷାଶ୍ରୀ ଲେନ୍‌ସ୍ଥିତ ଭଗବତୀ ବିଦ୍ୟା ନିକେତନର ୨୬ତମ ଦୁଇଦିନିଆ ବାର୍ଷିକ ଜ୍ଞାନବିଜ୍ଞାନ ମେଳା ଶୁକ୍ରବାର ବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ମେଳାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୯୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୀତାମ୍ବର ରଥ ଏହି ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ତଥା ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶ, ସମ୍ପାଦକ ମହେନ୍ଦ୍ର ବିଶୋଇ, ସହସମ୍ପାଦକ ଲକ୍ଷ୍ମୀଧର ମାଝୀ, ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଇ, ପ୍ରାତଃ ବିଭାଗ ସଞ୍ଚାଳିକା ମମତା ଦାସ ପ୍ରମୁଖ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ, ବିଦ୍ୟାର୍ଥୀ ଏବଂ ଅଭିଭାବକମାନେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀକୁ ବୁଲି ଦେଖିବା ସହିତ ପ୍ରଶ୍ନମଞ୍ଚରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରକଳ୍ପ ମଧ୍ୟରୁ ବିନା ପବନରେ ବେଲୁନ୍ ଫୁଲିବା, ଚନ୍ଦ୍ରଯାନ-୩, ଜଳବାୟୁ ପରିବର୍ତ୍ତନ, ଗଣିତ କୁହୁକ, କରୋନା ନିରାକରଣ, ସୋଲାର ଡ୍ରିପ୍ ଇରିଗେସନ୍ ସିଷ୍ଟମ୍, ଡେଙ୍ଗୁ ସଚେତନତା, ପତ୍ରର ଔଷଧୀୟ ଗୁଣ, ଲେମନ୍ ଗ୍ରାସ୍ ପ୍ଲାଣ୍ଟ, ସବୁଜ କୋଠରିର ପ୍ରଭାବ ଆଦି ପ୍ରକଳ୍ପ ଦେଖିବାକୁ ଭିଡ଼ ଜମିଥିଲା। ବିଜ୍ଞାନ ଶିକ୍ଷକ ବ୍ରହ୍ମାନନ୍ଦ ଦାଶ, ପ୍ରଭାସ ଚନ୍ଦ୍ର ମିଶ୍ର, ପୀତାମ୍ବର ରଥ, ଜ୍ୟୋତି ପ୍ରକାଶ ମହାରଣା ଏବଂ ବିନୋଦିନୀ ବେହେରା ପ୍ରମୁଖ ବିଚାରକ ରୂପେ ଯୋଗଦେଇ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। ପୀତବାସ ସ୍ୱାଇଁ ଏବଂ ଅପରାଜିତା ଦ୍ୱିବେଦୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବିଜ୍ଞାନ ମେଳାରେ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ। ଫ୍ଲକ୍ ଲିଡର ପ୍ରୀତିମୟୀ ମହାପାତ୍ର ଓ ସୁସ୍ମିତା ବାରିକଙ୍କ ନେତୃତ୍ୱରେ କବ୍ ବୁଲବୁଲ୍ କ୍ୟାଡେଟମାନେ ଶାନ୍ତିଶୃଙ୍ଖଳା ରକ୍ଷା ସହ ପ୍ରଶ୍ନମଞ୍ଚ ସଞ୍ଚାଳନ କାର୍ଯ୍ୟରେ ସହଯୋଗ କରିଥିଲେ।

# କୈଳାସ ରାୟ ସ୍ମୃତି ସମାରୋହ



ସମାରୋହରେ ଉପସ୍ଥିତ ଅତିଥିମାନେ ।

ପୁରୀ,୧୧।୭(ଅଜିତ କୁମାର ମହାନ୍ତି)

ସତ୍ୟବାଦୀ ଚେତନା ଚିନ୍ତନ ନ୍ୟାସ ପକ୍ଷରୁ କବି କୈଳାସ ରାୟଙ୍କ ଦ୍ୱିତୀୟ ସ୍ମୃତି ସମାରୋହ ଶୁକ୍ରବାର ମାରୁତି ନଗର କଲ୍ୟାଣ ମଣ୍ଡପ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନ୍ୟାସର କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ଡ. ଦିଲୀପ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ପ୍ରଫେସର ଡ. ହେମେନ୍ଦ୍ର ନାଥ ବେହେରା ମୁଖ୍ୟ ଅତିଥି, ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚର ସଭାପତି ଡ. କାର୍ତ୍ତିକ କୁମାର ଦାସ, ମାରୁତି ନଗର ଉନ୍ନୟନ ପରିଷଦ ସଭାପତି ଗୋଲୋକ ଚନ୍ଦ୍ର ଜେନା ବରେଣ୍ୟ ଅତିଥି ରୂପେ ମଞ୍ଚାସୀନ ଥିଲେ। ଅତିଥିମାନେ ଉଦ୍‌ବୋଧନ ଦେଇ ଗୋପବନ୍ଧୁ ସାହିତ୍ୟ ଚେତନା, ଓଡ଼ିଆ ଭାଷାର ପ୍ରାଚୀନତା ଏବଂ ଆତ୍ମୀୟତା ଉପରେ ଆଲୋକପାତ କରିବା ସହ ପରକୁ ଆପଣାର କରିବାରେ ସ୍ୱର୍ଗତ ରାୟଙ୍କ ବିଶେଷ ଗୁଣ ଉପରେ ଆଲୋଚନା କରିଥିଲେ। ନ୍ୟାସର ସମ୍ପାଦକ ମହେନ୍ଦ୍ର ବିଶୋଇ ସମାରୋହ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଏବଂ ରମେଶ ଚନ୍ଦ୍ର ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। କାମଦେବ ମହାରଣା, ଶ୍ୟାମ ପ୍ରକାଶ ସେନାପତି, ଜୟକୃଷ୍ଣ ମଲ୍ଲିକ ସ୍ୱର୍ଗତ ରାୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଦ୍ୟାଳୟସ୍ତରୀୟ ଚିତ୍ରକଳା, ଓଡ଼ିଆ ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରଜ୍ଞା ସାହୁ ମଞ୍ଚ ସଞ୍ଚାଳନ କରିଥିବାବେଳେ ଲକ୍ଷ୍ମୀଧର ମାଝୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଖଣ୍ଡିଆବନ୍ଧ କ୍ରିଷ୍ଣା ନଗରରେ ତାରା ରୋପଣ କରାଯାଇଥିଲା।



ପୁରୀ ସିଂହଦ୍ୱାର ସମ୍ମୁଖରେ ଚଳଚ୍ଚିତ୍ର 'ମୁଁ କାଳିଆ'ର ଶୁଭ ମହୁରତ କରାଯାଉଛି ।(ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ପ୍ରାଚୀଗୁରୁ ଧର୍ମକ୍ଷେତ୍ରରେ ଗୁରୁ ପୂର୍ଣ୍ଣିମା ପାଳିତ

ଯୋଗେଶ୍ୱରପୁର,୧୧।୭(ରଶ୍ମିରଞ୍ଜନ ସାହୁ)

ଗୋପ ବ୍ଲକ ଅନ୍ତର୍ଗତ ପ୍ରାଚୀଗୁରୁ ଧର୍ମକ୍ଷେତ୍ର ପରିସରରେ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଗୁରୁ ପୂର୍ଣ୍ଣିମା ଯଥାରୀତି ଅନୁଯାୟୀ ପାଳନ ହୋଇଛି। ସମୂହ ବିଶ୍ୱଶାନ୍ତି ପ୍ରାର୍ଥନା, ସମସ୍ତ ମନ୍ଦିରରେ ପୂଜାର୍ଚ୍ଚନା ପରେ ଆରମ୍ଭ ହୋଇଥିଲା ଗୁରୁଦେବ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଷୋଡ଼ଶ ଉପଚାର ପୂଜା। ପଞ୍ଚତୀର୍ଥ ଜଳରେ ସ୍ନାନ, ମା'ମାନଙ୍କ ଦ୍ୱାରା ବନ୍ଦାପନା, ପରେ ଭକ୍ତ, ଶ୍ରଦ୍ଧାଳୁମାନେ ଗୁରୁଦେବଙ୍କୁ ଦାନ, ଦକ୍ଷିଣା ସମର୍ପଣ କରିଥିବାର ଦେଖିବାକୁ ମିଳିଥିଲା। ବାବାଜୀ ବିବେକାନନ୍ଦ ଭଜନ ଗାନ କରିଥିଲା ବେଳେ ବାବାଜୀ ଅକ୍ଷୟ କୁମାର ଦାସ ପୂଜାର୍ଚ୍ଚନା କରିଥିଲେ। ଡା. ରତ୍ନାକର ମହାନ୍ତି ଗୁରୁ ପୂର୍ଣ୍ଣିମା ସମ୍ପର୍କରେ ଆଲୋକପାତ କରିଥିଲେ। ଆଶ୍ରମର ଏହା ଅନ୍ୟତମ ପର୍ବ ବୋଲି ସେବକ ପ୍ରୀତି ରଞ୍ଜନ ସୂଚନା ଦେଇଛନ୍ତି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପିପିଲି,୧୦।୭(ଦୁର୍ଗାମାଧବ ମିଶ୍ର)

ଗୋବିନ୍ଦପୁର କ୍ଲଷ୍ଟର ଅଧୀନ କଣ୍ଟାପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପିପିଲି ଏବିଇଓ ଶରତ କୁମାର ଚଉଁରୀ, ସମ୍ମାନିତ ଅତିଥି ଭାବେ କାକଟପୁର ବିଇଓ ରବୀନ୍ଦ୍ରନାଥ ନନ୍ଦ, ଗୋବିନ୍ଦପୁର ପଞ୍ଚାୟତ ସମିତି ସଭ୍ୟା କବିତା ଖଟେଇ, ଉକ୍ତ କ୍ଲଷ୍ଟର ସିଆର୍‌ସିସି ସୁନିତା ନାୟକ ପ୍ରମୁଖ ଯୋଗଦେଇଥିଲେ। ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଶିକ୍ଷାଦାନ କୌଶଳ ଏବଂ ପିଲାଙ୍କୁ ଗଢ଼ି ତୋଳିବାରେ ଭୂମିକା ବିଷୟରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ପ୍ରଧାନଶିକ୍ଷକ ଶକ୍ତି ପ୍ରସନ୍ନ ମହାନ୍ତି ଅତିଥି ପରିଚୟ ଦେଇଥିଲେ। ଶିକ୍ଷକ ସନ୍ତୋଷ କୁମାର ନାୟକ ସଭା ପରିଚାଳନା କରିଥିଲେ। ଉକ୍ତ ବିଦ୍ୟାଳୟ ଶିକ୍ଷକ ଆଲୋକ ସ୍ୱାଇଁ, ରଶ୍ମିରେଖା ନାୟକ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ପ୍ରାଚୀ ମୁଳକ ତୈଳିକ ବୈଶ୍ୟ ସମାଜର କର୍ମକର୍ତ୍ତା ଚୟନ

ଚାରିଛକ,୧୧।୭(ଶିଶିର କୁମାର ସ୍ୱାଇଁ)

ଚାରିଛକ ନିକଟସ୍ଥ ତୁଳସୀପୁର ଏକ ମଣ୍ଡପରେ ନବମ ମୁଳକର ପ୍ରାଚୀ ମୁଳକ ତୈଳିକ ବୈଶ୍ୟ ସମାଜର ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାରେ ପ୍ରାଚୀ ମୁଳକ ତୈଳିକ ବୈଶ୍ୟ ସମାଜର ସଭାପତି ଗୁରୁ କିଙ୍କର ଯେଠି ସଭାପତିତ୍ୱ କରିଥିଲେ। କିଭଳି ଭାବେ ଏହି ତୈଳିକ ସମାଜ ଆଗକୁ ଉନ୍ନତି କରିବା ସହିତ ଅଞ୍ଚଳର ନାଁ ଗୌରବ ରଖିବ, ତାହା ସଭାରେ ଆଲୋଚନା ହୋଇଥିଲା। ଚଳିତବର୍ଷ ହେବାକୁ ଥିବା ବୋଇତ ବନ୍ଦାଣ ଉତ୍ସବରେ ଅଞ୍ଚଳର ସରକାରୀ ଓ ବେସରକାରୀ ଶିକ୍ଷା ଅନୁଷ୍ଠାନରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ପ୍ରାଚୀ ମୁଳକ ତୈଳିକ ବୈଶ୍ୟ ସମାଜର କାର୍ଯ୍ୟକାରୀ ସଭାପତି ଶିଖର ସାହୁ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ନୂତନ କର୍ମକର୍ତ୍ତା ଭାବେ ଆର୍ତ୍ତତ୍ରାଣ ଦାସଙ୍କୁ ସଭାପତି, ପ୍ରକାଶ ଚନ୍ଦ୍ର ସାହୁଙ୍କୁ ଉପସଭାପତି ଘୋଷଣା କରାଯାଇଥିଲା। ସେହିଭଳି ସମ୍ପାଦକ ଭାବେ ଅକ୍ଷୟ କୁମାର ସାହୁ, ସହ ସମ୍ପାଦକ ଭାବେ ଚିତ୍ତରଞ୍ଜନ ପୃଷ୍ଟି, କୋଷାଧ୍ୟକ୍ଷ ଭାବେ ବ୍ରଜକିଶୋର ସାହୁ (ବଜୁନି)ଙ୍କୁ ଚୟନ କରାଯାଇଥିଲା। ଆଗାମୀ ଦିନରେ ଅନୁଷ୍ଠାନକୁ ଶୃଙ୍ଖଳାର ସହିତ ନିଷ୍ଠାପର ଭାବେ ଚଲାଇବାକୁ ଦଶମ ମୁଳକ ସଭାପତି ପ୍ରଣୟ କୁମାର ସାହୁ ନୂତନ କର୍ମକର୍ତ୍ତାଙ୍କୁ ଶପଥ ଗ୍ରହଣ କରାଇଥିଲେ। ବୈଠକରେ ପ୍ରାଚୀ ମୁଳକ ତୈଳିକ ବୈଶ୍ୟ ସମାଜର ସଭାପତି ବ୍ରଜକିଶୋର ସାହୁ, ସମ୍ପାଦକ ବିରଞ୍ଚି ନାରାୟଣ ଦାସଙ୍କ ସମେତ ପ୍ରଫୁଲ୍ଲ କୁମାର ସାହୁ, ପ୍ରମୋଦ ସାହୁ, ଗୋବିନ୍ଦ ସାହୁ, ଗଗନ କୁମାର ସାହୁ, ଶଙ୍କର ସାହୁ, ଭାଗୀରଥି ସାହୁ, ମଙ୍ଗୁଳି ସାହୁ, ଆଲୋକ ସାହୁ, ଶରଣ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଅଞ୍ଚଳରୁ ଶତାଧିକ ତୈଳିକ ସମାଜର ସଭ୍ୟମାନେ ଉକ୍ତ ବୈଠକରେ ଯୋଗଦେଇଥିଲେ।



ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ପିଜୁଳି ଚାଷ ଆମକୁ ସ୍ୱାବଲମ୍ବୀ କରିଛି

**୫ ଏକର ଜମିରୁ ଦିନକୁ ତୋଳାଯାଉଛି ୫୦ କି.ଗ୍ରା.**

ଗୋପ, ୧୧।୭(ଭାରତୀ ଭୂଷଣ ଉପାଧ୍ୟାୟ)



ବର୍ଷ ବର୍ଷ ଧରି ପିଜୁଳି ଚାଷକରି ଆଜି ଜଣେ ସଫଳ ଚାଷୀ ଭାବେ ସ୍ୱାବଲମ୍ବୀ ହୋଇପାରିଛି ବୋଲି ପୁରୀ ସଦର ବ୍ଲକ ଅନ୍ତର୍ଗତ ବଳରାମପୁର ପଞ୍ଚାୟତ ବୁଢ଼ାକେରା ଗ୍ରାମର ଅମାନି ବେହେରା ଓ ତ୍ରିଲୋଚନ ବେହେରା କହିଛନ୍ତି।

ପ୍ରକାଶ ଯେ, ଏହି ଯୁବକଦ୍ୱୟ ପ୍ରଥମେ ଅଳ୍ପ କିଛି ଜମିରେ ପିଜୁଳି(ଚାଉଳିଆ) ଚାଷ ଆରମ୍ଭ କରିଥିଲେ। ଏହି ଚାଷ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପରେ ସେ ଆଉ ପଛକୁ ଚାହିଁନାହାନ୍ତି। ଏବେ ୫ ଏକର ଜମିରେ ଏହି ପିଜୁଳି ଚାଷ କରୁଛନ୍ତି। ଏପରି ଏକ ଚାଷ ସେମାନଙ୍କୁ ଏତେବାଟ ନେଇପାରିଛି ଯେ ଦିନକୁ ୫୦ କି.ଗ୍ରା. ପିଜୁଳି ତୋଳିବା ସହିତ ଏହାକୁ ବିକ୍ରିକରି ଲକ୍ଷାଧିକ ଟଙ୍କା ରୋଜଗାର ସହ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଏହି ପିଜୁଳି ପୁରୀ ଜିଲାର ବିଭିନ୍ନ ସ୍ଥାନକୁ ପଠାଯିବା ସହ ଦୈନନ୍ଦିନ ଶତାଧିକ ବେପାରୀ ଆସି ନେଉଛନ୍ତି। ଏପରି ସଫଳତା ଲାଭ କରିଥିବା ଚାଷୀ ମଙ୍ଗଳବାର ଗୋପ ବଜାର ଛକରେ ପିଜୁଳି ବିକ୍ରି କରୁଥିବା ବେଳେ ଆମ ପ୍ରତିନିଧି ତାଙ୍କୁ ଭେଟିଥିଲେ। ଏହି ଚାଷରେ କେତେ ରୋଜଗାର ହୋଇପାରୁଛି, ସଂସାର କେମିତି ଚଳାଉଛ ବୋଲି ପଚାରିବାରେ ସେ କହିଛନ୍ତି, ତେଲଲୁଣ ସଂସାର ଖୁବ୍ ଭଲରେ ଚାଲିଛି। ଦିନକୁ ହଜାର ହଜାର ଟଙ୍କା ରୋଜଗାର ହେଉଛି। ଶିକ୍ଷା ପରେ କୌଣସି ସନ୍ତୋଷଜନକ ଚାକିରି ଲାଗି ଚେଷ୍ଟାକରି ବିଫଳ ହେବା ପରେ ଏହି ଚାଷକୁ ଆଦରି ନେଇଥିବା ସେ କହିଛନ୍ତି। ଏବେ ଏହି ପିଜୁଳି ଦୈନନ୍ଦିନ ଜିଲା ଓ ଜିଲା ବାହାରକୁ ଯାଉଥିବା ବେଳେ ଭଲ ଦୁଇପଇସା ରୋଜଗାର ହେଉଥିବା ଚାଷୀଦ୍ୱୟ କହିଛନ୍ତି।

# ସାକ୍ଷୀଗୋପାଳ କଲେଜରେ ବନ ମହୋତ୍ସବ

ସାକ୍ଷୀଗୋପାଳ,୧୧।୭(ଭରତ ରାଉତ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା, ଓଡ଼ିଶା ପରିବେଶ ସମାଜର ମିଳିତ ଉଦ୍ୟମରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ପୁଷ୍ପମିତ୍ରା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାକ୍ଷୀଗୋପାଳ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଓଡ଼ିଶା ପରିବେଶ ସମାଜର କାର୍ଯ୍ୟରତ ଅଧ୍ୟକ୍ଷ ଡ. ଜୟକୃଷ୍ଣ ପାଣିଗ୍ରାହୀ ଏବଂ ସମ୍ପାଦକ ମନୋରଞ୍ଜନ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ପଟ୍ଟନାୟକ ଉତ୍କଳମଣି ଗୋପବନ୍ଧୁଙ୍କ ଆଦର୍ଶ ବିଦ୍ୟାଳୟ ବକୁଳ ବନବିଦ୍ୟାଳୟ ପରି ଏହି ମହାବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷରୋପଣ କରିବାକୁ ଆହ୍ୱାନ ଦେଇଥିଲେ। +୩ ଜାତୀୟ ସେବା ଯୋଜନାର ସମ୍ପାଦକ ଦିଲୀପ କୁମାର ବେହେରା ଏବଂ +୨ ଜାତୀୟ ସେବା ଯୋଜନାର ସମ୍ପାଦକ ପ୍ରକାଶ କୁମାର ସାହୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। କାର୍ଯ୍ୟକ୍ରମରେ ଯୁବ ରେଡ୍‌କ୍ରସ ଏବଂ ସ୍କାଉଟ୍ସ ଗାଇଡ୍ସ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ତଥା ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସଂସ୍କୃତ ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ସୁଜାତା ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲାବେଳେ ଅର୍ଥନୀତି ବିଭାଗର ଅଧ୍ୟାପକ ପ୍ରକାଶ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ପ୍ରାନ୍ତୀୟ ଆୟୁଷ ଛାତ୍ର ସମ୍ମିଳନୀ ଉଦ୍‌ଘାଟିତ

ପୁରୀ,୧୧।୭(ଅଜିତ୍ କୁମାର ମହାନ୍ତି)

ପ୍ରାନ୍ତୀୟ ଆୟୁଷ ଛାତ୍ର ସମ୍ମିଳନୀ ଶୁକ୍ରବାର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଦଣ୍ଡି ସ୍ୱାମୀ ଶଙ୍କରାଚାର୍ଯ୍ୟ ମଠ, ସ୍ୱାମୀ ଅଭୟାରଣ୍ୟ ସରସ୍ୱତୀ ମହାରାଜ, ଡ. ହରିହର ହୋତା, ଡ. ବିପିନ ବିହାରୀ ଖୁଣ୍ଟିଆ, ଶ୍ରୀବାଇ ଲୋଚନ ସାହୁ, ଡ. ଆଦର୍ଶ ରାଉତ, ଡ. କବିତା ରଥ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଦଣ୍ଡି ସନ୍ୟାସୀ ମହାରାଜ ଆୟୁର୍ବେଦ ଶାସ୍ତ୍ରର ମହିମା ଏବଂ ବ୍ୟାପକତ୍ୱ ବିଷୟରେ ବର୍ଣ୍ଣନା କରିଥିଲେ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଆୟୁଷ ଛାତ୍ର ବିଭାଗ ଜିଜ୍ଞାସା ପ୍ରମୁଖ ଡ. ଆଦର୍ଶ ରାଓତ, ଜିଜ୍ଞାସା ଏବଂ ମନ୍ଥନ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିପିନ ବିହାରୀ ଖୁଣ୍ଟିଆ, ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ହରିହର ହୋତା ଓ କବିତା ରଥ ଉପସ୍ଥିତ ଛାତ୍ରମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଏତ୍‌ଦବ୍ୟତୀତ ଆଧୁନିକ ବିକଶିତ ଭାରତ ଗଠନ ଦିଗରେ ସ୍ୱାମୀ ଶୁଭାନନ୍ଦ, ଡ. ସୁଧାକର ରେଡ୍ଡି, ଡ. ମୋନିକା, ଡ. ତାନଭି ଶେଖ୍ ବିଭିନ୍ନ କାର୍ଯ୍ୟପନ୍ଥା ଏବଂ ବୈଜ୍ଞାନିକ ଦୃଷ୍ଟିକୋଣକୁ ଆଲୋକପାତ କରିବା ସହ ଆୟୁଷ ଡାକ୍ତରୀ ବିଦ୍ୟା ଏବଂ ଦେଶର ସ୍ୱାସ୍ଥ୍ୟବସ୍ଥା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଶନିବାର ଶେଷ ହେବ।




ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ ।

## ସଂକ୍ଷେପରେ

### ପ୍ରତାରଣା, ଜଣେ ଗିରଫ

ଚୌଦ୍ୱାର,୧୧।୭(ଆଶୁତୋଷ ଦାସ)

ବିବାହିତା ମହିଳାଙ୍କୁ ଭଲପାଇ ବିବାହ କରିବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ପୋଲିସ ଜଣେ ବିବାହିତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ଆଗ୍ରାହାଟ ପଞ୍ଚାୟତ ଅନ୍ତର୍ଗତ ଯାଜ ଭୈରବ ନୂଆଗାଁର ରାଜେନ୍ଦ୍ର ବିଶ୍ୱାଳ। ପୋଲିସ ସୂଚନା ଅନୁସାରେ ରାଜେନ୍ଦ୍ର ଦୁଇଟି ସନ୍ତାନର ଜନକ ହୋଇ ମଧ୍ୟ ଜଣେ ବିବାହିତା ମହିଳାଙ୍କ ସହିତ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଦୁଇଟି କନ୍ୟା ସନ୍ତାନର ଜନନୀ ସମ୍ପୃକ୍ତା ମହିଳା ଘର ଛାଡ଼ି ରାଜେନ୍ଦ୍ରଙ୍କ ସହିତ ପଳାଇ ଆସି ବିଭିନ୍ନ ସ୍ଥାନରେ ଘରଭଡ଼ା ନେଇ ଦୀର୍ଘ ୫ବର୍ଷ ଧରି ରହି ଆସୁଥିଲେ। ପରେ ରାଜେନ୍ଦ୍ର ସମ୍ପୃକ୍ତା ମହିଳାଙ୍କ ପାଖକୁ ଆଉ ନ ଆସିବାରୁ ମହିଳା ଜଣକ ରାଜେନ୍ଦ୍ରଙ୍କ ବିରୋଧରେ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ଏକ ମାମଲା (ନଂ.୪୦୩/୨୫)ରୁଜୁ କରି ଘଟଣାର ତଦନ୍ତ କରିବା ସହିତ ରାଜେନ୍ଦ୍ରଙ୍କୁ ଗିରଫ କରିଥିଲେ।

### ୧୪ରେ କଟକ ପ୍ରଧାନ ଡାକଘର ଅଧୀନ ସମସ୍ତ ଡାକଘର ବନ୍ଦ

କଟକ,୧୧।୭(କାର୍ତ୍ତିକ ସାହୁ)

କଟକ ପ୍ରଧାନ ଡାକଘର (କଟକ ଜିପିଓ) ଏବଂ ଏହା ଅଧୀନ ସମସ୍ତ ଉପ ଡାକଘର ତଥା ଶାଖା ଡାକଘର ଡାକକାର୍ଯ୍ୟ ଆସନ୍ତା ୧୪ରେ ବନ୍ଦ ରହିବ। ଏହି ଡାକଘରଗୁଡ଼ିକରେ ଏକ ନୂତନ ସଫ୍ଟୱେର ପ୍ରଚଳନ ଆସନ୍ତା ୧୫ରେ ହେବାକୁ ଯାଉଛି। ଏହି ଉପଲକ୍ଷେ ଉକ୍ତ ଡାକଘରଗୁଡ଼ିକରେ ଉକ୍ତ ଦିନ ସମସ୍ତ ଡାକ କାରବାର ବନ୍ଦ ରହିବ ବୋଲି ବରିଷ୍ଠ ଡାକ ଅଧୀକ୍ଷକ କଟକ ନଗର ଡାକ ମଣ୍ଡଳ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ଶୁକ୍ରବାର ସୂଚନା ଦିଆଯାଇଛି। ଉକ୍ତ ଅଞ୍ଚଳର ସମସ୍ତ ଗ୍ରାହକ ଓ ଜନସାଧାରଣ ଏଥିରେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

### ଡ୍ରାଇଭରଙ୍କୁ ଆକ୍ରମଣ ଅଭିଯୋଗରେ ୨ ଗିରଫ

କଟକ ସଦର,୧୧।୭(ସୁଶାନ୍ତ କୁମାର ଜେନା)

ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ କିଶନନଗର ଥାନା ପୋଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଏହି ଥାନା ଅନ୍ତର୍ଗତ ବାଲିଶୁକ୍ରି ଗ୍ରାମର ରାକେଶ ଭୋଇ (୨୨) ଓ କାଜଲ ଭୋଇ(୨୦)। ପୋଲିସ ସୂତ୍ରରୁ ପ୍ରକାଶ ଗୁରୁବାର ପ୍ରହରାଜପୁର ଗ୍ରାମର ଡ୍ରାଇଭର ପିଣ୍ଟୁ ରଞ୍ଜନ ଭୋଇ (୨୭) ଗାଡ଼ି ନେଇ ଯାଉଥିବା ବେଳେ ବିଶାଳପଡ଼ା ଛକରେ ରାକେଶ ଓ କାଜଲ ମାରଧର କରିଥିଲେ। ଫଳରେ ଡ୍ରାଇଭରଙ୍କ ମୁଣ୍ଡ ଫାଟି ଯାଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୧୬୩/୨୫) ରୁଜୁ ହୋଇଛି।

### ପଞ୍ଚାୟତ ସମିତି ବୈଠକ: ଭାଜପା-ବିଜେଡି କର୍ମୀ ହୋହଲ୍ଲା

ବାଙ୍କୀ,୧୧।୭(ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ଶୁକ୍ରବାର ଭାଜପା- ବିଜେଡି କର୍ମୀଙ୍କ ମଧ୍ୟରେ ହୋହଲ୍ଲା ହୋଇଛି। ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ ସଭାପତିତ୍ୱ କରିଥିଲେ। ଏଥିରେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଏମ୍‌ପିଙ୍କ ପ୍ରତିନିଧି ଜୟନ୍ତ କୁମାର ବେଉରାଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ, ଜିଲା ପରିଷଦ, ସମିତି ସଭ୍ୟ, ସରପଞ୍ଚମାନେ ଯୋଗ ଦେଇଥିଲେ। ବୈଠକ ପୂର୍ବରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ପରେ ଉଭୟ ଦଳର କର୍ମୀଙ୍କୁ ଘଉଡ଼ାଇ ଥିଲେ। କାର୍ଯ୍ୟସୂଚୀ ଅନୁଯାୟୀ ପୂର୍ବ ବୈଠକର ବିବରଣୀ ପାଠ କରାଯାଇଥିଲା। ଏହି ଅବସରରେ ବିକଶିତ ଗାଁ ବିକଶିତ ଓଡ଼ିଶା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି , ସାଧାରଣ ବଣ୍ଟନ, ପ୍ରାକୃତିକ ବିପର୍ଯ୍ୟୟର ଆଗୁଆ ମୁକାବିଲା ଓ ପଦକ୍ଷେପ ସମେତ ପଞ୍ଚାୟତ ସମିତିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା। ପଞ୍ଚାୟତସ୍ତରରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉ ନ ଥିବା ନେଇ ଅଭିଯୋଗ ହୋଇଥିଲା। ବୈଠକ ଶେଷରେ ମଧ୍ୟ ଭାଜପା ଓ ବିଜେଡି କର୍ମୀ ପରସ୍ପର ବିରୋଧରେ ନାରାବାଜି କରିଥିଲେ। ଏହି ସମୟରେ ପୋଲିସ ଉଭୟ ଦଳର କର୍ମୀଙ୍କୁ ବିତାଡ଼ିତ କରିଥିଲା।

# ନକଲି ମଦ କାରବାର ରୋକିବାକୁ ମନ୍ତ୍ରୀଙ୍କ ଗୁରୁତ୍ୱ

**ଅବକାରୀ କମିଶନରଙ୍କ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ**

କଟକ,୧୧।୭(ଶିଳ୍ପା ପ୍ରିୟଦର୍ଶିନୀ)



ଅବକାରୀ କମିଶନରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବରିଷ୍ଠ ଅଧିକାରୀ ଏବଂ ଅନ୍ୟମାନେ।

ସିଡିଏସ୍ଥିତ ଅବକାରୀ କମିଶନରଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ରାଜ୍ୟରେ ଚୋରା ନକଲି ମଦ କାରବାର ବନ୍ଦ ଦିଗରେ ଗୁରୁତ୍ୱ ଦେବା ସହ ଏହାକୁ ରୋକିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାଦ୍ୱାରା ଧନ ଜୀବନ ପ୍ରଭାବିତ ହେଉଥିବାରୁ ଏଭଳି ବେଆଇନ କାର୍ଯ୍ୟ ସମ୍ପୂର୍ଣ୍ଣ ମୂଳପୋଛ କରିବାକୁ ତାଗିଦ କରିଥିଲେ। ଏହାସହ ଚୋରା ଅପମିଶ୍ରିତ ବିଷାକ୍ତ ମଦ, ଗଞ୍ଜେଇ ଏବଂ ଡ୍ରଗ୍ସ କାରବାରକୁ ରୋକିବାକୁ ତାଗିଦ କରାଯାଇଛି। କୋଚିଆ ବିକ୍ରୟ କେନ୍ଦ୍ରରେ ନିୟମିତ ଚଢାଉ କରି ଏହାକୁ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅବକାରୀ ଚଢାଉ ସମୟରେ ମଲ୍ଟି ଡିସିପ୍ଲିନାରି ସ୍କ୍ୱାର୍ଡ ତଥା ଅବକାରୀ, ପୋଲିସ, ରାଜସ୍ୱ ଏବଂ ଜଙ୍ଗଲ ବିଭାଗ ସହିତ ମିଳିତ ଚଢାଉ କରି ରାଜ୍ୟରୁ ଗଞ୍ଜେଇ ଚାଷ ସଫା କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅବକାରୀ ସଚିବ ଗୁହା ପୁନମ ତାପସ, ଅବକାରୀ ବିଭାଗର ଅତିରିକ୍ତ ସଚିବ ଅର୍ଚ୍ଚନା ଦାସ ପଟ୍ଟନାୟକ, ଅବକାରୀ କମିଶନର ଦାୟିତ୍ୱରେ ଥିବା ଧର୍ମେନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାର ୧୬ଜଣ ଅବକାରୀ ସିପାହୀଙ୍କୁ ସେମାନଙ୍କ କାର୍ଯ୍ୟ ଦକ୍ଷତା ଯୋଗୁ ପୁରସ୍କୃତ କରାଯାଇଛି। ବୈଠକରେ ୩୩ ଜିଲା ଏବଂ ୪ ଅବକାରୀ ଗୁଇନ୍ଦା ସଂସ୍ଥାର ଅଧକ୍ଷକମାନେ ଅଂଶଗ୍ରହଣ କରିଥିଲେ।



ରୋଗୀ ମୃତ୍ୟୁକୁ ନେଇ ଶୁକ୍ରବାର ରାତିରେ କଟକ ସିଟି ହସ୍ପିଟାଲ ସମ୍ମୁଖରେ ଟାୟାର ଜାଳି ମୃତକଙ୍କ ସମ୍ପର୍କୀୟମାନେ ପ୍ରତିବାଦ କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

## ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**ନାବାଳିକା ଅପହରଣ ପରେ ବଳାତ୍କାର ମାମଲା**

କଟକ,୧୧।୭(କାର୍ତ୍ତିକ ସାହୁ)

ଗୁରୁଡ଼ିଝାଟିଆ ଥାନା ଅଞ୍ଚଳର ଜଣେ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ରାୟ କଟକର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଶୁକ୍ରବାର ପ୍ରକାଶ ପାଇଛି। ବିଚାରପତି ମାମଲାର ସାକ୍ଷ୍ୟ, ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ୫୦ ହଜାର ଟଙ୍କା ଜରିମାନା ମଧ୍ୟ କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୨ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବଡ଼ମ୍ବା ମଝିପଡ଼ାର ବିଜୟ ପ୍ରଧାନ (୨୭)। ସୂଚନାନୁସାରେ, ୨୦୨୩ ଜାନୁଆରୀ ୫ରେ ବିଜୟ ଜଣେ ୧୫ବର୍ଷର ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଅପହରଣ କରି ନେଇଥିଲେ। ସେ କିଛିଦିନ ଧରି ତାଙ୍କୁ ବଳତ୍କାର କରିଥିଲେ। ପରବର୍ତ୍ତୀ ସମୟରେ ବିଜୟ ନାବାଳିକାଙ୍କୁ ଏକୁଟିଆ ଛାଡ଼ି ଫେରାର ହୋଇଯାଇଥିଲେ। ନାବାଳିକା ଘରେ ପହଞ୍ଚି ଘଟଣା ସମ୍ପର୍କରେ ଜଣାଇବା ପରେ ତାଙ୍କ ପରିବାର ପକ୍ଷରୁ ୨୦୨୩ ଜାନୁଯାରୀ ୧୨ରେ ଗୁରୁଡ଼ିଝାଟିଆ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ବିଜୟଙ୍କୁ ଗିରଫ କରିଥିଲା। ୨୦୨୩ ଏପ୍ରିଲ୍ ୧୭ରେ ପୋଲିସ୍ ଅଭିଯୁକ୍ତ ବିରୋଧରେ ଅଭିଯୋଗଫର୍ଦ୍ଦ ଦାଖଲ କରିଥିଲା। କୋର୍ଟ ୨୦୨୪ ଫେବୃୟାରୀ ୨୩ରେ ଚାର୍ଜଫ୍ରେମ୍ କରିଥିଲେ। ସରକାରଙ୍କ ପକ୍ଷରୁ ପବ୍ଲିକ୍ ପ୍ରସିକ୍ୟୁଟର୍ ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ମରଣାନ୍ତକ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ଘଟଣା: ଅଭିଯୁକ୍ତ ଗିରଫ

ଖୁଣ୍ଟୁଣୀ,୧୧।୭(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଆଠଗଡ଼-ନୂଆପାଟଣା ରାସ୍ତାର ମହାକାଳବସ୍ତ ଗ୍ରାମ ଛକ ଉପରେ ଗତ ୮ ତାରିଖ ରାତି ୯ଟାରେ ବାଇକ୍ ଧକ୍କାକୁ ନେଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ହତ୍ୟା କରିବା ଅଭିଯୋଗରେ ଖୁଣ୍ଟୁଣୀ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଖୁଣ୍ଟୁଣୀ ଥାନା ମହାକାଳବସ୍ତ ଗ୍ରାମର କୃଷ୍ଣ ସେଠୀ। ଅଧିକ ପଚରାଉଚରା ପରେ କୃଷ୍ଣଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ରଞ୍ଜନ କୁମାର ପ୍ରଧାନ କହିଛନ୍ତି। ସେଦିନ ରାତିରେ କୃଷ୍ଣ ତାଙ୍କ ସ୍ତ୍ରୀଙ୍କୁ ସାଙ୍ଗରେ ନେଇ ଆଠଗଡରୁ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଆଗରେ ଯାଉଥିବା ଦ୍ୱାରାବତୀପୁର ଗ୍ରାମର କାହ୍ନୁ ରାଉତଙ୍କ ସହିତ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ଏଥିରେ କୃଷ୍ଣ ଓ ତାଙ୍କ ସ୍ତ୍ରୀଙ୍କ ସମେତ କାହ୍ନୁ ମଧ୍ୟ ତଳେ ପଡି ଆହତ ହୋଇଥିଲେ। ଏହାକୁ ନେଇ ସ୍ଥାନୀୟ ମହାକାଳବସ୍ତ ଗ୍ରାମର କେତେଜଣ ଯୁବକ କାହ୍ନୁଙ୍କୁ ସଙ୍ଗବଦ୍ଧ ଭାବେ ଆକ୍ରମଣ କରି ଆସୁଥିବା ଏକ ଗାଡି ସମ୍ମୁରେ ଫିଙ୍ଗି ଦେଇଥିଲେ। କାହ୍ନୁଙ୍କ ବଡଭାଇ ଆସି ତାଙ୍କୁ ଉଦ୍ଧାର କରି କଟକ ବଡ଼ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର କାହ୍ନୁଙ୍କୁ ମୃତ ଘୋଷଣା କରିଥିଲ। ୯ ତାରିଖ ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ହୋଇ ଗାଁରେ ପହଞ୍ଚିବା ପରେ ଉତ୍ୟକ୍ତ ଗ୍ରାମବାସୀ ଓ ପରିବାର ଲୋକେ କାହ୍ନୁଙ୍କ ମୃତଦେହ ଆଠଗଡ଼-ନୂଆପାଟଣା ରାସ୍ତାରେ ରଖି ୩ଘଣ୍ଟା ଅବରୋଧ କରିଥିଲେ। ଖବର ପାଇ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଖୁଣ୍ଟୁଣୀ ଥାନା ଆଇଆଇସି ପ୍ରଧାନ ପ୍ରମୁଖ ଆଠଗଡ଼ ତହସିଲଦାରଙ୍କୁ ନେଇ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇଥିଲେ। ସତ୍କାର ପାଇଁ ରେଡ୍‌କ୍ରସ୍ ପାଣ୍ଠିରୁ ୨୦ ହଜାର ଦେବାକୁ ତହସିଲଦାର ଘୋଷଣା କରିଥିଲେ। ଏ ନେଇ କାହ୍ନୁଙ୍କ ବଡଭାଇ ଅଭିମନ୍ୟୁଙ୍କ ଖୁଣ୍ଟୁଣୀ ଥାନାରେ ୮ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ଉଦ୍ୟମ ଆରମ୍ଭ କରିଥିଲା।

## ବଜ୍ରପାତ ସଚେତନତା ରଥ ଶୁଭାରମ୍ଭ



ଜିଲାପାଳ ପତାକା ଦେଖାଇ ବଜ୍ରପାତ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

କଟକ,୧୧।୭(କାର୍ତ୍ତିକ ସାହୁ)

ବଜ୍ରପାତରୁ ଜନସାଧାରଣଙ୍କ ସୁରକ୍ଷା କରିବା ଲକ୍ଷ୍ୟରେ ବଜ୍ରପାତ ସୁରକ୍ଷା ସମ୍ପର୍କିତ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଜିଲାପାଳ ତଥା ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଅଧ୍ୟକ୍ଷ ଦତାତ୍ରୟ ଭାଉସାହେବ ସିନ୍ଦେ ଶୁକ୍ରବାର ଅପରାହ୍ନରେ ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ଜିଲାର ସହରାଞ୍ଚଳ ଏବଂ ସମସ୍ତ ବ୍ଲକ ପରିକ୍ରମା କରିବ। ବଜ୍ରପାତ ସମୟରେ ପ୍ରତିକାରମୂଳକ ପଦକ୍ଷେପ ସ୍ୱରୂପ ଜନସାଧାରଣ ଯେପରି ସୁରକ୍ଷିତ ରହିପାରିବେ ଏ ନେଇ ସଚେତନତା ବାର୍ତ୍ତା ପ୍ରଚାର ହେବ। ସତର୍କତାମୂଳକ ପଦକ୍ଷେପ, ସୁରକ୍ଷା ବାର୍ତ୍ତା, ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରିବା ଉପରେ ସୂଚନା ପ୍ରଦର୍ଶନୀ, ଅଡିଓ-ଭିଜୁଆଲ୍ ବାର୍ତ୍ତା ଏବଂ ସୂଚନା ପୁସ୍ତିକା ସହିତ ସଚେତନତା ରଥ ଜିଲାର ସମସ୍ତ ଅଞ୍ଚଳ ବୁଲି ପ୍ରଚାର ପ୍ରସାର କରିବ। ସଚେତନତା ରଥର ଶୁଭାରମ୍ଭ ଅବସରରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଦିବ୍ୟଲୋଚନ ମହାନ୍ତ, ଡେପୁଟି କଲେକ୍ଟର (ଜରୁରୀ) ସୁଜୟ ପତି, ଜିଲା କାର୍ଯ୍ୟକ୍ରମ ଅଧିକାରୀ (ଜରୁରୀ) ବାପି ବିଶ୍ୱଜିତ ସାହୁଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସ୍ନାତକୋତ୍ତର ପରୀକ୍ଷାଫଳ ପ୍ରକାଶ

ବାଙ୍କୀ,୧୧।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

**ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ସମୀର କୁମାର ମହାପାତ୍ରଙ୍କ ଦ୍ୱାରା ପରୀକ୍ଷା ପୁସ୍ତିକାକୁ ଉନ୍ମୋଚନ କରାଯାଇଥିଲା। ଏହି ପରୀକ୍ଷାରେ ପ୍ରାଣୀବିଜ୍ଞାନ ବିଭାଗରେ ରମାଦେବୀ ରାଉତରାୟ ଟପ୍ପର ହୋଇଛନ୍ତି। ଶିକ୍ଷା ବିଭାଗରେ ଅର୍ଚ୍ଚିତା ପାଣି ଟପ୍ପର ହୋଇଛନ୍ତି। ଇଂଲିଶରେ ଦୀପାଳି ସାମନ୍ତରାୟ, ଗୃହ ବିଜ୍ଞାନରେ ପ୍ରିୟଦର୍ଶିନୀ ପରିଡ଼ା, ସଂସ୍କୃତରେ ମୋନାଲିସା ଜେନା ଟପ୍ପର ହୋଇଛନ୍ତି। ସେହିପରି ବାଣିଜ୍ୟରେ ସିତେସ ମହାନ୍ତି ଟପ୍ପର ହୋଇଥିବା ବେଳେ ୧୧ଜଣଙ୍କ ମଧ୍ୟରୁ ୮ ପ୍ରଥମ ଶ୍ରେଣୀ ଅଧିକାର କରିଛନ୍ତି। ରସାୟନ ବିଜ୍ଞାନରେ ସ୍ୱପ୍ନାସାଗରି ମହାପାତ୍ର, ଉଦ୍ଭିଦ ବିଜ୍ଞାନରେ ଜୁଲି ବେଉରା ଓ ସରୋଜ କୁମାର ସିଂହ ଯୁଗ୍ମଭାବେ ଟପ୍ପର ହୋଇଛନ୍ତି।

ରାଜନୀତି ବିଜ୍ଞାନରେ ବିଶ୍ୱରୂପା ସାହୁ ଓ ସୋନାଲି ବେହେରା ଯୁଗ୍ମଭାବେ ଟପ୍ପର ହୋଇଛନ୍ତି। ଅର୍ଥନୀତି ବିଭାଗରେ ଦୀପ୍ତିରେଖା, ଟିଏମଆରଆଇରେ ଦୀପ୍ତିମୟୀ ମହାନ୍ତି ଟପ୍ପର ହୋଇଛନ୍ତି। ସମସ୍ତ କୃତୀ ପରୀକ୍ଷାର୍ଥୀମାନଙ୍କୁ ଅଧ୍ୟକ୍ଷ ପ୍ରାଧ୍ୟାପକ ମହାପାତ୍ର ଶୁଭେଚ୍ଛା ଜଣାଇଛନ୍ତି। ପରୀକ୍ଷାଫଳ ପ୍ରକାଶ ସମୟରେ ପ୍ରାଧ୍ୟାପିକା ଗାୟତ୍ରୀ ନାୟକ, ଅର୍ପିତା ଅପରାଜିତା, ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, କୁମୁଦ ରଞ୍ଜନ ମହାରଣା, ଅଧ୍ୟାପକ ଆଶିଷ କୁମାର ପାଢୀ, ଅଧ୍ୟାପକ ଯୋଗୀନାଥ ମଲିକ, ଚିନ୍ମୟୀ ଚିତ୍ତରଞ୍ଜନ, ମହେଶ ପ୍ରସାଦ ବେହେରା, ପ୍ରଶାନ୍ତ ଭୋଇ, ପରିଚାଳନା କମିଟି ସଦସ୍ୟ ସମରେନ୍ଦ୍ର ମହାପାତ୍ର, ହରେକୃଷ୍ଣ ତ୍ରିପାଠୀ, ଭୂପତି ଭୂଷଣ ପ୍ରଧାନ, ରଞ୍ଜିତ ରାଉତ, ସୁବ୍ରତ ପୃଷ୍ଟି ଓ କାହ୍ନୁଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପକମାନେ ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

## ଗଚ୍ଛିତ ବାଲି ନିଲାମରେ ଅନିୟମିତତା: ଜିଲାପାଳଙ୍କୁ ଅଭିଯୋଗ

ବାଙ୍କୀ,୧୧।୭( ଶୁଭେନ୍ଦୁ ମହାପାତ୍ର)

ମହାନଦୀରେ ବନ୍ୟା ଜଳ ପ୍ରବେଶ କରିବା ପରେ ବାଙ୍କୀ ଉପଖଣ୍ଡ ରେ ଥିବା ବିଭିନ୍ନ ବାଲିଘାଟରୁ ବାଲି ଉଠାଇଯାଇଥିଲା। ଏହାକୁ ଡମପଡା ତହସିଲ ଅନ୍ତର୍ଗତ ପାଥପୁର ମୌଜା ଅଧୀନ କାଳିକା ପ୍ରସାଦ ଘାଟ ନିକଟ ପଡିଆରେ ବେଆଇନ ଭାବେ ଗଚ୍ଛିତ କରାଯାଇଥିଲା। ଉକ୍ତ ବାଲିକୁ ନିଲାମ କରଯାଇଛି। ମାତ୍ର ଏହି ନିଲାମ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଇଚ୍ଛୁକ ନିଲାମଧାରୀ ଭୂପତି ଭୂଷଣ ପାଣି, ମଳୟ କୁମାର ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଉପରୋକ୍ତ ପଡ଼ିଆର ପ୍ଲଟ ନମ୍ବର ୨୮, ଖାତା ନମ୍ବର ୬୬୧ ହୋଇଥିବା ବେଳେ ସେଠାରେ ବାଲି ଗଚ୍ଛିତ ରଖାଯାଇଥିଲା। ଖଣିବିଭାଗ ପକ୍ଷରୁ ଉକ୍ତ ବାଲି ନିଲାମ କରାଯାଇଛି। ମାତ୍ର ଇଚ୍ଛୁକ ନିଲାମଧାରୀମାନେ ଆସିବା ପୂର୍ବରୁ ବାଲିମାଫିଆଙ୍କ ସହ ସାଲିସ୍ କରି କୋଟିକୋଟି ଟଙ୍କାର ବାଲିକୁ ମାତ୍ର ୧୨ ଲକ୍ଷ ଟଙ୍କାରେ ନିଲାମ କରିଦିଆଯାଇଛି। ଏହା ଉପରେ ସେମାନେ ପ୍ରଶ୍ନ କରିବାରୁ କେତେଜଣ ଅସାମାଜିକ ବ୍ୟକ୍ତି ବିଭିନ୍ନ ମାରଣାସ୍ତ୍ରରେ ସେମାନଙ୍କୁ ଭୟଭୀତ କରିଥିଲେ। ଫଳରେ ଇଚ୍ଛୁକ ନିଲାମଧାରୀମାନେ ସେଠାରୁ ଫେରିଆସିଥିଲେ। ଏନେଇ ପୁନର୍ବାର ଖଣି ବିଭାଗ ପକ୍ଷରୁ ନିଲାମ ଡାକିବାକୁ ପାଇଁ ଇଚ୍ଛୁକ ନିଲାମଧାରୀ ମାନେ କଟକ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

## ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ବୈଠକ: ଧାରଣାରେ ଲୋକପ୍ରତିନିଧି

ନିଶ୍ଚିନ୍ତକୋଇଲି,୧୧।୭(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ୬ଷ୍ଠତମ ବୈଠକ ଶୁକ୍ରବାର କଡ଼ା ସୁରକ୍ଷା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷାଙ୍କ ଅନାସ୍ଥା କାଟ୍ ଖାଇବା ପରେ ଏହି ବୈଠକ ହେଉଥିବାରୁ ହୋହାଲ୍ଲା ମଧ୍ୟରେ ଶେଷ ହୋଇଛି। ଏପରିକି ନିର୍ବାଚିତ ଲୋକପ୍ରତିନିଧିମାନେ ସଭାଗୃହର ସମ୍ମୁଖଭାଗକୁ ଆସି ନାରାବାଜି କରିଥିଲେ। ଦୁର୍ନୀତି ହୋଇଥିଲେ ତଦନ୍ତ କରି ଦୋଷୀକୁ ଦଣ୍ଡ ଦିଅ ନଚେତ ଲୋକଙ୍କ ବିଲ୍ ଦିଅ ଏଭଳି ନାରାବାଜି କରି ବହୁ ସରପଞ୍ଚ ଓ ସମିତିସଭ୍ୟ ଡାଇସ୍ ତଳେ ଧାରଣା ଦେଇଥିଲେ। ଜନପ୍ରତିନିଧିମାନଙ୍କୁ ଯୋଜନାଠାରୁ ଦୂରେଇ ରଖି ପ୍ରଶାସନ ମନମୁଖି କାର୍ଯ୍ୟ କରୁଛି ବୋଲି ସଭ୍ୟମାନେ ଅଭିଯୋଗ କରିଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ ସଭାପତିତ୍ୱ କରିଥିବା ବେଳେ ଜିପିଓ ମନୋଜ ପଡ଼ିଆରୀ ବିବରଣୀ ପାଠ ଓ ଏବିଡିଓ ଧନ୍ୟବାଦ ଅର୍ପଣ କରିଥିଲେ।

ବୈଠକ ପ୍ରାରମ୍ଭରୁ ଗୃହରେ ହଲଚଲ ସୃଷ୍ଟି ହୋଇଥିଲା। ଏଥିରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ଆହ୍ୱାନ ଦେଇଥିଲେ। ଲୋକପ୍ରତିନିଧିମାନେ ଜନକଲ୍ୟାଣ କାର୍ଯ୍ୟରେ ସହଯୋଗ କରିବାକୁ ସେ ନିବେଦନ କରିଥିଲେ। ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ବକ୍ତବ୍ୟ ଆରମ୍ଭ କରିବା ସମୟରେ ଗୃହରେ ହୋହଲ୍ଲା ଓ ନାରାବାଜି ହୋଇଥିଲା। ଫଳରେ ସେ ବିରକ୍ତିଭାବ ପ୍ରକାଶକରି ସଭା ଛାଡ଼ିବାକୁ କହିଥିଲେ। ବୁଝାଶୁଝା ପରେ ଗୃହର ସଭ୍ୟମାନେ ଚୁପ୍ ରହିଥିଲେ। ବିଧାୟକ ପ୍ରଧାନ ତଥ୍ୟଭିତ୍ତିକ ବ୍ୟୟବରାଦ ଓ ବିନିଯୋଗ ଉପରେ ସଂକ୍ଷିପ୍ତ ଟିପ୍ପଣୀ ରଖିଥିଲେ। ପଞ୍ଚାୟତ ସମିତିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେହିପରି ବ୍ଲକ ପ୍ରଶାସନ ତରଫରୁ ପୂର୍ବରୁ ଦିଆଯାଇଥିବା କାର୍ଯ୍ୟାଦେଶର ବିଲ୍ ପ୍ରଦାନ କରାଯାଉ ନ ଥିବା ନେଇ ଅଭିଯୋଗ ହୋଇଥିଲା। ବୈଠକ ପୂର୍ବରୁ ପଞ୍ଚାୟତ ସମିତିକୁ କଡ଼ା ପୋଲିସ ବଳୟ ଭିତରେ ରଖାଯାଇଥିଲ।

## 'ମତ୍ସ୍ୟଚାଷକୁ ଜ୍ଞାନକୌଶଳଯୁକ୍ତ କରାଯିବ'

କଟକ,୧୧।୭(କାର୍ତ୍ତିକ ସାହୁ)



ଜିଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଜିଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ**

ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳନ ଅବସରରେ ଜିଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିଲାସ୍ତରୀୟ ମତ୍ସ୍ୟଚାଷୀ ଦିବସ ଗୁରୁବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁଶାନ୍ତ ନାୟକ ଓ ସମ୍ମାନିତ ଅତିଥି ଜିଲା ମୁଖ୍ୟ କୃଷି ଅଧିକାରୀ ରାଜଶ୍ରୀ ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷି ତଥା ପ୍ରାଣୀ ସମ୍ପଦ ବିକାଶ ବିଭାଗର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟର ପ୍ରଗତି ଓ ବିକାଶରେ ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍ୟୋଗୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମତ୍ସ୍ୟ ସହ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ଏହି କ୍ଷେତ୍ରକୁ ନୂତନ ଜ୍ଞାନ କୌଶଳଯୁକ୍ତ କରିବା ଓ ପରିବେଶ ଅନୁକୂଳଯୁକ୍ତ ସମୃଦ୍ଧି କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ରୂପରେଖ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଜିଲାର ଅଗ୍ରଣୀ ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍ୟୋଗୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ପୁରସ୍କୃତ କରଯାଇଥିଲା। କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ମଧୁର ଜଳ କୃଷି ଗବେଷଣା ପ୍ରତିଷ୍ଠାନଠାରେ ଆୟୋଜିତ ଜାତୀୟ ମତ୍ସ୍ୟଚାଷୀ ଦିବସ କାର୍ଯ୍ୟକ୍ରମ ଭିଡିଓ କନ୍‌ଫରେନ୍ସ ଜରିଆରେ ସିଧା ପ୍ରସାରଣ କରାଯାଇଥିଲା। ଉପମତ୍ସ୍ୟ ନିର୍ଦ୍ଦେଶିକା ବବିତା ମହନ୍ତ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ।

ଉଲ୍ଲେଖଯୋଗ୍ୟ ଯେ, ୧୯୫୭ ଜୁଲାଇ ୧୦ରେ ଅବିଭକ୍ତ ଢେଙ୍କାନାଳ ଜିଲା ଅନ୍ତର୍ଗତ ନାରାୟଣ ସାଗର ସରକାରୀ ମାଛ ଫାର୍ମରେ କାର୍ପ ମାଛର କୃତ୍ରିମ ପ୍ରଜନନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଥିଲା। ଏହି ମହତ୍ୱପୂର୍ଣ୍ଣ ଐତିହାସିକ ସଫଳତାକୁ ମନେ ରଖିବା ପାଇଁ ଜୁଲାଇ ୧୦ ତାରିଖକୁ ଭାରତରେ ଜାତୀୟ ମତ୍ସ୍ୟଚାଷୀ ଦିବସ ରୂପେ ପାଳନ କରାଯାଇ ଆସୁଛି।

# ସରପଞ୍ଚଙ୍କ ସ୍ୱାମୀଙ୍କୁ ହତ୍ୟା

## ୨ଜଣ ଅଟକ

**ଡୁଙ୍ଗୁରିପାଲି,୧୧।୭(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ରାମପୁର ଥାନା ଗଜବନ୍ଧ ପଞ୍ଚାୟତର ସରପଞ୍ଚ ବାସନ୍ତୀ କ୍ଷେତୀଙ୍କ ସ୍ୱାମୀ ତଥା ଉକ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚ ବଲ୍ଲଭ କ୍ଷେତୀ(୪୮)ଙ୍କୁ ଗୁରୁବାର ରାତିରେ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ହତ୍ୟା କରାଯାଇଛି। ଏନେଇ ରାମପୁର ଥାନାରେ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି। ପୋଲିସ କେସ୍ ନଂ. ୯୮/୨୫ରେ ମାମଲା ରୁଜୁ କରି ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସୁବର୍ଣ୍ଣପୁର ଆରକ୍ଷୀ ଅଧୀକ୍ଷକ ନାରାୟଣ ନାଏକ ଓ ବଲାଙ୍ଗୀର ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ଘଟଣା ସ୍ଥଳରୁ ସାଇଣ୍ଟିଫିକ ଟିମ୍ ରକ୍ତ ନମୁନା, ଚପଲ, ମାଟି ସଂଗ୍ରହକରି ତଦନ୍ତ ଆରମ୍ଭ କରିଛନ୍ତି। ଏଥିସହ ଘଟଣା ସ୍ଥଳରେ ସୋନପୁର ଏସ୍‌ଡିପିଓ ପ୍ରତାପ କୁମାର ତ୍ରିପାଠୀ, ରାମପୁର ଥାନା ଅଧିକାରୀ ପଦ୍ମାସିନି ମେହେର ଓ ପୋଲିସ ଫୋର୍ସ ମୁତୟନ ଅଛନ୍ତି। ହତ୍ୟାର କାରଣ ଅସ୍ପଷ୍ଟ ରହିଛି।



ବଲ୍ଲଭ କ୍ଷେତୀ

ମୃତ ବଲ୍ଲଭ ଯେହେତୁ ଜଣେ ସରପଞ୍ଚ ଥିଲେ, ଜମିଜମା ମାମଲା କିମ୍ବା ରାଜନୈତିକ କାରଣରୁ ଏହି ହତ୍ୟାକାଣ୍ଡ ହୋଇଥାଇପରେ ବୋଲି ଆରକ୍ଷୀ ଅଧୀକ୍ଷକ ନାଏକ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ବଲ୍ଲଭ ଗୁରୁବାର ରାତି ପ୍ରାୟ ୧୦ଟାରେ କୌଣସି କାମରେ ଘର ବାହାରକୁ ଯାଇଥିଲେ। କାମ ସାରି ଗଜବନ୍ଧ ଛକ ଆଡୁ ନିଜ ଗାଁ କେନପାଲିକୁ ଫେରୁଥିଲେ। ପଣ୍ଡରାପାଲି ଗାଁ ନିକଟ କେନାଲ ରାସ୍ତାରେ ୪ରୁ ୫ ଜଣ ବାଇକ୍ ଯୋଗେ ଆସି ତାଙ୍କ ବାଇକକୁ ଅଟକାଇଥିଲେ। ପରେ ଗୋଡ଼ାଇ ଗୋଡ଼ାଇ ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରି ସେଠାରୁ ଫେରାର ହୋଇଯାଇଥିଲେ। ତାଙ୍କ ମୁଣ୍ଡ ଏବଂ ଡାହାଣ ହାତରେ ଗଭୀର ଆଘାତ ଲାଗିବାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ସକାଳେ ରାମପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ମେହେର କହିଛନ୍ତି।

ତେବେ ଜମିଜମା ନେଇ ଅନ୍ୟ ଏକ ପରିବାରଙ୍କ ସହ କିଛିଦିନ ତଳେ ଥାନାରେ ମାମଲା ହୋଇଥିବା ତାଙ୍କ ସାନ ଭାଇ ଲବ କ୍ଷେତୀ କହିଛନ୍ତି। ବଲ୍ଲଭ ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ଗଜବନ୍ଧ ଗ୍ରାମପଞ୍ଚାୟତ ସରପଞ୍ଚ ଥିଲେ। ବର୍ତ୍ତମାନ ତାଙ୍କ ସ୍ତ୍ରୀ ବାସନ୍ତୀ କ୍ଷେତୀ ଗଜବନ୍ଧ ଗ୍ରାମପଞ୍ଚାୟତର ସରପଞ୍ଚ ଅଛନ୍ତି। ଆରକ୍ଷୀ ଅଧୀକ୍ଷକ ନାଏକ କେନପାଲି ଗ୍ରାମକୁ ଯାଇ ମୃତ ବଲ୍ଲଭଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ବଲ୍ଲଭଙ୍କ ମୃତ୍ୟୁକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଭାଇଙ୍କ ତଣ୍ଟି କାଟି ହତ୍ୟାକଲେ ଭାଇ

**ଭୋଗରାଇ, ୧୧।୭(ପ୍ରଦୀପ ଦାସ)**

ରାତି ଅଧରେ ମଝିଆ ଭାଇଙ୍କୁ ଘରୁ ଡାକିନେଇ ଏକ ଧାରୁଆ ଅସ୍ତ୍ରରେ ତଣ୍ଟି କାଟି ବୀଭତ୍ସ ଭାବେ ହତ୍ୟା କରି ରାସ୍ତାରେ ଫିଙ୍ଗି ଦେଇଛନ୍ତି ବଡ଼ ଭାଇ। ହତ୍ୟା ପରେ ମାରିଛନ୍ତି ଚମ୍ପଟ। ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ସୀମାନ୍ତ ଗାଁ ମାନକୁଣ୍ଡାରେ। ମୃତକ ହେଲେ ନିମାଇଁ ମଣ୍ଡଳ (୪୫)। ଖବର ପାଇ ଶୁକ୍ରବାର ସକାଳେ ଜଳେଶ୍ୱର ଏସ୍‌ଡିପିଓ ମାନସ କୁମାର ଦେଓ, ଭୋଗରାଇ ଥାନା ଅଧିକାରୀ ରୋହିତ କୁମାର ବଳଙ୍କ ସହ ପୋଲିସ ବାହିନୀ ଓ ବାଲେଶ୍ୱର ସାଇଣ୍ଟିଫିକ୍ ଟିମ ପହଞ୍ଚି ଅଭିଯୁକ୍ତଙ୍କ ଘରେ ଛାନ୍‌ଭିନ୍ କରିବା ସହିତ ଘରେ ରୋଷେଇ କରୁଥିବା ଜଣେ ଅଳ୍ପ ବୟସ୍କା ମହିଳା ଓ ଆତ୍ମୀୟଙ୍କର ବୟାନ ରେକର୍ଡ କରିଛନ୍ତି।

# ରେଲ୍‌ୱେ ଚାକିରି ନାଁରେ ୬୨ ଲକ୍ଷ ଠକେଇ

## ଅଭିଯୁକ୍ତ ଗିରଫ, ନକଲି ନିଯୁକ୍ତିପତ୍ର ଜବତ

**ବ୍ରହ୍ମପୁର,୧୧।୭ (ସୁବାସ ଚନ୍ଦ୍ର ପାଢ଼ୀ)**

ରେଲ୍‌ୱେରେ ଚାକିରି କରାଇଦେବା ନାଁରେ ୫ ଯୁବକଙ୍କଠାରୁ ୬୨ ଲକ୍ଷ ୫୦ ହଜାର ଟଙ୍କା ଠକେଇର ମୁଖ୍ୟ ଷଡଯନ୍ତ୍ରକାରୀଙ୍କୁ ବ୍ରହ୍ମପୁର ସଦର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କୁକୁଡ଼ାଖଣ୍ଡି ଶାନ୍ତିନଗରର ଏ. ବିଘ୍ନେଶ୍ୱର ରାଓ ଦୋରା(୫୦)। ପୋଲିସ ତାଙ୍କ ନିକଟରୁ ନକଲି ନିଯୁକ୍ତିପତ୍ର, ନକଲି କଲ୍‌ଲେଟର, ପୂର୍ବତଟ ରେଳବାଇ ଗ୍ରୁପ ସି (ଟିଟିଇ) ନକଲି ନିଯୁକ୍ତିପତ୍ର ଜବତ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ. କହିଛନ୍ତି। ଅନ୍ୟ ୨ ଅଭିଯୁକ୍ତ ସମରଜିତ ରାଉତ ଓରଫ ବସନ୍ତ ସିଂ ଏବଂ ଶୁଭଲକ୍ଷ୍ମୀ ରାଉତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।



ଏ. ବିଘ୍ନେଶ୍ୱର ରାଓ ଦୋରା

୨୦୨୩ ମାର୍ଚ୍ଚ ୧୮ରେ ଦିଗପହଣ୍ଡି ବସ୍‌ଷ୍ଟାଣ୍ଡରେ ପାଟପୁର ଥାନା ଅନ୍ତର୍ଗତ କଂସାମାରି ଗ୍ରାମର ଏସ. କୃଷ୍ଣଚନ୍ଦ୍ର ଦୋରା ଓ ତାଙ୍କ ସାଙ୍ଗଙ୍କ ସହ ବିଘ୍ନେଶ୍ୱରଙ୍କ ଭେଟ ହୋଇଥିଲା। ସେମାନଙ୍କୁ ରେଲୱେ ଗ୍ରୁପ ସି (ଟିଟିଇ)ରେ ଚାକିରି କରାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯୁବକମାନେ ଭରସା କରି ବିଘ୍ନେଶ୍ୱରଙ୍କ ସହ ଭୁବନେଶ୍ୱରରେ ଆସି ସମରଜିତ ଓ ଶୁଭଲକ୍ଷ୍ମୀଙ୍କୁ ସାକ୍ଷାତ କରିଥିଲେ। ସମରଜିତ ନିଜକୁ ରେଳବାଇ ସ୍କାଉଟ ଆଣ୍ଡ ଗାଇଡ୍‌ର ଟିଟିଇ ପରିଚୟ ଦେବା ସହ ବିଭିନ୍ନ ନିଯୁକ୍ତିପତ୍ର, ରେଳ ବିଭାଗର ବରିଷ୍ଠ ଅଧିକାରୀଙ୍କ ଫଟୋ ଦେଖାଇ ସେମାନଙ୍କ ବିଶ୍ୱାସ ବଢାଇଥିଲେ। ପରେ ବିଘ୍ନେଶ୍ୱରଙ୍କ ଉପସ୍ଥିତିରେ ବରମୁଣ୍ଡା ବସଷ୍ଟାଣ୍ଡ ନିକଟରେ ୫ଜଣଙ୍କଠାରୁ ଜଣ ପିଛା ୧୨ଲକ୍ଷ ୫୦ ହଜାର ଟଙ୍କା ହିସାବରେ ମୋଟ ୬୨ଲକ୍ଷ ୫୦ ହଜାର ଟଙ୍କା ସମରଜିତ୍ ନେଇଥିଲେ। ପରେ ଯୁବକମାନେ ବିଘ୍ନେଶ୍ୱରଙ୍କ ସହ କୋଲକାତାର ସିଆଲଦହ ବି.ଆର. ସିଂ ହସ୍ପିଟାଲ ଯାଇ ମେଡିକାଲ ଟେଷ୍ଟ କରାଇ ଫେରିଥିଲେ। କିଛିଦିନ ପରେ ମେଲ୍‌କୁ କଲଲେଟର, ଡକ୍ୟୁମେଣ୍ଟ ଭେରୀଫିକେଶନ ମେଡିକାଲ ଟେଷ୍ଟ ରିପୋର୍ଟ ଆସିଥିଲା। ୨ ସପ୍ତାହ ପରେ ସେମାନଙ୍କୁ ନିଯୁକ୍ତିପତ୍ର ମିଳିଥିଲା। ଯାଞ୍ଚ ପରେ ତାହା ନକଲି ବୋଲି ଜଣାପଡିଥିଲା। ଯୁବକମାନେ ବିଘ୍ନେଶ୍ୱର, ସମରଜିତ ଓ ଶୁଭଲକ୍ଷ୍ମୀଙ୍କୁ ସାକ୍ଷାତ ପାଇଁ ବାରମ୍ବାର ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ଚାକିରି ଆଶାୟୀ ଏସ. କୃଷ୍ଣଚନ୍ଦ୍ର ଦୋରା ଅଭିଯୋଗ କରିବା ପରେ ପୋଲିସ ନଂ. ୩୦୩/୨୫ରେ ମାମଲା ରୁଜୁ କରିଛି।

# ୩ ଝାଡ଼ଖଣ୍ଡୀ ଲୁଟେରା,୨ ଜୁଏଲେରି ଦୋକାନୀ ଗିରଫ

**ବଡ଼ବିଲ,୧୧।୭(ଦେବପ୍ରିୟ ରଣା)**

କେନ୍ଦୁଝର ଜିଲାର ବିଭିନ୍ନ ଥାନାଞ୍ଚଳରେ ଲୁଟ୍‌ର ଆତଙ୍କ ଖେଳାଇଥିବା ଝାଡ଼ଖଣ୍ଡୀ ଲୁଟେରା ଗ୍ୟାଙ୍ଗ୍‌ର ୩ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ୨୯.୫୩୦ ଗ୍ରାମ୍ ସ୍ୱର୍ଣ୍ଣ ଅଳଙ୍କାର ସହ ୩. ୬୮୧ କିଲୋ ରୁପା ଅଳଙ୍କାର ଜବତ କରିଥିବା ଜଣାପଡ଼ିଛି। ଚୋରି ଅଳଙ୍କାର କ୍ରୟ ଅଭିଯୋଗରେ ୨ ଜୁଏଲେରି ଦୋକାନୀଙ୍କୁ ଗିରଫ କରାଯାଇଛି। ୩ ଅଭିଯୁକ୍ତ ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲା ମଝଗାଁ ଥାନା ଅନ୍ତର୍ଗତ ଗଡ଼କେଶନା ଗ୍ରାମର ରାଜେନ୍ଦ୍ର ପିଙ୍ଗୁଆ, ଗୁଡୁଗାଁ ଅଞ୍ଚଳର ଦୀପକ ଗୋପ, ଜଗନ୍ନାଥପୁର ଥାନା ଟୋନାଘାଟୁ ଫାଟକ ଅଞ୍ଚଳର ସରୋଜ କେଶରୀ ଓ ୨ ଜୁଏଲେରି ଦୋକାନୀ ହେଲେ ବାଗବେଡ଼ା ଥାନା ଅନ୍ତର୍ଗତ ନ୍ୟୁ ବସ୍ତିର ଶିବପ୍ରକାଶ ପ୍ରସାଦ ଓ ସୀତାଗୋଡ଼ା ଥାନା ବାଗୁନହାତୁ ଅଞ୍ଚଳର ରାଜେନ୍ଦ୍ର ପ୍ରସାଦ। ଏ ନେଇ ବଡ଼ବିଲ ଥାନା ପରିସରରେ ଶୁକ୍ରବାର ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ପିଙ୍ଗୁଆ ଖବରଦାତା ସମ୍ମିଳନୀକରି ସୂଚନା ଦେଇଛନ୍ତି। ଜିଲାର ବଡ଼ବିଲ, ଯୋଡ଼ା, ଚମ୍ପୁଆ ସମେତ ଅନ୍ୟ ଥାନା ଅଞ୍ଚଳରେ ଲୁଟେରା ଗ୍ୟାଙ୍ଗ୍ ଭୋର ଓ ସନ୍ଧ୍ୟା ସମୟରେ ବୟସ୍କା ଓ ମହିଳାଙ୍କୁ ଟାର୍ଗେଟ କରୁଥିଲେ।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

**ଅନୁଗୋଳ,୧୧।୭ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଅତିରିକ୍ତ ଜିଲା ଓ ସେସନ ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତ ନିଶା ଥାନା ଅଞ୍ଚଳର ସନାତନ ନାଏକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଶୁକ୍ରବାର ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ, ୭ ମାର୍ଚ୍ଚ ୨୦୨୪ ମଧ୍ୟାହ୍ନରେ ନିଶା ଥାନା ଅଞ୍ଚଳର ଜଣୈକା ନାବାଳିକାଙ୍କୁ ଅଭିଯୁକ୍ତ ସନାତନ ବଳାତ୍କାର କରିଥିବା ନେଇ ନାବାଳିକାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ସ୍ୱତନ୍ତ୍ର ଜଜ୍ ପୋକ୍‌ସୋ ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ପୀଡିତାଙ୍କୁ ୫ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ଅର୍ଥ ରାଶି ପ୍ରଦାନ କରିବା ପାଇଁ ଆଦେଶ ଦେଇଛନ୍ତି।


ଫର୍ମ ନଂ. ୧୩
ରଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍
ସି-୭୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା
୨୦୨୪ର ଓ.ଏ ନଂ. ୬୨୨

କାନାରା ବ୍ୟାଙ୍କ, ଏସଏମଇ ଶାଖା, ରାଉରକେଲା ...ଆବେଦନକାରୀ
ବନାମ
ସତ୍ୟଦେବ ରାୟ ......ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,
**ସତ୍ୟଦେବ ରାୟ,** ବୟସ: ୫୫ ବର୍ଷ, ପିତା: ଗୋଧନ ରାୟ, ସା: ବୁରୁଟୋଳା, ବ୍ରାହ୍ମଣୀ ତରଙ୍ଗ, ପୋ: ବେଦବ୍ୟାସ, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ-୭୬୯୦୦୧

ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ **ଓ.ଏ. ନଂ. ୬୨୨/୨୦୨୪** ଦ୍ୱାରା **ଟ.୨୫,୮୨,୧୫୭/-** ରଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ରଣ ଅସୁଲି ପ୍ରାଧିକରଣ, କଟକଙ୍କ ଠାରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି । ତେଣୁ ଏତଦ୍‌ଦ୍ୱାରା ଉପରଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଏହି ନୋଟିସ୍ ପ୍ରକାଶନର **୩୦ଦିନ** ମଧ୍ୟରେ କିମ୍ବା **ତା.୨୪.୦୯.୨୦୨୫ରିଖ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କର ପକ୍ଷ ରଖିପାରିବେ।

ଏହି ନୋଟିସ୍ ଦ୍ୱାରା ଅବଗତ କରାଇଦିଆଯାଉଅଛି ଯେ ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ରଣ ଅସୁଲି ପ୍ରାଧିକରଣଙ୍କ ଦସ୍ତଖତ ସହିମୋହର ସହ ଦିନାଙ୍କ **୩ ଜୁଲାଇ ୨୦୨୫**ରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର



GOVERNMENT OF ODISHA
**OFFICE OF SUPERINTENDING ENGINEER MINOR IRRIGATION DIVISION, MALKANGIRI**
E-mail ID : midivmalkangiri@gmail.com
**NOTICE INVITING TENDER**
E-Procurement Notice
**Bid Identification No. SEMIDMKG - 02/2025-26**
**Letter No. 1088 Dt.07.07.2025**

**No.A-379** : The Superintending Engineer, Minor Irrigation Division, Malkangiri on behalf of Governor Odisha invites **Percentage rate** bids in **Double cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal **https://tendersodisha.gov.in**

1. Name of the work : Repair to Surplus Escape of Patraput MIP in Mathili Block of Malkangiri District under Critical Scheme.
2. Total Number of work : 01 (One) No.
3. Estimated cost : Approximately Rs.71.18 lakh
4. Period of completion : 06 (Six) Calendar Months
5. Class of Contractor : "B" Class Contractor
6. Date and time of availability of bid documents in the portal : From 10.00 A.M. of 14.07.25 to 5.00 P.M. of 28.07.2025
7. Last date /time for receipt of bids in the portal : 5.00 P.M. on 28.07.2025
8. Date of opening of bid : At 11.00 A.M. on 29.07.2025 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Malkangiri
11. Further details can be seen from the Government of Odisha Web-site : www.tendersorissa.gov.in

Sd./- Superintending Engineer
M.I. Division, Malkangiri
OIPR-32285/11/0005/2526



**कार्यपालक अभियंता का कार्यालय,**
पथ निर्माण विभाग, पथ प्रमण्डल मनोहरपुर।

नेशनल कम्पीटिटिभ बिडींग
(ई0–निविदा आमंत्रण सूचना)
ई– निविदा आमंत्रण सूचना संख्या– RCD/MANOHARPUR/01/2025-26
दिनांक: 10.07.2025

| | | |
|---|---|---|
| 1. | कार्य का नाम :– | Construction of H.L RCC Bridge Over Koyal River at11th Km of Undhan-Baranga-Dhanapali Road Under Road Division, Manoharpur. |
| 2. | प्राक्कलित राशि (रूपये में) | रू0 36,58,11,239.00 (छत्तीस करोड़ अन्ठावन लाख ग्यारह हजार दो सौ उन्चालीस रूपये) |
| 3. | कार्य समाप्ति की अवधि | 30 (तीस) माह । |
| 4. | वेबसाईट पर निविदा प्रकाशन की तिथि एवं समय | 25.07.2025, 10.30 बजे पूर्वाह्न से। |
| 5. | बेवसाईट पर निविदा उपलब्धता की अंतिम तिथि एवं समय | 21.08.2025, 12.00 बजे अपराह्न तक। |
| 6. | निविदा खुलने की तिथि एवं समय | 22.08.2025, 12.30 बजे अपराह्न। |
| 7. | निविदा आमंत्रित करने वाले पदाधिकारी का पदनाम एवं कार्यालय का पता। | कार्यपालक अभियंता, पथ निर्माण विभाग, पथ प्रमण्डल, मनोहरपुर। |
| 8. | निविदा आमंत्रण करने वाले पदाधिकारी का सम्पर्क नम्बर । | 7903255234 |
| 9. | ई–निविदा आमंत्रण कोषांग का हेल्प लाईन नम्बर | 0651-2401010 |

**नोट :– यूकैन निबंधित निविदाकार ही निविदा डाल सकते हैं। निविदा की राशि घट–बढ़ सकती है।**
विस्तृत जानकारी हेतु वेबसाईट ***http://jharkhandtenders.gov.in*** पर देखें।

कार्यपालक अभियंता,
प0नि0वि0, पथ प्रमण्डल,
मनोहरपुर।
PR 357112 (West Singhbhum) 25-26 (D)



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଦର୍ଶିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି: **ଟେଣ୍ଡର ବିଜ୍ଞପ୍ତି ନଂ. ଏମ୍‌ଇସିଏଚ୍‌ସିକେପି-୨୫-୨୬-୧୦; କାର୍ଯ୍ୟର ନାମ:** ୦୩ ବର୍ଷ ଅବଧି ପାଇଁ ଚକ୍ରଧରପୁର ମଣ୍ଡଳ, ଦ.ପୂ. ରେଳପଥର ଆର୍‌ଓୟୁ କୋଚିଂ ଡିପୋରେ ନାମାଙ୍କିତ ଟ୍ରେନ୍‌ଗୁଡ଼ିକର ଯାନ୍ତ୍ରିକ କୋଚ୍ ସଫେଇ, ୱାଟରିଂ, ପ୍ୟାଡ୍ ଲକିଂ/ଅନ୍‌ଲକିଂ ତଥା ଡିପୋ ପରିସରର ଯାନ୍ତ୍ରିକ ସଫେଇ; **ଟେଣ୍ଡର ମୂଲ୍ୟ:** ₹୪,୭୦,୫୩,୪୪୫.୦୫; **ବିଡ୍ ଅମାନତ:** ₹୩,୮୦,୩୦୦.୦୦; **ଟେଣ୍ଡର ଫର୍ମ ମୂଲ୍ୟ:** ₹୧୦,୦୦୦.୦୦; **ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ଡିଏମ୍‌ଇ/ସିକେପି, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ; **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୩୦।୦୭।୨୦୨୫ରିଖ ୧୫.୦୦ ଘଟିକା । **ଟେଣ୍ଡର ୱେବ୍‌ସାଇଟ୍: https://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । (PR-381)



**Government of Odisha "e" Procurement Notice**
**WORKS DEPARTMENT** No. B-284
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com
**Bid Identification No. CCEKC - 05/2025-26**
**Letter No. 3170 dt. 08.07.2025**

1. Name of the work :- 5 number Building Works
2. Estimated Cost :- Rs.120.46 Lakhs to Rs.346.90 Lakhs
3. Class of Contractor :- "B" & "A" Class
4. Period of completion :- 06 (Six) Calendar Months to 09 (Nine Calendar Months)
5. Date and Time of availability of Bid document in the portal :- From 11.00 hours of **17.07.2025** to **16.00** hours of **31.07.2024**
6. Last date/ Time for receipt of bids in the portal :- **16.00** hours of **31.07.2025**
7. Date of opening of Bid from Portal :- **11.30** hours on **01.08.2025**
8. Name and address of the officer inviting Bid :- Chief Construction Engineer, Keonjhar (R&B) Circle, Keonjhar-758001

Further details can be seen from the e-procurement portal "http://tendersodisha.gov.in"
Sd./- Chief Construction Engineer,
Keonjhar (R&B) Circle, Keonjhar
OIPR-34033/11/0082/2526



GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BALASORE**
No.O-407
**No. : 2364/WE, Dt. : 08.07.2025**
**"e"-Procurement Notice**

1. Name of the work : "Building Works". 2. Estimated Cost : As per Annexure. 3. Time for completion : As per Annexure. 4. No. of Work : As per Annexure. 5. Summary for key dates is provided below :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | | 5 | 6 |
| **Chief Construction Engineer, Rural Works Circle, Balasore** | NCB No. - 16 of 2025-26 | Dt.18.07.2025 at 11.00 A.M. | Dt.01.08.2025 up to 5.00 P.M. | Dt.31.07.2025 up to 5.00 P.M. | Dt.02.08.2025 at 11.00 A.M. | Will be intimated later |

Further details can be seen from the website : www.tendersodisha.gov.in
Any other changes/Corrigendums may be seen only in website www.tendersodisha.gov.in

Sd./- Er.Durjyodhan Behera
Chief Construction Engineer,
Rural Works Circle, Balasore
OIPR-25105/11/0062/2526



GOVERNMENT OF ODISHA No.i-205
**DEPARTMENT OF P.R. & D.W.**
**INVITATION FOR BIDS (IFB)** **IDENTIFICATION No: - AGLB- 01 / 2025-26**
**E-mail address: - ori-bangul@nic.in**

1. The **Block Development Officer, Angul** on behalf of the Governor of Orissa invites Perce**ntage rate civil bid** in single cover system for the works as detailed in the table, from the class of eligible contractors as mentioned in Col.4 (four), registered with the State Government and contractors of equivalent grade / Class registered with Central Government/ MES / Railway, to be eventually drawn up in PWD P-I form, for execution of Building **(Civil Work). The proof of registration from the** appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the following works.

| Sl. No | Name of works | Approx. Value of work. (Rs. In lakhs) | Class of contractor | Bid Security (Rs.). | Cost of documents (Non-refundable) | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of GPLF Building with Market Complex at Khinda, GP- Khinda | 22.42 | 'B' or 'C' | 22420.00 | Rs.6,000/- (Only be downloaded from www.angul.odisha.gov.in) | Six Calendar months |
| 2 | Construction of CC road from Baligerenga to Betara, GP- Saradhapur | 12.62 | 'C' or 'D' | 12615.00 | | Three Calendar months |

For detailed information, please visit the website **https://www.angulodisha.gov.in**.

Sd./- 07.07.2025
Block Development Officer, Angul
OIPR-19073/11/0006/2526



**ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ**
ଅନ୍‌ସାରୀ ନଗର, ନୂଆଦିଲ୍ଲୀ - ୧୧୦୦୨୯
ପରୀକ୍ଷା ଉପବିଭାଗ
**ସାଧାରଣ ନିଯୁକ୍ତି ପରୀକ୍ଷା (ସିଆର୍‌ଇ) - ୨୦୨୫**
ବିଜ୍ଞାପନ ନଂ. ୨୭୦/୨୦୨୫

**ଅଂଶଗ୍ରହଣକାରୀ ଏଆଇଆଇଏମ୍‌ଏସ୍ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ର ସରକାରୀ ଚିକିତ୍ସାଳୟଗୁଡ଼ିକରେ ବିଭିନ୍ନ ଗ୍ରୁପ୍ 'ବି ଏବଂ ସି' ପଦବୀରେ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପରୀକ୍ଷା (ସିଆର୍‌ଇ)-୨୦୨୫**

ସମସ୍ତ ଅଂଶଗ୍ରହଣକାରୀ ଅନୁଷ୍ଠାନ/ଚିକିତ୍ସାଳୟ ତରଫରୁ ବିଭିନ୍ନ ଗ୍ରୁପ୍ 'ବି ଏବଂ ସି' ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କଠାରୁ ନିମ୍ନଲିଖିତ ସମୟସୂଚୀ ଅନୁଯାୟୀ ଅନ୍‌ଲାଇନ୍ ଦରଖାସ୍ତ ଆମନ୍ତ୍ରଣ କରାଯାଉଛି ।

| ଆବେଦନ ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ | |
|---|---|
| ଆରମ୍ଭ ତାରିଖ | - ୧୦ ଜୁଲାଇ, ୨୦୨୫ |
| ବନ୍ଦ ତାରିଖ | - ୩୧ ଜୁଲାଇ, ୨୦୨୫ |
| **ନିଯୁକ୍ତି ପରୀକ୍ଷାର ତାରିଖ** | |
| ପ୍ରବେଶ ପତ୍ର ଜାରି କରାଯିବାର ତାରିଖ | - ପରୀକ୍ଷାର ତିନି ଦିନ ପୂର୍ବରୁ |
| ପରୀକ୍ଷା କେନ୍ଦ୍ରର ପରୀକ୍ଷା ସହର ସମ୍ପର୍କରେ ସୂଚନା | - ପରୀକ୍ଷାର ଏକ ସପ୍ତାହ ପୂର୍ବରୁ |
| ପରୀକ୍ଷା ତାରିଖ | - ୨୫ ଓ ୨୬ ଅଗଷ୍ଟ, ୨୦୨୫ (ସମ୍ଭାବ୍ୟ) |

**ଆବେଦନ ଦେୟ:**
କ) ସାଧାରଣ/ଓବିସି ପ୍ରାର୍ଥୀ : ଟ.୩୦୦୦/– (ତିନି ହଜାର ଟଙ୍କା ମାତ୍ର)
ଖ) ଏସ୍‌ସି/ଏସ୍‌ଟି ପ୍ରାର୍ଥୀ/ଇଡବ୍ଲ୍ୟୁଏସ୍ : ଟ.୨୪୦୦/– (ଚବିଶ ଶହ ଟଙ୍କା ମାତ୍ର)
ଗ) ଭିନ୍ନକ୍ଷମ ବ୍ୟକ୍ତିବିଶେଷ : ଛାଡ଼

- ପ୍ରାର୍ଥୀମାନେ ଡେବିଟ୍ କାର୍ଡ/କ୍ରେଡିଟ୍ କାର୍ଡ/ନେଟ୍ ବ୍ୟାଙ୍କିଙ୍ଗ୍ ଜରିଆରେ ନିର୍ଦ୍ଧାରିତ ଆବେଦନ ଦେୟ ପୈଠ କରିପାରିବେ । ବ୍ୟାଙ୍କକୁ ପୈଠଯୋଗ୍ୟ ପ୍ରଯୁଜ୍ୟ ନେଣଦେଣ/ପ୍ରକ୍ରିୟାକରଣ ଦେୟ, ଯଦି ଥାଏ, ପ୍ରାର୍ଥୀମାନଙ୍କ ଦ୍ୱାରା ପୈଠ କରାଯିବ ।
- ଆବେଦନ ଦେୟ ଥରେ ପୈଠ ହୋଇଯିବା ପରେ ତାହାକୁ କୌଣସି ପରିସ୍ଥିତିରେ ମଧ୍ୟ ଫେରସ୍ତ କରାଯିବ ନାହିଁ ।
- ନିର୍ଦ୍ଧାରିତ ଦେୟ ବିନା ପ୍ରାପ୍ତ ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ ଏବଂ ବିଧିବଦ୍ଧ ଭାବେ ନାକଚ କରାଯିବ ।
- ପରୀକ୍ଷାରେ ଅଂଶଗ୍ରହଣ କରିଥିବା ଏସ୍‌ସି/ଏସ୍‌ଟି ପ୍ରାର୍ଥୀମାନଙ୍କ ଆବେଦନ ଦେୟକୁ ପରୀକ୍ଷାଫଳ ଘୋଷଣା ହେବା ପରେ ଯଥା ସମୟରେ ଫେରସ୍ତ କରାଯିବ ।

**ଗୁରୁତ୍ୱପୂର୍ଣ୍ଣ:** ସବିଶେଷ ସୂଚନା ପାଇଁ ଦୟାକରି ୱେବ୍‌ସାଇଟ୍ **www.aiimsexams.ac.in** କିମ୍ବା ସମ୍ପୃକ୍ତ ଅଂଶଗ୍ରହଣକାରୀ ଅନୁଷ୍ଠାନ/ଚିକିତ୍ସାଳୟ ପରିଦର୍ଶନ କରନ୍ତୁ ।
- ଯୋଗ୍ୟ ପ୍ରାର୍ଥୀମାନଙ୍କର ଆବେଦନ ସ୍ଥିତି ଏବଂ ପ୍ରବେଶ ପତ୍ର କେବଳ ଏଆଇଆଇଏମ୍‌ଏସ୍ ୱେବ୍‌ସାଇଟ୍ **www.aiimsexams.ac.in** ରେ ଅପ୍‌ଲୋଡ୍ କରାଯିବ । ଯଦି ଆବେଦନ ଦାଖଲ କରିବା ସମୟରେ କୌଣସି ପ୍ରାର୍ଥୀ ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ସେ 'ମାଇଁ ପେଜ୍ (ଡ୍ୟାଶ୍‌ବୋର୍ଡ)'ରେ ଲଗ୍ ଇନ୍ କରି ସେ ପ୍ରଶ୍ନ ଉଠାଇପାରିବେ ।
- ପରବର୍ତ୍ତୀ ସମସ୍ତ ଶୁଦ୍ଧିପତ୍ର/ଯୋଗପତ୍ର/ଅପଡେଟ୍ କେବଳ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହେବ, ତେଣୁ ସମସ୍ତ ଆବେଦନକାରୀ ନିୟମିତ ଭାବେ ୱେବ୍‌ସାଇଟ୍ ପରିଦର୍ଶନ କରିବା ଆବଶ୍ୟକ ।

CBC 17112/12/0018/2526
ସ୍ୱା./- ସହକାରୀ ନିୟନ୍ତ୍ରକ (ପରୀକ୍ଷା)



**Gangadhar Meher University**
Amruta Vihar, Sambalpur - 768004
**ADMISSION NOTICE FOR MBA, MBA-FM (2025-26)**
(Subject to availability of seats after completion OJEE/CPET Admission)

| Course | Annual Course Fees | Admission Procedure |
|---|---|---|
| MBA* (02 yr.) | Rs.50, 000/- | Through OJEE, For remaining vacant seats, applicants having 50% aggregate marks in degree and score cards of OJEE/CAT/MAT/XAT/ATMA/CPET may apply directly to the university. |
| MBA-FM* (Financial Management) (02 yr.) | Rs.40, 000/- | Through CPET, Applicants having 50% aggregate marks in degree and score cards of OJEE/CAT/MAT/XAT/ATMA/CPET or University's own test* may apply directly for the vacant seats after CPET admission. |

***University own test. : After exhausting the list of eligible candidates from the CPET,** the University reserves the right to conduct its own entrance examination, subject to time constraints. This examination will be specifically for candidates who apply directly to the MBA-FM program for the academic year 2025–26.

**For more details candidates may visit www.gmuniversity.ac.in or Contact – 8658313268 & 9853132904**

**Sd./- Registrar**



CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
Honest, Responsible, **Home Worker** for house. Salary as per Experience. Free Room Utilities, must speak Hindi, English and Odia. Immediate joining in Bhubaneswar.
**Send Biodata To : 9438128790**

**WANTED**
Marketing Staff for a Reputed Real Estate Company on the Basis of Monthly Salary of Rs.10,000/- per Month. Kindly Contact- **At: SPPL, N1/200, IRC Village, Nayapalli, Bhubaneswar-15, Cell: 9937605789**

**WANTED**
A LEADING FINANCIAL SERVICES MARKETING COMPANY REQUIRES
**AREA MANAGER**
FOR SELLING MOTOR INSURANCE
**CTC Rs.6.0 - 7.2 LACS/ANNUM**
PREFERABLY FROM GENERAL INSURANCE COMPANIES OR INSURANCE BROKING COMPANIES WITH 3 TO 4 YEARS OF EXPERIENCE.
LOCATION
ROURKELA, SAMBALPUR, BALASORE, CUTTACK, BHADRAK & RAYAGADA
send your RESUME to
resume@skiretail.in
9840335849
Ski Retail Capital limited
No.1, Sambandam Street, T Nagar Chennai-600017.

**STAFF ଆବଶ୍ୟକ**
Plant project workରେ Officialy କାର୍ଯ୍ୟ କରୁଥିବା Engineer, Marketing, Driver ଓ other Staff ଆବଶ୍ୟକ।
ଯୋଗାଯୋଗ – 9937199625

**SHASANK SEKHAR NAYAK**
(Special Class Contractor)
& Govt. General Order Suplier
**WANTED DEGREE ENGINEER**
- Minimum 2 years experience in Civil Work
- Retired Person preferable Architecture with Civil Engineering More Preferable

Salary : 40,000/- + Others
(Interested and eligible candidates can send their resumes to shsank1234@gmail.com by 30th July 2025
Contact : 9437304511, 9937844899

See Career Appointment on every Wednesday & Saturday

**URGENTLY REQUIRED FOR OUR VACANT POSITIONS**
WE ARE ONE OF THE LEADING OUTDOOR ADVERTISING AGENCY IN ODISHA REQUIRE EXPERIENCE PERSONS AS PER THE FOLLOWINGS FOR BHUBANESWAR LOCATION, INTERESTED CANDIDATES MAY APPLY/SEND THEIR CV "TEAMINHOUSE2022@GMAIL.COM" MAXIMUM WITHIN 7 DAYS FROM THE DATE OF ADVERTISEMENT.
FOR ANY QUERIES CONTACT - 7327932208

**1. SR. MARKETING EXECUTIVE - (1 No.)**
GRADUATE/ MBA, MINIMUM 5-7 YRS. EXPERIENCE IN OUTDOOR ADVERTISING INDUSTRY OR ANY OTHER INDUSTRY WITH COMPUTER SKILL. (BOTH MALE AND FEMALE CANDIDATE CAN APPLY). OWN CONVEYANCE MUST.
- SALARY- 18,000 - 20,000 (FUEL & MOBILE COST EXTRA).
- SALARY CAN BE ENHANCED MARGINALLY IF FOUND EXCEPTIONAL
- EXTRA SALES INCENTIVE WILL BE GIVEN ON PRO RATA BASIS ON ACHIEVEMENT OF 100% MONTHLY SALES TARGET.

**2. MARKETING EXECUTIVE - (3 Nos.)**
GRADUATE, MINIMUM 3-4 YRS. EXPERIENCE IN OUTDOOR ADVERTISING INDUSTRY OR ANY OTHER INDUSTRY WITH COMPUTER SKILL. (BOTH MALE & FEMALE CANDIDATES CAN APPLY) OWN CONVEYANCE MUST.
- SALARY- 12,000 -15,000 (FUEL & MOBILE COST EXTRA)
- EXTRA SALES INCENTIVE WILL BE GIVEN ON PRO RATA BASIS ON ACHIEVEMENT OF 100% MONTHLY SALES TARGET.

**3. FIELD SUPERVISOR - (3 Nos.)**
GRADUATE, MINIMUM 5 YRS. EXPERIENCE, PREFERABLY OUTDOOR FIELD WITH COMPUTER KNOWLEDGE, OWN CONVEYANCE MUST. ONLY MALE CANDIDATES CAN APPLY.
SALARY- 11,000 - 13,000 (FUEL & MOBILE COST EXTRA).

**4. FIELD ELECTRICIAN - (3 Nos.)**
MATRIC/ ITI, 2-3 YRS. EXPERIENCE, PREFERABLY OUTDOOR FIELD AND OWN CONVEYANCE MUST. PREFERABLY MALE CANDIDATES.
SALARY- 10,000 - 12,000 PM.

"SALARY SLIGHTLY NEGOTIABLE IN CASE OF EXPERIENCE CANDIDATE"

**TEAM ADMARK PVT. LTD.**
99/A, SAHID NAGAR, OPP INCOME TAX OFFICE, 1ST LANE, FACING NH, BHUBANESWAR - 751007 || Call/Whats App- 7327932208

# ବିଶୃଙ୍ଖଳିତ ହେଲେ କାର୍ଯ୍ୟାନୁଷ୍ଠାନ

## ରାଜନୈତିକ ବ୍ୟାପାର କମିଟିରେ ରାହୁଲଙ୍କ ଚେତାବନୀ

ଭୁବନେଶ୍ୱର,୧୧।୭(ରବିନାରାୟଣ ଜେନା)

କଂଗ୍ରେସ ନେତା ହିଁ କଂଗ୍ରେସ ନେତାଙ୍କୁ ନିର୍ବାଚନରେ ହରାଉଥିଲେ। ଆଗକୁ ଯେଉଁଭଳି ଏହାର ପୁନରାବୃତ୍ତି ନ ହେବ ସେଥିପ୍ରତି ସଜାଗ ରହିବା ଲାଗି ରାହୁଲ ଗାନ୍ଧୀ କଂଗ୍ରେସ ଭବନଠାରେ ଶୁକ୍ରବାର ଅପରାହ୍ନରେ ରାଜନୈତିକ ବ୍ୟାପାର କମିଟି ବୈଠକରେ ବରିଷ୍ଠ ନେତୃବୃନ୍ଦଙ୍କୁ ଚେତାଇ ଦେଇଛନ୍ତି। ଏଥିସହିତ ସେ କହିଛନ୍ତି, ଯେଉଁମାନେ ବିଶୃଙ୍ଖଳିତ ହେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ।

ରାହୁଲ ଆହୁରି କହିଛନ୍ତି, ଆପଣମାନେ ସମସ୍ତେ ଏକଜୁଟ୍ ହୋଇ କଂଗ୍ରେସ ପାଇଁ କାର୍ଯ୍ୟ କରନ୍ତୁ। ଲୋକଙ୍କ ସହିତ ରୁହନ୍ତୁ, ଲୋକଙ୍କ ସେବା କରନ୍ତୁ। ତାହା ହେଲେ କଂଗ୍ରେସ ନିଶ୍ଚିତ ଭାବେ ଏଥର କ୍ଷମତାକୁ ଫେରିବ।

ବୈଠକ ପରେ କୋରାପୁଟ ସାଂସଦ ସପ୍ତଗିରି ଉଲାକା କହିଥିଲେ, ଉପକୂଳ ଜିଲାଗୁଡ଼ିକ କଂଗ୍ରେସକୁ ଅଧିକ ଗୁରୁତ୍ୱ ଦେଲେ ଆମେ ନିଶ୍ଚିତ ସରକାର ଗଢ଼ିବା। ତେଣୁ କୋଷ୍ଟାଲକୁ ଅଧିକ ଗୁରୁତ୍ୱ ଦେବା ଉପରେ ସେ ଜୋର ଦେଇଥିଲେ। ସେ କହିଥିଲେ, ଗୋଟିଏ ବର୍ଷର ଭାଜପା ସରକାର ସମୟରେ ଅନୁସୂଚିତ ଜାତି, ଜନଜାତି ଏବଂ ଓବିସିଙ୍କ ପ୍ରତି ଅନେକ ଅକଥନୀୟ ଅନ୍ୟାୟ ହୋଇଛି। ଆଦିବାସୀଙ୍କ ଜମି, ଜଳ, ଜଙ୍ଗଲ ଅଧିକାରକୁ ଲୁଣ୍ଠନ କରାଯାଇଛି। ଆଦିବାସୀଙ୍କ ଜମିକୁ ଶିଳ୍ପପତିମାନଙ୍କୁ ଟେକି ଦିଆଯାଉଛି। ସମସ୍ତେ ଏକାଠି ହୋଇ ଲଢ଼ିଲେ, ଆମେ ସରକାର ନିଶ୍ଚିତ କରିବା ବୋଲି ରାହୁଲ ପରାମର୍ଶ ଦେଇଥିବା ସପ୍ତଗିରି କହିଛନ୍ତି। ଏହି ଅବସରରେ କଂଗ୍ରେସର ସମସ୍ତ ନେତୃବୃନ୍ଦ ନିଜ ନିଜର ମତାନ୍ତର ଓ ମନାନ୍ତରକୁ ପଛରେ ପକାଇ କଂଗ୍ରେସ ପାଇଁ ଲଢ଼ିବାକୁ ଶପଥ ନେଇଛୁ ବୋଲି ଉଲାକା କହିଥିଲେ।

ବୈଠକ ପୂର୍ବରୁ କଳାହାଣ୍ଡିର ମା' ମାଟି ମାଳୀ ସୁରକ୍ଷା ମଞ୍ଚ ଓ ରାୟଗଡାର କୁଟରାମାଳିର ଆଦିବାସୀମାନେ ରାହୁଲଙ୍କୁ ଭେଟି ବେଦାନ୍ତ କିଭଳି ସେଠାରେ ବେଆଇନ ଭାବେ ବକ୍ସାଇଟ୍ ଉତ୍ତୋଳନ କରୁଛି ତାହା ଉପରେ ଅଭିଯୋଗ ବାଢ଼ିଥିଲେ। ଆଦାନୀ ଏବଂ ବେଦାନ୍ତ ସହିତ ସରକାରଙ୍କ ସଲାସୁତୁରା ରହିଛି। ବିଭିନ୍ନ ସମୟରେ ଆଦିବାସୀଙ୍କୁ ଧମକ ଚମକ ଦିଆଯାଉଛି। ଜୀବନ ସୁରକ୍ଷା ସହିତ ମାଟି ମା'ର ସୁରକ୍ଷା ଲାଗି ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବା ଲାଗି ବିଭିନ୍ନ ସଙ୍ଗଠନ ପକ୍ଷରୁ ରାହୁଲଙ୍କୁ ଅନୁରୋଧ କରାଯାଇଥିଲା।



ବୈଠକରେ ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖାର୍ଗେ ଏବଂ କେ.ସି. ବେଣୁଗୋପାଳ।

# ଆଜିଠୁ ମିଳିବ ସ୍ପେଶାଲ ଓଟିଇଟି ଆଡ୍‌ମିଟ୍ କାର୍ଡ

କଟକ,୧୧।୭(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷର ସ୍ପେଶାଲ ଓଟିଇଟି ପରୀକ୍ଷା ଜୁଲାଇ ୨୦ରେ ହେବ। ପରୀକ୍ଷାର୍ଥୀଙ୍କ ଆଡ୍‌ମିଟ୍ କାର୍ଡ ଶନିବାର ପୂର୍ବାହ୍ନ ୧୦ଟାରୁ ବୋର୍ଡ ୱେବସାଇଟ୍‌ରେ ଉପଲବ୍ଧ ହେବ। ରାଜ୍ୟର ମୋଟ ୧୯୩ଟି କେନ୍ଦ୍ରରେ ଏହି ପରୀକ୍ଷା ହେବ। ପେପର-୧ ପାଇଁ ୨୯,୦୦୪ ଓ ପେପର-୨ ନିମନ୍ତେ ୪୬,୩୧୯ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଛନ୍ତି। ପେପର-୧ ପରୀକ୍ଷା ସକାଳ ୯ଟାରୁ ପୂର୍ବାହ୍ନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଓ ପେପର-୨ ପରୀକ୍ଷା ଅପରାହ୍ନ ୨ଟାରୁ ସାଢ଼େ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଶୁକ୍ରବାର ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି।


ଭୁବନେଶ୍ୱର କୁଆଖାଇ ନଦୀରେ ପ୍ରବାହିତ ବନ୍ୟା ପାଣିରେ ପଶି ସ୍ଥାନୀୟ ଲୋକେ ଜାଲ ପକାଇ ମାଛ ଧରୁଛନ୍ତି। (ଫଟୋ- ବିକାଶ ନାୟକ)

# ବର୍ଷାରେ ଭାଙ୍ଗିଲା ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ ଘର

- ଘର ରହିଥିବା ଜମି ଅନ୍ୟ ଲୋକ ନାମରେ ରହିଛି
- ରେଡ୍‌କ୍ରସ୍ ପାଣ୍ଠିରୁ ୧ ଲକ୍ଷ ଟଙ୍କାର ସହାୟତା

ସମ୍ବଲପୁର,୧୧।୭
(ଭବାନୀ ଶଙ୍କର ଭୋଇ)

ପ୍ରସିଦ୍ଧ ରଙ୍ଗବତୀ ଗୀତର ଗାୟକ ପଦ୍ମଶ୍ରୀ ଡ.ଜିତେନ୍ଦ୍ର ହରିପାଲଙ୍କ ସମ୍ବଲପୁର ଷ୍ଟେଶନପଡା ସ୍ଥିତ ବାସଭବନ ଗୁରୁବାର ରାତିରେ ବର୍ଷାରେ ଭାଙ୍ଗିଯାଇଥିବା ଅଭିଯୋଗ ହୋଇଛି। ଘର ଭାଙ୍ଗିଯିବା ପରେ ସେ ଜଗନ୍ନାଥ କଲୋନିରେ ଭଡ଼ାରେ ରହୁଥିବା ବଡପୁଅ ପାରସ ହରିପାଲଙ୍କ ପାଖରେ ଆଶ୍ରୟ ନେଇଛନ୍ତି। ପାରସ ଭଡାରେ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଛନ୍ତି। ଅନ୍ୟପକ୍ଷରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ ସ୍ତ୍ରୀ ୧ବର୍ଷ ହେବ ପକ୍ଷାଘାତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଛନ୍ତି। ତାଙ୍କର ପରିବାରରେ ୧୧ ଜଣ ସଦସ୍ୟ ରହିଥିବାବେଳେ ସାନ ପୁଅ ପ୍ରଭାସ ଭିନ୍ନକ୍ଷମ। ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ ବାସଭବନ ରହିଥିବା ସ୍ଥାନଟି ଅନ୍ୟ ଲୋକଙ୍କ ନାମରେ ରହିଥିବାରୁ ସରକାରୀ ସହାୟତାରେ ସେଠାରେ ଘର ନିର୍ମାଣ କରାଯାଇ ପାରୁନାହିଁ। ଅନ୍ୟପକ୍ଷରେ ତାଙ୍କର ଅଜା ଅମଳରୁ ସେହି ସ୍ଥାନରେ ରହି ଆସୁଥିବା ପଦ୍ମଶ୍ରୀ ଜିତେନ୍ଦ୍ର କହିଛନ୍ତି। ତାଙ୍କ ଜନ୍ମ ମଧ୍ୟ ସେ ଘରେ ହୋଇଥିବାରୁ ତାଙ୍କର ଅନେକ ସ୍ମୃତି ସେହି ଘର ସହିତ ଜଡିତ ହୋଇ ରହିଛି। ଜୀବନର ସଂଘର୍ଷ ଏବଂ ସଫଳତା ଭିତରେ ତାଙ୍କର ଏହି ଘର ମୂକସାକ୍ଷୀ ହୋଇ ରହିଛି। ତେବେ ସ୍ମୃତିର ସୁରକ୍ଷା ପାଇଁ ଏହି ଘରକୁ ସଂରକ୍ଷିତ କରିବାକୁ ପଦ୍ମଶ୍ରୀ ଜିତେନ୍ଦ୍ର ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଜିଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ତାଙ୍କର ଘର ରହିଥିବା ସ୍ଥାନ ସମ୍ପର୍କରେ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇଛି। ଘର ରହିଥିବା ସ୍ଥାନ ଅନ୍ୟ ଲୋକର ନାମରେ ରହିଥିବାରୁ ପ୍ରଶାସନ ପକ୍ଷରୁ ଘର ନିର୍ମାଣ ପାଇଁ କୌଣସି ସରକାରୀ ଯୋଜନାରେ ସାମିଲ କରାଯାଇ ପାରୁ ନାହିଁ। ତେବେ ପଦ୍ମଶ୍ରୀ ଜିତେନ୍ଦ୍ରଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୧ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ରେଡ୍‌କ୍ରସ୍ ଅଧିକାରୀ ରୋଜାଲିନା ତିର୍କୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ଘର ନିର୍ମାଣ ପାଇଁ ଯନ୍ତ୍ରୀଙ୍କ ଦ୍ୱାରା ଆକଳନ କରାଯିବା ପରେ ଆର୍ଥିକ ସହାୟତା ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।


ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ ବର୍ଷାରେ ଭାଙ୍ଗିଯାଇଥିବା ଘର।

# ଷଣ୍ଢ ଆକ୍ରମଣରେ ଜଣେ ମୃତ, ୪ ଆହତ

ବାସୁଦେବପୁର,୧୧।୭
(ନାରାୟଣ ପ୍ରସାଦ ବାରିକ୍/ କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବ୍ରାହ୍ମଣଗାଁ ପଞ୍ଚାୟତର ଚଣ୍ଡିଆ ଗାଁରେ ଶୁକ୍ରବାର ସକାଳେ ଏକ ଷଣ୍ଢ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ଜଣ ଆହତ ହୋଇଛନ୍ତି। ମୃତକ ହେଲେ ନେପାଳୀ ଜେନା(୫୫)। ଆହତମାନେ ହେଉଛନ୍ତି ମୃତ ନେପାଳୀଙ୍କ ପୁଅ ମାନସ କୁମାର ଜେନା, ଗ୍ରାମର ଦୀପକ ପାଢ଼ୀ, ପ୍ରମୋଦ ପାଢ଼ୀ ଓ ରୀତାରାଣୀ ପାଢ଼ୀ। ସୂଚନା ଅନୁଯାୟୀ, ଗ୍ରାମର ବାସନ୍ତୀ ଜେନା ସକାଳ ପ୍ରାୟ ୬ଟା ବେଳେ ବାହାରକୁ ଆସିଥିବା ବେଳେ ଏହି ଷଣ୍ଢଟି ତାଙ୍କୁ ଆକ୍ରମଣ ପାଇଁ ଗୋଡ଼ାଇଥିଲା। ଭୟଭୀତ ହୋଇ ବାସନ୍ତୀ ବଡ଼ପାଟିରେ ପରିବାର ଲୋକଙ୍କୁ ଡାକିବା ସହ ସେଠାରୁ ଦୌଡ଼ି ପଳାଇ ଯାଇଥିଲେ। ତାଙ୍କ ପାଟି ଶୁଣି ସ୍ୱାମୀ ନେପାଳୀ ଓ ପୁଅ ମାନସ ଘରୁ ବାହାରି ଆସିଥିଲେ। ଷଣ୍ଢଟି ହଠାତ୍ ହିଂସ୍ର ହୋଇ ନେପାଳୀଙ୍କୁ ଶିଙ୍ଗ ଓ ଗୋଡ଼ରେ ଆକ୍ରମଣ କରିଥିଲା। ନେପାଳୀ ସଂଜ୍ଞାହୀନ ଅବସ୍ଥାରେ ପଡ଼ି ରହିଥିବାବେଳେ ତାଙ୍କ ପୁଅ ମାନସଙ୍କୁ ମଧ୍ୟ ଷଣ୍ଢଟି ଆକ୍ରମଣ କରି ମୁଣ୍ଡରେ କ୍ଷତ ସୃଷ୍ଟି କରିଥିଲା। ପରେ ସେହି ଗାଁର ଦୀପକ, ରୀତାରାଣୀ ଓ ପ୍ରମୋଦଙ୍କୁ ମଧ୍ୟ ଆକ୍ରମଣ କରିଥିଲା। ନେପାଳୀଙ୍କୁ ଉଦ୍ଧାର କରାଯାଇ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାସୁଦେବପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୨୪/୨୫) ରୁଜୁ କରିଛି। ଷଣ୍ଢଟିକୁ କୌଣସି ପାଗଳା କୁକୁର କିମ୍ବା ବିଷଧର ସାପ କାମୁଡ଼ିଥିବା ସନ୍ଦେହ କରାଯାଉଛି।

# ଅଧିକ ସଚେତନତା ଲୋଡ଼ା



## ୱାର୍ଲ୍ଡ ପେପର ବ୍ୟାଗ୍ ଡେ'

ପ୍ରତିବର୍ଷ ଜୁଲାଇ ୧୨ରେ ପାଳିତ ହେଉଛି ୱାର୍ଲ୍ଡ ପେପର ବ୍ୟାଗ୍ ଡେ' ବା ବିଶ୍ୱ କାଗଜ ବ୍ୟାଗ୍ ଦିବସ। ପ୍ଲାଷ୍ଟିକ ବ୍ୟାଗ ଅପେକ୍ଷା କାଗଜ ବ୍ୟାଗ ବ୍ୟବହାରର ପରିବେଶଗତ ଲାଭ ବିଷୟରେ ସଚେତନତା ସୃଷ୍ଟି କରିଥାଏ। ଏହି ଦିବସ ପାଳନ ଅବସରରେ ପ୍ଲାଷ୍ଟିକ ବ୍ୟାଗର ଏକ ସ୍ଥାୟୀ ବିକଳ୍ପ ଭାବେ କାଗଜ ବ୍ୟାଗ ବ୍ୟବହାର ଏବଂ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦିଆଯାଉଛି। ଅବଶ୍ୟ ଦୀର୍ଘ ସଚେତନତା ଫଳରେ ଏବେ କେତେକ ଲୋକ ସେମାନଙ୍କର କିଣାକିଣି ପାଇଁ କାଗଜ ବ୍ୟାଗକୁ ବ୍ୟବହାରକୁ ପସନ୍ଦ କରୁଛନ୍ତି। କାରଣ ପ୍ଲାଷ୍ଟିକର ବ୍ୟାପକ ବ୍ୟବହାର ଏବଂ ପରିବେଶ ଉପରେ ଏହାର କ୍ଷତିକାରକ ପ୍ରଭାବ ବିପଦକୁ ଡାକି ଆଣୁଛି ବୋଲି କେତେକ ଲୋକ ସଚେତନ ହେଲେଣି। ତଥାପି ଏ ଦିଗରେ ଆହୁରି ଅନେକ ଲୋକଙ୍କୁ ସଚେତନ କରାଇବାକୁ ହେବ। କାରଣ ପ୍ଲାଷ୍ଟିକ ଆବର୍ଜନା ପରିବେଶ ପାଇଁ ଘାତକ ହେବାରେ ଲାଗିଛି।

ସୂଚନାଯୋଗ୍ୟ, ଏହି ଦିବସ ୧୮୫୨ରେ ଫ୍ରାନ୍ସିସ୍ ୱୋଲଙ୍କ ଦ୍ୱାରା ପ୍ରଥମ କାଗଜ ବ୍ୟାଗ ମେସିନର ଉଦ୍ଭାବନକୁ ମଧ୍ୟ ପାଳନ କରେ। କାଗଜ ବ୍ୟାଗ ଏକ ଆଶ୍ଚର୍ଯ୍ୟଜନକ ଉଦ୍ଭାବନ ଯାହା ପ୍ଲାଷ୍ଟିକ ପ୍ରଦୂଷଣରୁ ସୃଷ୍ଟି ହେଉଥିବା ସମସ୍ୟାର ମୁକାବିଲା କରିବାରେ ସାହାଯ୍ୟ କରିଛି। ଆର୍ଥ ୯୧୧ ଅନୁଯାୟୀ, କାଗଜ ବ୍ୟାଗଗୁଡ଼ିକୁ ୫ ରୁ ୭ ଥର ପର୍ଯ୍ୟନ୍ତ ପୁନଃଚକ୍ରିତ କରାଯାଇପାରିବ, ଯାହା ସେମାନଙ୍କୁ ପୁନଃବ୍ୟବହାର ପାଇଁ ଏକ ସ୍ମାର୍ଟ ପସନ୍ଦ କରିଥାଏ। କାରଣ କାଗଜ ବ୍ୟାଗରେ ଥିବା ତନ୍ତୁଗୁଡ଼ିକୁ ଭାଙ୍ଗି ନୂତନ କାଗଜ ଉତ୍ପାଦ ତିଆରି କରିବା ପାଇଁ ପୁନଃବ୍ୟବହାର କରାଯାଇପାରିବ।

# ବେଲେଶ୍ୱରରେ ଦବିଲା ବିଜୁ ସେତୁ

- ବାଲିଖାଦାନ, ନିମ୍ନମାନର କାମକୁ ଦାୟୀ କଲେ ଲୋକେ
- ଧନଜୀବନ ହାନି ଆଶଙ୍କା, ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

ଯାଜପୁର/ଯାଜପୁର ସଦର(ହର୍ଷବର୍ଦ୍ଧନ ବେହେରା/ସମରବିଜୟ ଶରଣ),୧୧।୭

ଯାଜପୁର ବ୍ଲକ ପଣସା ପଞ୍ଚାୟତ ବେଲେଶ୍ୱର ନିକଟସ୍ଥ ବୈତରଣୀ ନଦୀ ଉପରେ ଥିବା ବିଜୁ ସେତୁର ୩ଟି ସ୍ଲାବ ଶୁକ୍ରବାର ସକାଳେ ପ୍ରାୟ ୧ ଫୁଟ ପର୍ଯ୍ୟନ୍ତ ଦବି ଯାଇଛି। ତେବେ ଉକ୍ତ ସେତୁ ନିକଟରେ ଥିବା ଏକ ବାଲିଖାଦାନ ଏବଂ ନିମ୍ନମାନର ସେତୁ କାର୍ଯ୍ୟକୁ ସ୍ଥାନୀୟ ଲୋକେ ଦାୟୀ କରୁଛନ୍ତି। ଜନସାଧାରଣ ଓ ଗଣମାଧ୍ୟମ ପ୍ରତିନିଧିମାନେ ସେତୁ ଦବି ଯିବା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବିଭାଗୀୟ ଯନ୍ତ୍ରୀଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ରାତି ସମୟରେ ସେତୁ ନିକଟରୁ ନିୟମିତ ଭାବେ ବାଲି ଉତ୍ତୋଳନ ହେଉଥିବାରୁ ଅର୍ଡିନେରି ଗ୍ରାଉଣ୍ଡ୍ ଲେଭଲ୍(ଓଜିଏଲ୍) କ୍ରମଶଃ ତଳକୁ ଖସୁଛି। ଫଳରେ ସେତୁର ଭିତ୍ତିଭୂମି(ଫାଉଣ୍ଡେଶନ) ଦୁର୍ବଳ ହୋଇପଡ଼ିଛି ବୋଲି ବିଭାଗୀୟ ତଦନ୍ତରେ ଜଣାପଡ଼ିଛି। ଏହାପରେ ଉକ୍ତ ସେତୁ ଦେଇ ଯାନବାହନ ଚଳାଚଳକୁ ନିଷେଧ କରାଯାଇଛି।

ବୈଷୟିକ ଗାଇଡ୍‌ଲାଇନ ଅନୁସାରେ ବ୍ରିଜ୍‌ଠାରୁ ୧ କିମି ଦୂର ମଧ୍ୟରେ କୌଣସି ବାଲି ଖାଦାନକୁ ଅନୁମତି ମିଳିବାର ନିୟମ ନାହିଁ। କିନ୍ତୁ ମାସିକ ଚାନ୍ଦା ଲୋକଙ୍କ ଧନଜୀବନଠାରୁ ଅଧିକ ବୋଲି ଲୋକେ କ୍ଷୋଭ ପ୍ରକାଶ କରି କହୁଛନ୍ତି। ବେଲେଶ୍ୱର ବିଜୁ ସେତୁ ଉପରେ ପଣସା ପଞ୍ଚାୟତର ବେହେରାପାଟଣା, କୁଞ୍ଜବିହାରୀପୁର, ବାରଭାଗିଆ, ଲାଲବାଗ ପ୍ରଭୃତି ଗ୍ରାମବାସୀ ନିର୍ଭର କରିଥାନ୍ତି। ସେତୁ ଅତିକ୍ରମ କରି ଏହି ଅଞ୍ଚଳବାସୀ ଯାଜପୁର ଜିଲା ମୁଖ୍ୟାଳୟକୁ ଯିବା ଆସିବା କରିଥାନ୍ତି। ଏହାବାଦ ଷଠିପୁର ଦେଇ ୧୬ ନମ୍ବର ଜାତୀୟ ରାଜପଥରେ ଯାଜପୁର ରୋଡ୍, କଟକ, ଭୁବନେଶ୍ୱର ପ୍ରଭୃତି ଅଞ୍ଚଳକୁ ଯାଇଥାନ୍ତି। ସେତୁଟି ଦବି ଯିବା କାରଣରୁ ଉପରୋକ୍ତ ଅଞ୍ଚଳବାସୀ ବର୍ଷା ଦିନେ ନାହିଁ ନ ଥିବାର ସମସ୍ୟା ଭୋଗିବେ ବୋଲି ଆଶଙ୍କା କରାଯାଇଛି। ପ୍ରାୟ ୮ ବର୍ଷ ତଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ସେତୁ ନିର୍ମାଣ କରାଯାଇଥିଲା। ଏଥିପାଇଁ ସେତେବେଳେ ୧୭ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା।




# ଆଜି ୫୧ହଜାର ନିଯୁକ୍ତିପତ୍ର ବାଣ୍ଟିବେ ମୋଦି

## ଓଡ଼ିଶାରୁ ୨୦୦ ପାଇବେ ନିଯୁକ୍ତି

ଭୁବନେଶ୍ୱର, ୧୧।୭(ଅନୁରାଧା ମହାରଣା)

କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୬ତମ ରୋଜଗାର ମେଳା ଶନିବାର ଦେଶର ୪୭ଟି ସ୍ଥାନରେ ଅନୁଷ୍ଠିତ ହେବ। ପୂର୍ବତଟ ରେଳପଥ ଦ୍ୱାରା ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମଠାରେ ହେବାକୁ ଥିବା ରୋଜଗାର ମେଳାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡ଼ିଓ କନ୍‌ଫରେନ୍ସିଂରେ ଯୋଗଦେଇ ୫୧ହଜାରରୁ ଅଧିକ ନିଯୁକ୍ତିପତ୍ର ବଣ୍ଟନ କରିବେ। ଏଥିରେ ଓଡ଼ିଶାର ୨୦୦ ଆଶାୟୀଙ୍କୁ ନିଯୁକ୍ତିପତ୍ର ମିଳିବ। କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ପୂର୍ବତଟ ରେଳପଥର ବିଶାଖାପାଟଣା ଏବଂ ସମ୍ବଲପୁର ଡିଭିଜନରେ ମଧ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସୂଚନା ଥାଉକି, କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗଗୁଡିକରେ ଏହି ନିଯୁକ୍ତି ମିଳିବ। ଦେଶର ବିଭିନ୍ନ ସ୍ଥାନରୁ ମନୋନୀତ ନବନିଯୁକ୍ତମାନେ ରେଳ ମନ୍ତ୍ରଣାଳୟ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ଡାକ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ, ଶ୍ରମ ଓ କର୍ମନିଯୁକ୍ତି ମନ୍ତ୍ରଣାଳୟ ସହିତ ଅନ୍ୟାନ୍ୟ ବିଭାଗ ଓ ମନ୍ତ୍ରଣାଳୟରେ ଯୋଗଦେବେ।

# ସମ୍ବିଧାନର ହତ୍ୟାକାରୀ ଏବେ ସମ୍ବିଧାନକୁ ବଞ୍ଚାଇବା କଥା କହୁଛନ୍ତି: ହରିଚନ୍ଦନ

କଟକ,୧୧।୭(ଶିଳ୍ପା ପ୍ରିୟଦର୍ଶିନୀ)

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମ୍ବିଧାନ ବଞ୍ଚାଅ ସମାବେଶ ଓ ପୁରୀ ରଥଯାତ୍ରା ପ୍ରସଙ୍ଗ ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କଡ଼ା ସମାଲୋଚନା କରିଛନ୍ତି। ଶୁକ୍ରବାର କଟକ ସିଡିଏସ୍ଥିତ ଓଡ଼ିଶା ଅବକାରୀ ନିର୍ଦ୍ଦେଶାଳୟରେ ଏକ ବୈଠକରେ ଯୋଗଦେବା ଅବସରରେ ଖବରଦାତାଙ୍କ ପ୍ରଶ୍ନରେ ପୃଥ୍ୱୀରାଜ କହିଛନ୍ତି, ରାହୁଲ ଗାନ୍ଧୀ ପ୍ରାୟତଃ ଅବାନ୍ତର ଓ ଅବାଞ୍ଛିତ କଥା କୁହନ୍ତି। ବଳଭଦ୍ରଙ୍କ ରଥ ବାରମ୍ବାର ମୋଡ଼ ନେବାରୁ ଏପରି ସମସ୍ୟା ସୃଷ୍ଟି ହେଲା। ସେଥିପାଇଁ ଜଗନ୍ନାଥଙ୍କ ରଥକୁ ଅଳ୍ପ ଟାଣି ରଖାଯାଇଥିଲା। ହେଲେ ଦ୍ୱିତୀୟ ଦିନ ସୁରୁଖୁରୁରେ ରଥଟଣା କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଏହାସହ ଆଦାନୀ ପୁରୀ ଆସିବା ଘଟଣାକୁ ନେଇ ରାହୁଲଙ୍କୁ କଡ଼ା ଜବାବ ଦେଇ ପୃଥ୍ୱୀରାଜ କହିଛନ୍ତି, ଆଦାନୀ ଜଣେ ଭକ୍ତ ହିସାବରେ ରଥଯାତ୍ରାର ପରଦିନ ପୁରୀ ଦର୍ଶନ ପାଇଁ ଆସିଥିଲେ। ରଥ ସବୁବର୍ଷ ଦ୍ୱିତୀୟ ଦିନ ଗୁଣ୍ଡିଚା ମନ୍ଦିରରେ ଲାଗେ। କେବଳ କୋଭିଡ୍ ସମୟରେ ଠିକ୍ ସମୟରେ ରଥ ଲାଗିଥିଲା। ତାହା ବାଦ୍ କେବେ ବି ଗୋଟିଏ ଦିନରେ ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚି ନାହିଁ। ରାହୁଲ ଗାନ୍ଧୀଙ୍କ ସମ୍ବିଧାନ ବଞ୍ଚାଅ ପ୍ରସଙ୍ଗରେ ପୃଥ୍ୱୀରାଜ କହିଛନ୍ତି, ୧୯୭୫ରେ ତାଙ୍କ ପରିବାର କ'ଣ କରିଥିଲେ ଏବଂ ସମ୍ବିଧାନକୁ କେତେମାତ୍ରାରେ ବଞ୍ଚାଇଥିଲେ ତାହା ସମସ୍ତଙ୍କୁ ଜଣା। ଦେଶରେ ଜରୁରୀ ପରିସ୍ଥିତି ଲାଗୁ କରି ସମ୍ବିଧାନକୁ ହତ୍ୟା କରିଥିଲା କଂଗ୍ରେସ। ଏବେ ସମ୍ବିଧାନକୁ ନେଇ ଏଭଳି କଥା କହିବା ହାସ୍ୟାସ୍ପଦ। ରାହୁଲ ଅନ୍ୟ କିଛି ପ୍ରସଙ୍ଗକୁ ମୁଦ୍ଦା କରି ରାଜନୀତି କରନ୍ତୁ ବୋଲି ହରିଚନ୍ଦନ କହିଛନ୍ତି।

ସୂଚନା ଅନୁଯାୟୀ, ଭୁବନେଶ୍ୱରରେ ସମ୍ବିଧାନ ବଞ୍ଚାଅ ସମାବେଶରେ ଯୋଗଦେଇ ରାହୁଲ ଗାନ୍ଧୀ କହିଥିଲେ ଯେ, ରଥଯାତ୍ରା ବେଳେ ଏକ ଡ୍ରାମା କରାଗଲା। ଜଗନ୍ନାଥଙ୍କ ରଥକୁ ଆଦାନୀଙ୍କ ପରିବାର ପାଇଁ ଅଟକାଇ ଦିଆଯାଇଥିଲା। ଲୋକଙ୍କଠାରୁ ଚୋରି କରିବା କାମ ଏଠିକାର ସରକାର କରୁଛି। ପୂର୍ବରୁ ବିଜେଡି ସରକାର କରୁଥିଲା, ଆଉ ଏବେ ବର୍ତ୍ତମାନର ଭାଜପା ସରକାର କରୁଛି। ଏଥିସହ ଭାଜପା ସରକାର ସମ୍ବିଧାନ ଉପରେ ହମଲା କରୁଛି ସେ କହିଥିଲେ।

# ୨୦୨୫-୨୬ ବର୍ଷ ପାଇଁ ୧୦.୪୮ କୋଟି ଅନୁମୋଦନ

## ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଫାଉଣ୍ଡେଶନର ପରିଚାଳନା ପରିଷଦ ବୈଠକ

- ଗ୍ରାମୀଣ ମେଧାବୀ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ପାଇଁ ଖର୍ଚ୍ଚ ହେବ
- ଯୁବବର୍ଗଙ୍କ ଦକ୍ଷତା ବିକାଶ ସହ ପର୍ଯ୍ୟଟନ, ବନ ସୁରକ୍ଷାରେ ବିନିଯୋଗ ହେବ

ଭୁବନେଶ୍ୱର,୧୧।୭(ବନ୍ଦନା ସେଠୀ)

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଫାଉଣ୍ଡେଶନର ଚତୁର୍ଥ ପରିଚାଳନା ପରିଷଦ ବୈଠକ ଖାରବେଳ ଭବନଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କହିଲେ, ବ୍ୟାଘ୍ର ସଂରକ୍ଷଣରେ ପରିବେଶଗତ, ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ବିକାଶକୁ ସହଜ କରିବା, ସ୍ଥାନୀୟ ହିତାଧିକାରୀ ସମ୍ପ୍ରଦାୟଙ୍କ ସମ୍ପୃକ୍ତି ସହିତ ପରିବେଶ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଏବଂ ବ୍ୟାଘ୍ର ସଂରକ୍ଷଣରେ ପ୍ରାକୃତିକ ପରିବେଶକୁ ସୁରକ୍ଷା ଦେବା ପାଇଁ ସହାୟତା ପ୍ରଦାନ କରିବା ଫାଉଣ୍ଡେଶନର ପ୍ରମୁଖ ଲକ୍ଷ୍ୟ ଓ ଆଭିମୁଖ୍ୟ। ୨୦୨୫-୨୬ ବର୍ଷ ପାଇଁ ବାର୍ଷିକ କାର୍ଯ୍ୟାନ୍ୱୟନ ଯୋଜନା ଲାଗି ୧୦ କୋଟି ୪୮ ଲକ୍ଷ ଟଙ୍କା ଅନୁମୋଦିତ ହୋଇଛି। ଏହାର ସଦୁପଯୋଗ କରି ଶିମିଳିପାଳ ଅଞ୍ଚଳର ଗ୍ରାମୀଣ ମେଧାବୀ ଛାତ୍ରମାନଙ୍କୁ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ସେହିପରି ଗ୍ରାମୀଣ ଯୁବକମାନଙ୍କୁ ଡ୍ରାଇଭିଂ, ବୈଦ୍ୟୁତିକ ଏବଂ ଯାନ୍ତ୍ରିକ କାର୍ଯ୍ୟ, ସିଲାଇ ଇତ୍ୟାଦି ଦକ୍ଷତା ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ ମନ୍ତ୍ରୀ କରିଥିଲେ। ଫାଉଣ୍ଡେଶନର ଉପାଧ୍ୟକ୍ଷ ତଥା ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ କହିଲେ, ଜଙ୍ଗଲ ନିର୍ଭରଶୀଳ ସମ୍ପ୍ରଦାୟ ପାଇଁ ଦକ୍ଷତା ବିକାଶ ଏବଂ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ, ପ୍ରକୃତି ଶିକ୍ଷା, ସଂରକ୍ଷଣ, ସଚେତନତା ସୃଷ୍ଟି ଓ ପ୍ରଚାର, ଗବେଷଣା ଓ ତଦାରଖ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣରେ ପରିବେଶ ପର୍ଯ୍ୟଟନ ସଫାରି ପରିଚାଳନା ଓ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ବନ୍ୟ ସମ୍ପ୍ରଦାୟ କଲ୍ୟାଣ କ୍ଷେତ୍ରରେ ଏହି ଅର୍ଥ ବିନିଯୋଗ ହେବ। ସେହିପରି ୪ କୋଟି ୨୦ ଲକ୍ଷ ଟଙ୍କା ବିନିଯୋଗରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଜୋରଦାର କରିବା, ଅଭୟାରଣ୍ୟରେ ରହୁଥିବା ସମସ୍ତ ଗ୍ରାମୀଣ ଯୁବକମାନଙ୍କୁ ଡ୍ରାଇଭିଂ, ବୈଦ୍ୟୁତିକ ଏବଂ ଯାନ୍ତ୍ରିକ କାର୍ଯ୍ୟ, ସିଲାଇ ଇତ୍ୟାଦି ଦକ୍ଷତା ପ୍ରଦାନ କରିବା, ପରିବେଶ ପର୍ଯ୍ୟଟନ ପାଇଁ ଭିତ୍ତିଭୂମି ନିର୍ମାଣ ଆଦି ପାଇଁ ପାଣ୍ଠି ଯୋଗାଇ ଦିଆଯିବ। ବୈଠକରେ ମୟୂରଭଞ୍ଜ ଜିଲା ପରିଷଦ ଅଧ୍ୟକ୍ଷା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ବନ୍ୟପ୍ରାଣୀ) ପ୍ରେମ କୁମାର ଝା, ବିଭାଗର ଅତିରିକ୍ତ ସଚିବ ଦେବେନ କୁମାର ପ୍ରଧାନ, ମୁଖ୍ୟ ବନ ସଂରକ୍ଷକ ମନୋଜ ଭି. ନାୟାର, ଓୟୁଏଟି ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟ ସର୍ଜରି ବିଭାଗର ପୂର୍ବତନ ମୁଖ୍ୟ ଡା. ଇନ୍ଦ୍ରମଣି ନାଥ ପ୍ରମୁଖ ଉପସ୍ଥିତ ଥିଲେ।


ପରିବେଶ ପରିଚାଳନା ବୈଠକରେ ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କ ସହ ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ।

# ସ୍ୱରାଷ୍ଟ୍ର ସଚିବଙ୍କ କାର୍ଯ୍ୟକାଳ ବଢ଼ିଲା


ଗୋବିନ୍ଦ ମୋହନ

ନୂଆଦିଲ୍ଲୀ,୧୧।୭

କେନ୍ଦ୍ର ସରକାର ଶୁକ୍ରବାର ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନଙ୍କ କାର୍ଯ୍ୟକାଳକୁ ୨୦୨୬ ଅଗଷ୍ଟ ୨୨ ପର୍ଯ୍ୟନ୍ତ ବଢ଼ାଇଛନ୍ତି। ଦେଶର ଜନଗଣନା ପାଇଁ ପ୍ରସ୍ତୁତ ହେଉଥିବାବେଳେ ଆସନ୍ତାବର୍ଷ ମାର୍ଚ୍ଚ ସୁଦ୍ଧା ମାଓବାଦୀଙ୍କୁ ନିଶ୍ଚିହ୍ନ କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଂକଳ୍ପ ନେଇଛି। ଏଭଳି ସମୟରେ ୧୯୮୯ ବ୍ୟାଚ୍ ଆଇଏଏସ୍ ଅଫିସର ମୋହନଙ୍କ କାର୍ଯ୍ୟକାଳକୁ ବଢ଼ାଇଦିଆଯାଇଛି। ଅଜୟ ଭାଲ୍ଲାଙ୍କ କାର୍ଯ୍ୟକାଳ ଶେଷ ହେବାରୁ ମୋହନ ଗତବର୍ଷ ଅଗଷ୍ଟ ୨୨ରେ ସ୍ୱରାଷ୍ଟ୍ର ସଚିବ ଭାବେ ଦାୟିତ୍ୱ ନେଇଥିଲେ। ଆସନ୍ତା ସେପ୍ଟେମ୍ବର ୩୦ରେ ତାଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଥିବାବେଳେ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ଏହାକ ୨୦୨୬ ଅଗଷ୍ଟ ୨୨ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି।

# ପରିଚୟ ପଚାରି ୯ ଯାତ୍ରୀଙ୍କୁ ହତ୍ୟା

## ପାକିସ୍ତାନୀ ସେନା ବିରୋଧରେ ବଲୁଚ୍ ବିଦ୍ରୋହୀଙ୍କ ଅପରେଶନ୍ ବାମ୍

### ୨୪ ଘଣ୍ଟାରେ ୫୦ ଆକ୍ରମଣ



କରାଚୀ,୧୧।୭

ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କବାଦୀମାନେ ଧର୍ମ ପଚାରି ୨୬ ହିନ୍ଦୁ ପର୍ଯ୍ୟଟକଙ୍କୁ ହତ୍ୟା କରିବା ଭଳି ପାକିସ୍ତାନର ବେଲୁଚିସ୍ତାନରେ ବଲୁଚ୍ ବିଦ୍ରୋହୀ ଏକ ବସ୍ ଭିତରୁ ଯାତ୍ରୀମାନଙ୍କୁ ପରିଚୟ ମାଗିବା ସହ ୯ ଜଣଙ୍କୁ ହତ୍ୟା କରିଛନ୍ତି। ପାକିସ୍ତାନୀ ସେନା ବିରୋଧରେ ବଲୁଚ୍ ଲିବରେଶନ୍ ଆର୍ମି (ବିଏଲ୍ଏ)ର ଏହା ହେଉଛି ୨୪ ଘଣ୍ଟା ମଧ୍ୟରେ ୫୦ତମ ଆକ୍ରମଣ। ପାକିସ୍ତାନଠାରୁ ଅଲଗା ହୋଇ ପୃଥକ୍ ରାଷ୍ଟ୍ର ଗଠନ ଦାବିରେ ସଂଗ୍ରାମ ଚଳାଇଥିବା ଏହି ବିଚ୍ଛିନ୍ନତାବାଦୀମାନେ 'ଅପରେଶନ୍ ବାମ୍' ନାମରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି। ସେମାନେ ଅନେକ ପାକିସ୍ତାନୀଙ୍କୁ ଅପହରଣ ସହ ସେମାନଙ୍କ ମଧ୍ୟରୁ ୨୭ ଜଣଙ୍କୁ ହତ୍ୟା କରିଥିବା ବିଏଲ୍ଏ ପକ୍ଷରୁ ଦାବି କରାଯାଇଛି। ଏତିକି ନୁହେଁ, ଗିଦରସ୍ଥିତ ଏକ ସେନା ଶିବିରକୁ ଟାର୍ଗେଟ କରି ୧୮ ପାକିସ୍ତାନୀ ସୈନ୍ୟଙ୍କୁ ମଧ୍ୟ ହତ୍ୟା କରିଥିବା ବିଦ୍ରୋହୀ ସଙ୍ଗଠନ କହିଛି।

ବଲୋଚ୍ ସଶସ୍ତ୍ର ଗୋଷ୍ଠୀ ନିଜ ପାରମ୍ପରିକ ଯୁଦ୍ଧକୌଶଳକୁ ଆହୁରି ସଙ୍ଗଠିତ କରି ସମ୍ପୃକ୍ତ ଅଞ୍ଚଳରେ ଆକ୍ରମଣ କରୁଛନ୍ତି। ଏହିକ୍ରମେ ସେମାନେ ଗୁରୁବାର ସନ୍ଧ୍ୟାରେ ଝୋବ୍ ଅଞ୍ଚଳରେ ଏକ ବସ୍‌ରୁ ୯ ଜଣ ପଞ୍ଜାବୀ ଯାତ୍ରୀଙ୍କୁ ଜବରଦସ୍ତ ଟାଣିଆଣି ଗୁଳିକରି ହତ୍ୟା କରିଛନ୍ତି। କ୍ୱେଟାରୁ ଲାହୋର ଯାଉଥିବା ଉକ୍ତ ବସ୍‌କୁ ଲୋରାଲାଇ-ଝୋବ୍ ଜାତୀୟ ରାଜପଥର ସୁର୍-ଡକାଇ ନିକଟରେ ଅଟକାଇ ଯାତ୍ରୀମାନଙ୍କୁ ପ୍ରଥମେ ପରିଚୟପତ୍ର ମାଗିଥିଲେ। ଆଇଡି ଯାଞ୍ଚ କରିବା ପରେ ଉଗ୍ରପନ୍ଥୀମାନେ ୯ ଯାତ୍ରୀଙ୍କୁ ଗୁଳି କରିଥିଲେ। ଉଗ୍ରପନ୍ଥୀମାନେ ପଞ୍ଜାବ ପ୍ରଦେଶର ଲୋକଙ୍କୁ ଏବଂ ବେଲୁଚିସ୍ତାନର ବିଭିନ୍ନ ରାଜପଥରେ ଚଳାଚଳ କରୁଥିବା ବସ୍‌କୁ ଟାର୍ଗେଟ କରିବା ଏହା ପ୍ରଥମ ଘଟଣା ନୁହେଁ। ଏହା ପୂର୍ବରୁ ନିଖୋଜ ହୋଇଯାଇଥିବା ୨୦ ଜଣଙ୍କୁ ବିଏଲ୍ଏ ଅପହରଣ କରିନେଇଥିବା କୁହାଯାଉଛି। ୨୪ ଘଣ୍ଟା ଭିତରେ ସେମାନେ କେଚ୍, ଖରାନ୍, ଖୁଜ୍‌ଦାର, କଲାତ୍, ପଞ୍ଜଗୁର୍, ୱାଶୁକ୍, ମୁସାଖେଲ, ସିବି, ମସ୍ତୁଙ୍ଗ୍, ନସିରାବାଦ, କ୍ୱେଟା, ଚଗାଇ ଓ ଡେରା ବୁଗ୍‌ତି ଅଞ୍ଚଳରେ ୫୦ ଥର ଆକ୍ରମଣ କରିଛନ୍ତି। ବେଲୁଚିସ୍ତାନ ପ୍ରାଦେଶିକ ସରକାର ଉକ୍ତ ପ୍ରଦେଶରେ ହିଂସାତ୍ମକ କାର୍ଯ୍ୟକଳାପ ବୃଦ୍ଧି ଘଟଣାକୁ ସ୍ୱୀକାର କରିଛି। ଏହାର ମୁକାବିଲା ପାଇଁ ସୁରକ୍ଷା ଅପରେଶନ୍ ଜାରି ରହିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହା ଉଭୟ ପ୍ରାଦେଶିକ ଓ ପାକିସ୍ତାନର ଜାତୀୟ ସରକାର ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ପାକିସ୍ତାନ ରାଷ୍ଟ୍ରପତି ଆସିଫ୍ ଅଲୀ ଜର୍ଦ୍ଦାରି ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି। ଦେଶରେ ଅସ୍ଥିରତା ସୃଷ୍ଟି ପାଇଁ ବଲୁଚ୍ ଆତଙ୍କବାଦୀମାନେ ଆଇନବିରୋଧୀ କାର୍ଯ୍ୟ କରୁଥିବା ଜର୍ଦ୍ଦାରି କହିଛନ୍ତି।

# ନିରଙ୍କୁଶ କ୍ଷମତାକୁ ପୂର୍ବତନ ସିଜେଆଇଙ୍କ ବିରୋଧ

### ଏକ ରାଷ୍ଟ୍ର, ଏକ ନିର୍ବାଚନ

ନୂଆଦିଲ୍ଲୀ,୧୧।୭

ଏକ ରାଷ୍ଟ୍ର, ଏକ ନିର୍ବାଚନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କୁ ନିରଙ୍କୁଶ କ୍ଷମତା ଦେବା ଉଚିତ ନୁହେଁ ବୋଲି ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜେ.ଏସ୍. ଖେହର ଶୁକ୍ରବାର ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ଜଣାଇଛନ୍ତି। 'ଯାଞ୍ଚ ଓ ସନ୍ତୁଳନ ବ୍ୟବସ୍ଥା' ରହିବା ଆବଶ୍ୟକ ବୋଲି ସେମାନେ ପ୍ରସ୍ତାବ ଦେଇଛନ୍ତି। ସମ୍ବିଧାନର ୧୨୯ତମ ସଂଶୋଧନ ବିଲ୍, ୨୦୨୪ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଆଇନ (ସଂଶୋଧନ) ବିଲ୍, ୨୦୨୪ର ଯାଞ୍ଚ କରୁଥିବା ଜେପିସିର ବୈଠକରେ ଉଭୟ ପୂର୍ବତନ ସିଜେଆଇ ଏକସଙ୍ଗେ ନିର୍ବାଚନ ସମ୍ପର୍କରେ ସେମାନଙ୍କ ଟିପ୍ପଣୀ ଦେଇଛନ୍ତି। ଭାଜପା ଏମ୍‌ପି ପି.ପି. ଚୌଧରୀଙ୍କ ଅଧ୍ୟକ୍ଷତାରେ ଗଠିତ ଜେପିସି ବିଲ୍ ଉପରେ ଏହାର ସୁପାରିସ୍ ପ୍ରସ୍ତୁତ କରୁଥିବାବେଳେ ବିଚାରପତି ଓ ଆଇନ ବିଶେଷଜ୍ଞମାନଙ୍କ ମତାମତ ସଂଗ୍ରହ କରୁଛି। ପ୍ରସ୍ତାବିତ ସମ୍ବିଧାନ ସଂଶୋଧନ ଆଇନରେ ନିର୍ବାଚନ କମିଶନଙ୍କୁ ପର୍ଯ୍ୟାପ୍ତ କ୍ଷମତା ଉପରେ ପୂର୍ବତନ ସିଜେଆଇ ରଞ୍ଜନ ଗୋଗୋଇ ମଧ୍ୟ ପ୍ରଶ୍ନ କରିଥିଲେ। ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଏବଂ ଖେହର କହିଛନ୍ତି, ନିର୍ବାଚନ ପରିଚାଳନାରେ ନିରୀକ୍ଷଣ ବ୍ୟବସ୍ଥା ରହିବା ଆବଶ୍ୟକ। ସୁଶାସନ ପାଇଁ ନିର୍ବାଚିତ ସରକାରଙ୍କ ନିମନ୍ତେ ୫ ବର୍ଷ କାର୍ଯ୍ୟକାଳ ଗୁରୁତ୍ୱପୂର୍ଣ୍ଣ। କୌଣସି ପରିସ୍ଥିତିରେ ଏହି ସମୟସୀମାକୁ ହ୍ରାସ କରିବା ଉଚିତ ନୁହେଁ ବୋଲି ସେମାନଙ୍କ ମଧ୍ୟରୁ ଜଣେ ବିଚାରପତି କହିଛନ୍ତି।

# ମୃତ୍ୟୁର ୯ ମାସ ପରେ ମିଳିଲା ପାକ୍ ଅଭିନେତ୍ରୀଙ୍କ ମୃତଦେହ


ହୁମାଇରା ଅସ୍‌ଗର ଅଲି

କରାଚୀ,୧୧।୭

ପାକିସ୍ତାନୀ ଅଭିନେତ୍ରୀ ହୁମାଇରା ଅସ୍‌ଗର ଅଲିଙ୍କ ମୃତଦେହ ମଙ୍ଗଳବାର ତାଙ୍କ କରାଚୀସ୍ଥିତ ଆପାର୍ଟମେଣ୍ଟରୁ ମିଳିଛି। ୨୦୨୪ ଅକ୍ଟୋବରରେ ତାଙ୍କର ମୃତ୍ୟୁ ଘଟିଥିବା ବିଶ୍ୱାସ କରାଯାଉଛି। ମୃତଦେହ ଅତ୍ୟନ୍ତ ଗଳିତ ଅବସ୍ଥାରେ ପହଞ୍ଚିଥିଲା ବୋଲି ବ୍ୟବଚ୍ଛେଦ କରିଥିବା କରାଚୀ ପୋଲିସ ସର୍ଜନ ଡ. ସୁମାଇୟା ସୟେଦ କହିଛନ୍ତି। କଲ୍ ଡିଟେଲ୍ ରେକର୍ଡ ଅନୁଯାୟୀ, ହୁମାଇରା ୨୦୨୪ ଅକ୍ଟୋବରରେ ଶେଷ ଥର ପାଇଁ ଫୋନ୍ କଲ୍ କରିଥିଲେ। ତାଙ୍କ ପଡୋଶୀମାନେ ମଧ୍ୟ ତାଙ୍କୁ ଶେଷ ଥର ପାଇଁ ସେପ୍ଟେମ୍ବର କିମ୍ବା ଅକ୍ଟୋବରରେ ଦେଖିଥିଲେ। ଇଲେକ୍ଟ୍ରି ବିଲ୍ ପୈଠ କରି ନ ଥିବାରୁ ଗତବର୍ଷ ଅକ୍ଟୋବରରେ ତାଙ୍କ ବିଦ୍ୟୁତ୍ ସଂଯୋଗ କାଟିଦିଆଯାଇଥିଲା।

# ପାକିସ୍ତାନରେ ଅନ୍ତର୍ଘାତୀ କାର୍ଯ୍ୟ: ଭାରତକୁ ଦୋଷଦେଲେ ମୁନିର

ଇସ୍‌ଲାମାବାଦ,୧୧।୭


ଆସିମ ମୁନିର

ବେଲୁଚିସ୍ତାନରେ ହେଉଥିବା ବିଦ୍ରୋହ ସମେତ ପାକିସ୍ତାନରେ ଘଟୁଥିବା ଅନେକ ଆତଙ୍କବାଦୀ ଆକ୍ରମଣ ପାଇଁ ସେଠାକାର ସେନାମୁଖ୍ୟ ଆସିମ ମୁନିର ଭାରତ ଉପରେ ଦୋଷ ଲଦିଛନ୍ତି। ରାୱଲପିଣ୍ଡିସ୍ଥିତ ସେନା ମୁଖ୍ୟାଳୟରେ ଫିଲ୍ଡ ମାର୍ଶାଲ ମୁନିର ଏକ ବୈଠକରେ ଅଧ୍ୟକ୍ଷତା କରି ଭାରତ ବିରୋଧୀ ଅଭିଯୋଗଗୁଡ଼ିକୁ ଦୋହରାଇଛନ୍ତି। ମୁନିର କହିଛନ୍ତି, ଭାରତ ପାକିସ୍ତାନ ଭିତରେ ଆତଙ୍କବାଦକୁ ପ୍ରୋତ୍ସାହନ ଦେବା ସହ ଛାୟାଯୁଦ୍ଧ ଜରିଆରେ ଘାତକ କାର୍ଯ୍ୟକଳାପରେ ଲିପ୍ତ ରହିଛି। ତେହରିକ୍-ଇ-ତାଲିବାନ୍ ପାକିସ୍ତାନ (ଟିଟିପି) ଏବଂ ବଲୁଚ୍ ଫାଇଟର୍ସ ଏହାର ମାଧ୍ୟମ ପାଲଟିଛନ୍ତି। ଅପରେଶନ ସିନ୍ଦୂରରେ ଭାରତୀୟ ସଶସ୍ତ୍ର ବଳ ପାକିସ୍ତାନ ଏବଂ ପିଓକେର ୯ ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱସ୍ତବିଧ୍ୱସ୍ତ କରିବାର କିଛି ସପ୍ତାହ ପରେ ମୁନିରଙ୍କ ଏହି ଅଭିଯୋଗ ସମ୍ପର୍କରେ ଶୁକ୍ରବାର ଇଣ୍ଟରଷ୍ଟେଟ୍ ପବ୍ଲିକ୍ ରିଲେଶନ୍ସ (ଆଇଏସ୍‌ପିଆର୍) ଜାରି କରିଥିବା ଏକ ବିବୃତିରେ ଉଲ୍ଲେଖ କରାଯାଇଛି।

# ଅପରେଶନ ସିନ୍ଦୂରରେ ଭାରତର କ୍ଷତି ସମ୍ପର୍କିତ ଫଟୋ ଦେଖାଅ

ନୂଆଦିଲ୍ଲୀ,୧୧।୭


ଅଜିତ ଡୋଭାଲ

### ଅନ୍ତର୍ଜାତୀୟ ଗଣମାଧ୍ୟମକୁ ଅଜିତ ଡୋଭାଲଙ୍କ ଆହ୍ୱାନ

ପାକିସ୍ତାନ ବିରୋଧରେ ଅପରେଶନ ସିନ୍ଦୂର ସମ୍ପର୍କରେ ଅନ୍ତର୍ଜାତୀୟ ଗଣମାଧ୍ୟମ ବିଶେଷ କରି ନ୍ୟୁୟର୍କ ଟାଇମ୍ସର ଖବରକୁ ନେଇ ଏନ୍‌ଏସ୍ଏ ଅଜିତ ଡୋଭାଲ ଶୁକ୍ରବାର ସମାଲୋଚନା କରିଛନ୍ତି। ଏହି ସାମରିକ କାର୍ଯ୍ୟାନୁଷ୍ଠାନ ସମୟରେ ଭାରତର ହୋଇଥିବା କ୍ଷୟକ୍ଷତି ସମ୍ପର୍କିତ ଗୋଟିଏ ବି ଫଟୋ ଦେଖାଇବାକୁ ସେ ବିଦେଶୀ ଗଣମାଧ୍ୟମଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ଆଇଆଇଟି ମାଡ୍ରାସ୍‌ର ୬୨ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଡୋଭାଲ କହିଥିଲେ, ଆମକୁ ଆମ ସ୍ୱଦେଶୀ ପ୍ରଯୁକ୍ତିର ବିକାଶ କରିବାକୁ ହେବ। ଅପରେଶନ ସିନ୍ଦୂରରେ ସ୍ୱଦେଶୀ ଅସ୍ତ୍ରର ସଫଳତାକୁ ନେଇ ଆମେ ପ୍ରକୃତରେ ଗର୍ବିତ। ଆମେ ପାକିସ୍ତାନର ୯ଟି ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରିବା ଲାଗି ନିଷ୍ପତ୍ତି ନେଇଥିଲୁ, ଯାହା ସୀମାନ୍ତ ଅଞ୍ଚଳରେ ନ ଥିଲା। ମାତ୍ର ୨୩ ମିନିଟ୍‌ରେ ଆମେ ଆତଙ୍କବାଦୀଙ୍କ ୯ ଟାର୍ଗେଟକୁ ଧ୍ୱଂସ କରିଥିଲୁ ବୋଲି ଡୋଭାଲ କହିଛନ୍ତି।

# କାନାଡା ସାମଗ୍ରୀ ଉପରେ ୩୫% ଟାରିଫ୍ ଲଗାଇବେ ଟ୍ରମ୍ପ୍

ୱାଶିଂଟନ,୧୧।୭

କାନାଡାରୁ ଆମଦାନୀ ସାମଗ୍ରୀ ଉପରେ ଶୁଳ୍କ ୩୫ ପ୍ରତିଶତକୁ ବଢ଼ାଇବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଯୋଜନା କରିଛନ୍ତି। ଏନେଇ ସେ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କୁ ପତ୍ର ଲେଖି ଜଣାଇଛନ୍ତି। ଗତ ମାର୍ଚ୍ଚରେ ଟ୍ରମ୍ପ୍ କାନାଡା ଉପରେ ୨୫ ପ୍ରତିଶତ ଟାରିଫ୍ ଲଗାଇଥିଲେ। କାନାଡାରୁ ଆମେରିକାକୁ ଡ୍ରଗ୍ସ ଚୋରାଚାଲାଣ ରୋକିବା ଦିଗରେ ପଦକ୍ଷେପ ନେବା ପାଇଁ ଚାପ ପକାଇବାକୁ ଟ୍ରମ୍ପ୍ ଟାରିଫ୍ ବଢ଼ାଇ ଚାଲିଛନ୍ତି। କାନାଡା ସହ ବାଣିଜ୍ୟ ନିଅଣ୍ଟକୁ ନେଇ ଆମେରିକା ରାଷ୍ଟ୍ରପତି କ୍ଷୁବ୍ଧ ଅଛନ୍ତି। ନୂଆ ଟାରିଫ୍ ହାର ଅଗଷ୍ଟ ୧ରୁ କାର୍ଯ୍ୟକାରୀ ହେବାକୁ ଯାଉଛି। ଅନ୍ୟପକ୍ଷରେ ଆମେରିକାର ନୂଆ ବାଣିଜ୍ୟ ଡାଞ୍ଚା ସହ କାର୍ଯ୍ୟ ଜାରି ରଖିବାକୁ କାର୍ନି କହିବା ସହ ଫେଣ୍ଟାନିଲ୍ ଚୋରା ଚାଲାଣ ରୋକିବା ଦିଗରେ ଅଗ୍ରଗତି ହୋଇଥିବା କହିଛନ୍ତି।



ପ୍ୟାରିସ୍‌ରେ ଏକ ଉତ୍ସବ ପାଳନ ଅବସରରେ ମୌଲିନ୍ ରଗ୍ କାବାରେଟ୍ ସମ୍ମୁଖରେ ଜଣେ ଫରାସୀ କାନ୍‌କାନ୍ ନୃତ୍ୟାଙ୍ଗନା ନୃତ୍ୟ ପରିବେଷଣ କରୁଛନ୍ତି।

# ସହରୀ ମାଓବାଦୀ ଦମନ ପାଇଁ ମହାରାଷ୍ଟ୍ରରେ ବିଲ୍ ଗୃହୀତ

ମୁମ୍ବାଇ,୧୧।୭

ମହାରାଷ୍ଟ୍ରରେ ସହରୀ ମାଓବାଦୀଙ୍କୁ ଦମନ ଲକ୍ଷ୍ୟରେ ରାଜ୍ୟ ବିଧାନସଭାରେ ଗୁରୁବାର ଏକ ବିଲ୍ ଗୃହୀତ ହୋଇଛି। ଏବେ ଏହା ବିଧାନ ପରିଷଦରେ ଆଗତ ହେବ। ସହରୀ ମାଓବାଦୀଙ୍କୁ ଦମନ ପାଇଁ ସ୍ୱତନ୍ତ୍ର ଜନସୁରକ୍ଷା ଆଇନ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ଝାଡ଼ଖଣ୍ଡ କାର୍ଯ୍ୟକାରୀ କରିଥିବାବେଳେ ମହାରାଷ୍ଟ୍ର ଏକ୍ଷେତ୍ରରେ ୫ମ ରାଜ୍ୟ ହେବାକୁ ଯାଉଛି। 'ମହାରାଷ୍ଟ୍ର ସ୍ୱତନ୍ତ୍ର ଜନସୁରକ୍ଷା ବିଲ୍' ଉପସ୍ଥାପନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ କହିଛନ୍ତି, ସରକାର ବାମଦଳଗୁଡ଼ିକର ବିଚାରଧାରା କିମ୍ବା ସଂଗଠନ ବିରୋଧୀ ନ ଥିଲେ ଏବଂ ଭିନ୍ନ ମତକୁ ଚାପିଦେବାର ଉଦ୍ଦେଶ୍ୟ ନାହିଁ।

# ଶିବସେନା ବିଧାୟକଙ୍କ ନାଁରେ ମାମଲା

### କ୍ୟାଣ୍ଟିନ୍ କର୍ମଚାରୀଙ୍କୁ ମାଡ଼ ଘଟଣା

ମୁମ୍ବାଇ,୧୧।୭


ସଞ୍ଜୟ ଗାଏକ୍‌ୱାଡ୍

ମୁମ୍ବାଇର ଆକାଶବାଣୀ ଏମ୍‌ଏଲ୍ଏ ହଷ୍ଟେଲରେ ଜଣେ କ୍ୟାଣ୍ଟିନ୍ କର୍ମଚାରୀଙ୍କୁ ଶିବସେନା ବିଧାୟକ ସଞ୍ଜୟ ଗାଏକ୍‌ୱାଡ୍ ଚାପୁଡ଼ା ଓ ମୁଥ ମାରିବା ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ମାଡ଼ ମାରିବା ବେଳର ଭିଡିଓ ସାମ୍ନାକୁ ଆସିବା ପରେ ସଞ୍ଜୟଙ୍କ ନାଁରେ ମାମଲା ରୁଜୁ ହୋଇଛି। ମାଡ଼ ଖାଇଥିବା କ୍ୟାଣ୍ଟିନ କର୍ମଚାରୀ ମେରାଇନ୍ ଡ୍ରାଇଭ୍ ଥାନାରେ ଅଭିଯୋଗ କରିଥିଲେ। ପ୍ରାଥମିକ ତଦନ୍ତ ପରେ ପୋଲିସ ଅସଂଜ୍ଞେୟ ଅପରାଧ ମାମଲା ରୁଜୁ କରିଛି, ଯେଉଁଥିରେ ଅଦାଲତଙ୍କ ଅନୁମତି ବିନା ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରିବ ନାହିଁ। ଭିଡିଓରେ ଗାଏକ୍‌ୱାଡ୍ ନିମ୍ନମାନର ଖାଦ୍ୟ ପରିବେଷଣ ପାଇଁ କ୍ୟାଣ୍ଟିନ କର୍ମଚାରୀଙ୍କୁ ଗାଳିଦେବା ସହ ଜଣକୁ ମାଡ଼ ମାରୁଥିବା ଦେଖାଯାଇଛି।

# କ୍ଷମା ଆଶାରେ ନିମିଷା, ଫାଶୀ ଟାଳିବାକୁ ଉଦ୍ୟମ

ନୂଆଦିଲ୍ଲୀ,୧୧।୭

**ବ୍ଲଡ୍ ମନି କ'ଣ**

ଇସ୍‌ଲାମିକ ଶରିଆ ଆଇନ ଅନୁଯାୟୀ, ବ୍ଲଡ୍ ମନି ବା ଦିୟା ଅର୍ଥ ହେଉଛି ହତ୍ୟା ଭଳି ଗମ୍ଭୀର ଅପରାଧରେ ଅଭିଯୁକ୍ତ ପୀଡ଼ିତଙ୍କ ପରିବାରକୁ ଆର୍ଥିକ କ୍ଷତିପୂରଣ ଦେଇଥାନ୍ତି। ହତ୍ୟା ୨ ପ୍ରକାର ଯଥା ଉଦ୍ଦେଶ୍ୟମୂଳକ ଭାବେ ଓ ଭୁଲ୍‌ରେ କରାଯାଇଥିବା ହତ୍ୟା। ଜାଣିଶୁଣି ହତ୍ୟା କରିଥିଲେ ଦୋଷୀଙ୍କୁ ମୃତ୍ୟୁ କିମ୍ବା ଅପରାଧ ଅନୁଯାୟୀ ଅନ୍ୟ ପ୍ରକାର ଦଣ୍ଡରେ ଦଣ୍ଡିତ କରାଯାଇଥାଏ। ଭୁଲ୍ ବଶତଃ ହତ୍ୟା କରାଯାଇଥିଲେ ଦୋଷୀଙ୍କୁ ମିଳିବାକୁ ଥିବା ମୃତ୍ୟୁଦଣ୍ଡ କ୍ଷମା ପାଇଁ ଯେଉଁ ଅର୍ଥ ପୈଠ କରାଯାଏ, ତାକୁ ବ୍ଲଡ୍‌ମନି କୁହାଯାଏ।


ନିମିଷା ପ୍ରିୟା

ୟେମେନ୍‌ରେ ହତ୍ୟା ଅଭିଯୋଗରେ କେରଳ ନର୍ସ ନିମିଷା ପ୍ରିୟାଙ୍କୁ ଜୁଲାଇ ୧୬ରେ ଫାଶୀ ଦଣ୍ଡାଦେଶ ଦିଆଯିବାକୁ ସେଠାକାର କୋର୍ଟ ଧାର୍ଯ୍ୟ କରିଥିବାବେଳେ ମୃତକଙ୍କ ପରିବାର କ୍ଷମା ଦେବା ତାଙ୍କ ପାଇଁ ଏକମାତ୍ର ବାସ୍ତବ ଆଶା ବୋଲି କୁହାଯାଉଛି। ୟେମେନରେ ପ୍ରିୟାଙ୍କ ବ୍ୟବସାୟିକ ସହଯୋଗୀ ଥିବା ତଲାଲ ଅବ୍‌ଡୋ ମେହଦି ତାଙ୍କୁ ଲଗାତର ହଇରାଣ କରିଆସୁଥିଲେ। ଏପରିକି ପ୍ରିୟାଙ୍କ ପାସ୍‌ପୋର୍ଟକୁ ସେ ଜବତ କରି ରଖିଥିଲେ। ଏହାକୁ ଫେରିପାଇବା ପାଇଁ ୨୦୧୭ରେ ପ୍ରିୟା ମେହଦିଙ୍କୁ ନିଶା ଇଞ୍ଜେକ୍ସନ ଦେଇଥିଲେ। ତେବେ ଡୋଜ୍ ଅଧିକ ହୋଇଯିବାରୁ ମେହଦିଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଅପରାଧରେ ୟେମେନ କୋର୍ଟ ପ୍ରିୟାଙ୍କୁ ଦୋଷୀସାବ୍ୟସ୍ତ କରି ମୃତ୍ୟୁଦଣ୍ଡାଦେଶ ଦେଇଥିଲେ। ଦଣ୍ଡରୁ ବର୍ତ୍ତିବା ଲାଗି ପ୍ରିୟାଙ୍କ ପରିବାର ବ୍ଲଡ୍‌ମନି ସ୍ୱରୂପ ମେହଦିଙ୍କ ପରିବାରକୁ ୧ ନିୟୁତ ଡଲାର (୮.୬ କୋଟି ଟଙ୍କା) ଯାଚିଛନ୍ତି। ମେହଦିଙ୍କ ପରିବାର କ୍ଷମା କଲେ ପ୍ରିୟା ମୃତ୍ୟୁଦଣ୍ଡରୁ ବର୍ତ୍ତିପାରିବେ ବୋଲି ସେଭ୍ ନିମିଷା ପ୍ରିୟା ଇଣ୍ଟରନ୍ୟାଶନାଲ ଆକ୍ସନ କାଉନ୍‌ସିଲ୍ ସହ ଜଡ଼ିତ ବାବୁ ଜନ୍ କହିଛନ୍ତି। ପ୍ରିୟାଙ୍କ ପରିବାର ତରଫରୁ ପାୱାର ଅଫ୍ ଆର୍ଟର୍ନି ପାଇଥିବା ସାମୁଏଲ୍ ଜେରୋମ୍ ବୁଝାମଣା ଚଳାଇଛନ୍ତି। ସେମାନେ ନିମିଷାଙ୍କୁ କ୍ଷମା କରିବାକୁ ପ୍ରସ୍ତୁତ ବୋଲି ରାଜି ହେଲେ, ତୁରନ୍ତ ୧ ନିୟୁତ ଡଲାର ପ୍ରଦାନ କରାଯିବ ବୋଲି ଜନ୍ କହିଛନ୍ତି।

# ଭାରତରେ ସବ୍‌ସ୍କ୍ରିପଶନ ଫି' ୪୮% ପର୍ଯ୍ୟନ୍ତ ହ୍ରାସକଲା ଏକ୍ସ'

ନୂଆଦିଲ୍ଲୀ,୧୧।୭(ପି.ଟି.)

ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ' ଭାରତରେ ଏହାର ସବ୍‌ସ୍କ୍ରିପଶନ୍ ଫି' ୪୮% ପର୍ଯ୍ୟନ୍ତ ହ୍ରାସ କରିଛି। ଏକ୍ସ' ପୋର୍ଟାଲରେ ପ୍ରଦତ୍ତ ତଥ୍ୟ ଅନୁସାରେ ୟୁଜର୍ସଙ୍କ ପାଇଁ ପ୍ରିମିୟମ୍ ଆକାଉଣ୍ଟ ସବ୍‌ସ୍କ୍ରିପଶନ ରାଶି ପୂର୍ବରୁ ମାସିକ ୯୦୦ ଟଙ୍କା ଥିବାବେଳେ ଏଥିରେ ୪୮% ହ୍ରାସ କରାଯାଇ ୪୭୦ ଟଙ୍କା ରଖାଯାଇଛି। ସେହିପରି ୱେବ୍ ଆକାଉଣ୍ଟଗୁଡ଼ିକ ପାଇଁ ପ୍ରିମିୟମ୍ ସବ୍‌ସ୍କ୍ରିପଶନ ଫି'ରେ ମଧ୍ୟ ୩୪% ହ୍ରାସ କରାଯାଇଛି। ଏହା ପୂର୍ବରୁ ମାସିକ ୬୫୦ ଟଙ୍କା ଥିବାବେଳେ ଏଣିକି ୟୁଜର୍ସଙ୍କୁ ୪୨୭ ଟଙ୍କା ଦେବାକୁ ପଡ଼ିବ। ବେସିକ୍ ସବ୍‌ସ୍କ୍ରାଇବରଙ୍କ ପାଇଁ ପୂର୍ବରୁ ମାସିକ ୨୪୩.୭୫ ଟଙ୍କା ଥିବାବେଳେ ଏବେ ଏହାକୁ ୧୭୦ ଟଙ୍କାକୁ ହ୍ରାସ କରାଯାଇଛି।

# ଗୁଜରାଟ ବ୍ରିଜ୍ ଭୁଶୁଡ଼ିବା ଘଟଣାରେ ମୃତ୍ୟୁସଂଖ୍ୟା ୨୦



ଅହମଦାବାଦ,୧୧।୭

ଗୁଜରାଟର ମହିସାଗର ନଦୀ ଉପରେ ଗମ୍ଭୀରା ବ୍ରିଜ୍ ଭୁଶୁଡ଼ିବା ଘଟଣାରେ ମୃତ୍ୟୁସଂଖ୍ୟା ଶୁକ୍ରବାର ୨୦ରେ ପହଞ୍ଚିଛି। ବ୍ରିଜ୍‌ର ଗୋଟିଏ ଅଂଶ ଭୁଶୁଡ଼ି ପଡ଼ିବାରୁ ୫ରୁ ୭ଟି ଗାଡ଼ି ନଦୀରେ ଖସିପଡ଼ିଥିଲା। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ଏବେ ବି ୨ ଜଣ ନିଖୋଜ ଅଛନ୍ତି। ବ୍ରିଜ୍ ଭୁଶୁଡ଼ିବାକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିଥିବାରୁ ମୃତକମାନଙ୍କ ଶେଷକୃତ୍ୟ ବିଳମ୍ବିତ ହେଉଛି। କାର୍ଯ୍ୟରେ ଅବହେଳା ପାଇଁ ଦାୟୀ କରାଯାଇ ପୂର୍ତ୍ତ ବିଭାଗର ୪ ଜଣ ଇଞ୍ଜିନିୟରଙ୍କୁ ନିଲମ୍ବନ କରାଯାଇଛି। ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପେଡେଷ୍ଟ୍ରାଲ ଏବଂ ଆର୍ଟିକୁଲେଶନ ସଂଯୋଗ ସ୍ଥଳ ଭାଙ୍ଗିଯିବାରୁ ବ୍ରିଜ୍ ଭୁଶୁଡ଼ିଲା ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଥିବା ଶୁକ୍ରବାର ଜଣେ ମନ୍ତ୍ରୀ କହିଛନ୍ତି। ବ୍ରିଜ୍‌ର ସ୍ଥିତି ଭଲ ନ ଥିବାରୁ ସେଥିରେ ଗାଡ଼ି ଚଳାଚଳ ବନ୍ଦ ରଖିବା ପାଇଁ ୨୦୨୨ରୁ ଜିଲା ପ୍ରଶାସନ ସତର୍କ କରାଇବା ସତ୍ତ୍ୱେ ଭାଜପା ସରକାର କୌଣସି ପଦକ୍ଷେପ ନେଇ ନ ଥିଲେ ବୋଲି ଗୁଜରାଟ କଂଗ୍ରେସ ଅଭିଯୋଗ କରିଛି।

## ଫୁରସତ୍

# ସନ୍ନିଙ୍କୁ ମାତ୍ର ୧୫ ମିନିଟ୍


ସନି ଦେଓଲ

ମୁମ୍ବାଇ

ଚର୍ଚ୍ଚାରେ ବଲିଉଡର ମୋଷ୍ଟ ଆୱେଟେଡ୍ ଫିଲ୍ମ 'ରାମାୟଣ'। ଫିଲ୍ମରେ ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ରଣବୀର କପୁର, ମା' ସୀତାଙ୍କ ଭୂମିକାରେ ସାଇ ପଲ୍ଲବୀ, ରାବଣ ଭୂମିକାରେ ନଜର ଆସିବେ ୟଶ। ରାମ ଭକ୍ତ ହନୁମାନଙ୍କ ଭୂମିକାରେ ସନ୍ନି ଦେଓଲ ଅଭିନୟ କରୁଛନ୍ତି। ହେଲେ ସ୍କ୍ରିନ ଟାଇମ୍‌କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ରିପୋର୍ଟ ମୁତାବକ, 'ରାମାୟଣ' ଦୁଇ ଭାଗରେ ପରଦାକୁ ଆସିବ। ସନ୍ନି ଉଭୟ ଭାଗର ଗୁରୁତ୍ୱପୂର୍ଣ୍ଣ ଅଂଶ। ମାତ୍ର ପ୍ରଥମ ଭାଗରେ କେବଳ ୧୫ ମିନିଟ ପାଇଁ ତାଙ୍କୁ ପରଦାରେ ଦେଖିବାକୁ ମିଳିବ। କଥିତ ଭାବେ କହିଲେ ହନୁମାନଙ୍କ ଏଣ୍ଟ୍ରି ସହ ଫିଲ୍ମ ସମାପ୍ତ ହେବ। ସେ ଭଗବାନ ରାମ-ଲକ୍ଷ୍ମଣଙ୍କୁ ମାତା ସୀତାଙ୍କୁ ରାବଣଙ୍କ କବଳରୁ ଉଦ୍ଧାର କରିବାକୁ ପ୍ରତିଶ୍ରୁତି ଦେବେ। ଫିଲ୍ମର ନିର୍ଦ୍ଦେଶନା ନୀତେଶ ତିୱାରୀ ଦେଇଥିବା ବେଳେ ଏହା ୨୦୨୬ ଦୀପାବଳିରେ ସିନେମାଘରେ ରିଲିଜ ହେବ। ସେହିଭଳି ଫିଲ୍ମର ଦ୍ୱିତୀୟ ଭାଗ ୨୦୨୭ ଦୀପାବଳିରେ ରିଲିଜ କରାଯିବ। ନିକଟରେ ଏହାର ଟିଜର ଜାରି କରାଯାଇଥିଲା। ଏହାପରଠାରୁ ଦର୍ଶକଙ୍କ ଉତ୍କଣ୍ଠା ବଢ଼ିଛି। ସିନେମାରେ ଲକ୍ଷ୍ମଣ ଭୂମିକାରେ ଅଭିନେତା ରବି ଦୁବେ ନଜର ଆସୁଛନ୍ତି।

# ଅଭିନେତ୍ରୀ ଜେନ୍ ବିର୍କିନ୍‌ଙ୍କ ବ୍ୟାଗ୍ ୮୬ କୋଟିରେ ନିଲାମ



ପ୍ୟାରିସ୍

ବ୍ରିଟିଶ ଓ ଫ୍ରେଞ୍ଚ୍ ଅଭିନେତ୍ରୀ ଜେନ୍ ବିର୍କିନ୍‌ଙ୍କ ଏକ ବ୍ୟାଗ୍ ଗୁରୁବାର ପ୍ୟାରିସ୍‌ର ସୋଥେବିସ୍ ଅକ୍ସନରେ ସର୍ବାଧିକ ୧୦.୧ ନିୟୁତ ଡଲାର (୮୬ କୋଟି ଟଙ୍କା)ରେ ନିଲାମ ହୋଇଛି। ଏହା ପୂର୍ବରୁ ନିଲାମ ହୋଇଥିବା ସମସ୍ତ ହ୍ୟାଣ୍ଡବ୍ୟାଗ୍‌ର ମୂଲ୍ୟଠାରୁ ଯଥେଷ୍ଟ ଅଧିକ। ଜେନ୍‌ଙ୍କ ଏହି ଅରିଜିନାଲ ହେରମେସ୍ ବିର୍କିନ ବ୍ୟାଗ୍ ସବୁଠୁ ଫେଶନେବଲ୍। ନିଲାମରେ ୯ ଜଣ ବିଡର ଭାଗ ନେଇଥିଲେ। ୧୦ ମିନିଟ୍‌ର ନିଲାମ ଡାକରା ମଧ୍ୟରେ ଜାପାନର ଏକ ଘରୋଇ ସଂଗ୍ରହକାରୀଙ୍କୁ ଉକ୍ତ ବ୍ୟାଗ୍ ବିକ୍ରି କରାଯାଇଥିବା ଅକ୍ସନ ହାଉସ୍ ପକ୍ଷରୁ କୁହାଯାଇଛି। ୧ ମିଲିୟନ ପାଉଣ୍ଡରୁ ନିଲାମ ଡାକରା ଆରମ୍ଭ ହୋଇଥିଲା। ଏହା ପୂର୍ବରୁ ୨୦୨୧ରେ ହଂକଂର କ୍ରିଷ୍ଟିଠାରେ ହେର୍ମସ କେଲି-୨୮ ବ୍ୟାଗ୍ ୫,୧୩,୦୦୦ ଡଲାରରେ ବିକ୍ରି ହୋଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଆରାଧ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମେ'ରେ ଜିଓର ୧.୫୪ ଲକ୍ଷ ନୂତନ ଗ୍ରାହକ

ଭୁବନେଶ୍ୱର,୧୧।୭

ରିଲାଏନ୍ସ ଜିଓର ମାସିକ ଗ୍ରାହକ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଏପରିକି ଚଳିତ ବର୍ଷ ମେ'ମାସରେ ଜିଓ ଓଡ଼ିଶାରେ ସର୍ବାଧିକ ସଂଖ୍ୟକ ନୂତନ ମୋବାଇଲ ଗ୍ରାହକ ଯୋଡ଼ିଛି। ବିଶେଷକରି ଟ୍ରାଇ ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ ରିଲାଏନ୍ସ ଜିଓ ଓଡ଼ିଶାରେ ୧.୫୪ ଲକ୍ଷରୁ ଅଧିକ ନୂତନ ମୋବାଇଲ ଗ୍ରାହକ ୨୦୨୫ ମେ'ମାସରେ ଯୋଡ଼ିଛି। ଓଡ଼ିଶାରେ ଜିଓ ୪୬%ରୁ ଅଧିକ ଗ୍ରାହକ ବଜାର ଅଂଶ ହାସଲ କରିଛି। ସେହିପରି ଅନ୍ୟ ଅପରେଟରମାନଙ୍କ ମଧ୍ୟରେ ଭୋଡାଫୋନ ଆଇଡିଆ ମେ' ମାସରେ ୧୮,୮୪୨ ନୂତନ ମୋବାଇଲ ଗ୍ରାହକ ଯୋଡ଼ିଥିବାବେଳେ ଏୟାରଟେଲ୍ ମାତ୍ର ୩,୬୯୩ ମୋବାଇଲ ଗ୍ରାହକ ଯୋଡ଼ିଛନ୍ତି। ଏହି ମାସରେ ବିଏସ୍ଏନ୍ଏଲ୍ ୮,୦୦୦ରୁ ଅଧିକ ମୋବାଇଲ ଗ୍ରାହକ ହରାଇଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି।


## ଜନ୍ମଦିନ ଶୁଭେଚ୍ଛା



ଆରାଧ୍ୟା ଆଦର୍ଶୀ ପ୍ରଧାନ
ବାଲିପାଟଣା, ମାର୍ଥାପୁର
ମା- ରଶ୍ମିତା ଭୂୟାଁ
ବାପା- ପୌରଷ ପ୍ରତୀକ ପ୍ରଧାନ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ- ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୭୬୪୭୧


# ବଜାରରେ ଭି-ଗାର୍ଡର ଏୟାରୱିଜ ସିରିଜ୍



'ଏୟାରୱିଜ ସିରିଜ'ର ଶୁଭାରମ୍ଭ ଅବସରରେ ଭି-ଗାର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ମୁମ୍ବାଇ,୧୧।୭ (ଅଭୟ ଦାଶ)

ଭି-ଗାର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏବଂ ଶକ୍ତି-ଦକ୍ଷ ବିଏଲ୍‌ଡିସି ସିଲିଂ ଫ୍ୟାନ୍ 'ଏୟାରୱିଜ ସିରିଜ'ର ଶୁଭାରମ୍ଭ ନିକଟରେ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏହି ସିରିଜ୍‌ରେ ଏୟାରୱିଜ ଲାଇଟ, ଏୟାରୱିଜ ପ୍ରାଇମ, ଏୟାରୱିଜ ପ୍ଲସ୍ ଓ ଏୟାରୱିଜ ଏନ୍ ଭଳି ୪ଟି ମଡେଲ ସାମିଲ ରହିଛି। ସେହିଭଳି ଏହି ମଡେଲଗୁଡିକୁ ବିବିଧ ଜୀବନଶୈଳୀ ଆବଶ୍ୟକତାକୁ ପୂରଣ କରିବା ପାଇଁ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଛି। ଏପରିକି ଶକ୍ତିଶାଳୀ କାର୍ଯ୍ୟଦକ୍ଷତା ସହ ସୌନ୍ଦର୍ଯ୍ୟତାକୁ ଏକତ୍ରିତକରି ଏୟାର ୱିଜ୍ ଫ୍ୟାନ୍‌ଗୁଡିକ ୩୫ୱାଟ ପାୱାର ସହ ଏକ ମଜଭୁତ ମୋଟର ଦ୍ୱାରା ପରିଚାଳିତ ୩୭୦ ଆର୍‌ପିଏମର ଟପ୍ ସ୍ପିଡ୍ ପ୍ରଦାନ ସହ ହାଇସ୍ପିଡ୍ ଏୟାରଫ୍ଲୋ ସହ ଉନ୍ନତ ଶକ୍ତି ଦକ୍ଷତା ଦେଇଥାଏ। ଏହି ନୂତନ ରେଞ୍ଜରେ ଏକ ଆଡଭାନ୍ସଡ ଡଷ୍ଟ-ରିପେଲେଣ୍ଟ କୋଟିଂ ରହିଛି। ଏ ସମ୍ପର୍କରେ ଭି-ଗାର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଏମ୍‌ଡି ମିଥୁନ ଚିଟ୍ଟିଲାପିଲ୍ଲୀ କହିଛନ୍ତି, ଏୟାରୱିଜ ବିଏଲ୍‌ଡିସି ଫ୍ୟାନ୍‌ର ଶୁଭାରମ୍ଭ ଆମର ଉପଭୋକ୍ତାଙ୍କ ପାଇଁ ଅଧିକ ଶକ୍ତି ଦକ୍ଷ ଘର ନିର୍ମାଣ କରିବା ଦିଗରେ ଭି-ଗାର୍ଡର ଯାତ୍ରା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରୁଛି। ଏହି ଫ୍ୟାନ୍ ବର୍ଗ ଉଭୟ ଅଭିବୃଦ୍ଧି ଓ ଉଦ୍ଭାବନ ଦୃଷ୍ଟିରୁ ଆମର ବ୍ୟବସାୟ ପାଇଁ ଏକ ରଣନୈତିକ ସ୍ତମ୍ଭ ଭାବେ ବଜାୟ ରହିଛି।

# ତନିସ୍କରେ ଫେଷ୍ଟିଭାଲ୍ ଅଫ୍ ଡାଏମଣ୍ଡ

ଭୁବନେଶ୍ୱର,୧୧।୭




ତନିସ୍କର ବହୁ ପ୍ରତୀକ୍ଷିତ ତଥା ନୂତନ ଅଭିଯାନ 'ଫେଷ୍ଟିଭାଲ୍ ଅଫ୍ ଡଏମଣ୍ଡ-ସାର୍କେଲ୍ ୟୋର୍ ୱେ'ର ୨୦୨୫ ସଂସ୍କରଣକୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ମାତ୍ର ୧୫,୦୦୦ଟଙ୍କାରୁ ଆରମ୍ଭକରି ହୀରା ଗହଣାର ବ୍ୟାପକ ସମ୍ଭାର ଉପଲବ୍ଧ ରହିଛି। ଏହି କ୍ୟାମ୍ପେନ ଫ୍ୟାଶନ ନେତୃତ୍ୱରେ ନେଉଛି, ଆଧୁନିକ ୱାର୍ଡ୍‌ରୋବର ହୀରାକୁ କିଭଳି ଷ୍ଟାଇଲ୍ କରାଯାଏ ତଥା ସାଇତି ରଖାଯାଏ ତାହାକୁ ଏହା ପରିଭାଷିତ କରୁଛି। ମହିଳାଙ୍କ ଚମକ ବ୍ୟକ୍ତିଗତ, ଉକ୍ତ ବିଶ୍ୱାସ ଆଧାରରେ ଏ କ୍ୟାମ୍ପେନ୍ ନୂତନ ପିଢ଼ି ହୀରା ପିନ୍ଧାଳିଙ୍କ ଉପରେ ଧ୍ୟାନକେନ୍ଦ୍ରିତ କରୁଛି। ସେମାନଙ୍କ ଉତ୍ସାହ, ଆତ୍ମନିର୍ଭରଶୀଳତା ଏବଂ ନିରପେକ୍ଷତା ଉପରେ ଏହା ଆଲୋକ ପ୍ରଦାନ କରୁଛି। ଏହି ସେଲିବ୍ରେଶନକୁ ଅଧିକ ଉତ୍ସବମୁଖର କରିବା ପାଇଁ ତନିସ୍କ ହୀରା ଗହଣାର ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ଏହି ରିହାତି ୨୦୨୫ ଅଗଷ୍ଟ ୨୫ ପର୍ଯ୍ୟନ୍ତ ଉପଲବ୍ଧ। ଏହି ଅଫର କେବଳ ଷ୍ଟୋନ୍ କିମ୍ବା କ୍ୟାରେଟ୍ ମୂଲ୍ୟ ଉପରେ ଉପଲବ୍ଧ ନୁହେଁ। ଏହା ସମ୍ପୂର୍ଣ୍ଣ ଗହଣା ପିସ୍ ଉପରେ ଉପଲବ୍ଧ ରହିଛି। ସେହିଭଳି ଏହି ଅଭିଯାନର କେନ୍ଦ୍ରବିନ୍ଦୁ ହେଉଛି 'ଫେଷ୍ଟିଭାଲ ଅଫ୍ ଡାଏମଣ୍ଡ'। ଏହା ଏକ ବିବିଧତା, ବହୁବିଧତା, ଷ୍ଟାଇଲ୍ ଏବଂ ପ୍ରତ୍ୟେକ ମହିଳାଙ୍କ ପାଇଁ ସମ୍ପୂର୍ଣ୍ଣ ପ୍ରାକୃତିକ ହୀରା ଆବିଷ୍କାର କରିବାର ସମୟ। ମୁଦି, କାନଫୁଲ, ନେକ୍‌ଲେସ୍, ବ୍ରେସ୍‌ଲେଟ୍ ଏବଂ ଅନ୍ୟାନ୍ୟ ବର୍ଗରେ ୧୦,୦୦୦ରୁ ଊର୍ଦ୍ଧ୍ୱ ଷ୍ଟାଇଲ୍ ସହିତ ଏହି ଉତ୍ସବ ଅବସରରେ ପ୍ରତ୍ୟେକଙ୍କ ପାଇଁ କିଛି ନା କିଛି ରହିଛି। ସର୍ବନିମ୍ନ ଏଭ୍ରିଡେ ପିସ୍‌ଠାରୁ ଆରମ୍ଭ କରି ଚମତ୍କାର ଷ୍ଟେଟମେଣ୍ଟ ଗହଣା ପର୍ଯ୍ୟନ୍ତ ବିକଳ୍ପ ଉପଲବ୍ଧ।


# Classified Everyday
0674-2580101, 9692975378


REAL ESTATE
SALE

**3BHK ready to move flat for sale at Jayadev Vihar Square, 2/4 BHK flat for sale at Hansapal Square, NH facing. Contact No.- 9437307086, 7008789347.** D-1241

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ **1300sqft. 5,80,000/-** ପ୍ଲଟ୍ ବିକ୍ରିହେବ। **9114705579.** D-76288

**Buy Or Sale Property: 8984071303 Wanted Yellow Zone Gharabari Land on Outright Basis, minimum 30' Road around Bhubaneswar for Simplex/ Duplex/ Apartment Projects for our Clients. Only Land Owner can Contact.** D-1258

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

ସ୍ଥିତିବାନ ଘରବାରି ପାଚେରି ପ୍ଲଟ୍ ବ୍ରାହ୍ମଣଝରିଲୋ। ନଖରାରୁ **5K.M 1500sqft.** କିଣି ଘର କରନ୍ତୁ। **7978947520** D-76283

**Duplex sale near AIIMS Hospital Bhubaneswar, apartment Sum Hospital. 9777433701.** D-76285

**Bhubaneswar Sum Hospital-2,** ତ୍ରିନାଥବଜାର ନିକଟରେ ଘରବାରି ପ୍ଲଟ୍ **1350sqft.** ଏବଂ **Cuttack Sri Sri University,** ତ୍ରିଶୁଳିଆରେ **1900sqft.**ରେ ଉପଲବ୍ଧ। **Whatsapp: 9437011506, 6371462496.** D-1257

**Commercial land sale Area 2047sqft. NH-57 Pitapalli, Bhubaneswar with boundarywall. 7008634668.** D-76287




**Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740.** D-75391




Newly open Jyoti SPA positively health benefits (expert therapist). 8458067955. D-76927

## LOST

ମଉଜା- ସିନ୍ଦୁରିଆ, କବଲା ନଂ.- 947/27.03.2002, କବଲା ନଂ.- 402 ଏବଂ 403/4.2.2000, କବଲା ନଂ.- 3129/13.07.1999, ପଟ୍ଟା ନଂ.- (R.O.R) 988/898 ଯାହାକି ରାହାସ ବିହାରି ସେଠୀଙ୍କ ନାମରେ ଅଛି। ଏସବୁ ଦସ୍ତାବିଜ ନୟାଗଡ଼ସ୍ଥିତ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ହଜିଯାଇଅଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଏହାକୁ ପାଆନ୍ତି ଦୟାକରି ଜଣାଇବାକୁ ଅନୁରୋଧ। Contact- ରାହାସ ବିହାରି ସେଠୀ, ମୋ- 9840609513, 8917242307. D-1254

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

I, Pranab Bhusan Pattanaik, S/o- Late Anirudha Pattnaik, resident of Flat No.- J/212, Trident Galaxy Apartment, Kalinganagar, P.S.- Khandagiri, Bhubaneswar, Dist.- Khorda, PIN- 751003, Odisha declare by this affidavit No.- 77AA306781, dated- 30.06.2025. That now onwards I shall be known as Pranab Bhusan Pattnaik for all future purposes. D-1261

By virtue of an affidavit sworn before Executive Magistrate, Athagarh, dated- 10.07.2025, I Sumitra W/o- Prasanna Kumar Moharana permanent resident of Vill- Malabiharpur, P.O.- Kadalibadi, P.S.- Banki, Dist.- Cuttack, PIN- 754029, Odisha declare that I have changed my name from Sumitra Maharana to Sumitra Moharana. My husband name Prasanna Moharana to Prasanna Kumar Moharana. Henceforth, I shall be known as Sumitra Moharana for all purposes.
Sumitra Moharana D-1255

I, JIBANANANDA MAHANTA, S/o- Ananta Charan Mahanta, At/ P.O.- Chauthia, P.S.- Baria, Dist.- Keonjhar- 758044 declare by affidavit No.- 8045, dt. 11.07.25 before Executive Magistrate, Cuttack. That I have changed my name JIBANANANDA ANANTA MAHANTA to JIBANANANDA MAHANTA. Henceforth, I shall be known as JIBANANANDA MAHANTA for all purposes. D-1262

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Boudh, No.-1014, date 10.07.25, I Arati Kumari Agrawala, W/o- Anand Kumar Agrawala, R/o. Village/P.O./P.S.- Brajarajnagar, Dist.- Jharsuguda declare that I have changed my name from Arati Kumari Ram to Arati Kumari Agrawala. Henceforth, I shall be known as Arati Kumari Agrawala for all purposes.
Arati Kumari Agrawala D-1252

I, Jibanananda Mahanta, S/o- Ananta Charan Mahanta, At/P.O.- Chauthia, P.S.- Baria, Dist.- Keonjhar-758044 declare by affidavit No.- 8044, dt. 11.07.25 before Executive Magistrate, Cuttack. That I have changed my son name SAI ANAND MAHANTA to SAI SHREYANSH. Henceforth, he will be known as SAI SHREYANSH for all purposes. D-1263

By virtue of an affidavit sworn before the Court of Executive Magistrate, Nayagarh, dt. 09.07.2025, I, Sunil Kumar Das, Son of Ghanashyam Das, Village- Khamarisahi, P.O.- Similisahi, P.S./ Dist.- Nayagarh, PIN- 752070 declare that I have changed my son's name from Rajendra Das to Rajendra Kumar Das. Henceforth, he shall be known as Rajendra Kumar Das for all purposes. D-1253

By virtue of an affidavit sworn before Executive Magistrate, Nayagarh, dtd. 08.07.2025, I, Sapana Mohanty, W/o- Gangadhar Mohanty, At- Nuapalli, P.O.- Durdura, P.S./ Dist.- Nayagarh-752094 declare that I have changed my daughter's name from Sunita Mohanty to Swanita Mohanty. Henceforth, she shall be known as Swanita Mohanty for all purposes. D-1250

## LEGAL NOTICE

ମାନ୍ୟବର ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ, ରିଭିଜନାଲ୍ କୋର୍ଟ ନଂ.-୩, ଭୁବନେଶ୍ୱର ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ, ଭୁବନେଶ୍ୱର
କେସ୍ ନଂ. ଓ.ଏସ୍. ଏସ୍. ୧୦୪୬/୨୦୨୩
ଲିଙ୍ଗରାଜ ନାୟକ ଓ ଅନ୍ୟାନ୍ୟ ....ବାଦୀ
ବନାମ
ତହସିଲଦାର, ଭୁବନେଶ୍ୱର ଓଗେର ....ପ୍ରତିବାଦୀ
ନୋଟିସ ଅର୍ଡର ନଂ.୫, ରୁଲ୍-୨୦ ସି.ପି.ସି. ମୁତାବକ
୧. ବନ୍ଦନା ନାୟକ, ପିତା: ନରହରି ବିଶ୍ୱାଳ, ସ୍ଥାନ: ସାନ୍ତପଡ଼ା, ପୋ/ଥାନା: ସୋର, ଜିଲ୍ଲା: ବାଲେଶ୍ୱର, ୨. ଲକ୍ଷ୍ମୀଧର ନାୟକ, ପିତା: ପରମାନନ୍ଦ ନାୟକ, ସ୍ଥାନ: ପାଠପୁର, ପୋ/ଥାନା: ବାଙ୍କି, ଜିଲ୍ଲା: କଟକ, ୩. ଭ୍ରମର ନାୟକ, ପିତା: ବୁଧି ନାୟକ, ୪. ଦୈତାରୀ ସାହୁ, ପିତା: ମଣି ସାହୁ, ୫. ବୈରାଗୀ ସାହୁ, ପିତା: ମଣି ସାହୁ, ୬. ଶଙ୍କର ସାହୁ, ପିତା: ମଣି ସାହୁ, ୭. ଚକ୍ରଧର ସାହୁ, ପିତା: ମଣି ସାହୁ, ୮. ଲଛମନ ସାହୁ, ପିତା: ମଣି ସାହୁ କ୍ର.ନଂ.୩ ରୁ ୮ ସମସ୍ତଙ୍କ ଠିକଣା: ସ୍ଥାନ/ପୋ: ଗାଡ଼କଣ, ଥାନା: ମଞ୍ଚେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଭୁବନେଶ୍ୱର ....ପ୍ରତିବାଦୀମାନେ
ଏତଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଅଛି କି ଆପଣମାନଙ୍କ ନାମରେ ବାଦୀ ଶ୍ରୀ ଲିଙ୍ଗରାଜ ନାୟକ ଓ ଅନ୍ୟମାନେ ଆପଣଙ୍କୁ ପ୍ରତିବାଦୀ କରି ଉକ୍ତ ମକଦ୍ଦମା ଉକ୍ତ କୋର୍ଟରେ ଦାଖଲ କରିଅଛନ୍ତି। ଯାହାଦ୍ୱାରା ଆପଣମାନଙ୍କୁ ବାରମ୍ବାର ପୋଷ୍ଟାଲ ମାଧ୍ୟମରେ ନୋଟିସ ପଠାଯାଉଥିଲେ ମଧ୍ୟ ତାହା ପୁନଃ ଫେରିଆସୁଛି। ଯେଉଁଥିପାଇଁ ମକଦ୍ଦମା ଅଯଥା ଗଡୁଅଛି। ଶେଷରେ କୋର୍ଟ ଆପଣଙ୍କ ଅବଗତି ନିମନ୍ତେ ଏହି ବିଜ୍ଞାପନ ଦ୍ୱାରା ତା୨୨।୦୭।୨୫ରିଖକୁ ମକଦ୍ଦମାର ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ଏଣୁ ଆପଣମାନେ କିମ୍ବା ଆପଣମାନଙ୍କ କ୍ଷମତାଧାରୀ ଅଧିବକ୍ତାଙ୍କ ଦ୍ୱାରା ଉକ୍ତ ମକଦ୍ଦମାକୁ ଉକ୍ତ ଦିନ ତଦ୍‌ବିର କରିବା ହେବେ। ଅନ୍ୟଥା କୋର୍ଟ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି କରି ନ୍ୟାୟ ପ୍ରଦାନ କରିବାକୁ ବାଧ ହେବେ।
ଜମିର ବିବରଣୀ:
ମୌଜା: ଗାଡ଼କଣ, ଥାନା: ମଞ୍ଚେଶ୍ୱର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ସାବିକ ଖାତା ନଂ.-୯୨୬, ପ୍ଲଟ୍ ନଂ.- ୪୭୫୩, ଏରିଆ- ଏ୦.୧୦ ଡିସିମିଲ (ସମୁଦାୟ ଏ୦.୩୩୦ ଡିସିମିଲରୁ), ସାବିକ ଖାତା ନଂ.- ୯୨୬, ପ୍ଲଟ୍ ନଂ.- ୪୭୫୪, ଏରିଆ- ଏ୦.୪୦ ଡିସିମିଲ (ସମୁଦାୟ ଏ୦.୬୮୦ ଡିସିମିଲରୁ), ସମୁଦାୟ ଏରିଆ- ଏ୦.୫୦ ଡିସିମିଲ।
ହାଲ୍ ଖାତା ନଂ.- ୩୮୮୭, ପ୍ଲଟ୍ ନଂ.- ୮୧୨୯, ଏରିଆ- ଏ୦.୫୦ ଡିସିମିଲ, (ସମୁଦାୟ ଏରିଆ ଏ୦.୨୧୫ ଡିସିମିଲରୁ)।
ଭୁବନେଶ୍ୱର
ତାରିଖ: ୨୮।୦୫।୨୫
ଅତିରିକ୍ତ ଆୟୁକ୍ତ ରିଭିଜନାଲ୍ କୋର୍ଟ-୩
ସ୍ୱା./- କୋର୍ଟ ଅଧିକାରୀ
ଧ-୧୨୪୯

## ମନେ ପଡ଼ନ୍ତି

### ଏକାଦଶାହ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ରମାକାନ୍ତ ସାହୁ
ଜଗନ୍ନାଥ ପ୍ରସାଦ, ସମ୍ବଲପୁର
ଆବିର୍ଭାବ : ୦୧.୧୦.୧୯୫୧
ତିରୋଧାନ : ୧୪.୦୭.୨୦୧୪
(ଶ୍ରାବଣ ଦ୍ୱିତୀୟା)
ତୁମର ଅନୁପସ୍ଥିତି ଆମେ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ, ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶଦ୍ଧାଭାବ, ଆମ ପ୍ରେରଣାର ଉତ୍ସ ହେଉ। ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତୁମ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ।
ଧ-୧୨୬୦

### ଏକାଦଶାହ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ରଜନୀକାନ୍ତ ସାହୁ
ଜଗନ୍ନାଥ ପ୍ରସାଦ, ସମ୍ବଲପୁର
ଆବିର୍ଭାବ : ୦୨.୦୪.୧୯୬୩
ତିରୋଧାନ : ୧୪.୦୭.୨୦୧୪
(ଶ୍ରାବଣ ଦ୍ୱିତୀୟା)
ତୁମର ଅନୁପସ୍ଥିତି ଆମେ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ, ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶଦ୍ଧାଭାବ, ଆମ ପ୍ରେରଣାର ଉତ୍ସ ହେଉ। ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତୁମ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ।
ଧ-୧୨୫୯

### ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପ୍ରଭାତ କୁମାର ବେହେରା (ଶିକ୍ଷକ)
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
କଡ଼ାମଲ୍ଲ, ବାଙ୍କୀ, କଟକ
ଆବିର୍ଭାବ: ୮।୨।୧୯୮୨
ତିରୋଧାନ: ୨।୮।୨୦୧୫
ଚାହୁଁ ଚାହୁଁ ଆପଣ ଧରାପୃଷ୍ଠ ଛାଡି ଯିବାର ଦଶ ବର୍ଷ ବିତିଗଲାଣି।ପ୍ରତିଟି ମୁହୂର୍ତ୍ତ ତୁମର ଅନୁପସ୍ଥିତି ଆମେ ଅନୁଭବ କରୁଛୁ। ଆପଣଙ୍କ ଅଦୃଶ୍ୟ ହାତର ଆଶୀର୍ବାଦ ଆମ ମଥା ଉପରେ ସେମିତି ଝରି ପଡୁଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାର: ଅତି ଆପଣାର ପତ୍ନୀ: ସବିତା, ଝିଅ: ଶୁଭସ୍ମିତା, ଭଉଣୀ: ଲିପା ଏବଂ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ।
ଧ-୧୨୫୧

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୧୧।୭

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୯୦ (୬୮୯.୮୧) ପଏଣ୍ଟ ହ୍ରାସ ଘଟି ୮୨,୫୦୦ (୮୨,୫୦୦.୪୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୦୫(୨୦୫.୪୦) ପଏଣ୍ଟ କମି ୨୫,୧୫୦ (୨୫,୧୪୯.୮୫) ଅଙ୍କରେ କାରବାର ଶେଷ ହୋଇଥିଲା।

# ବାୟରର ନୂତନ ଉତ୍ପାଦ

ଭୁବନେଶ୍ୱର,୧୧।୭

ବାୟରର ନୂତନ ଉତ୍ପାଦ ତଥା ଅଭିନବ ଫଙ୍ଗିସାଇଡ୍ ଫେଲୁଜିଟ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହାକୁ ଧାନ ଫସଲରେ ପତ୍ରଛଡା ପୋଡ଼ା ରୋଗ (ସିଥ୍ ବ୍ଲାଇଟ) ବିରୋଧରେ ଗଛର ସମସ୍ତ ଅଂଶକୁ ସୁରକ୍ଷା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ସେହିଭଳି ଏହି ଉତ୍ପାଦ ଚଳିତ ଜୁଲାଇରୁ ଦେଶର ପ୍ରମୁଖ ଧାନ ଉତ୍ପାଦନକାରୀ ରାଜ୍ୟଗୁଡିକରେ ଉପଲବ୍ଧ ହେବ। ଏପରିକି କୀଟ ଓ ରୋଗଗୁଡିକର ବଢୁଥିବା ବିପଦ ସହ କୃଷିକ୍ଷେତ୍ର ସଂଘର୍ଷ କରୁଥିବାବେଳେ ଏହାର ସମାଧାନ ପାଇଁ ଫେଲୁଜିଟ୍, ପେନ୍‌ଫ୍ଲୁଫେନ ଓ ଟେବୁକୋନାଜୋଲକୁ ମିଶ୍ରଣ କରିଛି। ବାୟର କ୍ରପ୍ ସାଇନ୍ସ ଡିଭିଜନର କ୍ଲଷ୍ଟର କମର୍ସିଆଲ ଲିଡ୍ ମୋହନବାବୁ କହିଛନ୍ତି, ଫେଲୁଜିଟ୍ ହେଉଛି କୃଷକଙ୍କ ପାଇଁ ଏକ ଅତ୍ୟଧିକ ପ୍ରଭାବଶାଳୀ ସମାଧାନ। ଯାହା ସିଥ୍ ବ୍ଲାଇଟ ଉପରେ ଚମତ୍କାର ନିୟନ୍ତ୍ରଣ ପ୍ରଦାନ କରିଥାଏ। କୃଷକଙ୍କ କୃଷି ଅଭ୍ୟାସଗୁଡିକୁ ଶୃଙ୍ଖଳିତ କରିଥାଏ। ବିଶ୍ୱ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଧାନର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି ଆମର ଉଦ୍ଭାବନ କୃଷକଙ୍କୁ କମ୍ ପ୍ରୟୋଗ ସହିତ ପ୍ରଭାବୀ ରୂପେ ରୋଗ ପରିଚାଳନା କରିବା, ନିଜର ସଂଶୋଧନକୁ ଉନ୍ନତ କରିବା ଏବଂ ବର୍ଦ୍ଧିତ କୃଷି ଆହ୍ୱାନ ମଧ୍ୟରେ ସେମାନଙ୍କର ଲାଭ ବୃଦ୍ଧି କରିବା ପାଇଁ ସଶକ୍ତ କରିଥାଏ।

# ଏଫ୍‌ଆଇଏମ୍‌ଏଏଫ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୧୧।୭

ଫ୍ରାଙ୍କଲିନ୍ ଟେମ୍ପଲେଟନ(ଇଣ୍ଡିଆ)ର ବହୁ ପ୍ରତୀକ୍ଷିତ ତଥା ବହୁବିଧ ଆସେଟ୍ ଆବଣ୍ଟନକାରୀ ଫଣ୍ଡ 'ଫ୍ରାଙ୍କଲିନ୍ ଇଣ୍ଡିଆ ମଲ୍ଟି ଆସେଟ ଆଲୋକେଶନ ଫଣ୍ଡ (ଏଫ୍‌ଆଇଏମ୍‌ଏଏଫ୍)ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ସୁଚିନ୍ତିତ ଭାବେ ପରିଚାଳିତ ଏହି ଫଣ୍ଡ ଡେବଟ୍, ମନି ମାର୍କେଟ ଇନ୍‌ଷ୍ଟ୍ରୁମେଣ୍ଟ ଏବଂ କମୋଡିଟିଜରେ ଆବଣ୍ଟନ ଦ୍ୱାରା ସମର୍ଥିତ ସମସ୍ତ ବୃହତ୍, ମଧ୍ୟମ ଏବଂ କ୍ଷୁଦ୍ର କ୍ୟାପ ବର୍ଗଗୁଡିକରେ ଅଭିବୃଦ୍ଧି ଏବଂ ମୂଲ୍ୟଗତ ରଣକୌଶଳର ସମ୍ମିଶ୍ରଣରେ ଇକ୍ୱିଟିଗୁଡିକରେ ନିବେଶ ଦ୍ୱାରା ଦୀର୍ଘସୂତ୍ରୀ ପୁଞ୍ଜି ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଏହି ନ୍ୟୁ ଫଣ୍ଡ ଅଫର ୨୦୨୫ ଜୁଲାଇ ୨୫ ରେ ବନ୍ଦ ହେବ। ଯେଉଁ ସମୟ ମଧ୍ୟରେ ୟୁନିଟ୍‌ଗୁଡିକ ପ୍ରତି ୟୁନିଟ୍ ପିଛା ୧୦ଟଙ୍କା ମୂଲ୍ୟରେ ଉପଲବ୍ଧ ହେବ। ଫ୍ରାଙ୍କଲିନ୍ ଟେମ୍ପଲେଟନ ଇଣ୍ଡିଆର ପ୍ରେସିଡେଣ୍ଟ ଅବିନାଶ ସତୱାଲେକର କହିଥିଲେ, ଏହି ଫଣ୍ଡର ପ୍ରଚଳନ ବା ଶୁଭାରମ୍ଭକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମ ଗ୍ରାହକମାନଙ୍କର ଅଗ୍ରାଧିକାର ବିଷୟ, ଲକ୍ଷ୍ୟ ସମୂହ ଏବଂ ଚାଲେଞ୍ଜଗୁଡିକ ସମ୍ପର୍କରେ ବୁଝିବା ଏବଂ ସେମାନଙ୍କର ଦୀର୍ଘ ସୂତ୍ରୀ ଆର୍ଥିକ ଲକ୍ଷ୍ୟଗୁଡିକ ମୁତାବକ ସମାଧାନ ଯୋଗାଇଦେବାକୁ ଆମର ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି।

# ରାତିଅଧରେ ଗାଁକୁ ମାଡ଼ିଆସିଲା କେନାଲ ପାଣି

**ଭଦ୍ରକ,୧୧।୭ (ସନାତନ ରାଉତ)**

ରାତି ଅଧରେ ଗାଁକୁ ମାଡ଼ିଆସିଲା କେନାଲ ପାଣି। ରାସ୍ତାଘାଟ ଜଳମଗ୍ନ ହେବା ସହ ଲୋକଙ୍କ ଘରେ ପାଣି ସୁଅ ଚାଲିଲା। ଗାଁରେ ସୃଷ୍ଟି ହେଲା କୃତ୍ରିମ ବନ୍ୟା। ଗୁରୁବାର ରାତିରେ ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ରାହାଞ୍ଜା ପଞ୍ଚାୟତର ଗର୍ଦ୍ଧନପୁର ଗାଁରେ ଏଭଳି ଘଟଣା ଦେଖିବାକୁ ମିଳିଛି। ରାତିରେ ବିନା ସୂଚନାରେ ହଦଗଡ଼ ଡ୍ୟାମ୍‌ରୁ କେନାଲକୁ ପାଣି ଛଡ଼ାଯିବାରୁ ଏପରି ସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି।



କେନାଲ ପାଣି ମାଡ଼ି ଭଦ୍ରକ ବ୍ଲକର ଗର୍ଦ୍ଧନପୁର ଗାଁ ଜଳମଗ୍ନ ହୋଇଛି।

ପ୍ରକାଶ ଯେ, ୧୬ନଂ. ଜାତୀୟ ରାଜପଥର ରାଣୀତାଲରୁ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବାଲିଖଣ୍ଡକୁ ଯାଇଥିବା ରାସ୍ତାର ରାଣୀତାଲ କେନାଲ ଉପରେ ପୁରୁଣା ପୋଲକୁ ଭଙ୍ଗାଯାଇ ନୂଆ ପୋଲ ନିର୍ମାଣ କରାଯାଇଛି। ୧ କୋଟି ୯୮ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ଗତ ଏପ୍ରିଲରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ନିର୍ମାଣ ବେଳେ ଯାତାୟାତ ପାଇଁ କେନାଲ ମଝିରେ ମାଟିବନ୍ଧ ପକାଇ ଡାଇଭର୍ସନ କରାଯାଇଥିଲା। ନିର୍ମାଣ କାର୍ଯ୍ୟରେ ବିଳମ୍ବ ହୋଇଥିଲେ ମଧ୍ୟ କିଛିଦିନ ତଳେ କାର୍ଯ୍ୟ ଶେଷ ହୋଇଛି। କିନ୍ତୁ ଠିକାଦାର କେନାଲରେ ହୋଇଥିବା ଡାଇଭର୍ସନ ମାଟିବନ୍ଧକୁ ସଫା କରି ନ ଥିଲେ। ଫଳରେ ସ୍ଥାନୀୟ ଗର୍ଦ୍ଧନପୁର ଗାଁକୁ କେନାଲ ପାଣି ମାଡ଼ିଯାଇଥିଲା।

# 'ଅସ୍ତ୍ର'ର ସଫଳ ପରୀକ୍ଷଣ



**ବାଲେଶ୍ୱର, ୧୧।୭ (ବାଞ୍ଛାନିଧି ଦେ)**

ଡିଆରଡିଓ ଏବଂ ଭାରତୀୟ ବାୟୁସେନାର ମିଳିତ ଉଦ୍ୟମରେ ସୁ-୩୦ ଏମ୍‌କେ-ଆଇ ଯୁଦ୍ଧ ବିମାନରୁ ଶୁକ୍ରବାର 'ଅସ୍ତ୍ର'ର ସଫଳ ପରୀକ୍ଷଣ ହୋଇଛି। ଏହି କ୍ଷେପଣାସ୍ତ୍ରରେ ସ୍ୱଦେଶୀ ରେଡିଓ ଫ୍ରିକ୍ୱେନ୍ସି ସିକର୍ ବ୍ୟବହାର କରାଯାଇଛି। ଦୃଶ୍ୟମାନ ପରିଧିଠାରୁ ବାହାରେ ଆକାଶମାର୍ଗରୁ ଆକାଶମାର୍ଗକୁ ଲକ୍ଷ୍ୟଭେଦ କରିପାରୁଥିବା (ବିଭିଆର୍‌ଏଏମ୍) 'ଅସ୍ତ୍ର' ପରୀକ୍ଷଣ ସମୟରେ ଭିନ୍ନ ଭିନ୍ନ ସ୍ତର, ଦିଗ, ଉତ୍କ୍ଷେପଣ ପରିସ୍ଥିତିରେ ଥିବା ଦୁଇଟି ମାନବବିହୀନ ଆକାଶମାର୍ଗ ଲକ୍ଷ୍ୟକୁ ଭେଦ କରିବା ଲାଗି ଦୁଇଟି କ୍ଷେପଣାସ୍ତ୍ରକୁ ପ୍ରୟୋଗ କରାଯାଇଥିଲା। ଉଭୟ କ୍ଷେତ୍ରରେ କ୍ଷେପଣାସ୍ତ୍ରଗୁଡ଼ିକ ଠିକ୍ ଭାବେ ଲକ୍ଷ୍ୟଗୁଡ଼ିକୁ ଧ୍ୱଂସ କରିଥିଲା। ପରୀକ୍ଷଣ ସମୟରେ ସମସ୍ତ ଉପପ୍ରଣାଳୀ ଆଶାନୁଯାୟୀ କାର୍ଯ୍ୟ କରିଥିଲା। ଏହାକୁ ଡିଆରଡିଓ ଦ୍ୱାରା ଡିଜାଇନ ଏବଂ ବିକଶିତ କରାଯାଇଛି। ଚାନ୍ଦିପୁରର ସମନ୍ୱିତ ପରୀକ୍ଷଣ ରେଞ୍ଜ ଟ୍ରାକିଂ ଉପକରଣ ଦ୍ୱାରା କଏଦ ହୋଇଥିବା ଉଡ଼ାଣ ତଥ୍ୟ ମାଧ୍ୟମରେ 'ଅସ୍ତ୍ର' ଯୁଦ୍ଧାସ୍ତ୍ର ପ୍ରଣାଳୀର ତ୍ରୁଟିହୀନ କାର୍ଯ୍ୟଦକ୍ଷତାକୁ ଯାଞ୍ଚ କରାଯାଇଥିଲା। ଅସ୍ତ୍ର ବିଭିଆର୍‌ଏଏମ୍ ୧୦୦ କି.ମି.ରୁ ଅଧିକ ଦୂରରେ ଥିବା ଲକ୍ଷ୍ୟଭେଦ କରିବାକୁ ସକ୍ଷମ। ଏହି ଅସ୍ତ୍ର ପ୍ରଣାଳୀକୁ ସଫଳ ଭାବେ ନିର୍ମାଣ କରିବା ଲାଗି ଡିଆରଡିଓର ବିଭିନ୍ନ ପ୍ରୟୋଗଶାଳା, ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ ସମେତ ୫୦ରୁ ଅଧିକ ସରକାରୀ ଓ ଘରୋଇ ଶିଳ୍ପସଂସ୍ଥା ସଂଶ୍ଳିଷ୍ଟ ଅଛନ୍ତି। ତେବେ ଅସ୍ତ୍ରର ସଫଳ ପରୀକ୍ଷଣକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ, ଆଇଏଏଫ୍ ଏବଂ ସମ୍ପୃକ୍ତ ଶିଳ୍ପ ସଂସ୍ଥାଗୁଡ଼ିକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ସ୍ୱଦେଶୀ ଆରଏଫ୍ ସିକର୍ ସହିତ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ହାସଲ କ୍ଷେତ୍ରରେ ଏକ ପ୍ରମୁଖ ମାଇଲଖୁଣ୍ଟ। ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗର ସଚିବ ଏବଂ ଡିଆର୍‌ଡିଓର ଅଧ୍ୟକ୍ଷ ଡ. ସମୀର ଭି. କାମତ ସଫଳ ଉଡ଼ାଣ ପରୀକ୍ଷଣରେ ସାମିଲ ସମସ୍ତ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# ସର୍ବାଧିକ ୧୦ ପ୍ରଦୂଷିତ ସହର ମଧ୍ୟରେ ତାଳଚେର, ରାଉରକେଲା

**ନୂଆଦିଲ୍ଲୀ,୧୧।୭(ପି.ଟି.)**

ଦେଶର ସବୁଠୁ ପ୍ରଦୂଷିତ ୧୦ ସହର ମଧ୍ୟରେ ଓଡ଼ିଶାର ତାଳଚେର ଓ ରାଉରକେଲା ରହିଛି। ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ୍ ଏୟାର(ସିଆରଇଏ) ପକ୍ଷରୁ କରାଯାଇଥିବା ଏକ ବିଶ୍ଳେଷଣ ଅନୁଯାୟୀ ସର୍ବାଧିକ ପ୍ରଦୂଷିତ ସହର ତାଲିକାର ଶୀର୍ଷରେ ଆସାମ-ମେଘାଳୟ ସୀମାନ୍ତ ବିର୍ନିହାଟ ରହିଥିବାବେଳେ ଦ୍ୱିତୀୟ ସ୍ଥାନରେ ଦିଲ୍ଲୀ ରହିଛି। ଅନ୍ୟ ପ୍ରଦୂଷିତ ସହରଗୁଡ଼ିକ ହେଲା ହାଜିପୁର (ବିହାର), ଉତ୍ତରପ୍ରଦେଶର ଗାଜିଆବାଦ, ହରିୟାଣାର ଗୁରୁଗ୍ରାମ, ବିହାରର ସାସାରାମ, ପାଟନା ଓ ରାଜଗିର। ମିଜୋରାମର ଆଇଜଲ ବର୍ଷ ପ୍ରଥମାର୍ଦ୍ଧରେ ସବୁଠୁ ସ୍ୱଚ୍ଛ ସହର ରହିଥିଲା। ସିଆରଇଏ ପକ୍ଷରୁ କୁହାଯାଇଛି ଯେ, ଜାନୁଆରୀରୁ ଜୁନ୍ ମଧ୍ୟରେ ୨୯୩ ସହର ମଧ୍ୟରୁ ୨୩୯ ସହରର ୮୦ ପ୍ରତିଶତ ପର୍ଟିକୁଲେଟ୍ ମ୍ୟାଟର (ତଥ୍ୟ) ଉପଲବ୍ଧ ହୋଇଛି।୨୩୯ରୁ ୧୨୨ ସହରରେ ବାର୍ଷିକ ଜାତୀୟ ପରିବେଶ ବାୟୁ ଗୁଣବତ୍ତା ମାନ (ଏନ୍‌ଏକ୍ୟୁଏସ୍) ଘନମିଟର ପ୍ରତି ୪୦ ମାଇକ୍ରୋଗ୍ରାମରୁ ଅଧିକ ରହିଥିବାବେଳେ ୧୧୭ ସହରରେ ଏହା କମ୍ ରହିଛି।

---

## OFFICE OF THE SUPERINTENDENT, C.H.C. SAKHIGOPAL, PURI

### TENDER NOTICE

Sealed Tenders are invited from the interested parties for supply of diet to the indoor patients, NRC Mother & PMSMA Programme at Sakhigopal CHC. One Breakfast, One Lunch & One Dinner (Details Given Below) by Dt.31.07.2025. The Tenders will be submitted in sealed Covers to Superintendent CHC, Sakhigopal or to his office during the official hours. The lowest bidders to RKS will be given priority. The Tenders will be opened before the Diet Committee on Dt.31.07.2025, Thursday at 12.00 Noon.

| Diet Rate | DIET MENU |
|---|---|
| General Diet Rs.110/- | Breakfast |
| Pediatrics Diet Rs.95/- | Lunch |
| High Protein Diet Rs.120/- | Dinner |
| Dray Diet Rs.95/- | |
| Liquid Diet Rs.110/- | |

Sd./- Superintendent,
C.H.C.Sakhigopal, Puri
Member Secretary, RKS, Sakhigopal

---

## OFFICE OF THE ENGINEER-IN-CHIEF RURAL WATER SUPPLY & SANITATION

JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA
Tel : 0674-2395734, Fax : 0674-2394946, e-mail : cerwssodisha@gmail.com

### NOTICE INVITING BIDS (NIB)

No.8619/Date : 11.07.2025

**No.O-423 :** The Engineer-in-Chief, RWSS, Odisha, Bhubaneswar, Jal-O-Parimal Bhawan, Unit-V, Bhubaneswar-751001, Odisha on behalf of the Government of Odisha in Panchayat Raj and Drinking Water Department invites bids through e-Procurement in conformity with terms and conditions of the Detailed Tender Call Notice (DTCN) in double cover system for the following work. The bids should be submitted on-line in website www.tendersodisha.gov.in by eligible reputed registered manufacturing agencies/Authorized Distributor/Dealer having sufficient experience in similar type of works. The bidder should have the necessary portal Enrolment (with his own Digital Signature Certificate).

| Sl. No. | Name of the Rural Water Supply Project | Bid Identification No | Cost of Bid document (in Rs.) Online | Availability of Bid document for online Bidding | |
|---|---|---|---|---|---|
| | | | | From | To |
| 1 | Supply and delivery of 5 Nos. Truck mounted Mobile Water Treatment Plant having 2000 ltrs/hr. capacity for treating turbid/flood water/brackish water and make it potable on spot, disinfection through ozonation including provision of polythene pouch marking facility of 4000 pouch/hr capacity (Polyethylene thickness not less than 50 micron) with operation and maintenance for 05-years. | EIC/RWSS/ 05/2025-26 | 10,000 | 5.00 P.M. of 14.07.2025 | 5.00 P.M. of 29.07.2025 |

Name & address of officer inviting Bid : Engineer-in-Chief, RWSS
Jal "O: Parimal Bhawan, Unit-V, Bhubaneswar, Ph : 0674-2395734/0674-2531533
e-mail : cerwssodisha@gmail.com

Further details can be seen from the e-procurement portal http://tendersodisha.gov.in

Sd./- Engineer-in-Chief, RWSS

OIPR-25003/11/0026/2526

---

## DEPUTY DIRECTOR, NANDANKANAN ZOOLOGICAL PARK

P.O. - BARANG, DIST. - KHURDA, PIN - 754005
PHONE - (M) 9437022023
Email : deputydirector.kanan@gmail.com
NANDANKANAN
Web : www.nandankanan.org

No.MM-119 **e-PROCUREMENT NOTICE**

**Tender No. DD-NKN- 16/PMU/NKZP-2025-26 Dt. 09.07.2025**

| | | |
|---|---|---|
| 1 | Name of the work | CONSTRUCTION FOR GREATER ADJUTANT STROK ENCLOSURE UNDER THE THEME NORTH EAST PANORAMA INSIDE NANDANKANAN ZOOLOGICAL PARK |
| 2 | No. of works | 1 (one) no. |
| 3 | Date of availability of bid document in the portal | 11.07.2025 |
| 4 | Last date for receipt of bids in the portal | 24.07.2025 up to 5.00 P.M. |
| 5 | Date of opening of Technical Bid (Cover-I) | 25.07.2025 at 11.00 A.M. |
| 6 | Name & Address of Officer Inviting Tender (OIT) | Deputy Director, Nandankanan Zoological Park, P.O. - Barang, Dist. - Khorda, Pin - 754005 |

Further details can be seen from the e-procurement portal https//tendersodisha.gov.in.

Sd./- Deputy Director
Nandankanan Zoological Park

OIPR-08070/11/0095/2526

---

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨

ସଂଖ୍ୟା: ୧୩୦୦୩/IND-II-PH-୧୨୭୫ ତାରିଖ: ୧୦।୦୭।୨୦୨୫

### ବିଜ୍ଞାପନ

No. CAD-1100: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ଅଲଟ୍ରାଟେକ୍ ସିମେଣ୍ଟ ଲିମିଟେଡ୍, ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା, କିର୍ମିରା ତହସିଲ ଅନ୍ତର୍ଗତ ପୋଷ୍ଟ: ଆର୍ଡା, ଧୁଟ୍ରା ଗ୍ରାମସ୍ଥିତ ଝାରସୁଗୁଡ଼ା ସିମେଣ୍ଟ ୱାର୍କ୍ସ ୟୁନିଟଠାରେ ନୂତନ ଲାଇନ-II (୩.୦ ନିୟୁତ ଟିପିଏ) ସ୍ଥାପନ ଦ୍ୱାରା ସିମେଣ୍ଟ ଉତ୍ପାଦନ କ୍ଷମତାକୁ ୫.୧ ନିୟୁତ ଟିପିଏରୁ ୮.୧ ନିୟୁତ ଟିପିଏକୁ ବୃଦ୍ଧି କରିବା ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ (MoEF & CC), ଭାରତ ସରକାରଙ୍କ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୪।୦୮।୨୦୨୫ରିଖ ଦିବା ୧୧.୦୦ ଘଟିକା ସମୟରେ ଝାରସୁଗୁଡ଼ା ଜିଲ୍ଲା, ଅର୍ଡା ମୌଜାସ୍ଥିତ ଖାତା ନଂ. ୬୧୯ (ରକ୍ଷିତ), ପ୍ଲଟ ନଂ. ୪୭୭୩(ପି), ୦.୮୦ ଏକର ଅଞ୍ଚଳ, ଗୋଚର କିସମଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଝାରସୁଗୁଡ଼ା।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ,ଝାରସୁଗୁଡ଼ା।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର - ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଝାରସୁଗୁଡ଼ା।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **https://ospcboard.odisha.gov.in**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଝାରସୁଗୁଡ଼ା ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସଦସ୍ୟ ସଚିବଙ୍କ ଆଦେଶ ଅନୁଯାୟୀ
ସ୍ୱା./- ମୁଖ୍ୟ ପରିବେଶ ଯନ୍ତ୍ରୀ

OIPR-08012/11/0301/2526

---

No.CAD-1055

idco | ODISHA NEW OPPORTUNITIES

## OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR

Tender Call Notice No. BBSR/ELECT-II/E-371/25-26/1660 Dated : 07.07.2025

### NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

1. **Name of the work** : Supply, Installation, Testing and commissioning of 500 KVA, 11/0.4 KV plinth mounted Distribution Transformer for 3rd Boys Hostel of OUTR, Ghatikia, Bhubaneswar

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID. No. BBSR/ ELECT-II/e-21/25-26 | 14.07.2025 at 12.00 Hrs. | 22.07.2025 at 16.00 Hrs. |

Further details can be seen from the e-procurement portal, www.tendersorissa.gov.in. Corrigendum or Addendum if any will not be published in newspapers and can be seen **in the e-procurement portal** as well as in **IDCO website**.

Sd./- Divisional Head (Elect-II)
IDCO, Bhubaneswar

OIPR-14003/11/0196/2526

---

## OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION

At: Matiagarh Chhaka, P.O.: K. Jashipur, Dist.: Mayurbhanj, Odisha - 757091
Tel.: 06797-295030, Email: dfo.similipalnorthwl@odisha.gov.in / ddsimilipalnorth@gmail.com

### NOTICE

**Order No. 79** **Dated: 10.07.2025**

No. MM-121: As per Notice No. 123, Dtd.29.06.2025 of the Director, Similipal Tiger Reserve-cum-Regional Chief Conservator of Forests, Baripada that Similipal Tiger Reserve closed from 01.07.2025 for the Monsoon season. Further, the following Forest Rest House under Similipal North WL Division, Jashipur are hereby closed with effect from 11.07.2025 for necessary repair and maintenance work, until further orders.

| Sl. No. | Name of the Range | Name of the Forest Rest House | Closed From |
|---|---|---|---|
| 1 | Gurguria WL Range | Gurguria Forest Rest House | Closed from 11.07.2025 |
| 2 | Ecotourism Range | Khairi Forest Rest House (Khairi Niwas) | Closed from 11.07.2025 |

Sd./- (Sri Prashant Patel, IFS)
Deputy Director
Similipal (North WL Division, Jashipur)

OIPR-08133/11/0020/2526

---

## EXPRESSION OF INTEREST

**No.PP-26 : "EOI"** for installation of permanent lighting system at **Odisha Crafts Museum-Kalabhoomi.**

For details of EOI & TOR etc. Please visit the websites **www.sidacodisha.org.in** or **www.odishacraftsmuseum.odisha.gov.in**. The last date for submission of EOI in the office of SIDAC, Handicrafts Complex, Gandamunda, Khandagiri, Bhubaneswar Ph: 0674-2350318 is upto 05:00 P.M. on 01.08.2025. The details of EOI will be available in the website w.e.f. 12.07.2025.

**Sd./- Member Secretary**

**State Institute for Development of Arts & Crafts**
SIDAC
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar-751030 Tel. No. +91 (0)674 2350138,E-mail: sidacorissa@gmail.com, www.sidacodisha.org.in

OIPR-31036/11/0024/2526

---

### NOTICE INVITING TENDER

No.CAD-1073

## Office of District Manager Odisha State Civil Supplies Corporation Ltd. (OSCSC) Gajpati

**Name of Unit or Block : Mohana, R.Udayagiri, Nuagada, Rayagada, Gosani, PKD (MPLTY), Gumma, Kashinagar Block/NAC**
**Tender No. 2191, 2192, 2193, 2194, 2195, 2196, 2197, 2198**
**Dated : 09.07.2025**

**Cost of Tender Document : Rs.5900/- Inclusive of GST for each RRC to Unit (Block/ULB) combination of the district**

Online Tenders are invited from eligible bidders for selection and appointment of level-II contractor for transporation of Custom Milled Rice (CMR) from Rice Receiving Centre (RRC) to Retail Centre (FPS).

| | | |
|---|---|---|
| 1 | Availability of tender documents | From Date 10-07-2025. Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference. | On dt 14-07-2025 at CSO Office Paralakhemundi, Collectorate Building, Dist-Gajapati |
| 3 | Last date and time for online submission of completed Tender Documents with enclosures | Through e-Procurement portal www.tendersodisha.gov.in Up to 28-07-2025, 5.30 PM |
| 4 | Date, time and venue for opening of Technical Bid by the Tender Committee | On dt 29-07-2025 11.00 AM at Civil Supplies Office, Collectorate Building,Paralakhemundi, Dist-Gajapati |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt 29-07-2025 11.30 AM at Civil Supplies Office, Collectorate Building, Paralakhemundi, Dist-Gajapati |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Venue of the opening of Technical & Financial Bids | Civil Supplies Office, Collectorate Building, Paralakhemundi, Dist-Gajapati |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone no | (1) OSCSC Ltd.: District Manager :-9438200040 Accounts Head:-9437202126 (ii) State Procurement Cell:-0674-2530998 18003456765 |

2. District Tender Committee reserves the right to cancel any/all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender through online payment gate way service.
5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in, www.oscsc.in & www.foododisha.in.

Sd./- District Manager
OSCSC Ltd., Gajapati

OIPR-07087/11/0006/2526

---

## OFFICE OF THE DISTRICT MANAGER ODISHA STATE CIVIL SUPPLIES CORPORATION LTD. (OSCSC), SUNDARGARH (DISTRICT)

Phone: 94382-00060, District Website: https://sundargarh.odisha.gov.in/

**Tender No. 2179** **Dt.10.07.2025**

No. CAD-1104: District Manager, Odisha State Civil Supplies Corporation Ltd., Sundargarh invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the Work | Selection and appointment of Level-I Transport Contractor for transportation of Wheat from FSD/FCI depot to all RRCs of Sundargarh district for the biennial 2025-27 |
| 2 | Availability of bid document in the portal | From 11.07.2025 |
| 3 | Last Date/time for receipt of bids in the portal | Dt.25.07.2025 upto 5.30 (P.M.) |
| 4 | Date/time of Opening of Technical Bid | Level-I Transport Contractor - 29.07.2025 at 11.00 A.M., Place: Office Chamber of ADM (General), Sundargarh |
| 5 | Name and address of the Officer Inviting Tender | District Manager, OSCSC Ltd., Sundargarh |

Tender documents & other details can be seen from the e-procurement portal **www.oscsc.in, www.foododisha.in** & **www.tendersodisha.gov.in** along with district website. Amendments/Corrigendum/Cancellation/ Re-tenders etc. if any shall be published only in above websites.

Sd./- District Manager
OSCSC Ltd., Sundargarh

OIPR-07017/11/0008/2526

---

## OFFICE OF THE MUNICIPAL COUNCIL : KEONJHARGARH

**No.4957/KGM** **Dt. 10.07.2025**

### Expression of Interest

**No.C-653** : Seal EOI are invited by the undersigned from the intending Registered Architect (s)/ Developer (s)/ Designer (s) Govt. Registered Contractor (s) having past experience for doing similar nature of work and having GST registration Certificate for Preparation of MAP of Keonjhargarh Municipality with Ward Boundary, Roads, parks and Important land Marks etc required for clear-cut identification of details of Keonjhargarh Municipality with Street Maping as required by the undersigned. (Enclosed Annexure-I) The prescribed EOI papers can be obtained from the office of the Municipal Council, Keonjhargarh during office hours from date.**14.07.2025 to 23.07.2025** (expect Government Holidays) on payment of **Rs.1000/- (Rupees One thousand) only** Non-Refundable in shape of Demand Draft in any Nationalized Bank, inclusive of all taxes. The complete EOI accompanied with all relevant valid documents like-Registration Certificate if any GST Registration Certificate/ PAN Card etc. will be received by the undersigned on or before **dt.25.07.2025 at 5.00 P.M by Registered Post/ Speed Post or by person** and same will be **opened on dt-28.07.2025 at 11.00 A.M** in presence of the Bidder(s) or their authorized representatives if present. The EOI received after the scheduled date and time will not be entertained. The undersigned will not held any responsibility for any postal delay. The rates should be quoted clearly for the item as prescribed including all taxes and the work will be completed within 15 (Fifteen) days from the date of issue of work order unfailingly. The EOI will be available in the district web site- **https://kendujhar.odisha.gov.in**.

The authority reserves the right to reject any of all quotations without assigning any reason thereof.

Sd./- Executive Officer
Keonjhargarh Municipality

OIPR-13115/11/0040/2526

---

## ODISHA PUBLIC SERVICE COMMISSION, CUTTACK

### NOTICE

**No.4914/PSC** **Dt.11.07.2025**
**(1R-08-24/25) (DR-V)**

### Assistant Professor (Stage-I) in Geography (Advertisement No. 27 of 2023-24)

No. D-: It is for information of all concerned that, document verification of **110 (One hundred ten)** candidates having **PPSAN** mentioned below for the post of **Assistant Professor (Stage-I) "Geography",** pursuant to advertisement No. 27 of 2023-24 shall be held from **23.07.2025 to 29.07.2025 except 26.07.2025 & 27.07.2025** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 23.07.2025 | 10.30 A.M. | P240309635, P220059641, P240314045, P240294164, P240250549, P240294704, P240300524, P240302138, P240308259, P220059777, P240297833 & P240290058 **= 12 Candidates** |
| | 02.30 P.M. | P240303203, P220081350, P240313717, P240307292, P240311924, P240307253, P240309256, P220086183, P240309871 & P240305388 **= 10 Candidates** |
| 24.07.2025 | 10.30 A.M. | P240298299, P240306248, P240252704, P240308395, P230098156, P240303648, P240308396, P240311405, P220080613, P230098058, P240297963 & P230149661 **= 12 Candidates** |
| | 02.30 P.M. | P230149942, P220082469, P240302693, P230151202, P230209315, P240307031, P240307459, P240312692, P220031775 & P240300423 **= 10 Candidates** |
| 25.07.2025 | 10.30 A.M. | P230136692, P240308120, P240304622, P220071384, P220034775, P240302358, P240308042, P220003488, P240301808, P220055040, P240285886 & P240274265 **= 12 Candidates** |
| | 02.30 P.M. | P240301471, P220040387, P220010865, P240304229, P240304011, P230141511, P240306748, P230137505, P230148246 & P240287654 **= 10 Candidates** |
| 28.07.2025 | 10.30 A.M. | P220032270, P230135082, P220052271, P240256148, P230122446, P240260941, P220053474, P240285642, P240312024, P220051525, P240267497 & P230155245 **= 12 Candidates** |
| | 02.30 P.M. | P230118682, P240303837, P240303930, P220055626, P240287059, P230096465, P240308359, P240309607, P220083675 & P220064584 **= 10 Candidates** |
| 29.07.2025 | 10.30 A.M. | P220028221, P230138041, P240279765, P240263164, P220038496, P220019033, P240266118, P220050535, P230160574, P230225109, P220011591 & P220083150 **= 12 Candidates** |
| | 02.30 P.M. | P220029136, P240252458, P230223162, P220031782, P230151439, P230145838, P230162036, P240304462, P220005503 & P220057540 **= 10 Candidates** |

The candidates are required to submit the documents as per this office **Notice No. 4271/PSC, Dt.21.06.2025** which is available on the Website of the Commission i.e. **www.opsc.gov.in**.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0268/2526 **Sd./- Secretary**

See Career Appointment on every Wednesday & Saturday

# ସେମିରେ ଓଡ଼ିଶା



ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ସହ ପ୍ରିୟଙ୍କା ମିଞ୍ଜ୍।

**ଜାତୀୟ ସବ୍‌ଜୁନିୟର ମହିଳା ହକି**

ଭୁବନେଶ୍ୱର, ୧୧।୭ (ତପନ ସ୍ୱାଇଁ)

ରାଞ୍ଚିରେ ଚାଲିଥିବା ୧୫ଶ ଜାତୀୟ ସବ୍‌ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ର ସେମିଫାଇନାଲରେ ଓଡ଼ିଶା ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଓଡ଼ିଶା ୫-୦ ଗୋଲରେ ବିହାରକୁ ପରାସ୍ତ କରିଛି। ପୂରା ମ୍ୟାଚରେ ଓଡ଼ିଶା ଦଳ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଫଳରେ ମ୍ୟାଚଟି ଏକପାଖିଆ ହୋଇ ଯାଇଥିଲା। ଓଡ଼ିଶା ପକ୍ଷରୁ ଆଶିକା ସମଦ ୧୦ମ, ପ୍ରିୟଙ୍କା ମିଞ୍ଜ ୧୪, ଏଲିନା ବୁର ୨୬, ଗୀତା ଲାକ୍ରା ୩୩ ଓ ସ୍ୱିଟି କୁଜୁର ୩୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଉନ୍ନତ ପ୍ରଦର୍ଶନ ପାଇଁ ଓଡ଼ିଶାର ପ୍ରିୟଙ୍କା ମିଞ୍ଜ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଅନ୍ୟ ୩ଟି କ୍ୱାର୍ଟର ଫାଇନାଲରେ ହରିୟାଣା, ମିଜୋରାମ ଓ ଝାଡ଼ଖଣ୍ଡ ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଶନିବାର ଓଡ଼ିଶା-ହରିୟାଣା ଓ ମିଜୋରାମ-ଝାଡ଼ଖଣ୍ଡ ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହେବ।

# ସାହାଣୀ କପ୍ ଫୁଟ୍‌ବଲ ୧୬ରୁ

ଭୁବନେଶ୍ୱର, ୧୧।୭ (ତପନ ସ୍ୱାଇଁ)

ସିନିୟର ପୁରୁଷ ଆନ୍ତଃଜିଲା ଫୁଟବଲ ଚାମ୍ପିୟନଶିପ୍ ସାହାଣୀ କପ୍‌ର ୬୪ତମ ସଂସ୍କରଣ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ। ଏଥିରେ ରାଜ୍ୟର ସମସ୍ତ ଜିଲା ଦଳ ଅଂଶଗ୍ରହଣ କରିବ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାର ଅଂଶଗ୍ରହଣକାରୀ ଦଳ ଗୁଡ଼ିକୁ ୪ ଜୋନ୍‌ରେ ବିଭକ୍ତ କରାଯାଇଛି। ଏହି ଜୋନ୍ ଗୁଡ଼ିକ ହେଲା କେନ୍ଦୁଝର, କେନ୍ଦ୍ରାପଡ଼ା, ବୌଦ୍ଧ ଓ ବ୍ରହ୍ମପୁର।

# ରୁଟ୍‌ଙ୍କ ଶତକ, ବୁମ୍‌ରାଙ୍କୁ ୫ ଉଇକେଟ

**ଲର୍ଡ୍ସ ଟେଷ୍ଟ**

ଲର୍ଡ୍ସ, ୧୧।୭

ତୃତୀୟ କ୍ରିକେଟ ଟେଷ୍ଟର ଦ୍ୱିତୀୟ ଦିବସରେ ଇଂଲଣ୍ଡର ଜୋ ରୁଟ୍ ଓ ଭାରତର ଯଶପ୍ରୀତ୍ ବୁମ୍‌ରା ସମାନ ସମ୍ମାନ ଲାଭ କରିଛନ୍ତି। ରୁଟ୍ କ୍ୟାରିୟରର ୩୭ତମ ଶତକ ହାସଲ କରିଥିବାବେଳେ ବୁମ୍‌ରା ଲର୍ଡ୍ସରେ ପ୍ରଥମଥର ପାଇଁ ୫ ଉଇକେଟ ସଫଳତା ପାଇଛନ୍ତି। ରୁଟ୍‌ଙ୍କ ଶତକ ପରେ ଜେମି ସ୍ମିଥ ଓ ବ୍ରାଇଡନ କାର୍ସଙ୍କ ଅର୍ଦ୍ଧଶତକ ସହାୟତାରେ ଇଂଲଣ୍ଡ ପ୍ରଥମ ଇନିଂସରେ ୩୮୭ ରନ ସଂଗ୍ରହ କରିଛି। ଦ୍ୱିତୀୟ ଦିବସ ଖେଳ ଶେଷହେବା ବେଳକୁ ଭାରତ ପ୍ରଥମ ଇନିଂସରେ ୩ ଉଇକେଟ ହରାଇ ୧୪୫ ରନ ସଂଗ୍ରହ କରିଛି। ଯଶସ୍ୱୀ ଜୟସ୍ୱାଲ ୧୩, କରୁଣ ନାୟାର ୪୦ ଓ ଅଧିନାୟକ ଶୁବମନ ଗିଲ୍ ୧୬ ରନକରି ଆଉଟ ହୋଇଛନ୍ତି। ଲୋକେଶ ରାହୁଲ ୫୩ ଓ ରିଷଭ ପନ୍ତ ୧୯ ରନକରି ଅପରାଜିତ ରହିଛନ୍ତି। ୭ ଉଇକେଟ ସୁରକ୍ଷିତ ଥିବାବେଳେ ଭାରତ ୨୪୨ ରନ ପଛରେ ରହିଛି। ଇଂଲଣ୍ଡ ପକ୍ଷରୁ ଜୋଫ୍ରା ଆର୍ଚର, କ୍ରିସ୍ ୱୋକ୍ସ ଓ ବେନ୍ ଷ୍ଟୋକ୍ସ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୫୧/୪ରୁ ଖେଳ ଆରମ୍ଭ କରିଥିଲା ଇଂଲଣ୍ଡ। ପୂର୍ବ ସ୍କୋରରେ ଆଉ ମାତ୍ର ୯ ରନ ଯୋଗ କରିବାପରେ ବେନ୍ ଷ୍ଟୋକ୍ସଙ୍କୁ ଆଉଟ କରି ଯୋଡ଼ି ଭାଙ୍ଗିଥିଲେ ଯଶପ୍ରୀତ୍ ବୁମ୍‌ରା। ରୁଟ୍‌ଙ୍କ ସହ ୫ମ ଉଇକେଟରେ ୮୮ ରନର ଭାଗୀଦାରି ଗଢ଼ିବାପରେ ଷ୍ଟୋକ୍ସ ବ୍ୟକ୍ତିଗତ ୪୪ ରନକରି ବୋଲ୍ଡ ହୋଇଯାଇଥିଲେ। ୮୮ତମ ଓଭରରେ ଇଂଲଣ୍ଡକୁ ଡବଲ୍ ଝଟ୍‌କା ଦେଇଥିଲେ ବୁମ୍‌ରା। ସେ ଶତକ ହାସଲକାରୀ ରୁଟ୍ (୧୦୪) ଓ କ୍ରିସ୍ ୱୋକ୍ସ (୦)ଙ୍କୁ କ୍ରମାଗତ ୨ଟି ବଲ୍‌ରେ ଆଉଟ କରିବାରୁ ଇଂଲଣ୍ଡ ସ୍କୋର ୨୭୧/୭ ହୋଇଯାଇଥିଲା। ଉଇକେଟ କିପର ଜେମି ସ୍ମିଥ୍ ଓ ବ୍ରାଇଡନ କାର୍ସ ଅର୍ଦ୍ଧଶତକ ହାସଲ କରି ଇଂଲଣ୍ଡକୁ ସମ୍ମାନଜନକ ସ୍କୋର ଆଡ଼କୁ ନେଇଯାଇଥିଲେ। ଆକ୍ରମଣାତ୍ମକ ବ୍ୟାଟିଂ କରିଥିବା ସ୍ମିଥ୍ ୫୬ ବଲ୍‌ରୁ ୫୧ ରନ କରିବା ସହ ୮ମ ଉଇକେଟରେ ୮୪ ରନର ପାର୍ଟନରଶିପ୍ ଗଢ଼ି ଆଉଟ ହୋଇଥିଲେ। ୧୧୩ତମ ଓଭରର ତୃତୀୟ ବଲ୍‌ରେ କାର୍ସ (୫୬ ରନ)ଙ୍କୁ ଆଉଟ କରି ଇଂଲଣ୍ଡ ଇନିଂସର ପରିସମାପ୍ତି ଘଟାଇଥିଲେ ମହମ୍ମଦ ସିରାଜ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ୫, ନୀତୀଶ କୁମାର ରେଡ୍ଡୀ ଓ ମହମ୍ମଦ ସିରାଜ ୨ଟି ଲେଖାଏ ଏବଂ ରବୀନ୍ଦ୍ର ଜାଡେଜା ଗୋଟିଏ ଉଇକେଟ ନେଇଥିଲେ। ମ୍ୟାଚରେ ଭାରତୀୟ ଫିଲ୍ଡିଂ ଖରାପ ରହିଥିଲା। ଇଂଲଣ୍ଡ ପ୍ରଥମ ଇନିଂସରେ ଭାରତୀୟ ଫିଲ୍‌ଡରମାନେ ଅଧଡଜନରୁ ଊର୍ଦ୍ଧ୍ୱ କ୍ୟାଚ ଡ୍ରପ୍ କରିଥିଲେ। ଭାରତୀୟ ବୋଲରମାନେ ଅତିରିକ୍ତଭାବେ ୩୧ ରନ ବ୍ୟୟ କରିଥିଲେ। ରେକର୍ଡ ଅନୁସାରେ ଲର୍ଡ୍ସରେ ପ୍ରଥମ ଇନିଂସରେ ୩୫୦ରୁ ଊର୍ଦ୍ଧ୍ୱ ରନ ସ୍କୋର କରି କୌଣସି ଦଳ ପରାଜିତ ହେବାରେ ମାତ୍ର ୨ଟି ଦୃଷ୍ଟାନ୍ତ ରହିଛି। ୧୯୩୦ରେ ଅଷ୍ଟ୍ରେଲିଆ ବିପକ୍ଷରେ ଇଂଲଣ୍ଡ ୪୨୫ ଓ ୨୦୦୪ରେ ଇଂଲଣ୍ଡ ବିପକ୍ଷରେ ନ୍ୟୁଜିଲାଣ୍ଡ ୩୮୬ ରନ କରିଥିଲେ ମଧ୍ୟ ପରାଜିତ ହୋଇଥିଲା। ଅନ୍ୟ ସବୁଥର ୩୫୦ରୁ ଊର୍ଦ୍ଧ୍ୱ ରନ ସ୍କୋର କରିବା ଦଳ ହିଁ ବିଜୟୀ ହୋଇଛି।



୫ ଉଇକେଟ ସଫଳତାରେ ଉଲ୍ଲସିତ ଯଶପ୍ରୀତ୍ ବୁମ୍‌ରା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡପ୍ରଥମଇନିଂସ:୩୮୭/ଅଲ୍‌ଆଉଟ (ଜୋ ରୁଟ୍-୧୦୪, ବ୍ରାଇଡନ କାର୍ସ-୫୬, ଜେମି ସ୍ମିଥ-୫୧, ବେନ୍ ଷ୍ଟୋକ୍ସ-୪୪, ଓଲି ପୋପ୍-୪୪, ଯଶପ୍ରୀତ୍ ବୁମ୍‌ରା-୫/୭୪, ମହମ୍ମଦ ସିରାଜ-୨/୮୫, ନୀତୀଶ କୁମାର ରେଡ୍ଡୀ-୨/୬୨, ରବୀନ୍ଦ୍ର ଜାଡେଜା-୧/୨୯)।

## ଡ୍ରାଭିଡ୍‌ଙ୍କୁ ଟପିଲେ ରୁଟ୍

ଭାରତ ବିପକ୍ଷ ଲର୍ଡ୍ସ ଟେଷ୍ଟରେ କ୍ୟାରିୟରର ୩୭ତମ ଶତକ ହାସଲ ସହ ଇଂଲଣ୍ଡର ଜୋ ରୁଟ୍ କେତେକ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ଟେଷ୍ଟ ଶତକ ରେକର୍ଡରେ ପୂର୍ବତନ ଭାରତୀୟ ଅଧିନାୟକ ରାହୁଲ ଡ୍ରାଭିଡ୍ ଓ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥଙ୍କୁ ପଛରେ ପକାଇଛନ୍ତି। ଉଭୟ ଡ୍ରାଭିଡ୍ ଓ ସ୍ମିଥ ୩୬ଟି ଲେଖାଏ ଶତକ ହାସଲ କରିଥିଲେ। ଲର୍ଡ୍ସରେ ରୁଟ୍ ୧୯୯ ବଲ୍‌ରୁ ୧୦ ଚୌକା ସହାୟତାରେ ୧୦୪ ରନ୍ କରିଥିଲେ। ଟେଷ୍ଟରେ ସର୍ବାଧିକ ଶତକ ତାଲିକାରେ ଭାରତର ସଚିନ ତେନ୍ଦୁଲକର (୫୧ ଶତକ) ଶୀର୍ଷରେ ରହିଛନ୍ତି। ଦକ୍ଷିଣ ଆଫ୍ରିକାର ଜ୍ୟାକ୍ସ କାଲିସ (୪୫), ଅଷ୍ଟ୍ରେଲିଆର ରିକି ପଣ୍ଟିଂ (୪୧) ଓ ଶ୍ରୀଲଙ୍କାର କୁମାର ସଙ୍ଗକାରା (୩୮) ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ଭାରତ ବିପକ୍ଷରେ ଏହାଥିଲା ରୁଟ୍‌ଙ୍କର ୧୧ଶ ଟେଷ୍ଟ ଶତକ। ଏହି ରେକର୍ଡ କରିବାରେ ସେ ସ୍ମିଥଙ୍କ ସହ ସମକକ୍ଷ ହୋଇଛନ୍ତି। ଏହି ସଫଳତା ପାଇଁ ସ୍ମିଥ ୪୬ଟି ଇନିଂସର ସହାୟତା ନେଇଥିବାବେଳେ ରୁଟ୍‌ଙ୍କୁ ୬୦ ଇନିଂସ ଖେଳିବାକୁ ପଡ଼ିଛି। ମାଇକେଲ ଭନ୍ (୨୦୦୪-୦୫), ସାର୍ ଜ୍ୟାକ୍ ମାଷ୍ଟର ହବ୍ସ (୧୯୧୨-୧୯୨୬)ଙ୍କ ପରେ ତୃତୀୟ ଇଂଲିଶ୍ କ୍ରିକେଟର ଭାବେ ରୁଟ୍ ଲର୍ଡ୍ସରେ ୩ ଶତକ ଅର୍ଜନ କରିଛନ୍ତି। ଅନ୍ୟ ଅନ୍ତର୍ଜାତୀୟ ଖେଳାଳିଙ୍କ ମଧ୍ୟରେ କେବଳ ଭାରତର ଦିଲୀପ ଭେଙ୍ଗସରକାର ସେଠାରେ ୧୯୭୯, ୧୯୮୨ ଓ ୧୯୮୬ରେ ୩ ଶତକ ହାସଲ କରିଥିଲେ।

# ଶ୍ରଦ୍ଧାଞ୍ଜଳିଙ୍କୁ ଏଏଫ୍‌ସି 'ଏ' ଲାଇସେନ୍ସ

**ଓଡ଼ିଶାର ପ୍ରଥମ ମହିଳା କୋଚ୍**

ଭୁବନେଶ୍ୱର, ୧୧।୭ (ତପନ ସ୍ୱାଇଁ)

ଓଡ଼ିଶା ଫୁଟବଲ ପାଇଁ ଶୁକ୍ରବାର ଆସିଛି ଏକ ବଡ଼ ଖୁସି ଖବର। ରାଜ୍ୟ ମହିଳା ଫୁଟବଲରେ ଅନେକ ପ୍ରଥମର ଅଧିକାରିଣୀ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଏବେ ଏଏଫ୍‌ସି 'ଏ' ଲାଇସେନ୍ସ କୋଚ୍‌ର ମାନ୍ୟତା ପାଇଛନ୍ତି। ଏହି କୃତୀତ୍ୱ ଅର୍ଜନ କରିବାରେ ସେ ରାଜ୍ୟର ପ୍ରଥମ ମହିଳା କ୍ରୀଡ଼ାବିତ୍। ନିକଟରେ କୋଲକାତାରେ ହୋଇଥିବା 'ଏ' ଲାଇସେନ୍ସ କୋର୍ସ ପରୀକ୍ଷାରେ ସେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ପୂର୍ବରୁ ସେ ଏଏଫ୍‌ସି 'ବି' ଲାଇସେନ୍ସଧାରୀ ଥିଲେ। ଓଡ଼ିଶା ମହିଳା ଫୁଟବଲକୁ ନିରନ୍ତର ଦିଗ୍‌ଦର୍ଶନ ଦେଇ ଆସିଥିବା ପ୍ରଖ୍ୟାତ କ୍ରୀଡ଼ାବିତ୍ ଶ୍ରଦ୍ଧାଞ୍ଜଳିଙ୍କୁ ତାଙ୍କର ଗୁଣାତ୍ମକ କୋଚିଂ ପାଇଁ ସର୍ବଭାରତୀୟ ଫୁଟବଲ ଫେଡେରେଶନ ପକ୍ଷରୁ ଏହି ସମ୍ମାନଜନକ ଲାଇସେନ୍ସ ପ୍ରଦାନ କରାଯାଇଛି। ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ୨୦୧୪ରୁ ଏପର୍ଯ୍ୟନ୍ତ ଦୀର୍ଘ ୧୫ ବର୍ଷ ଧରି ନିରବଚ୍ଛିନ୍ନଭାବେ ଜାତୀୟ ଦଳର ବିଭିନ୍ନ ବର୍ଗରେ କୋଚ୍ ଭାବେ ସଫଳତାର ସହ ଦାୟିତ୍ୱ ସମ୍ପନ୍ନକରି ପ୍ରଶଂସା ସାଉଁଟିଛନ୍ତି। ଏହା ବ୍ୟତୀତ ସେ ଅନେକଥର ଭାରତୀୟ ମହିଳା ଫୁଟବଲ ଦଳର ଚୟନକର୍ତ୍ତାଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି। ୨୦୦୫ରେ ଶ୍ରଦ୍ଧାଞ୍ଜଳି ଜାତୀୟ ମହିଳା ଫୁଟବଲ ଦଳର ଅଧିନାୟକ ନିଯୁକ୍ତ ହୋଇ ଓଡ଼ିଶା ପାଇଁ ଇତିହାସ ସୃଷ୍ଟି କରିଥିଲେ। ଖେଳ ଜୀବନରୁ ଆରମ୍ଭ କରି କୋଚ୍ ଏବଂ ଚୟନକର୍ତ୍ତାଭାବେ ସଫଳତାର ଶୀଢ଼ି ଚଢ଼ି ଚାଲିଥିବା ଶ୍ରଦ୍ଧାଞ୍ଜଳିଙ୍କ ନିକଟକୁ ଏବେ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଶ୍ରଦ୍ଧାଞ୍ଜଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶ ଯୋଗ୍ୟ ଯେ ଓଡ଼ିଶାର ପ୍ରଥମ ପୁରୁଷ 'ଏ' ଲାଇସେନ୍ସ ପ୍ରାପ୍ତ କୋଚ୍ ହେଉଛନ୍ତି ଶୁଭେନ୍ଦୁ ପଣ୍ଡା। ୨୦୧୬ରେ ଶୁଭେନ୍ଦୁଙ୍କ ପରେ ଦ୍ୱିତୀୟରେ ଅକ୍ଷୟ ଦାସ ଏହି ଲାଇସେନ୍ସ ପାଇଥିଲେ। ମାତ୍ର ଶ୍ରଦ୍ଧାଞ୍ଜଳି ପ୍ରଥମ ମହିଳାଭାବେ ଏହି କୃତୀତ୍ୱ ଅର୍ଜନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।




## ସ୍ୱପ୍ନ ସାକାର ହୋଇଛି

''ଏଏଫ୍‌ସି 'ଏ' ଲାଇସେନ୍ସ ପାଇବାକୁ ମୋର ସ୍ୱପ୍ନ ଥିଲା। ତାହା ଏବେ ସାକାର ହୋଇଛି। ତିନି ଦଶନ୍ଧୀତଳେ ଖେଳ ଜୀବନରୁ ଆରମ୍ଭ କରି ଏପର୍ଯ୍ୟନ୍ତ କଠିନ ପରିଶ୍ରମ କରି ଆସୁଛି। ଫଳରେ ତା'ର ସୁଫଳ ମିଳିଛି। ମୋର ଏହି ସଫଳତା ପାଇଁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ), ନିଯୁକ୍ତି ସଂସ୍ଥା ନାଲ୍‌କୋ, ଅଲିମ୍ପିକ୍ ଆସୋସିଏଶନ, ରାଜ୍ୟ ଏବଂ ରାଜ୍ୟ ବାହାରର କୋଚ୍ ଏବଂ ମୋର ପ୍ରଶଂସକଙ୍କୁ ଶ୍ରେୟ ଦେବାକୁ ଚାହିଁବି'' ବୋଲି ଶ୍ରଦ୍ଧାଞ୍ଜଳି ପ୍ରକାଶ କରିଛନ୍ତି।

# ଆଇଏସ୍‌ଏଲ୍ ୨୦୨୫-୨୬ ସିଜନ ସ୍ଥଗିତ

ନୂଆଦିଲ୍ଲୀ, ୧୧।୭ (ପି.ଟି.)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଆୟୋଜକ ଏବଂ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ମଧ୍ୟରେ ମାଷ୍ଟର ରାଇଟ୍ସ ଏଗ୍ରିମେଣ୍ଟ (ଏମ୍‌ଆର୍‌ଏ) ନବୀକରଣ ନେଇ ଅନିଶ୍ଚିତତା ଦେଖାଦେଇଛି। ଫଳତଃ ଇଭେଣ୍ଟର ଆୟୋଜକ ଶୁକ୍ରବାର ଆଇଏସ୍‌ଏଲ୍‌ର ୨୦୨୫-୨୬ ସଂସ୍କରଣକୁ ସ୍ଥଗିତ ଘୋଷଣା କରିଛନ୍ତି। ଦେଶର ଏହି ଶୀର୍ଷସ୍ତରୀୟ ଲିଗ୍ ସାଧାରଣତଃ ସେପ୍ଟେମ୍ବରରୁ ଏପ୍ରିଲ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ। ଇଭେଣ୍ଟର ଆୟୋଜକ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡ୍ ଏବଂ ଏଆଇଏଫ୍‌ଏଫ୍ ମଧ୍ୟରେ ହୋଇଥିବା ରାଜିନାମା ୨୦୨୫ ଡିସେମ୍ବର ୮ରେ ଶେଷ ହେଉଛି। ସେତେବେଳେ ଆଇଏସ୍‌ଏଲ୍ ତୃତୀୟ ମାସରେ ପହଞ୍ଚିଥିବ। ଡିସେମ୍ବର ପୂର୍ବରୁ ଯଦି ଚୁକ୍ତିର ନବୀକରଣ କରା ନ ଯାଏ ତେବେ ଏହା ଆଗକୁ ଯାଇପାରିବ ନାହିଁ। ଅର୍ଥାତ୍ ଟୁର୍ନାମେଣ୍ଟ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ। ବର୍ତ୍ତମାନ ପରିସ୍ଥିତିରେ ଆମେ ୨୦୨୫ -୨୬ ସିଜନ ଆୟୋଜନ ପାଇଁ ଫଳପ୍ରଦ ଯୋଜନା ପ୍ରସ୍ତୁତ କରିବା ଅବା ଏହାର ବ୍ୟବସାୟୀକରଣ କରିବା ସମ୍ଭବପର ନୁହେଁ। ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଆମେ ଟୁର୍ନାମେଣ୍ଟ ଆଗକୁ ବଢ଼ାଇବା ସ୍ଥିତିରେ ନାହୁଁ। ବର୍ତ୍ତମାନର ମାଷ୍ଟର ରାଇଟ୍ସ ଏଗ୍ରିମେଣ୍ଟର ମିଆଦ ଶେଷ ପରେ ଚୁକ୍ତିନାମା ଢାଞ୍ଚାରେ ସ୍ୱଷ୍ଟତା ନ ଆସିବା ପର୍ଯ୍ୟନ୍ତ ଆସନ୍ତା ଆଏସ୍‌ଏଲ୍‌ର ଆୟୋଜନ ସମ୍ଭବପର ନୁହେଁ। ଏହି ନିଷ୍ପତ୍ତି ଆମେ ହାଲ୍‌କା ଭାବେ ନୁହେଁ ସବୁ ଦୃଷ୍ଟିକୋଣରୁ ବିଚାର କରି ନେଇଛୁ ବୋଲି ଆଇଏସ୍‌ଏଲ୍ କ୍ଲବଗୁଡ଼ିକୁ ସମ୍ବୋଧିତ କରି ପ୍ରେରଣ କରାଯାଇଥିବା ଚିଠିରେ ଇଭେଣ୍ଟର ଆୟୋଜକ ଫୁଟ୍‌ବଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡ୍ କହିଛି।

# ଜାନକି ଓରାମଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର, ୧୧।୭ (ତପନ ସ୍ୱାଇଁ)

ବେଙ୍ଗାଲୁରୁରେ ଆରମ୍ଭ ହୋଇଥିବା ୭ମ ଇଣ୍ଡିଆନ ଓପନ ଅନ୍ତର୍ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଜାନକୀ ଓରାମ ରୌପ୍ୟ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ସେ ମହିଳା ୧୦୦ ମିଟର ଟି୧୨ ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି। ଏହିପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୭ ପାରା ଆଥଲେଟ୍ ଅଂଶଗ୍ରହଣ କରିଛନ୍ତି। ସେମାନେ ହେଲେ ଜୟନ୍ତି ବେହେରା, ସୁଚିତ୍ରା ପରିଡ଼ା, ସ୍ୱାଧୀନ ମାହାର, କମଳାକାନ୍ତ ନାୟକ, ରଞ୍ଜିତ ଚନ୍ଦା ଓ ପଙ୍କଜ ଭୁଏ। ଏହି ପ୍ରତିଯୋଗିତାରେ ଜାନକୀ ୨୦୦ ମିଟର ଓ ଲଙ୍ଗଜମ୍ପ ଇଭେଣ୍ଟରେ ମଧ୍ୟ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାକୁ ୱାର୍ଲ୍ଡ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଅନ୍ତିମ ଚୟନ ଟ୍ରାଏଲ୍ସଭାବେ ବିବେଚନା କରାଯାଉଛି।

# ସିନିଆକୋଭା-ଭର୍ବିକଙ୍କୁ ମିକ୍ସଡ ଡବଲ୍ସ ଟାଇଟଲ

ଲଣ୍ଡନ, ୧୧।୭ (ଏପି)

କାଟରିନା ସିନିଆକୋଭା ଓ ସେମ୍ ଭର୍ବିକ୍ ୱିମ୍ବେଲଡନ ମିକ୍ସଡ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ସେମାନେ ଲୁଇସା ଷ୍ଟିଫିନି ଓ ଜୋ ସାଲିବୁରୀଙ୍କୁ ୭-୬ (୩), ୭-୬ (୩)ରେ ହରାଇ ଦେଇଛନ୍ତି। ଚେକ୍‌ରିପବ୍ଲିକର ସିନିଆକୋଭା ୧୦ଥର ମହିଳା ଡବଲ୍ସ ଚାମ୍ପିୟନ ହୋଇଥିବାବେଳେ ଡଚ୍ ଖେଳାଳି ଭର୍ବିକଙ୍କର ଏହା ହେଉଛି ପ୍ରଥମ ଗ୍ରାଣ୍ଡସ୍ଲାମ୍। ସିନିଆକୋଭା ଆହୁରି ମଧ୍ୟ ଦୁଇଥର ଅଲିମ୍ପିକ ଚାମ୍ପିୟନ। ଗତବର୍ଷ ପ୍ୟାରିସ ଗେମ୍ସରେ ଟୋମାସ ମ୍ୟାଚାକ୍‌ଙ୍କ ସହ ସେ ମିକ୍ସଡ ଡବଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ବାରବୋରା କ୍ରେଜିକୋଭାଙ୍କୁ ସାଥୀ କରି ସେ ୨୦୨୧ ଟୋକିଓ ଗେମ୍ସ ମହିଳା ଡବଲ୍ସରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ସିନିଆକୋଭା ତାଙ୍କର ୧୦ ମହିଳା ଡବଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ ମଧ୍ୟରୁ ୭ଟି କ୍ରେଜିକୋଭାଙ୍କ ସହ ହାସଲ କରିଥିବାବେଳେ ଗତବର୍ଷ ଫ୍ରେଞ୍ଚ ଓପନରେ ଗୋଟିଏ କୋକୋ ଗଫ୍‌ଙ୍କ ସହ ଜିତିଛନ୍ତି।


ମିକ୍ସଡ ଡବଲ୍ସ ଟ୍ରଫି ସହ କାଟରିନା ସିନିଆକୋଭା ଓ ସେମ୍ ଭର୍ବିକ୍।

# ଅଲ୍‌କାରାଜ-ସିନରଙ୍କ ଫାଇନାଲ

**ୱିମ୍ବେଲଡନ୍ ଗ୍ରାଣ୍ଡସ୍ଲାମ୍: ଜୋକୋଭିଚ୍‌ଙ୍କ ଅଭିଯାନ ଶେଷ**

ଲଣ୍ଡନ, ୧୧।୭

ସ୍ପେନର କାର୍ଲୋସ ଅଲ୍‌କରାଜ ଓ ଇଟାଲୀର ଜାନିକ ସିନରଙ୍କ ମଧ୍ୟରେ ୱିମ୍ବେଲଡନ ଟେନିସ ଚାମ୍ପିୟନଶିପ୍ ପୁରୁଷ ସିଙ୍ଗଲ୍ସ ଫାଇନାଲ ଖେଳାଯିବ। ଶୁକ୍ରବାର ଅନୁଷ୍ଠିତ ସେଣ୍ଟର କୋର୍ଟରେ ଅନୁଷ୍ଠିତ ୪ସେଟ୍ ବିଶିଷ୍ଟ ପ୍ରଥମ ସେମିଫାଇନାଲରେ ସେ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ୬-୪, ୫-୭, ୬-୩, ୭-୬ (୮-୬)ରେ ହରାଇ ଦେଇଛନ୍ତି। ଏଠାରେ ଗତ ଦୁଇଥର ଚାମ୍ପିୟନଙ୍କ ଏହା କ୍ରମାଗତ ତୃତୀୟ ଫାଇନାଲ। ଦ୍ୱିତୀୟ ସେମିଫାଇନାଲରେ ସିନର ୬-୩, ୬-୩, ୬-୪ ସେଟ୍‌ରେ ସର୍ବୀୟ ଟେନିସ ଷ୍ଟାର ନୋଭାକ ଜୋକୋଭିଚ୍‌ଙ୍କୁ ହରାଇ ଦେଇଛନ୍ତି। ସୂଚନାଯୋଗ୍ୟ, ଜୋକୋଭିଚ୍ ତାଙ୍କ କ୍ୟାରିୟରରେ ୭ ଥର ୱିମ୍ବେଲଡନ ଚାମ୍ପିୟନ ହୋଇଥିବା ବେଳେ ୨୪ ଥର ଗ୍ରାଣ୍ଡସ୍ଲାମ ଟାଇଟଲ ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷରେ ବିଶ୍ୱର ନମ୍ବର ୱାନ ସିନର ୩ଥର ଗ୍ରାଣ୍ଡସ୍ଲାମ ବିଜେତା ହୋଇଥିବା ବେଳେ ସେ ତାଙ୍କର ଏହି ସମସ୍ତ ଟାଇଟଲ ହାର୍ଡକୋର୍ଟରେ ଜିତିଛନ୍ତି।



ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚ୍ ଜିତିବା ପରେ ସ୍ପେନର କାର୍ଲୋସ ଅଲ୍‌କରାଜ ଓ ଇଟାଲୀର ଜାନିକ ସିନର।

# ହେବା କି ନବୀନ କିଶୋରୀ

## ଅବଲୋକନ


ବ୍ରଜମୋହନ ମିଶ୍ର

ଅନେକ ସମୟରେ ଗୋଟିଏ 'ଠିକ୍'କୁ 'ଭୁଲ୍' ବୁଝି ଅବା ତା'ର ଯାଥାର୍ଥ୍ୟ ହୃଦୟଙ୍ଗମ ନ କରି ଠିକ୍‌ର ତ କଳାହରଣ କରାଯାଏ, ତତ୍‌ସହିତ ସେଇ ମହନୀୟତାର ସୂର୍ଯ୍ୟସ୍ନାନ କରି ବଞ୍ଚିବାର ଆୟାମକୁ ସଶକ୍ତ ଓ ସମୃଦ୍ଧ କରାଯାଏ ନାହିଁ। ଏହା କ'ଣ କମ୍ ଦୁର୍ବିପାକର କଥା! 'ପରମ୍ପରା' ଏପରି ଏକ 'ଠିକ୍', ଯାହା ବହୁ 'ଭୁଲ୍' ବୁଝାମଣାର ଶିକାର ହୋଇଥାଏ। ଏହା ଯେ କସ୍ମିନ୍‌କାଳେ ଏକ ଅପଶକ୍ତି ତେଣୁ ଅନାବଶ୍ୟକ; ତାହା ଆଦୌ ନୁହଁ, ବରଂ ଯଥାର୍ଥ ଅବବୋଧ ପୂର୍ବକ ଏହାର ଆତ୍ମୀକରଣରେ ଜୀବନର ବହୁ ଗ୍ରନ୍ଥିମୋଚନ ସମ୍ଭବପର ହୁଏ। ପରମ୍ପରା ନାଁ ଶୁଣିଲେ ଅନେକେ ଘୃଣା କରନ୍ତି ଏବଂ ଏହା ବର୍ଜନୀୟ ବୋଲି ତତ୍‌କ୍ଷଣାତ୍ ମନ୍ତବ୍ୟ ଦେଇଥାନ୍ତି। ସେମାନେ ଧରି ନେଇଥାଆନ୍ତି ପରମ୍ପରାର ଅର୍ଥ ପୁରୁଣାକାଳିଆ, ଗତାନୁଗତିକତା; ଯାହାର ପ୍ରାସଙ୍ଗିକତା କିମ୍ବା ଉପଯୋଗିତା ନାହିଁ। ଏପରି 'ଭୁଲ୍' କରି ସେମାନେ ଏକ ମହାନ୍ ଶକ୍ତି ଉପରେ ଉପେକ୍ଷାକାରୀ ହେବା ଫଳରେ ତା'ର ଅମର୍ଯ୍ୟାଦା କରିବା ସଙ୍ଗେସଙ୍ଗେ ନିଜ ଅଜ୍ଞତାର ପରିଚୟ ଦେଇଥାନ୍ତି।

ପରମ୍ପରା କେବେ ବି ଏକ ଅନିଷ୍ଟକାରୀ ଶକ୍ତି ନୁହେଁ। ତା' ହୋଇଥିଲେ କବି ସମାଲୋଚକ ଏଲିଅଟ୍ କବିମାନଙ୍କୁ ପରମ୍ପରା ସଚେତନ ହୋଇ ସ୍ୱ କାବ୍ୟ ପରିପାଟୀକୁ ବିସ୍ତୃତ ଓ ବିଲକ୍ଷଣ କରିବାକୁ ଉଦ୍‌ବୋଧନ ଦେଇ ନ ଥାନ୍ତେ। ପରମ୍ପରାର ପ୍ରକୃତ ଅର୍ଥ (ଯାହା ସେ କହନ୍ତି) "ଅତୀତର ସଞ୍ଚିତପ୍ରଜ୍ଞା"। ପ୍ରଜ୍ଞା, ଗଭୀର ଅବବୋଧ ଓ ଅନ୍ତର୍ଦୃଷ୍ଟିସମ୍ଭୂତ। ଏହା ବ୍ୟକ୍ତିର ସାତ୍ତ୍ୱିକତା ଯୋଗୁଁ ପ୍ରକାଶିତ ହୋଇଥାଏ। ଏକ ନିର୍ଭୁଲ୍, ନିର୍ଭେଜାଲ ଏବଂ ନିଚିପର ଶକ୍ତି ରୂପରେ ଯୁଗପତ୍ ବୋଧଯୁକ୍ତ ଏବଂ ବୋଧଦାୟୀ। କେବଳ କବିର ଭାବ ପ୍ରକାଶ ସକାଶେ ଯେ ଏହା ଦରକାର ତାହା ନୁହେଁ, ଏହା ପ୍ରତ୍ୟେକ ବ୍ୟକ୍ତିର ଯଥାର୍ଥ ଅଭିବ୍ୟକ୍ତି ପାଇଁ ପ୍ରୟୋଜନ। ଉପନିଷଦୀୟ ପ୍ରଜ୍ଞାର ଏକ ନମୁନା 'ନ ବିତ୍ତେନ ତର୍ପଣୀୟୋ ମନୁଷ୍ୟଃ' (ଧନ ସମ୍ପତ୍ତି ମନୁଷ୍ୟକୁ ତୃପ୍ତି ଦେଇପାରିବ ନାହିଁ), ହେଲେ ଯାକୁ ହସି ଫୁତ୍‌କି ମାରିବାକୁ ବେଶ୍ କିଛି ଲୋକ ଅଛନ୍ତି। ଓଡ଼ିଆ ଧର୍ମଧାରାରେ ଶିଶୁ ଅନନ୍ତ(୧୪୮୬)ଙ୍କ 'ହେତୁଉଦୟ ଭାଗବତ'ର ପ୍ରଜ୍ଞା କେଡ଼େ ଶକ୍ତିଶାଳୀ, ସର୍ବକାଳ ସକାଶେ ଯାହା 'ମନ' କଥା କହେ! ସାମାନ୍ୟ ପ୍ରୟାସରେ ବେଶ୍ ଧରି ହୁଏ 'ମନ' କିପରି ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଏବଂ ତାହାର ଯଥାର୍ଥ ସଂସ୍କାରରେ ସଂସାରର ସର୍ବବିଧ ଶ୍ରେୟ ନିହିତ। ଯଦି ବ୍ୟକ୍ତି ଏହାର ସଖା ନ ହୋଇ ଦାସ ହୋଇଥାଏ, ତାହା ହେଲେ ସେ ତା' ଅଗ୍ରଗତିର ଦ୍ୱାର ସବୁ ବନ୍ଦ କରିଦିଏ। ମନର ଅମାପ କ୍ଷମତା ସମ୍ପର୍କରେ ଆଲ୍‌ଡସ୍‌ହକ୍ସଲେ ଏକ ଚମତ୍କାର ଦୃଷ୍ଟାନ୍ତ ଉପସ୍ଥାପନ କରନ୍ତି। ତାଙ୍କ ମତରେ ଅସ୍ତ୍ର ଯୁଦ୍ଧ କରେ ନାହିଁ, ଯୁଦ୍ଧ କରେ ମନ। ମନର ଅନିଚ୍ଛାରେ ଅସ୍ତ୍ର ଅଶକ୍ତ, ତେଣୁ ଅକାମୀ। ଏହା ଏକ ଅନୁଭୂତି, ଯାହା ସର୍ବକାଳୀନ ସତ୍ୟ। ଭିନ୍ନ ଭାବରେ ସେଇ ପ୍ରସଙ୍ଗର ଅବତାରଣା କରିଛନ୍ତି ଶିଶୁ ଅନନ୍ତ– "ମନକୁ ସ୍ତ୍ରୀବେଶ କରି / ହୋଇବୁ ନବୀନ କିଶୋରୀ"।

ବେଶ ହେବା ପାଇଁ ବ୍ୟକ୍ତି ଖୁବ୍ ଉଚ୍ଛନ୍ନ ହୁଏ। ଭଲ ବେଶ ପକାଇଲେ ଭଲ ବ୍ୟବହାର ମିଳେ ବୋଲି ଲୋକବଚନ ଅଛି– ଭେକ ଥିଲେ ଭିକ ମିଳେ। ଏହି ଭଲ ବେଶର ଅର୍ଥ ଏ ଦେହଟାକୁ ଯେତେ ସଜାଯାଇପାରେ। ଫଳରେ ତାହା ଏପରି ହୁଏ ଯେ ଅନ୍ୟମାନେ ସେ ଆଡ଼କୁ ନିଶ୍ଚୟ ଦୃଷ୍ଟି ଦେବେ। ପୃଥିବୀ ଇତିହାସରେ ଦେହ–ସଜାଣର କ'ଣ କମ୍ ଫେନିଳ ବର୍ଣ୍ଣନା ଅଛି! ବିଶେଷକରି ଆମ ରୀତିଯୁଗ କାବ୍ୟମାନଙ୍କରେ ନାରୀର ଦେହସଜା କଥା କେତେ ଭଙ୍ଗୀରେ କୁହାଯାଇଛି। ରତି ପାଇଁ ଏ ପ୍ରକାର ଦେହ ପରିଚର୍ଯ୍ୟା ଅତ୍ୟନ୍ତ ଆବଶ୍ୟକ ବୋଲି ରୂପଶାସ୍ତ୍ରୀମାନେ କହିଛନ୍ତି। ହେଲେ ମଣିଷକୁ – ସେ ନାରୀ ହୁଅନ୍ତୁ କି ପୁରୁଷ– 'ନବୀନ କିଶୋରୀ' ହେବା ପାଇଁ ଯେଉଁ ଅଭିନବ ଆଧ୍ୟାତ୍ମିକ ଆହ୍ୱାନଟିଏ ଦିଆଯାଇଛି, ସେଥିରେ ଦେହ–ସଜାଣର ବର୍ଣ୍ଣନା ଥିଲେ ବି ଏହା ଯେ ତୁଚ୍ଛା, ତାହା ନୁହଁ। କିଶୋରୀ ତ ଦେହ ସଜାଏ ଆକର୍ଷଣୀୟ ଦେଖାଯିବା ପାଇଁ। ତା'ର ମନ ସେତେବେଳେ ପୁରୁଷକୁ ଆୟତ୍ତ କରିବାର ଅଭିପ୍ରାୟରେ ଥାଏ। ସେଇଥିପାଇଁ ସେ ଆଉ ନିଜ ଆୟତ୍ତରେ ନ ଥାଏ। ହେଲେ 'ନବୀନ କିଶୋରୀ' ଅବା ଭିନ୍ନ ଏକ ପ୍ରକାର କିଶୋରୀ ହେବାକୁ ହେଲେ ଦେହକୁ ନୁହେଁ ମନକୁ ସ୍ତ୍ରୀ ବେଶ (ଭାବ) ଧାରଣ କରିବାକୁ ପଡ଼ିବ ବୋଲି କବିଙ୍କ ମତ। କବି କୀଟ୍‌ସଙ୍କ ଲା ବେଲେ ଡାଁ ସଁ ମର୍ସି ପରି। ସେ ଅକପଟ ଭାବରେ ଏପରି ବେଶ ହେଲାପରେ ଭିନ୍ନ ଏକ ବର୍ଣ୍ଣବିଭାରେ ଝଟକିବ। ମନକୁ ସ୍ତ୍ରୀ ବେଶ ଅବା ସ୍ତ୍ରୀ ଭାବସମ୍ପନ୍ନ କଲେ ବ୍ୟକ୍ତି ଆଉ ବହିର୍ଗମନ କରିବାକୁ ମନ କରିବ ନାହିଁ। 'ନବୀନ କିଶୋରୀ' ହେବାର ଅର୍ଥ ଏକ ନାରୀଭାବ ବି ଏକ ଯଥାର୍ଥ ଯୋଗମୟ ଜୀବନଯାପନ ସକାଶେ ନିଜକୁ ପ୍ରସ୍ତୁତ ଏବଂ ଯୋଗ୍ୟ କରାଇବା।

ଏଇ ନାରୀ ବେଶର ଏକ ଆଖିଦୃଶିଆ ବର୍ଣ୍ଣନା ଦେଇ କବି ଅନନ୍ତ କହନ୍ତି, "ଲଲାଟେ ସିନ୍ଦୂରର ଚିତା/ ରୂପେଣ ଜଗଜ୍ଜନହୀତା/ ହସ୍ତରେ ବଳୟ କଙ୍କଣ/ ପାଦେ ନୂପୁର ରୁଣଝୁଣ/ ନାସାରେ ଖଞ୍ଜିକୁ ବସଣୀ/ କଜ୍ଜ୍ୱଳ ନୟନରେ ପୁଣି/ ଗଳାରେ ମୁକୁତାର ହାର/ କର୍ଣ୍ଣତାଡ଼ିକି ହୀରାସାର/ କର୍ଣ୍ଣରେ କର୍ଣ୍ଣଫୁଲ ଦେଇ/ ବିଚିତ୍ର ରୂପ ମନମୋହି/ ପିନ୍ଧିବ କଳାମେଘ ଶାଢ଼ୀ/ ଲୋଟଣି ଛନ୍ଦେ ଜୁଡ଼ା ବାନ୍ଧି/ କର୍ପୂର ଚନ୍ଦନ ମିଶାଇ/ ସର୍ବାଙ୍ଗେ ଲେପନ ଯେ ହୋଇ/ ହସ୍ତରେ ମଞ୍ଜରୀ ଘେନିଣ/ ନବୀନ କିଶୋରୀ ହୋଇଣ/ ଏମନ୍ତେ ବେଶ ହୋଇ କରି/ ପ୍ରବେଶ ହୋଇବ ଅର୍ଗଳି"! ବ୍ୟକ୍ତି ଏପରି ଏକ ବେଶ ହେବାପରେ ସେହି 'ଅର୍ଗଳି'ରେ ଅର୍ଥାତ୍ ପରମାତ୍ମାଙ୍କ ପଥରେ ଯାତ୍ରୀ ହେବାକୁ ଯୋଗ୍ୟ ବା ସମର୍ଥ ହେବ। ଆପଣାର ଦେହ, ମନ, ପ୍ରାଣକୁ ଏପରି ନାରୀବେଶ (ନାରୀ ଭାବମୟ) କରିବା ସତ୍ତ୍ୱା ହିଁ ତେଣୁ ଜଗତକୁ କଦାଚ କହିବ ନାହିଁ, "ଜନ୍ମ ଦୁଃଖଂ, ଜରା ଦୁଃଖଂ, ଜାୟା ଦୁଃଖଂ ପୁନଃପୁନଃ" କି "ଚିର ହାହାମୟ ଏ ଛାର ଜୀବନ/ ଜୀବନ ନୁହଇ ଜୀବନ୍ତ ମରଣ"। ଯେ ନିଜ ଜୀବନକୁ ଭଲ ପାଇପାରେ ନାହିଁ (ଅର୍ଥାତ୍ ଯେ ନିଜର ସଖା ହୋଇପାରେ ନାହିଁ), ସେ ଜଗତକୁ ଭଲପାଇ ପାରେ ନାହିଁ। ନିଜଠାରୁ ବିଯୁକ୍ତ ବ୍ୟକ୍ତି ସକଳ ଆଡ଼ମ୍ବର, ଆଟୋପ, ଅଭିମାନ ସହ ମାତ୍ର ପୁରୁଷଟିଏ ହିଁ ହୋଇ ରହିଯାଏ, ଯେ ଦାବି କରେ, ଅଧିକାର ପାଇଁ ହୁଙ୍କାର ଛାଡ଼େ– "ମହୀମଣ୍ଡଳେ ନାହିଁ ଏମନ୍ତ ଜନ/ ମୋ' ଅଧିକାରେ ଯେହୁ କରିବ ରଣ"।

ଏ ହିଁ ଆଜିର କଳଙ୍କିତ କାରୁଣ୍ୟ– ମଣିଷର ପୁରୁଷପଣିଆର ଧ୍ୱାନ୍ତ ଧ୍ୱଜଭଙ୍ଗତା। ସେଇଥିପାଇଁ ତ ସଂସାର ସକାଶେ ମଣିଷ କ୍ରମେକ୍ରମେ ଅଯୋଗ୍ୟ ହେବାରେ ଲାଗିଛି। ଏ ପରିପ୍ରେକ୍ଷୀରେ କବି ଅନନ୍ତଙ୍କ (ସେଇ ଭାବରେ 'ପରମ୍ପରା'ର) ଏତାଦୃଶ ଆତ୍ମିକ ଉଚ୍ଚାରଣ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଲକ୍ଷ୍ୟଣୀୟ। ତେଣୁ ପରମ୍ପରା କେତେ ପ୍ରାସଙ୍ଗିକ! ଏବେ ଆମେ ସମସ୍ତେ 'ନବୀନ କିଶୋରୀ' ହେବାକୁ ସମ୍ମତ ହେବା। ତେଣୁ ସହଜ ଅବଶ୍ୟ ହେବା ଏବଂ ତା' ସହ ସମର୍ପିତ ବି ନିଶ୍ଚୟ ହେବା। ଏ ବେଶରେ ଅବା ଏ ଭାବରେ ଆମେ କେତେ ସୁନ୍ଦର ଦେଖାଯିବା କାରଣ ସତରେ ସୁନ୍ଦର ବି ହୋଇଥିବା। ଫଳରେ ଆମ ସୌନ୍ଦର୍ଯ୍ୟ, 'କିଶୋରୀ' ଯାଦୁକରୀ ସୌନ୍ଦର୍ଯ୍ୟ ହେବ ନାହିଁ, ତାହା ହେବ 'ନବୀନ କିଶୋରୀ'ର ଉନ୍ମୋଚକ ଶକ୍ତି ସଂହିତା, ଯାହା ଆମର ପ୍ରତି ଆସନ୍ତାକାଲିକୁ ପ୍ରତି ଆଜିଠାରୁ ଉନ୍ନତତର (କବି ଲଙ୍ଗ୍‌ଫେଲୋ) କରାଇବ। "ଜଗତେ ଆନନ୍ଦ ଯଜ୍ଞେ ଆମାର ନିମନ୍ତ୍ରଣ/ ଧନ୍ୟ ହଲ, ଧନ୍ୟ ହଲ ମାନବ ଜୀବନ" (ରବୀନ୍ଦ୍ରନାଥ ଠାକୁର)– ଏଇ ହେବ ନିଷ୍କର୍ଷ।

ଭଦ୍ରକ

ମୋ: ୮୦୧୮୦୮୭୩୧




### ଜଗତେ ଆନନ୍ଦଯଜ୍ଞେ

ଜଗତେ ଆନନ୍ଦଯଜ୍ଞେ ଆମାର ନିମନ୍ତ୍ରଣ।
ଧନ୍ୟ ହଲ, ଧନ୍ୟ ହଲ ମାନବ ଜୀବନ॥
ନୟନ ଆମାର ରୂପେର ପୁରେ
ସାଧ ମିଟାୟେ ବେଡ଼ାୟ ଘୁରେ,
ଶ୍ରବଣ ଆମାର ଗଭୀର ସୁରେ ହୟେଛେ ମଗନ॥
ତୋମାର ଯଜ୍ଞେ ଦିୟେଛ ଭାର,
ବାଜାଇ ଆମି ବାଁଶି–
ଗାନେ ଗାନେ ଗେଁଥେ ବେଡ଼ାଇ ପ୍ରାଣେର କାନ୍ନା ହାସି।
ଏଖନ ସମୟ ହୟେଛେ କି?
ସଭାୟ ଗିୟେ ତୋମାୟ ଦେଖି
ଜୟଧ୍ୱନି ଶୁନିୟେ ଯାବ ଏ ମୋର ନିବେଦନ॥
– ରବୀନ୍ଦ୍ରନାଥ ଠାକୁର



କବିତା

## ଶେଷ ପ୍ରାର୍ଥନା

ଦେବଦର୍ଶନ ଦାଶ

ସରିଥିଲା ଈଶ୍ୱର ସମର୍ପଣ
ପଦେ ଗୀତ ଗାଇବା ଆଗରୁ
ତୁମେ ଗଲ ସଭାସ୍ଥଳରୁ ସ୍ୱର୍ଗଧାମ।

ପାଇଥିବ ଈଶ୍ୱରଙ୍କ ଠିକଣା
ଆଉ ପଡ଼ି ନଥିବ ଖୋଜିବାକୁ
ଲୋଡ଼ା ପଡ଼ିବନି ପ୍ରାର୍ଥନାସଭା
ଆଉ ଆସିବେନି ଏକତ୍ର ବୈଷ୍ଣବ ଜନ।

ତୁମେ କହିଛ
ବାରୁଦଗନ୍ଧରେ ବିଜୟ ମିଳେନା
ମିଳେ ଆକୁଳ ପ୍ରାର୍ଥନାରେ
ତୁମେ କେମିତିକା ପୁରୁଷ!
ମହାଜାତିର ମହାନାୟକ
ବିନା ଅସ୍ତ୍ରରେ ବିଶ୍ୱବିଜୟୀ
ଏମିତି ଜିତାପଟ ଆଉ କାହାର କୁହ ତ?

ଯୋଉ ଦେଶକୁ ଗଲେ
ତୁମେ ନିମଗ୍ନଥିବ ଧ୍ୟାନରେ,
ନୀରବତା ହିଁ ତ ବିଜୟର ମନ୍ତ୍ର
ତୁମେ ଶିଖେଇଲ ସନ୍ଥ।

ହିମାଳୟ ଓ ତୁମେ ଅଚଳ ମହାମେରୁ
ଏ ଦେଶକୁ କରିଛ ତୀର୍ଥ
ତୁମେ ଗାନ୍ଧୀ, ସାବରମତୀର ସନ୍ଥ।

ସେଇ ଶେଷ ପ୍ରାର୍ଥନା
ସେଇଠୁ ଆରମ୍ଭ ହେଲା ରଘୁପତି ବନ୍ଦନା
ତୁମେ ରଘୁବରଙ୍କ ଦାସ, ଆଶ୍ରମ ଚାଟ
ପରାଧୀନ ଭାରତର ତୁଙ୍ଗ ବିକ୍ରମ
ଫିରିଙ୍ଗୀ ଅତ୍ୟାଚାରର
ନିଦହଜା ଦେବଦୂତ।

ପ୍ରାର୍ଥନା ଆଗରୁ ସରିଗଲା ସବୁ
ଆଲୁଅ ଲିଭିଗଲା
ତୁମେ ସେବେଠୁ ବସିଛ
ସବୁଘରର ପିଣ୍ଡାରେ, କାଠ ଚୌକିରେ।

ମୋ: ୭୦୦୮୬୧୫୦୯୪

## ସକାଳକୁ ଭେଟିବା ପାଇଁ

ଶିବ ମିଶ୍ର

ସେଇ ଭୋକିଲା ମଣିଷଟା
ଯାହାକୁ ନିଦ ହୁଏନି ରାତିସାରା,
ଅନ୍ଧାରରେ ଆଉଁଶୁଥାଏ ପେଟ,
ବାରମ୍ବାର ଲେଉଟାଉଥାଏ କଡ଼,
ତମେ ପଚାର ତାକୁ
କହିପାରିବ ସିଏ,
ସକାଳକୁ ଭେଟିବା ପାଇଁ
ପହଁରିବାକୁ ହୁଏ କେତେ ନଈ,
ଚଢ଼ିବାକୁ ହୁଏ ପୁଣି
କେତେ ଯେ ପାହାଡ଼!

ମୋ: ୯୮୫୩୦୭୦୦୧୮

## ମମତାର ଦେବୀଟିଏ

ଅନସୂୟା ପଣ୍ଡା

ମହିମିତ ଐଶ୍ୱର୍ଯ୍ୟର ଦେବୀଟିଏ
ଯେବେ ଚାହେଁ ନିଜକୁ ଢଳେଇପାରେ
ପରସ୍ତ ପରସ୍ତ କରି ସମୟର ଚଟାଣରେ
କିସ୍ତିକିସ୍ତି କରି ଚିତ୍ରିତ କରେ ଚରିତ୍ର
ମୁଠାଏ ମୁଠାଏ କରି ଫେଣ୍ଟେ ନିଜକୁ
ମଧୁମୟ ସଂସାରର ସଂଯୋଜନା ପାଇଁ
ନିଜ ମମତାର ସ୍ୱର୍ଶ ଦେଇ।

ସେ ଯୋଗମାୟା ପରି ବିସ୍ତାରିପାରେ ଆପଣାକୁ
ସଙ୍କଳ୍ପର କବଚରେ ତପସ୍ୟାର ତପୋବନକୁ
ଲଢ଼ିପଡ଼େ ମୋହର ତ୍ରିଶୂଳ ଓ ଢାଲ ଧରି
ତା' କକ୍ଷପଥର ଅସୁରୀୟ ଶକ୍ତିକୁ ସଂହାରି
ତିଆରେ ମୋହର ଅଳକାପୁରୀ।

ସେବାର ସୁଗନ୍ଧରେ ବାସେ ଦେହ ଓ ଦେହଳୀ
ମମତାର ଆର୍ଦ୍ରତାରେ ଭରିଦିଏ
ଘରକୁ ମନ୍ଦିର କରି ପ୍ରେମର ବିଶାଳତାରେ
ବୈଦୁର୍ଯ୍ୟର ରଙ୍ଗଭରି ଶୃଙ୍ଖଳାର ଶୃଙ୍ଗାରରେ
ସଜାଏ ମନର ଚିତ୍ରପୁରୀ ଶୁଭ ଶଙ୍ଖନାଦେ।

ସକାଳ ଧୂପରେ ଖେଳିଯାଏ
ଧୂପକାଠିର ସୁଗନ୍ଧ ପରି
ସନ୍ଧ୍ୟା ଦୀପରେ ଆଶାର ପ୍ରଦୀପ ଜାଳି
ମନାସୁଥାଏ କଲ୍ୟାଣାର୍ଥେ
ସନ୍ତୋଷର ଦୁଇପାଦ ଧରା।

ମୋ: ୯୪୩୯୨୧୧୯୭୧

ଗୀତି–କବିତା

## ସାଜୁ ମୋ ପ୍ରୀତି ଇନ୍ଧନ

ରାମଚନ୍ଦ୍ର ବେହେରା

କାହିଁକି କେଜାଣି ଜୀବନରେ ବେଶୀ
ତୁମକୁ ମୁଁ ଭଲପାଏ
ପ୍ରତି ମୁହୂର୍ତ୍ତରେ ତୁମ ସହ
କଥା ହେବା ପାଇଁ ମନ କୁହେ।
ଚପଳା ପରାଏ ତୁମେ ଚାଲିଆସ
ଲୁଚିଯାଅ କିଛି କ୍ଷଣେ
ତୁମ ଆତ୍ମୀୟତା ଶିହରଣ ଜାଗେ
ମୋହରି କୋମଳ ପ୍ରାଣେ।

କେଉଁ ଭାବ ନେଇ ମନର କାହାଣୀ
ବର୍ଣ୍ଣନା କରିବି ମୁହିଁ
ତୁମ ସ୍ମିତ ହସ ମଧୁର ସ୍ୱଭାବ
ହୃଦୟକୁ ଯାଏ ଛୁଇଁ।

ତୁମ ଇସାରାରେ ମୋ ମନ ଗହୀର
ପଲ୍ଲବିତ ହୋଇ ହସେ
ପ୍ରଶ୍ୱାସରେ ତୁମ ଦେହର ସୁଗନ୍ଧ
ମଧୁ ମହମହ ବାସେ।

ବିଶ୍ୱାସ ଡୋରିରେ ସମ୍ପର୍କ ଯୋଡ଼ିବି
ବୋଳିଦେବି ପ୍ରେମ ରଂଗ
ବାହୁ ବନ୍ଧନରେ ଗଢ଼ିବି ସଂସାର
ନ ଛାଡ଼ିବି ତୁମ ସଂଗ।

ମୋ: ୭୩୫୫୬୭୩୪୩୪୬

## ପୁସ୍ତକ ପରିଚୟ

### ଶାସ୍ତ୍ରୀୟ ଭାଷା ଓଡ଼ିଆ



**ଲେଖକ:** ଡ. ସୁବ୍ରତ କୁମାର ପୃଷ୍ଟି
**ପ୍ରକାଶକ:** ବି.କେ. ପବ୍ଲିକେଶନ୍ସ ପ୍ରା.ଲି., ଟଙ୍କପାଣି ରୋଡ୍, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୪୯୯/–

ଆଲୋଚ୍ୟ ପୁସ୍ତକରେ ମୋଟ ୮ଟି ପ୍ରକରଣ ରହିଛି। ସେଗୁଡ଼ିକ ହେଲା– 'ଓଡ଼ିଆ ଓ ଓଡ଼ିଶା', 'ଓଡ଼ିଆ ଭାଷା', 'ଓଡ଼ିଆ ଲିପି', 'ଓଡ଼ିଶାର ପ୍ରାକ୍ ଇତିହାସ', 'ଓଡ଼ିଶାର ଇତିହାସ', 'ଓଡ଼ିଶାର ନୌବାଣିଜ୍ୟ ଇତିହାସ', 'ଓଡ଼ିଶା ଏବଂ ଓଡ଼ିଆ ସଂସ୍କୃତି' ଏବଂ 'ଓଡ଼ିଆ ସାହିତ୍ୟର କ୍ରମ ବିକାଶ'। ପ୍ରଥମ ପ୍ରକରଣରେ ଉଡ୍ରରୁ ଓଡ଼ିଶା ନାମର ଉଦ୍‌ଭବ, ସଂସ୍କୃତ, ବୌଦ୍ଧ ଓ ଜୈନ ସାହିତ୍ୟରେ କଳିଙ୍ଗ, ଉତ୍କଳ ଓ ଉଡ୍ର ପ୍ରସଙ୍ଗ, ପ୍ରତ୍ନତାତ୍ତ୍ୱିକ ତଥ୍ୟାନୁସାରେ ତଥା ବିଦେଶୀ ପରିବ୍ରାଜକଙ୍କ ବିବରଣୀରେ ଏହି ପ୍ରସଙ୍ଗର ଅବତାରଣା ଆଦି ଆଲୋଚିତ ହୋଇଛି। ଦ୍ୱିତୀୟ ପ୍ରକରଣରେ ପ୍ରାକୃତ ଓ ଓଡ଼ିଆ ଭାଷା, ଓଡ଼ିଶାରେ ପ୍ରାକୃତ ଭାଷାର ବିକାଶକ୍ରମ, ପାଲି ଭାଷା ଓ ଓଡ଼ିଆ ଭାଷା, ମାଗଧୀ ଓ ଓଡ଼ିଆ ଭାଷା, ଶିଳାଲେଖ ତଥା ତାଳପତ୍ରପୋଥିରେ ଓଡ଼ିଆ ଭାଷାର ଚର୍ଚ୍ଚା କରାଯାଇଛି। ତୃତୀୟ ପ୍ରକରଣରେ ଭାରତୀୟ ଲିପି, ଓଡ଼ିଆ ଲିପି, ବ୍ରାହ୍ମୀ ଲିପି, ଦ୍ରାବିଡ଼ ଲିପି ଆଦି ଲିପି ବିକାଶର ଇତିହାସ ସ୍ଥାନ ପାଇଛି। ଚତୁର୍ଥ ପ୍ରକରଣରେ ଓଡ଼ିଶାର ପ୍ରାକ୍ ଇତିହାସ, ପଞ୍ଚମରେ ଓଡ଼ିଶାର ଇତିହାସ, ଷଷ୍ଠରେ ଓଡ଼ିଶାର ନୌବାଣିଜ୍ୟ ଇତିହାସ, ସପ୍ତମରେ ଓଡ଼ିଶାର ବିବିଧ ସଂସ୍କୃତି ଯଥା: ଯୋଗିନୀ ସଂସ୍କୃତି, ଜଗନ୍ନାଥ ସଂସ୍କୃତି, ବିଭିନ୍ନ ଦାର୍ଶନିକ, କଳା ଓ ସ୍ଥାପତ୍ୟ ଶୈଳୀ; ସଂଗୀତ, ନୃତ୍ୟ ଓ ଲୋକନୃତ୍ୟର ବିବରଣ ପ୍ରଦତ୍ତ ହୋଇଛି। ଅଷ୍ଟମରେ ଭାରତର ସର୍ବପ୍ରାଚୀନ ଅକ୍ଷୁଣ୍ଣ ସାହିତ୍ୟ ଭାବେ ଓଡ଼ିଆ ସାହିତ୍ୟର ପ୍ରାମାଣିକତା ନାନା ତଥ୍ୟ ଭିତ୍ତିରେ ପ୍ରଦର୍ଶିତ ହୋଇଛି। ପୁସ୍ତକର ପ୍ରାରମ୍ଭରେ ଡ. ପୃଷ୍ଟି ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦେବା ଦିଗରେ ତାଙ୍କର ଓ ଅନ୍ୟ ଭାଷାବିଦ୍‌ମାନଙ୍କର ଉତ୍ସର୍ଗୀକୃତ ଉଦ୍ୟମର ଉଲ୍ଲେଖ କରିଛନ୍ତି। ପୁସ୍ତକଟି ଓଡ଼ିଆ ଭାଷା ଓ ସାହିତ୍ୟର ସୁଦୀର୍ଘ ଇତିହାସ ସମ୍ବନ୍ଧରେ ଯେ ଏକ ପ୍ରାମାଣିକ ଗ୍ରନ୍ଥ, ଏଥିରେ ସନ୍ଦେହ ନାହିଁ।

### ଗୀତିକୁଞ୍ଜ



**କବି:** କୁଞ୍ଜବିହାରୀ ପାଢ଼ୀ
**ପ୍ରକାଶକ:** ଲିପିକା, ଜଟଣୀ, ପୁରୀ–୫୦
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୭୦/–

ଆଲୋଚ୍ୟ ପୁସ୍ତକରେ ମୋଟ ୧୦୯ଟି ଗୀତ ସ୍ଥାନିତ। ଗ୍ରନ୍ଥାରମ୍ଭରେ ମତ ଦେଇ ବରିଷ୍ଠ ଗୀତିକବି ବିପିନ୍ ମହାନ୍ତି ଲେଖିଛନ୍ତି: "ଭକ୍ତି ସଙ୍ଗୀତ ଓ ସୁଗମ ସଙ୍ଗୀତ– ଏହି ଦୁଇ ଭାଗରେ ଗୀତଗୁଡ଼ିକ ବିଭକ୍ତ ହୋଇଥିଲେ ହେଁ ପ୍ରେମ ହେଉଛି ମୁଖ୍ୟ ସ୍ୱର। ସେ ବିଭୁ ପ୍ରେମ ହେଉ ବା ପ୍ରକୃତି ପ୍ରେମ, ମାନବୀୟ ପ୍ରେମ ହେଉ ବା ସାମାଜିକ ପ୍ରେମ ସବୁ କବିତାରେ ପ୍ରେମର ସଂଜ୍ଞା ଭିନ୍ନ ହେଲେ ହେଁ ତାଙ୍କ ଭକ୍ତି ନୈବେଦ୍ୟ ବା ପ୍ରେମ ନିବେଦନର ସ୍ୱର ଓ ସ୍ୱାକ୍ଷର ସ୍ୱତନ୍ତ୍ରତା ବହନ କରେ।" ପୁସ୍ତକରୁ କେତୋଟି ଉଦ୍ଧୃତି ନେବା– ୧. "ତୁମ ପାଖେ ବସି ଗାଉଛି ଗୀତ/ ସେ ତ ଆଉ କେହି ନୁହେଁ ତୁମରି ଦାସ।" (ଗୀତ ଗାଉଅଛି ତୁମରି ଦାସ), ୨. "ବଡ଼ଦାଣ୍ଡେ ଠିଆହୋଇ ନୀଳଚକ୍ରକୁ ଅନାଇ/ କେତେ ଯେ ଗୁହାରି କରେ/ ଟିକେ ଦରଶନ ପାଇଁ/ କି ଦୋଷ କରିଛି ମୁହିଁ/ ସେ କଥା ତ ଜାଣେ ନାହିଁ/ ଦୟା ପରବଶ ହୋଇ/ ଦରଶନ ଦିଅ ମୋତେ।" (ହେ ବଡ଼ଠାକୁର), ୩. "ଗାଇବାକୁ ମନ ଥିଲେ ବି ମୋର/ ସୁଯୋଗ ତ ମିଳୁନାହିଁ/ ଏକା ଏକା ବସି ନିଜେ ଗାଉଥିଲେ/ ଶୁଣିବାକୁ ଶ୍ରୋତା ନାହିଁ।" (ସୁଯୋଗ ତ ମିଳୁନାହିଁ), ୪. "ହସ ହସ ମୁହଁ ତା'ର/ ସବୁବେଳେ ହସୁଥାଏ/ ମନର ଦୁଃଖକୁ କେବେ/ କାହାକୁ କହି ନ ଥାଏ।" (ହସ ହସ ମୁହଁ ତା'ର)। ପୁସ୍ତକର ଦୁଇଟି ଭାଗରୁ ଦୁଇ ଦୁଇଟି କରି ଯେଉଁ ଚାରିଟି ନମୁନା ଏଠାରେ ଉଦ୍ଧୃତ ହେଲା– ଏହା ପ୍ରମାଣ କରେ ଗୀତ–ନିର୍ମାଣରେ କବିଙ୍କ ମୌଳିକତା। ଜୀବନାନୁଭବର ଏକ ସୂକ୍ଷ୍ମ ପ୍ରବାହ ପ୍ରାୟ ଗୀତରେ ସଂଜୀବିତ।

## କାଳକାଳକୁ

"ପ୍ରେମ, ପଇସା କି ପ୍ରସିଦ୍ଧି ନୁହେଁ, ଦେବ ତ ଦିଅ ସତ୍ୟ!"
–ହେନ୍‌ରୀ ଡେଭିଡ୍ ଥରୋ



**ହେନ୍‌ରୀ ଡେଭିଡ୍ ଥରୋଙ୍କ** ଜନ୍ମ ୧୨ ଜୁଲାଇ ୧୮୧୭ରେ ଓ ପରଲୋକ ୬ ମେ ୧୮୬୨ରେ ଆମେରିକାର ମାସାଚ୍ୟୁସେଟ୍‌ସରେ। ସେ ଏକାଧାରରେ କବି, ପ୍ରାବନ୍ଧିକ ଓ ଦାର୍ଶନିକ। 'ୱାଲ୍‌ଡେନ୍' ପୁସ୍ତକ ପାଇଁ ସେ ପ୍ରଖ୍ୟାତ, ଯହିଁରେ ଅଛି ପ୍ରାକୃତିକ ପରିବେଶରେ ସରଳ ଜୀବନଯାପନର ଉଜ୍ଜ୍ୱଳ ଉଦ୍ଭାସନ। ସାଧାରଣ ନାଗରିକ ରାଷ୍ଟ୍ରର ଅନୁଚିତ ବିଧିବ୍ୟବସ୍ଥାକୁ ଅମାନ୍ୟ କରିବା ସପକ୍ଷରେ ଯୁକ୍ତି ହେଉଛି ତାଙ୍କ ଅନ୍ୟତମ ପ୍ରସିଦ୍ଧ ପ୍ରବନ୍ଧଗ୍ରନ୍ଥ "ସିଭିଲ୍ ଡିସୋବିଡିଏନ୍‌ସ"ର ପ୍ରସଙ୍ଗ। ଏହା ପ୍ରଥମେ 'ରେଜିଷ୍ଟାନ୍‌ସ ଟୁ ସିଭିଲ୍ ଗଭର୍ନମେଣ୍ଟ' ଶୀର୍ଷକରେ ପ୍ରକାଶ ପାଇଥିଲା। ଯକ୍ଷ୍ମା ରୋଗରେ ମାତ୍ର ୪୫ ବର୍ଷ ବୟସରେ ଏହି ପ୍ରତିଭାବାନ୍ ଲେଖକଙ୍କର ପରଲୋକ ଘଟିଲା। ସେ କହନ୍ତି: "ବହି ବିଶ୍ୱର ସଂଚିତ ସମ୍ପତ୍ତି, ପିଢ଼ିପିଢ଼ି ଓ ରାଷ୍ଟ୍ରର ଯଥାର୍ଥ ଦାୟାଦ।"

## ଘରବାହୁଡ଼ା

ପଦ୍ମାଳୟା ସାମଲ

ଲଘୁଗଳ୍ପ

ରାତିରେ ନିଦ ଆସୁନଥିଲା ପ୍ରତୀକକୁ। ପ୍ରତି ଘଣ୍ଟାଏ ଅନ୍ତରରେ ଉଠି ବାଥ୍‌ରୁମ ଯାଇ ବୋତଲ ଖୋଲି ପାଣି ପିଉଥିଲା। ରାତି ପାହିଲେ ତାକୁ ଘର ଛାଡ଼ିବାକୁ ହେବ। ସୁଦୂର ମୁମ୍ବାଇ ସହର ଯାଇ ଭାବା ଅଟୋମିକ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ଜୁନିୟର ସାଇଣ୍ଟିଷ୍ଟ ଭାବରେ ଜଏନ କରିବାକୁ ପଡ଼ିବ। ସକାଳ ସାତଟା ତିରିଶରେ ଭୁବନେଶ୍ୱରରୁ ଫ୍ଲାଇଟ୍ ଛାଡ଼ିବ। ଘଣ୍ଟାଏ ପୂର୍ବରୁ ତାକୁ ଏୟାରପୋର୍ଟରେ ପହଞ୍ଚିବାକୁ ହେବ। ମାଆଙ୍କ କଥା ଭାବି ଉଦାସ ଲାଗୁଛି।

ଗତକାଲି ପର୍ଯ୍ୟନ୍ତ ବାବାଙ୍କୁ ବୁଝେଇ ଚାଲିଥିଲା ପ୍ରତୀକ। ହେଲେ ବାବାଙ୍କର ଏକା ଜିଦ୍ ଓଡ଼ିଶା ସରକାରଙ୍କ ଆସିଷ୍ଟାଣ୍ଟ ଇଞ୍ଜିନିୟର ପଦବୀରେ ଜଏନ କରିବା ଅପେକ୍ଷା ଭାବା ଅଟୋମିକ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ସାଇଣ୍ଟିଷ୍ଟ ଭାବରେ ଯୋଗଦେବା ଠିକ ହେବ। ଚାକିରିର ସୁବିଧା ସୁଯୋଗ ଏବଂ ପଦୋନ୍ନତି ଦୃଷ୍ଟିରୁ ଏ ଚାକିରିଟି ବହୁତ ଭଲ। ଜୀବନବାବୁ ପୁଅକୁ ବୁଝେଇ ଚାଲିଥିଲେ– ନିଜର ଭବିଷ୍ୟତକୁ ଆଗ ଦେଖିବାକୁ ପଡ଼େ। ମାଆର ଗୋଡ଼ ଭଲ ହୋଇଗଲାଣି। ଦୁଇଦିନ ହେଲା ସେ ଭଲରେ ଚଲାବୁଲା କରିପାରୁଛି। ଏ ବୟସରେ ଫ୍ରାକ୍‌ଚର ହେଲେ ଭଲ ହେବାକୁ ସମୟ ଲାଗେ। ଡାକ୍ତର କହିଛନ୍ତି ତୋ ମାଆ ଆଉ ତିନିମାସରେ ପୂରା ଦୌଡ଼ିବ। ସେଥିପାଇଁ ଚିନ୍ତା କରନା। ଦେଢ଼ମାସ ହେଲା ମାଆର ପାଖେ ପାଖେ ରହି ସେବା କରିଛୁ। ମୋର ଚାକିରି କାର୍ଯ୍ୟକାଳ ଆଉ ଦୁଇ ବର୍ଷ। ଯା ଭିତରେ ତତେ ସେଠାରେ ରହି ନିଜ ଗୋଡ଼ରେ ନିଜେ ଠିଆହେବାକୁ ପଡ଼ିବ। ବାବାଙ୍କ କଥା ଶୁଣି ନିଜକୁ ଯଥାସମ୍ଭବ ସମ୍ଭାଳି ନେଇ ଶାନ୍ତ ରହିବାକୁ ଚେଷ୍ଟା କରୁଥିଲା ପ୍ରତୀକ। ହେଲେ ସେ ଚାକିରିରେ ଜଏନ କରିବାର ଅନାଗ୍ରହ ତା' ମୁହଁରୁ ସ୍ପଷ୍ଟ ବାରିହୋଇ ପଡୁଥାଏ।

ପରଦିନ ସକାଳେ ନିର୍ଦ୍ଧାରିତ ସମୟରେ ଟ୍ୟାକ୍ସି ଆସି ପହଞ୍ଚିଲା ଗେଟ୍ ପାଖରେ। ହାତରେ ଟ୍ରଲିବ୍ୟାଗ୍ ଧରି ବିଦାୟ ନେବାକୁ ବାହାରିଲା ପ୍ରତୀକ। ସୁରେଖା ଚୁପ୍‌ଚାପ୍ କାନିରେ ଲୁହ ପୋଛି ପୁଅକୁ ବିଦାୟ ଦେଲେ। କ'ଣ କହିବାକୁ ଚାହୁଁଥିଲେ, ହେଲେ କହିପାରିଲେ ନାହିଁ। ଜୀବନବାବୁ ପିଠି ଥାପୁଡ଼େଇ ପୁଅକୁ ବିଦାୟ ଦେଲେ। ମାଆ ବାପାଙ୍କ ପାଦ ଛୁଇଁ ନମସ୍କାର ହେଲାବେଳକୁ ଅନ୍ତର ଭିତରୁ ବାହାରି ଆସୁଥିବା କୋହକୁ ଯଥାସମ୍ଭବ ଚପେଇ ଦେବାକୁ ଚେଷ୍ଟା କରୁଥାଏ ପ୍ରତୀକ। ଏକମୁହାଁ ହୋଇ ଘରୁ ବାହାରି ଟ୍ୟାକ୍ସିରେ ବସିପଡ଼ିଲା।

ଟ୍ୟାକ୍ସି ଭିତରେ ବସି ଅସହ୍ୟ ପୀଡ଼ାରେ ଛଟପଟ ହେଲା ପ୍ରତୀକ। ଘରୁ ବାହାରି ଆସିବାବେଳେ ମାଆର ଶୁଖିଲା ମୁହଁଟା ତା' ଆଖି ସାମ୍ନାରେ ଦିଶିଯାଉଥାଏ। ଏୟାରପୋର୍ଟ ଆଉ ମାତ୍ର କେଇ ମିନିଟର ରାସ୍ତା। ଏଣେ ଉଡ଼ାଣର ଅନ୍ତିମ ଡାକରା, ତେଣେ ମାଆ ମନର ଡାକରା। କିଛି କ୍ଷଣ ପାଇଁ ଗମ୍ଭୀର ହୋଇଗଲା ପ୍ରତୀକ। ତା'ପରେ ଦୃଢ଼ ନିଷ୍ପତ୍ତି ନେଲା ଘରକୁ ଫେରିଆସି ଏଇଠି ଚାକିରିରେ ଜଏନ କରିବ। ଡ୍ରାଇଭରକୁ କହିଲା, 'ଘରକୁ ଫେରିଯିବା, ଏଇଠୁ ଗାଡ଼ି ବୁଲାଅ।'

ଗେଟ୍ ସାମ୍ନାରେ ଟ୍ୟାକ୍ସିରୁ ପ୍ରତୀକ ଓହ୍ଲେଇବାର ଦେଖି ଆଶ୍ଚର୍ଯ୍ୟ ହେଲେ ଜୀବନବାବୁ ଏବଂ ସୁରେଖା। ଘର ଭିତରକୁ ଆସି ପ୍ରତୀକ ଦେଖିଲା ମାଆଙ୍କ ଆଖିରେ ଲୁହର ବନ୍ୟା ଏବଂ ବାବା ବୁଝେଇ ଚାଲିଥିଲେ ତାଙ୍କୁ। ଜୀବନବାବୁଙ୍କ ଉଦ୍ଦେଶ୍ୟରେ ପ୍ରତୀକ କହିଲା, "ବାବା! ଜୀବନରେ ଅର୍ଥର ମୂଲ୍ୟ ବହୁତ, କିନ୍ତୁ ଅର୍ଥ ରୋଜଗାର ଜୀବନର ଲକ୍ଷ୍ୟ ନୁହେଁ। ପରିବାରର ଖୁସି ଓ ଶାନ୍ତି ମୋ' ପାଇଁ ଅଧିକ ଗୁରୁତ୍ୱ ରଖେ। ମୁଁ ଏଇଠି ତୁମ ପାଖରେ ରହି ଓଡ଼ିଶା ସରକାରଙ୍କ ଅଧୀନରେ ଆସିଷ୍ଟାଣ୍ଟ ଇଞ୍ଜିନିୟର ପଦବୀରେ ଯୋଗଦେବି। ଏହା ମୋର ଶେଷ ନିଷ୍ପତ୍ତି।"

ପୁଅକୁ ପାଖରେ ପାଇ ସୁରେଖାଙ୍କ ଦେହରେ ଜୀବନ ପଶିଲା, ଯେମିତିକି ତା'ର ଫେରିବା ବାଟକୁ ସେ ଅନାଇ ରହିଥିଲେ। ଏକ ସ୍ନେହପ୍ରବଣ ଆବେଗରେ କୁଣ୍ଢାଇ ପକେଇ ତାକୁ ବୋକ ପରେ ବୋକ ଦେଇଚାଲିଲେ। ଅତି ପାଖରୁ ଏ ଦୃଶ୍ୟ ଦେଖି ନିଃଶବ୍ଦରେ ଜୀବନବାବୁଙ୍କର ଦୁଇଆଖି ସମ୍ପୂର୍ଣ୍ଣ ଓଦା ହୋଇଯାଇଥଲା ଲୁହରେ।

ମୋ: ୭୦୦୮୩୪୮୧୭୨



# କଳିଙ୍ଗରେ ୱାର୍ଲ୍ଡ ଆଥ୍‌ଲେଟିକ୍ କଣ୍ଟିନେଣ୍ଟାଲ ଟୁର୍




ଖବରଦାତା ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୧୧।୭ (ତପନ ସ୍ୱାଇଁ)**

## ■ ଭାଗନେବେ ୧୦ରୁ ଅଧିକ ଦେଶର ୧୫୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍

## ■ ବିଶ୍ୱସ୍ତରୀୟ କ୍ରୀଡ଼ା ଆୟୋଜନରେ ଓଡ଼ିଶା ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି: କ୍ରୀଡ଼ାମନ୍ତ୍ରୀ

ଓଡ଼ିଶାରେ ଆୟୋଜନ ହେବାକୁ ଯାଉଛି ଆଉ ଏକ ବିଶ୍ୱସ୍ତରୀୟ ଆଥ୍‌ଲେଟିକ୍ସ ଇଭେଣ୍ଟ। ୱାର୍ଲ୍ଡ ଆଥ୍‌ଲେଟିକ୍ କଣ୍ଟିନେଣ୍ଟାଲ ଟୁର (ବ୍ରୋଞ୍ଜ ଲେଭେଲ) ଆସନ୍ତା ଅଗଷ୍ଟ ୧୦ରେ କଳିଙ୍ଗ ଷ୍ଟାଡିୟମରେ ଆୟୋଜନ ହେବ। ଏଥିରେ ୧୦ରୁ ଅଧିକ ଦେଶର ୧୫୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତା ଆୟୋଜନ କରାଯିବ। ଏଥିରେ ଭାରତ ସମେତ ତୁର୍କମେନିସ୍ତାନ, ଭୁଟାନ୍, ଫିଲିପାଇନ୍ସ, ଦକ୍ଷିଣ କୋରିଆ, ମାଲେସିଆ, ଇରାକ୍, ଭିଏତ୍‌ନାମ, କାମେରୁନ୍, ଶ୍ରୀଲଙ୍କା, ଇରାନ୍ ଏବଂ ମାଳଦ୍ୱୀପ ଆଦି ୧୦ରୁ ଅଧିକ ଦେଶର ୧୫୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ସମୁଦାୟ ୨୦ଟି ଇଭେଣ୍ଟର ଆୟୋଜନ କରାଯିବ। ''ଓଡ଼ିଶାରେ ପ୍ରଥମ ଥର ପାଇଁ ୱାର୍ଲ୍ଡ ଆଥ୍‌ଲେଟିକ କଣ୍ଟିନେଣ୍ଟାଲ ଟୁର୍ ଆୟୋଜନ ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶ୍ୱ ସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପ୍ରଦାନ କରିବାଠାରୁ ଆରମ୍ଭ କରି ପ୍ରତିଯୋଗିତାରେ ଭାଗନେଉଥିବା ଖେଳାଳିମାନଙ୍କର ସୁରକ୍ଷିତ ରହଣି, ଆତିଥ୍ୟ ଓ ଲଜିଷ୍ଟିକ୍ସ ପର୍ଯ୍ୟନ୍ତ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଉଛି। ବିଶ୍ୱ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି'' ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରକାଶ କରିଛନ୍ତି। ପ୍ରତିଯୋଗିତା ପାଇଁ ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ୱାର୍ଲ୍ଡ ଆଥ୍‌ଲେଟିକ୍ସ ଓ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆର ଟେକ୍ନିକାଲ ଟିମ୍ କଳିଙ୍ଗ ଷ୍ଟାଡିୟମ ଅନୁଧ୍ୟାନ କରି କେତେକ ପରିବର୍ତ୍ତନ ପାଇଁ ପରାମର୍ଶ ଦେଇଛନ୍ତି। ତାହା କରାଯାଉଛି। ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ନିକଟ ଅତୀତରେ ଆୟୋଜିତ ବିଭିନ୍ନ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ କରି ରାଜ୍ୟ ପାଇଁ ଗୌରବ ଅର୍ଜନ କରିଛନ୍ତି। ୱାର୍ଲ୍ଡ ଆଥ୍‌ଲେଟିକ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭେଲ) ପ୍ରତିଯୋଗିତାରେ ମଧ୍ୟ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ଭଲ ପ୍ରଦର୍ଶନ କରିବା ନେଇ ଆଶା ରହିଛି ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି। ''ୱାର୍ଲ୍ଡ ଆଥ୍‌ଲେଟିକ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭେଲ) ଆୟୋଜନ ପାଇଁ ଭାରତକୁ ଅଧିକାର ପ୍ରଦାନ କରାଯାଇଥିବାରୁ ଆମେ ଗର୍ବିତ। ପ୍ରତିଯୋଗିତାରେ ଭାରତ ସମେତ ବହୁ ଦେଶର କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ଓଡ଼ିଶାରେ ଏହି ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରାଯିବ'' ବୋଲି ଆଥ୍‌ଲେଟିକ୍ସ ଫେଡେରେଶନ୍ ଅଫ ଇଣ୍ଡିଆର ମହାସଚିବ ସନ୍ଦୀପ ମେହତା ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଆଥଲେଟିକ୍ସ ଫେଡେରେଶନ୍ ଅଫ ଇଣ୍ଡିଆର କୋଷାଧ୍ୟକ୍ଷ ବି.ଇ. ଷ୍ଟାନ୍‌ଲି ଜୋନ୍ସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ, ଏହି ପ୍ରତିଯୋଗିତା ୱାର୍ଲ୍ଡ ଚାମ୍ପିୟନଶିପ୍ ପାଇଁ କ୍ୱାଲିଫାଇଂ ଇଭେଣ୍ଟ ଭାବେ ବିବେଚିତ ହେବ। ପ୍ରତିଯୋଗିତା ପାଇଁ ଏଣ୍ଟ୍ରିର ଶେଷ ତାରିଖ ଜୁଲାଇ ୧୫କୁ ଧାର୍ଯ୍ୟ କରାଯାଇଛି।

# ସେମିଫାଇନାଲ ପର୍ଯ୍ୟାୟ ଶେଷ

**ଭୁବନେଶ୍ୱର, ୧୧।୭ (ତପନ ସ୍ୱାଇଁ)**

## ଓଡ଼ିଶା ନାଭାଲ ଟାଟା ହକି ଗ୍ରାସ୍‌ରୁଟ୍ ଲିଗ୍

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୫ମ ଓଡ଼ିଶା ନାଭାଲ ଟାଟା ହକି ଗ୍ରାସରୁଟ୍ ଲିଗ୍ ଚାମ୍ପିୟନଶିପ୍‌ର ସେମିଫାଇନାଲ ପର୍ଯ୍ୟାୟ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବାଳିକା ବିଭାଗର ପ୍ରଥମ ସେମିଫାଇନାଲରେ ଲାଠିକଟା ୩-୦ ଗୋଲରେ ବଡ଼ଗାଁକୁ ଏବଂ ଦ୍ୱିତୀୟ ସେମିରେ ଗୁରୁଣ୍ଡିଆ ୪-୧ରେ ବାମରାକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ସେହିପରି ବାଳକ ବିଭାଗ ପ୍ରଥମ ସେମିଫାଇନାଲରେ ନୂଆଗାଁ ପେନାଲ୍ଟି ଶୁଟ୍‌ଆଉଟ ୪-୧ ଗୋଲରେ ରାଜଗାଙ୍ଗପୁରକୁ ହରାଇଛି। ନିର୍ଦ୍ଧାରିତ ସମୟରେ ଖେଳ ୩-୩ ଗୋଲରେ ବରାବର ରହିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲରେ କୁଆଁରମୁଣ୍ଡା ୨-୧ ଗୋଲରେ ସଉନାମରାକୁ ହରାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ଉଭୟ ବର୍ଗର ଫାଇନାଲ ଅନୁଷ୍ଠିତ ହେବ।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ